ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଡିସେମ୍ବର ୨୬/୨୦୧୮ (୧୬ ପୃଷ୍ଠା+ସାହିତ୍ୟାୟନ) Sambalpur, Wednesday, December 26/ 2018 ★★

୧୫ଶ ଭାଗ ୧୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-

ଭାର୍ଗବୀଙ୍କୁ ଟାଇଟଲ

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଅଲ ଓଡ଼ିଶା ନାଲକୋ ଓପନ୍ ଟେନିସ ଟୁର୍ନାମେଣ୍ଟର ମହିଳା ସିଙ୍ଗଲ୍ସରେ ଚାମ୍ପିୟନ ହୋଇଛନ୍ତି ଭାର୍ଗବୀ କାଲାଗା।

୧୪

୦୨

କମେଡି କିଙ୍ଗ୍‌ଙ୍କ ରିସେପ୍ସନ୍ ପାର୍ଟି

ହାସ୍ୟାଭିନେତା କପିଲ ଶର୍ମା ସୋମବାର ସନ୍ଧ୍ୟାରେ ଟିଭି ଓ ଫିଲ୍ମ ଇଣ୍ଡଷ୍ଟ୍ରିର ବନ୍ଧୁଙ୍କ ନିମନ୍ତେ ଏକ ରିସେପ୍ସନ୍ ପାର୍ଟି ଆୟୋଜନ କରିଥିଲେ।

ଉତ୍ତର-ପୂର୍ବକୁ ପ୍ରଧାନମନ୍ତ୍ରୀଙ୍କ ଏକ୍ସମାସ ଉପହାର

ବୋଗିବିଲ୍ ସେତୁ ଲୋକାର୍ପିତ

ଗୁଆହାଟୀ,୨୫।୧୨(ଆଇଏଏନ୍‌ଏସ୍/ପି.ଟି.)

ଆସାମର ବ୍ରହ୍ମପୁତ୍ର ନଦୀ ଉପରେ ନିର୍ମିତ ବୋଗିବିଲ ସେତୁ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଛନ୍ତି। ଏହା ହେଉଛି ଏସିଆର ଦ୍ୱିତୀୟ ଏବଂ ଦେଶର ଦୀର୍ଘତମ ରେଳ ତଥା ସଡ଼କ ବ୍ରିଜ୍। ଏହି ବ୍ରିଜ୍ ଉଦ୍‌ଘାଟିତ ହେବା ଫଳରେ ଆସାମ ଓ ଅରୁଣାଚଳ ପ୍ରଦେଶ ମଧ୍ୟରେ ଦୂରତ୍ୱ ହ୍ରାସ ପାଇବ।

ପ୍ରଧାନମନ୍ତ୍ରୀ ମୋଦି ମଙ୍ଗଳବାର ଆସାମର ଦିବ୍ରୁଗଡ଼ ନିକଟସ୍ଥ ମୋହନବାରି ବିମାନବନ୍ଦରରେ ପହଞ୍ଚିବା ପରେ ରାଜ୍ୟପାଳ ଜଗଦୀଶ ମୁଖୀ ଓ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସେନୋୱାଲ ତାଙ୍କୁ ସ୍ୱାଗତ କରିଥିଲେ। ମୋଦି ସେଠାରୁ ହେଲିକପ୍ଟରରେ ବୋଗିବିଲ ଯାଇ ଧେମାଜିକୁ ଦିବ୍ରୁଗଡ଼ ସହ ଯୋଡୁଥିବା ଦେଶର ଦୀର୍ଘତମ ସେତୁକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୋଦି କହିଥିଲେ, ଉକ୍ତ ବ୍ରିଜ୍ ଆସାମ ଓ ଉତ୍ତର-ପୂର୍ବର ଜନସାଧାରଣଙ୍କ ପାଇଁ ଏକ ଜୀବନରେଖା। କେନ୍ଦ୍ର ସରକାର ଗତ ସାଢ଼େ ଚାରିବର୍ଷରେ ଦେଶବାସୀଙ୍କୁ ସୁଶାସନ ଦେବାକୁ ଉଦ୍ୟମ କରିଛନ୍ତି। ବୋଗିବିଲ ରେଳ-ସଡ଼କ ବ୍ରିଜ୍ ଏହି ସୁଶାସନର ପ୍ରତୀକ। ଏହା ଇଞ୍ଜିନିୟରିଂର ଓ ଟେକ୍ନୋଲୋଜିର ଏକ ବିସ୍ମୟ। ପ୍ରତିରକ୍ଷା ଦୃଷ୍ଟିରୁ ମଧ୍ୟ ଭାରତ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ। ଆସାମ ଓ ଅରୁଣାଚଳ ପ୍ରଦେଶ ମଧ୍ୟରେ ଏହି ସେତୁ ଦୂରତା ହ୍ରାସ କରିବ। ଉତ୍ତର-ପୂର୍ବାଞ୍ଚଳର ଲୋକଙ୍କ ଦୀର୍ଘଦିନର ସ୍ୱପ୍ନ ଏବେ ସାକାର ହୋଇଛି। ☞ ପୃଷ୍ଠା-୪

ବୋଗିବିଲ ସେତୁକୁ ଲୋକାର୍ପଣ କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

ପରିବହନରୁ ପରିବର୍ତ୍ତନ

- ଭାରତର ଦୀର୍ଘତମ ଓ ଏସିଆର ଦ୍ୱିତୀୟ ବୃହତ୍ ରେଳ-ସଡ଼କ ବ୍ରିଜ୍
- ଲମ୍ବ ୪.୯୪ କି.ମି., ଖର୍ଚ୍ଚ ୫,୯୦୦ କୋଟି
- ଆସାମ-ଅରୁଣାଚଳ ମଧ୍ୟରେ ଦୂରତା କମିବ
- ଚାଇନାର ମୁକାବିଲା କରିବାରେ ସହାୟକ ହେବ

ଗଞ୍ଜାମରେ ୨ ଏନ୍‌କାଉଣ୍ଟର

ବ୍ରହ୍ମପୁର ବଡ଼ ମେଡିକାଲରୁ ଫେରାର ଅଭିଯୁକ୍ତ ନିହତ

ବ୍ରହ୍ମପୁର ଅଫିସ/ଭଞ୍ଜନଗର,୨୫।୧୨(ଡି.ଏନ.ଏ.)

ବ୍ରହ୍ମପୁର ବଡ ମେଡିକାଲରୁ ନଭେମ୍ବର ୨୫ରୁ ଫେରାର ହୋଇଯାଇଥିବା ବହୁ ଅପରାଧର ଅଭିଯୁକ୍ତ ବାବୁ ନାଇକ(୨୬)ଙ୍କର ମଙ୍ଗଳବାର ଅପରାହ୍ନରେ ପୋଲିସ ଏନ୍‌କାଉଣ୍ଟରେ ମୃତ୍ୟୁ ଘଟିଛି। ବାବୁ ଏବଂ ତାଙ୍କ ସହଯୋଗୀ ତପନ ଜେନା ଏକ ବାଇକ୍‌ରେ ଆସୁଥିବା ଖବର ପାଇ ଜଗନ୍ନାଥପ୍ରସାଦ ପୋଲିସ ବଚ୍ଚ ଗ୍ରାମ ନିକଟ ଏକ ନିର୍ଜନ ସ୍ଥାନରେ ସେମାନଙ୍କୁ ଅଟକାଇଥିଲା। ଗିରଫ ଭୟରେ ପୋଲିସ ଉପରକୁ ବାବୁ ପ୍ରଥମେ ଗୁଳିଚାଳନା କରିଥିଲେ। ପାଲଟା ଗୁଳି ଚାଳନାରେ ବାବୁ ଏବଂ ତାଙ୍କ ସହଯୋଗୀ ତପନ ଆହତ ହୋଇଥିଲେ । ଉଭୟଙ୍କୁ ପୋଲିସ ଉଦ ୍ଧାର କରି ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ପରେ ଗୁରୁତର ଅବସ୍ଥାରେ ବାବୁଙ୍କୁ ବ୍ରହ୍ମପୁର ବଡ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବାବୁଙ୍କ ଛାତିରେ ଗୋଟିଏ ଏବଂ ଦୁଇ ଗୋଡରେ ଦୁଇଟି ଗୁଳି ବାଜିବାରୁ ତାଙ୍କର ମୃତ୍ୟୁ ଘଟିଛି ବୋଲି ଚର୍ଚ୍ଚା ହେଉଛି। ତାଙ୍କ ମୃତଦେହ ବଡ ମେଡିକାଲ ଶବଗୃହରେ ରଖାଯିବ । ବୁଧବାର ସକାଳେ ପରିବାର ଲୋକେ ଆସିବା ପରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପଞ୍ଚନାମା କରାଯାଇ ବ୍ୟବଚ୍ଛେଦ ହେବ ବୋଲି ବ୍ରହ୍ମପୁର ଅତିରିକ୍ତ ଏସ୍‌ପି ଶାନ୍ତନୁ ଦାସ ସୂଚନା ଦେଇଛନ୍ତି। ☞ ପୃଷ୍ଠା-୪

ବାବୁ ନାଇକ

ଗଞ୍ଜାମ ଜିଲାର ଦୁଇଟି ସ୍ଥାନରେ ପୋଲିସ ବହୁ ଅପରାଧର ଅଭିଯୁକ୍ତ ଥିବା ଦୁଇ ଅଭିଯୁକ୍ତଙ୍କୁ ଏନ୍‌କାଉଣ୍ଟର କରିଛି। ଗୋଟିଏ ଘଟଣା ଜଗନ୍ନାଥପ୍ରସାଦ ଥାନା ଓ ଅନ୍ୟଟି ଖଲ୍ଲିକୋଟ ଥାନା ଅଧୀନରେ ଘଟିଛି। ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି ।

ମଦ ଟ୍ରକ୍ ଲୁଟ୍ ଘଟଣାର ମାଷ୍ଟରମାଇଣ୍ଡ ଆହତ

ଛତ୍ରପୁର/ଖଲ୍ଲିକୋଟ,୨୫।୧୨(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ବଡ଼ଘାଟିଠାରେ ଗତ ୪ ତାରିଖ ରାତିରେ ବିଦେଶୀ ମଦ ବୋଝେଇ ଏକ ଟ୍ରକକୁ ଦୁର୍ବୃତ୍ତମାନେ ନେଇ ପଳାଇଥିଲେ। ଏହି ଘଟଣାର ମାଷ୍ଟର ମାଇଣ୍ଡଙ୍କୁ ଖଲ୍ଲିକୋଟ ପୋଲିସ ମଙ୍ଗଳବାର ଭୋରରେ ଗୁଡ଼ିଝର ଛକଠାରେ ଏନ୍‌କାଉଣ୍ଟର କରିଛି। ସେ ହେଲେ ନୟାଗଡ ଜିଲା ରଣପୁର ଥାନା ମଧୁପୁର ଗାଁର ଅନନ୍ତ କୁମାର ମାଛୁଆ ଓରଫ ମାଛୁଆ ଓରଫ ମଣି। ମାଛୁଆଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଥିବାରୁ ପ୍ରଥମେ ଖଲ୍ଲିକୋଟ ଡାକ୍ତରଖାନା ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ନିକଟରୁ ବନ୍ଧୁକ, ୩ ଗୁଳି, ଗୋଟିଏ ବାଇକ,୧୫୦୦ ଟଙ୍କା, ଓ ମୋବାଇଲ ଫୋନ ଜବତ ହୋଇଛି। ☞ ପୃଷ୍ଠା-୪

କାର୍, ୨ ଟ୍ରକ୍ ଜବତଃ ୯ ଗିରଫ

ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

ନୂଆ ୨୦ ଟଙ୍କିଆ ନୋଟ୍ ଆସିବ

ନୂଆଦିଲ୍ଲୀ,୨୫।୧୨

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ନୂଆ ସୁରକ୍ଷା ମାନକ ସହିତ ନୂଆ ୨୦ ଟଙ୍କିଆ ନୋଟ୍ ଖୁବଶୀଘ୍ର ଜାରି କରିବାକୁ ଯାଉଛି। କେନ୍ଦ୍ରୀୟ ବ୍ୟାଙ୍କର ଏକ ଡକ୍ୟୁମେଣ୍ଟରୁ ଏହା ଜଣାପଡିଛି। ଆର୍‌ବିଆଇ ପକ୍ଷରୁ ୨୦୦ ଓ ୨୦୦୦ ଟଙ୍କିଆ ନୂଆ ନୋଟ୍ ଜାରି କରାଯିବା ପରେ ୧୦, ୫୦, ୧୦୦ ଓ ୫୦୦ ଟଙ୍କିଆ ନୂଆ ନୋଟ୍‌କୁ ନୂଆ ରଙ୍ଗ, ରୂପରେ ଜାରି କରାଯାଇସାରିଛି। ନଭେମ୍ବର ୨୦୧୬ରୁ ନୂଆ ରୂପରେ ଆସିଥିବା ନୋଟ୍‌କୁ ମହାତ୍ମା ଗାନ୍ଧୀ ସିରିଜ(ନୂଆ)ଅନ୍ତର୍ଗତରେ ଜାରି କରାଯାଉଛି। ନୂଆ ନୋଟ୍‌ର ଡିଜାଇନ ପୁରୁଣାଠାରୁ ସମ୍ପୂର୍ଣ୍ଣ ଅଲଗା। ଆର୍‌ବିଆଇ ତାଟା ଅନୁଯାୟୀ, ୨୦୧୬ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ୪.୯୨ ବିଲିୟନ ୨୦ ଟଙ୍କିଆ ନୋଟ୍ ବଜାରରେ ଉପଲବ୍ଧ ଥିଲା, ଯାହା ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ବୃଦ୍ଧି ପାଇ ୧୦ ବିଲିୟନରେ ପହଞ୍ଚିଛି। ବଜାରରେ ପ୍ରଚଳିତ ମୋଟ୍ ନୋଟ୍‌ର ଏହା ୯.୮%।

୫ ଡିଗ୍ରୀକୁ ଖସିଲା ପାରଦ

ଭୁବନେଶ୍ୱର, ୨୫।୧୨(ବ୍ୟୁରୋ)

ସଞ୍ଜ ନଇଁବା ମାତ୍ରେ ମାଡି ଆସୁଛି ପ୍ରବଳ ଥଣ୍ଡା। ଜାଡୁଆ ଶୀତରେ କିଲବିଲ ହୋଇ ପଡୁଛନ୍ତି ରାଜ୍ୟବାସୀ। ଉପକୂଳରୁ ପଶ୍ଚିମ ଏବଂ ଉତ୍ତରରୁ ଦକ୍ଷିଣ ଓଡ଼ିଶା ସବୁଠି ଶୀତର ପ୍ରକୋପ ଜାରି ରହିଛି। ପ୍ରବଳ ଥଣ୍ଡାରେ ଦେହ ମୁଣ୍ଡ କାଲୁଆ ହୋଇଯାଉଛି। ଲଗାତର ପାରଦ ଖସିବା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ସକାଳ ୧୦ଟା ଯାଏ ପଦାକୁ ବାହାରିବା ମୁସ୍କିଲ ହେଉଛି। ବଶ ପାହାଡ ଘେରା ଜିଲାଗୁଡିକରେ ଶୀତର ପ୍ରକୋପ ଆହୁରି ଅଧିକ। ମଙ୍ଗଳବାର ପାରଦ ଚଳିତବର୍ଷର ରେକର୍ଡ ଭାଙ୍ଗିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ୯ଟି ସହରରେ ପାରଦ ୧୦ ଡିଗ୍ରୀ ତଳକୁ ଖସିଯାଇଛି। ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗବାଡି ୬, ଝାରସୁଗୁଡା ୯.୬, କେନ୍ଦୁଝର ୭.୨, ସମ୍ବଲପୁର ୯.୮, ସୋନପୁର ୯, ଟିଟିଲାଗଡ ୯.୫, ସୁନ୍ଦରଗଡ ୧୦, ହୀରାକୁଦ ୧୦.୧, ତାଳଚେର ୧୦.୩ ଏବଂ ଭବାନୀପାଟଣାରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ରହିଛି। ରାଜ୍ୟକୁ ଉତ୍ତର-ଉତ୍ତର ପଶ୍ଚିମ ଦିଗରୁ ଥଣ୍ଡା ବାୟୁ ପ୍ରବାହିତ ହେଉଛି। ତେବେ ଆସନ୍ତା ଦୁଇଦିନ ଯାଏ ଥଣ୍ଡାରୁ ନିସ୍ତାର ମିଳିବ ନାହିଁ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ଏଚ.ଆର. ବିଶ୍ୱାସ କହିଛନ୍ତି। ଆସନ୍ତା ୨୭ ତାରିଖରେ ଦକ୍ଷିଣ ଓଡିଶାର ମାଲାକନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବା ସମ୍ଭାବନା ରହିଛି। ଫଳରେ ସର୍ବନିମ୍ନ ତାପମାତ୍ରା ୧ରୁ ୨ ଡିଗ୍ରୀ ବୃଦ୍ଧି ପାଇବା ସମ୍ଭାବନା ରହିଛି।

- ପ୍ରବଳ ଥଣ୍ଡାରେ ଜନଜୀବନ ଅସ୍ତବ୍ୟସ୍ତ
- ଫୁଲବାଣୀରେ ୫, ଦାରିଙ୍ଗବାଡ଼ିରେ ୬ ଡିଗ୍ରୀ
- ୨୭ରେ ଦକ୍ଷିଣ ଓଡ଼ିଶାରେ ହାଲକା ବର୍ଷା

■ ରେଳ ଲାଇନରେ ଫାଟ

ଦୁର୍ଘଟଣାରୁ ବର୍ତ୍ତିଲା ହୀରାଖଣ୍ଡ



ରାୟଗଡା ଅଫିସ,୨୫।୧୨

ରାୟଗଡା-କୋରାପୁଟ ମଝିରେ ଥିବା ସିଙ୍ଗାପୁର ଷ୍ଟେଶନଠାରେ ରେଳଧାରଣାରେ ଫାଟ ଯୋଗୁ ହୀରାଖଣ୍ଡ ଏକ୍ସପ୍ରେସ ମଙ୍ଗଳବାର ଦୁର୍ଘଟଣାରୁ ବର୍ତ୍ତି ଯାଇଛି। ରେଳ ଲାଇନ ମରାମତି ପରେ ଅଧଘଣ୍ଟା ବିଳମ୍ବରେ ହୀରାଖଣ୍ଡ ଏକ୍ସପ୍ରେସ ଜଗଦଲପୁର ଅଭିମୁଖେ ଯାତ୍ରା କରିଥିଲା ।

ସିଙ୍ଗାପୁର ଷ୍ଟେଶନ ମ୍ୟାନେଜର ଏସ.କେ.ବେହେରାଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱର -ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ ସକାଳେ ରାୟଗଡା ଷ୍ଟେଶନରୁ ବାହାରି ଜଗଦଲପୁର ଅଭିମୁଖେ ଯାଉଥିଲା । ସିଙ୍ଗାପୁର ଷ୍ଟେଶନ ୟାର୍ଡର ରୁଟ୍ ନମ୍ବର ୪ରେ ଥିବା ପ୍ଲାଟଫର୍ମ ୨ରେ ହୀରାଖଣ୍ଡ ଏକ୍ସପ୍ରେସ ପହଞ୍ଚିବା ସମୟରେ ଟ୍ରାକ ଲାଇନ ତଦାରଖ ଦାୟିତ୍ୱରେ ଥିବା ପଏଣ୍ଟ ମ୍ୟାନ୍ ବୈଷ୍ଣବ ଗଉଡ ଏହି ଧାରଣାରେ କିଛି ଶବ୍ଦ ଶୁଣିବାକୁ ପାଇଥିଲେ । ପରେ ତଦାରଖ କରିବାରୁ ଧାରଣାରେ ଫାଟ ହୋଇଥିବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ଷ୍ଟେଶନ ମ୍ୟାନେଜର ଦିଗାମ୍ବର ମୁଦୁଲିଙ୍କୁ ସିଗ୍‌ନାଲ ନ ଦେବା ପାଇଁ କହିଥିଲେ। ଖବରପାଇ ରାୟଗଡାରୁ ଟ୍ରାକ ମରାମତି ଟିମ ଘଟଣାସ୍ଥଳରେ ପହଞ୍ଚି ମରାମତି କରିଥିଲେ। ଅଧଘଣ୍ଟା ବିଳମ୍ବରେ ଟ୍ରେନଟି ଷ୍ଟେଶନରୁ ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଥିଲା । ପରେ ଯଶବନ୍ତପୁର-ଟାଟା ସୁପରଫାଷ୍ଟ ଏକ୍ସପ୍ରେସ, ମାଲବାହୀ ଟ୍ରେନ,ବିଶାଖାପାଟଣା-ରାୟପୁର ପାସେଞ୍ଜର ଯାତାୟାତ କରିଥିଲା ବୋଲି ସିଙ୍ଗାପୁର ଷ୍ଟେଶନ ମ୍ୟାନେଜର ବେହେରା ପ୍ରକାଶ କରିଛନ୍ତି । ଶୀତଦିନରେ ରାତିରେ ହଠାତ ତାପମାତ୍ରା ୧୫ ରୁ ୧୦ ଡିଗ୍ରୀ ତଳକୁ ଖସିଲେ ରେଳ ଧାରଣାଗୁଡିକ ମଧ୍ୟରେ ସଙ୍କୁଚିତ ଓ ପ୍ରସାରଣ ଯୋଗୁ ଏହା ମଧ୍ୟରେ ଫାଟ ହୋଇଥାଏ ବୋଲି ସେ କହିଛନ୍ତି।

ଆଜି ବ୍ୟାଙ୍କ ଧର୍ମଘଟ

ନୂଆଦିଲ୍ଲୀ,୨୫।୧୨

ବ୍ୟାଙ୍କ ଅଫ୍ ବରୋଦା, ଦେନା ବ୍ୟାଙ୍କ ଓ ବିଜୟା ବ୍ୟାଙ୍କର ମିଶ୍ରଣକୁ ବିରୋଧ କରି ବୁଧବାର ରାଷ୍ଟ୍ରାୟତ୍ତ ବ୍ୟାଙ୍କ ୟୁନିୟନଗୁଡିକ ଦେଶବ୍ୟାପୀ ଧର୍ମଘଟ ଡାକରା ଦେଇଛନ୍ତି। ସପ୍ତାହକ ଭିତରେ ଏହା ଦ୍ୱିତୀୟ। ବେତନ ବୃଦ୍ଧି ଓ ଅନ୍ୟାନ୍ୟ ଦାବି ପୂରଣକୁ ନେଇ ଗତ ୨୧ରେ ପ୍ରଥମ ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଥିଲା। ଏଥିଯୋଗୁ ସାରା ଦେଶରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସେବା ପ୍ରଭାବିତ ହେବ। ଅଧିକାଂଶ ବ୍ୟାଙ୍କ ଏ ସମ୍ପର୍କରେ ସେମାନଙ୍କର ଗ୍ରାହକମାନଙ୍କୁ ଜଣାଇ ଦେଇଛନ୍ତି। ତେବେ ଘରୋଇ ବ୍ୟାଙ୍କଗୁଡିକ ଧର୍ମଘଟରେ ସାମିଲ ହୋଇ ନ ଥିବାରୁ ସେଗୁଡିକ ଖୋଲା ରହିବ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ୟୁନାଇଟେଡ ଫୋରମ ଅଫ୍ ବ୍ୟାଙ୍କ ୟୁନିୟନ୍ସର ଛତ୍ରଛାୟା ତଳେ ଅଲ୍ ଇଣ୍ଡିଆ ବ୍ୟାଙ୍କ ଅଫିସର୍ସ କନ୍‌ଫେଡେରେଶନ, ଅଲ୍ ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲୟିଜ୍ ଆସୋସିଏଶନ, ନ୍ୟାଶନାଲ କନ୍‌ଫେଡେରେଶନ ଅଫ୍ ବ୍ୟାଙ୍କ ଏମ୍ପ୍ଲିଜ ଏବଂ ନ୍ୟାଶନାଲ ଅର୍ଗାନାଇଜେଶନ ଅଫ୍ ବ୍ୟାଙ୍କ ୱାର୍କର୍ସର ପ୍ରାୟ ୧୦ ଲକ୍ଷ ଅଧିକାରୀ ଓ କର୍ମଚାରୀ ଏହି ଧର୍ମଘଟରେ ସାମିଲ ହେବେ। ଅତିରିକ୍ତ ମୁଖ୍ୟ ଶ୍ରମ କମିଶନରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କୌଣସି ସମାଧାନର ସୂତ୍ର ନ ବାହାରିବାରୁ ଧର୍ମଘଟ ଯଥାରୀତି ହେବ ବୋଲି ଏଆଇବିଇଏ ସାଧାରଣ ସମ୍ପାଦକ ଚି.ଏର୍.ଭେଙ୍କଟଚଲମ କହିଛନ୍ତି।

ଆଜିର ସମ୍ପାଦକୀୟ

ଚୋଟ ବାଜିଛି

ଆଜିର ମନ୍ତବ୍ୟ

ଆଜିର ଉପଭୋକ୍ତାବାଦ ଏକ ଅତୃପ୍ତ ଲୋଭ।
-ପୋପ୍ ଫ୍ରାନ୍ସିସ୍

କିଛି ତଥ୍ୟ

ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ନଭେମ୍ବର ସମୟରେ ଦେଶରୁ ସାମଗ୍ରୀ ରପ୍ତାନି ୧୧.୫୮% ବୃଦ୍ଧି ଘଟି ୨୧୭.୫୨ ବିଲିୟନ ଡଲାର ଛୁଇଁଛି।
– ବାଣିଜ୍ୟ ମନ୍ତ୍ରଣାଳୟ

■ ଉପକୂଳ ପାଇଁ ନୂଆ ଯୋଜନା

ହେନ୍ତାଳବନ, କଇଁଛ ସୁରକ୍ଷା ଉପରେ ଗୁରୁତ୍ୱ

- ସିଜେଡ୍‌ଏମ୍‌ପିକୁ କେନ୍ଦ୍ରର ଅନୁମୋଦନ
- ୭ ଉପକୂଳ ଜିଲାରେ ହେବ କାର୍ଯ୍ୟକାରୀ

ଭୁବନେଶ୍ୱର,୨୫।୧୨(ବ୍ୟୁରୋ)

ସମୁଦ୍ର ଉପକୂଳର ପ୍ରାକୃତିକ ସୌନ୍ଦର୍ଯ୍ୟ ବଜାୟ ରହିବ। ସାମୁଦ୍ରିକ ଜୀବଜନ୍ତୁମାନଙ୍କର ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯିବ। ହେନ୍ତାଳବନର ସୁରକ୍ଷା ହେବ। ଏଥିସହିତ ଉପକୂଳରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେବ। ରାଜ୍ୟ ସରକାର ପ୍ରସ୍ତୁତ କରିଥିବା ଉପକୂଳ ଅଞ୍ଚଳ ପରିଚାଳନା ଯୋଜନା(ସିଜେଡ୍‌ଏମପି)-୨୦୧୮ରେ ଏଭଳି ଅନେକ ବ୍ୟବସ୍ଥା ହୋଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ସିଜେଡଏମପିକୁ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଅନୁମୋଦନ କରିଛି।

ମିଳିଥିବା ସୂଚନା ଅନୁଯାୟୀ ପୂର୍ବରୁ ସିଜେଡ୍‌ଏମ୍‌ପିରେ ୩ଟି କୋଷ୍ଟାଲ ରେଗୁଲେଶନ ଜୋନ(ସିଆରଜେଡ୍) ରହିଥିବାବେଳେ ନୂତନ ଯୋଜନାରେ ୪ଟି ଜୋନ କରାଯାଇଛି। ସିଆରଜେଡ୍-୧କୁ ଦୁଇଟି ଭାଗରେ ବିଭକ୍ତ କରାଯାଇଛି। ସିଆରଜେଡ୍-ଏ ଓ ବି। ସିଆରଜେଡ୍-ଏରେ ସମୁଦ୍ର କୂଳରେ ଥିବା ହେନ୍ତାଳ ବନ ଏହି ଜୋନ ଅଧୀନରେ ଆସୁଛି। ସାମୁଦ୍ରିକ ଝଡ଼ର ରକ୍ଷା କବଚ ଭାବେ କାର୍ଯ୍ୟ କରୁଥିବା ହେନ୍ତାଳ ବନଗୁଡ଼ିକର ସୁରକ୍ଷା ଓ ବୃଦ୍ଧି ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ବ୍ୟବସ୍ଥା କରାଯାଇଛି। ଏହି ଅଞ୍ଚଳରେ କୌଣସି ପ୍ରକାର ନିର୍ମାଣ କରାଯାଇ ପାରିବ ନାହିଁ। ଏଥିସହିତ ହେନ୍ତାଳ ବନ ବୃଦ୍ଧି କରିବାକୁ ରାଜ୍ୟ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେବେ। ସିଆରଜେଡ-ବି ଅଧୀନରେ ସମୁଦ୍ରକୂଳରେ ଥିବା ବାଲୁକାସ୍ତର ଏବଂ କଇଁଛ ବିଚରଣ କରୁଥିବା ଅଞ୍ଚଳକୁ ସମ୍ବେଦନଶୀଳ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ସେହି ଅଞ୍ଚଳରେ କୌଣସି ପ୍ରକାର ପ୍ରବେଶ ଓ ନିର୍ମାଣକୁ ମଧ୍ୟ ବାରଣ କରାଯାଇଛି। କଇଁଚମାନଙ୍କର ସୁରକ୍ଷା ଦିଗରେ ବିଶେଷ ଧ୍ୟାନ ଦିଆଯାଇଛି। ସେମାନେ ଯେପରି ଅବାଧରେ ଅଣ୍ଡାଦାନ କରିପାରିବେ ସେ ଦିଗରେ ☞ ପୃଷ୍ଠା-୪

ଚିକିତ୍ସାଧୀନ ହାତୀର ମୃତ୍ୟୁ

ଲହୁଣୀପଡା, ୨୫।୧୨ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ବରସୁଆଁ ବନାଞ୍ଚଳ ତାଳଡିହିତୁଡା ସଂରକ୍ଷିତ ଜଙ୍ଗଲର ତିର୍କୀ ଟୋଲା ନିକଟରେ ଅଚିହ୍ନା ରୋଗରେ ପଡି ଚିକିତ୍ସିତ ହେଉଥିବା ଜଙ୍ଗଲୀ ହାତୀର ରବିବାର ମୃତ୍ୟୁ ଘଟିଛି। ବନବିଭାଗର ଉଦ୍ୟମ ବିଫଳ

ସଂକ୍ଷେପରେ

ବଙ୍ଗଳା ଲେଖକ ନିରେନ୍ଦ୍ରନାଥଙ୍କ ପରଲୋକ

କୋଲକାତା, ୨୫।୧୨: ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା, ବଙ୍ଗ ବିଭୂଷଣ ସମ୍ମାନରେ ସମ୍ମାନିତ ବଙ୍ଗଳା ଲେଖକ ଓ କବି ନିରେନ୍ଦ୍ରନାଥ ଚକ୍ରବର୍ତ୍ତୀ (୯୪)ଙ୍କ ମଙ୍ଗଳବାର ହୃଦ୍‌ଘାତରେ ପରଲୋକ ଘଟିଛି। ୧୯୨୪ ଅକ୍ଟୋବର ୧୯ରେ ଜନ୍ମିତ ନିରେନ୍ଦ୍ରନାଥ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କୁ ଡିସେମ୍ବର ୯ରେ ସ୍ଥାନୀୟ ଏକ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ୫୦ କବିତା ଓ ୧୭ ଶିଶୁ ଗୀତ ପୁସ୍ତକର ରଚୟିତା ନିରେନ୍ଦ୍ରନାଥଙ୍କ 'ଉଲ୍ଲଗ୍ନ ରାଜା' (ଦ' ନେକେଡ୍ କିଙ୍ଗ୍) ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା। ତାଙ୍କର ସାହିତ୍ୟକୃତି ମଧ୍ୟରେ 'କୋଲକାତାର୍ ଯୀଶୁ' କବିତା ବଙ୍ଗଳା ପାଠକଙ୍କୁ ଅଧିକ ଆନ୍ଦୋଳିତ କରିଛି। ତାଙ୍କ ବିୟୋଗରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶୋକ ପ୍ରକାଶ କରିଛନ୍ତି। ଉତ୍ତର କୋଲକାତାର ନିମ୍‌ତାଲା ଶ୍ମଶାନ ଘାଟରେ ରାଜକୀୟ ସମ୍ମାନରେ ତାଙ୍କର ଅନ୍ତିମ ସତ୍କାର କରାଯିବ।

ଆତଙ୍କବାଦୀ ଆକ୍ରମଣ: ୪୩ ନିହତ

କାବୁଲ, ୨୫।୧୨(ଏଏଫ୍‌ପି): ଆଫଗାନିସ୍ତାନର ରାଜଧାନୀ କାବୁଲରେ ଆତ୍ମଘାତୀ ଆକ୍ରମଣରେ ୪୩ ନିହତ ଓ ଅନେକ ହୋଇଛନ୍ତି। ଏହାକୁ ବର୍ଷର ଅନ୍ୟତମ ଘାତକ ବୋଲି କୁହାଯାଉଛି। ଆକ୍ରମଣ ପାଇଁ ଅଦ୍ୟାବଧି କୌଣସି ଆତଙ୍କବାଦୀ ସଙ୍ଗଠନ ନିଜକୁ ଦାୟୀ କରିନାହାନ୍ତି।
କାବୁଲର ମକ୍‌ରୁୟାନ୍-ଇ-ଅଞ୍ଚଳସ୍ଥିତ ପୂର୍ତ୍ତ ମନ୍ତ୍ରଣାଳୟ ଅଫିସକୁ ସୋମବାର ଅପରାହ୍ନରେ ବନ୍ଧୁକଧାରୀମାନେ ଧସେଇ ପଶି କାର୍‌ରେ ଆତ୍ମଘାତୀ ବିସ୍ଫୋରଣ ଘଟାଇଥିଲେ। ଫଳରେ ଅଫିସ କୋଠା ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା। ଏଥିରେ ୪ ଆତଙ୍କବାଦୀ ମଧ୍ୟ ନିହତ ହୋଇଛନ୍ତି। ଆକ୍ରମଣରେ ୪୩ ଜଣଙ୍କ ପ୍ରାଣହାନି ଘଟିଥିବାବେଳେ ଧ୍ୱଂସାବଶେଷ ତଳେ ଶତାଧିକ କର୍ମଚାରୀ ଚାପିହୋଇଯାଇଥିବାବେଳେ ଆଫଗାନିସ୍ତାନ ସ୍ୱତନ୍ତ୍ର ଅପରେଶନ୍ ବଳ ୩୫୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆଫଗାନିସ୍ତାନରୁ ସେନା ପ୍ରତ୍ୟାହାର ନେଇ ଘୋଷଣା କରିବାର ୪ ଦିନ ପରେ ଆତଙ୍କବାଦୀମାନେ ଏହି ଆକ୍ରମଣ କରିଛନ୍ତି। ଏହା ପଛରେ ତାଲିବାନ କିମ୍ବା ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)ର ହାତ ଥିବା ସନ୍ଦେହ କରାଯାଉଛି।

ଲକ୍ଷ୍ନୌରେ ପ୍ରତିଷ୍ଠା ହେବ ବାଜପେୟୀଙ୍କ ପ୍ରତିମୂର୍ତ୍ତି

ଲକ୍ଷ୍ନୌ, ୨୫।୧୨: ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୨୫ ଫୁଟ୍ ଉଚ୍ଚ ପ୍ରତିମୂର୍ତ୍ତି ଉତ୍ତରପ୍ରଦେଶର ଲକ୍ଷ୍ନୌସ୍ଥିତ ସଚିବାଳୟ ଲୋକଭବନରେ ସ୍ଥାପନ ହେବ। ମଙ୍ଗଳବାର ଏଠାରେ ବାଜପେୟୀଙ୍କ ଜୟନ୍ତୀ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହା ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ, ଉତ୍ତରପ୍ରଦେଶ ସହିତ ଅଟଳଜୀଙ୍କ ସମ୍ପର୍କ ନିବିଡ଼। ବଳରାମପୁରରୁ ସେ ତାଙ୍କ ରାଜନୈତିକ ଜୀବନର ଆରମ୍ଭ କରିଥିଲେ। ପରେ ସେ ଲକ୍ଷ୍ନୌରୁ ୫ ଥର ଏମ୍‌ପି ହୋଇଥିଲେ। ତେଣୁ ତାଙ୍କ ପ୍ରତିମୂର୍ତ୍ତି ସଚିବାଳୟରେ ସ୍ଥାପନ କରାଯିବାର ଆବଶ୍ୟକତା ରହିଛି।

ସଂଖ୍ୟାଲଘୁଙ୍କୁ ବ୍ୟବହାର ପ୍ରସଙ୍ଗ

ପୁଣି ଉସୁକାଇଲେ ଇମ୍ରାନ୍

ଇସ୍‌ଲାମାବାଦ/ନୂଆଦିଲ୍ଲୀ, ୨୫।୧୨ (ଆଇଏଏନ୍‌ଏସ୍)



'ନୂଆ ପାକିସ୍ତାନ'ରେ ସବୁ ସମ୍ପ୍ରଦାୟର ଲୋକେ ଭାରତ ଭଳି ଭେଦଭାବର ଶିକାର ହେବେନାହିଁ, ବରଂ ସମାନ ବ୍ୟବହାର ପାଇବେ।
– ଇମ୍ରାନ୍ ଖାନ୍, ପାକିସ୍ତାନ ପ୍ରଧାନମନ୍ତ୍ରୀ

ସଂଖ୍ୟାଲଘୁମାନଙ୍କୁ କିଭଳି ବ୍ୟବହାର ଦେଖାଯାଏ ସେନେଇ ଆମକୁ ପାଠ ପଢ଼ାଇବା ବନ୍ଦ କରୁ ପାକିସ୍ତାନ ।
–ମହମ୍ମଦ କୈଫ୍, ପୂର୍ବତନ କ୍ରିକେଟର

ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ସଂଖ୍ୟାଲଘୁଙ୍କ ପ୍ରତି ବ୍ୟବହାର ପ୍ରସଙ୍ଗରେ ମଙ୍ଗଳବାର ଭାରତକୁ ପୁଣି ଉସୁକାଇଛନ୍ତି। ସେ ଭାରତ ଓ ପାକିସ୍ତାନର ସଂଖ୍ୟାଲଘୁଙ୍କ ପ୍ରତି କିପରି ବ୍ୟବହାର ଦେଖାଯାଉଛି ତାକୁ ତୁଳନା କରିଛନ୍ତି। 'ନୂଆ ପାକିସ୍ତାନ'ରେ ସବୁ ସମ୍ପ୍ରଦାୟର ଲୋକେ ଭାରତ ଭଳି ଭେଦଭାବର ଶିକାର ହେବେନାହିଁ, ବରଂ ସମାନ ବ୍ୟବହାର ପାଇବେ ବୋଲି ଇମ୍ରାନ୍ ଟୁଇଟ୍ କରିଛନ୍ତି। ଏହାକୁ ନେଇ ବିବାଦ ମୁଣ୍ଡ ଟେକିଛି।
ପାକିସ୍ତାନ ପ୍ରତିଷ୍ଠାତା ମହମ୍ମଦ ଅଲି ଜିନାଙ୍କ ୧୪୨ତମ ଜନ୍ମଦିନ ପାଳନ ଅବସରରେ ଇମ୍ରାନ କହିଛନ୍ତି, ନୂଆ ପାକିସ୍ତାନ ହେଉଛି ମ୍ୟେଦ୍-ଇ-ଆଜମ୍‌ଙ୍କ ପାକିସ୍ତାନ। ପାକିସ୍ତାନର ସଂଖ୍ୟାଲଘୁଙ୍କ ପ୍ରତି ଭାରତରେ ଯେପରି ଚାଲିଛି, ସେପରି ବ୍ୟବହାର ପାଇବେ ନାହିଁ। ଏଠାରେ ଆମ ସଂଖ୍ୟାଲଘୁଙ୍କୁ ନାଗରିକଙ୍କ ଭଳି ସମାନ ବ୍ୟବହାର ଯେପରି ମିଳିପାରିବ, ତାହା ସୁନିଶ୍ଚିତ କରାଯିବ। ହିନ୍ଦୁ ବହୁଳ ରାଷ୍ଟ୍ରରେ ମୁସଲମାନମାନେ ସମାନ ନାଗରିକ ଅଧିକାର ପାଇପାରିବେ ନାହିଁ ବୋଲି ଜିନ୍ନା ହୃଦୟଙ୍ଗମ କରିଥିଲେ। ସେତେବେଳେ ସେ ମୁସଲମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଗଠନ କରିବା ଲାଗି ଲଢ଼େଇ ଆରମ୍ଭ କରିଥିଲେ ବୋଲି ଇମ୍ରାନ୍ କହିଛନ୍ତି। ପ୍ରକାଶ ଯେ, ବଲିଉଡ୍ ଅଭିନେତା ନାସିରୁଦ୍ଦିନ ଶାହଙ୍କ ଏକ ମନ୍ତବ୍ୟ ପରେ ଏଭଳି ବୟାନବାଜି ଜାରି ରହିଛି। ଭାରତରେ ପୋଲିସ ଅଧିକାରୀଙ୍କ ହତ୍ୟାଠାରୁ ଗାଈଙ୍କ ମୃତ୍ୟୁକୁ ଅଧିକ ଗୁରୁତ୍ୱ ଦିଆଯାଉଛି ବୋଲି ନାସିରୁଦ୍ଦିନ ଏକ ସାକ୍ଷାତ୍‌କାରରେ କହିଥିଲେ। ଏହାସହ ସେ ନିଜ ପୁଅମାନଙ୍କ ସୁରକ୍ଷାକୁ ନେଇ ମଧ୍ୟ ଚିନ୍ତାବ୍ୟକ୍ତ କରିଥିଲେ। ଏହା ପରେ ଇମ୍ରାନ କହିଥିଲେ, ସଂଖ୍ୟାଲଘୁଙ୍କୁ କିପରି ବ୍ୟବହାର ଦେଖାଯାଏ ତାହା ନରେନ୍ଦ୍ର ମୋଦି ସରକାରଙ୍କୁ ପାକିସ୍ତାନ ଶିଖାଇଦେବ। ଏହାର ଜବାବରେ ନାସିରୁଦ୍ଦିନ କହିଥିଲେ, ଇମ୍ରାନ୍ ଆମ କଥାରେ ମୁଣ୍ଡ ନ ପୂରେଇ ନିଜ ଦେଶ କଥା ବୁଝନ୍ତୁ। ଭାରତରେ ୭୦ ବର୍ଷ ଧରି ଗଣତନ୍ତ୍ର ପ୍ରଚଳିତ। ନିଜ କଥା ବୁଝିବାକୁ ଆମେ ସକ୍ଷମ।
ଅନ୍ୟପକ୍ଷରେ ଇମ୍ରାନ୍‌ଙ୍କ ସଦ୍ୟ ମନ୍ତବ୍ୟକୁ ନେଇ ପୂର୍ବତନ କ୍ରିକେଟର ମହମ୍ମଦ କୈଫ୍ ପାକିସ୍ତାନକୁ ଟାର୍ଗେଟ କରିଛନ୍ତି। କୈଫ୍ କହିଛନ୍ତି, ବିଭାଜନ ସମୟରେ ପାକିସ୍ତାନରେ ୨୦% ସଂଖ୍ୟାଲଘୁ ଥିଲେ। ଏବେ ସେମାନଙ୍କ ସଂଖ୍ୟା ୨%ରୁ ମଧ୍ୟ କମ୍। ଅନ୍ୟପକ୍ଷରେ ସ୍ୱାଧୀନତା ପରେ ଭାରତରେ ସଂଖ୍ୟାଲଘୁଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସଂଖ୍ୟାଲଘୁମାନଙ୍କୁ କିଭଳି ବ୍ୟବହାର ଦେଖାଯାଏ ସେନେଇ ପାକିସ୍ତାନ ଆମକୁ ଭାଷଣ ଦେବା ବନ୍ଦ କରୁ।

କର୍ନାଟକ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ନେଇ ବିବାଦ

ନିର୍ଦ୍ଦୟ ଭାବେ ମାରିଦିଅ

ବେଙ୍ଗାଲୁରୁ, ୨୫।୧୨(ପି.ଟି.)

ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍)ର ଜଣେ କର୍ମୀଙ୍କୁ ହତ୍ୟା କରିଥିବା ବ୍ୟକ୍ତିଙ୍କୁ ନିର୍ଦ୍ଦୟ ଭାବେ ଗୁଳିକରି ମାରିଦେବାକୁ ପୋଲିସକୁ ନିର୍ଦ୍ଦେଶ ଦେଇ ବିବାଦରେ ଫସିଛନ୍ତି କର୍ନାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ। ସେ ଏପରି ନିର୍ଦ୍ଦେଶ ଦେଉଥିବାବେଳର ଦୃଶ୍ୟ କ୍ୟାମେରାରେ କଏଦ ହୋଇଛି।
କର୍ନାଟକର ମାଣ୍ଡ୍ୟ ଜିଲା ମଦ୍ଦୁର ସହରରେ ସୋମବାର ସନ୍ଧ୍ୟାରେ ଜେଡିଏସ୍ କର୍ମୀ ଏଚ୍. ପ୍ରକାଶ(୫୦)ଙ୍କୁ ୪ ଜଣ ଲୋକ ହତ୍ୟା କରିଥିଲେ। ପୂର୍ବତନ ଜିଲା ପରିଷଦ ସଦସ୍ୟ ପ୍ରକାଶ ନିଜ ଘରକୁ

ଏଚ୍.ଡି. କୁମାରସ୍ୱାମୀ

ଯାଉଥିବାବେଳେ ସେମାନେ ପ୍ରକାଶଙ୍କ କାର୍‌କୁ ଅଟକାଇ କୁରାଢ଼ିରେ ଆକ୍ରମଣ କରିଥିଲେ। ପ୍ରକାଶଙ୍କ ମୃତ୍ୟୁ ଘଟିବା ପରେ ମଦ୍ଦୁର ଓ ମାଣ୍ଡ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉଭୟଙ୍କ ଲୋକେ ଥାନା ଘେରାଉ କରିବା ସହ ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। ନିଜ ଦଳର କର୍ମୀଙ୍କ ହତ୍ୟାକୁ ନେଇ କ୍ଷୁବ୍ଧ କୁମାରସ୍ୱାମୀ ହତ୍ୟାକାରୀଙ୍କୁ ନିର୍ଦ୍ଦୟ ଭାବେ ଗୁଳିକରି ହତ୍ୟା କରିବାକୁ ଫୋନରେ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ଏହାର ପରିଣାମକୁ ନେଇ ସେ ଚିନ୍ତିତ ନ ଥିବା କୁମାରସ୍ୱାମୀ କହିଥିଲେ। ଏହା ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବିବାଦ ସୃଷ୍ଟି ହୋଇଛି। ବିରୋଧୀ ଭାଜପା କୁମାରସ୍ୱାମୀଙ୍କ ଏଭଳି ଦାୟିତ୍ୱହୀନ ମନ୍ତବ୍ୟକୁ ନିନ୍ଦା କରିଛି। ସେପଟେ କୁମାରସ୍ୱାମୀ ଭାବପ୍ରବଣତାରେ ଏପରି କହିଥିଲେ ଏବଂ ହତ୍ୟା ପାଇଁ ନିର୍ଦ୍ଦେଶ ଦେବା ତାଙ୍କର ଉଦ୍ଦେଶ୍ୟ ନ ଥିଲା ବୋଲି ସଫେଇ ଦେଇଛନ୍ତି।

ସଦ୍ଦେବ ଅଟଳ

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ୯୪ତମ ଜୟନ୍ତୀ ଅବସରରେ ମଙ୍ଗଳବାର ନୂଆଦିଲ୍ଲୀର ରାଷ୍ଟ୍ରୀୟ ସ୍ମୃତିସ୍ଥଳରେ ନିର୍ମିତ ତାଙ୍କର ସ୍ମୃତିପୀଠ 'ସଦ୍ଦେବ ଅଟଳ'ରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

୧୯୮୪ ଶିଖ୍ ବିରୋଧୀ ଦଙ୍ଗାରେ ସମ୍ପୃକ୍ତି ଅଭିଯୋଗ

ରାଜୀବଙ୍କ ପ୍ରତିମୂର୍ତ୍ତିକୁ ବିକୃତ କଲେ

ଚଣ୍ଡିଗଡ଼, ୨୫।୧୨

ପଞ୍ଜାବର ଲୁଧିଆନାରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ବିକୃତ କରାଯାଇଛି। ତାଙ୍କ ମୁହଁରେ କଳା ଓ ହାତରେ ନାଲି ରଙ୍ଗ ବୋଳି ଦିଆଯାଇଛି। ୧୯୮୪ ଶିଖ୍ ବିରୋଧୀ ଦଙ୍ଗାରେ କଂଗ୍ରେସ ଓ ରାଜୀବଙ୍କ ସମ୍ପୃକ୍ତି ଅଭିଯୋଗ ଆଣି ଶିରୋମଣୀ ଅକାଳୀ ଦଳ (ଏସ୍‌ଏଡି) କର୍ମୀମାନେ ଏପରି କରିଛନ୍ତି। ଏଭଳି ଅଶୋଭନୀୟ ଘଟଣାକୁ ପଞ୍ଜାବ ମୁଖ୍ୟମନ୍ତ୍ରୀ କ୍ୟାପଟେନ ଅମରିନ୍ଦର ସିଂ ଦୃଢ଼ନିନ୍ଦା କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଏସ୍‌ଏଡି ଅଧ୍ୟକ୍ଷ ସୁଖ୍‌ବୀର ସିଂ ବାଦଲଙ୍କ ଉପରେ ବର୍ଷିଛନ୍ତି। କର୍ମୀଙ୍କ ଏହି ଆକ୍ରୋଶମୂଳକ କାର୍ଯ୍ୟ ପାଇଁ କ୍ଷମା ପ୍ରାର୍ଥନା କରିବାକୁ ସେ ବାଦଲଙ୍କୁ କହିଛନ୍ତି। ଏହି ମାମଲାରେ ପୋଲିସ ଅକାଳୀ ଦଳ ଯୁବନେତା ଗୁରଦୀପ ସିଂହ ଗୋଶାଙ୍କୁ ଗିରଫ କରି ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତତ୍ପରତା ଚଳାଇଛି।

ଛୁରି ଦେଖାଇ ବସ୍ ଅପହରଣ

ବେଜିଂ, ୨୫।୧୨(ପି.ଟି.)

ଦୁର୍ଘଟଣାରେ ୫ ମୃତ, ୨୧ ଆହତ

ଚାଇନାର ଫୁଜିଆନ୍ ପ୍ରଦେଶସ୍ଥିତ ଲୋଙ୍ଗ୍ୟାନ୍‌ରେ ମଙ୍ଗଳବାର ଅପରାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ବ୍ୟକ୍ତି ଛୁରି ଦେଖାଇ ଏକ ବସ୍‌କୁ ଅପହରଣ କରିନେଇଥିଲେ। ଡ୍ରାଇଭର ଭାରସାମ୍ୟ ହରାଇବା ପରେ ବସ୍ ରାସ୍ତାରେ ପଥଚାରୀଙ୍କ ଉପରକୁ ମାଡ଼ିଯାଇଥିଲା। ଏହି ଦୁର୍ଘଟଣାରେ ଜଣେ ପୋଲିସ କର୍ମଚାରୀଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨୧ ଆହତ ହୋଇଛନ୍ତି। ପୋଲିସ ଅପହର୍ତ୍ତାଙ୍କୁ ଗିରଫ କରିବା ସହ ତଦନ୍ତ ଜାରି ରଖିଛି। ପ୍ରକାଶ ଯେ, ଚାଇନାରେ କିଛିବର୍ଷ ହେଲା ଏଭଳି ଆକ୍ରମଣ ବୃଦ୍ଧି ପାଇବାରେ ଲାଗିଛି।

ଫୁରସତ

ଲକ୍ଷ୍ମୀକାନ୍ତ, ଉଷାଙ୍କୁ ମହମ୍ମଦ ରଫି ଆୱାର୍ଡ

ମୁମ୍ବାଇ: ସଙ୍ଗୀତ ନିର୍ଦ୍ଦେଶକ ସ୍ୱର୍ଗତ ଲକ୍ଷ୍ମୀକାନ୍ତ ଶାନ୍ତାରାମ କୁଦଲକର ଏବଂ ପ୍ରଚ୍ଛଦପଟ୍ଟ ଗାୟିକା ଉଷା ଟିମୋଥିଙ୍କୁ ମହମ୍ମଦ୍ ରଫି ପୁରସ୍କାର ପ୍ରଦାନ କରାଯାଇଛି। ଲକ୍ଷ୍ମୀକାନ୍ତ, ପ୍ୟାରେଲାଲ୍ ଯୋଡି ମଧ୍ୟରୁ ଲକ୍ଷ୍ମୀକାନ୍ତଙ୍କୁ ତାଙ୍କର ଜୀବନବ୍ୟାପୀ ସାଧନା ପାଇଁ ଉକ୍ତ ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ସ୍ୱରୂପ ୧ଲକ୍ଷ ଟଙ୍କା ଓ ଟ୍ରଫିଙ୍କୁ ତାଙ୍କ କନ୍ୟା ଗ୍ରହଣ କରିଥିଲେ। ସେହିଭଳି ଟିମୋଥିଙ୍କୁ ପୁରସ୍କାର ସ୍ୱରୂପ ୫୧,୦୦୦ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଥିଲା। ସୋମବାର ସନ୍ଧ୍ୟାରେ ବାନ୍ଦ୍ରାଠାରେ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସଙ୍ଗୀତ ନିର୍ଦ୍ଦେଶନା କ୍ଷେତ୍ରରେ ଲକ୍ଷ୍ମୀକାନ୍ତ, ପ୍ୟାରେଲାଲ୍‌ଙ୍କ ସଫଳ ଯୋଡି ସର୍ବଜନବିଦିତ। ସେହିଭଳି ଟିମୋଥି ବିଭିନ୍ନ ଭାରତୀୟ ଭାଷାରେ ପାଖାପାଖି ୧,୦୦୦ ଗୀତ ଗାଇ ଜନମାନସକୁ ଛୁଇଁ ପାରିଛନ୍ତି।

ବେଥେଲହାମ୍ ଉତ୍ସବମୁଖର

ବେଥେଲହାମ/ଜେରୁଜେଲମ: ପ୍ରଭୁ ଯିଶୁଙ୍କ ଜନ୍ମଦିନ ପାଳନ ନିମନ୍ତେ ସୋମବାର ହଜାର ହଜାର ତୀର୍ଥଯାତ୍ରୀ ଓ ଶ୍ରଦ୍ଧାଳୁ ବେଥେଲହାମଠାରେ ସମବେତ ହୋଇ ଖ୍ରୀଷ୍ଟମାସ ଉତ୍ସବ ପାଳନ କରିଥିଲେ। ପର୍ଯ୍ୟଟକମାନେ ପୂର୍ବ ରାତିରୁ ମାଙ୍ଗେର ସ୍କୋୟାରରେ ଏକତ୍ରିତ ହୋଇଥିଲେ। ପାଲେଷ୍ଟିନୀୟ ବଏଜ୍, ଗାର୍ଲସ ସ୍କାଉଟ୍ ଦ୍ୱାରା ପାରମ୍ପରିକ ପଦଯାତ୍ରା କରାଯାଇ ଉତ୍ସବ ପାଳନକୁ ତ୍ୱରାନ୍ୱିତ କରାଯାଇଥିଲା। ଯିଶୁଙ୍କ ପାରମ୍ପରିକ ଜନ୍ମସ୍ଥାନ ତଥା ସ୍ଥାନୀୟ ବାସିନ୍ଦାଙ୍କ ପ୍ରାଚୀନ ଗୀର୍ଜା ବାହାରେ ମାଙ୍ଗେର ସ୍କୋୟାରଠାରେ ସେମାନେ

ଖ୍ରୀଷ୍ଟୋତ୍ସବ ପାଳନ କଲେ ଶ୍ରଦ୍ଧାଳୁ

ବାଦ୍ୟ ଓ ବ୍ୟାଗ୍‌ପାଇପ୍ ବଜାଇ ୧୬ମିଟର ଉଚ୍ଚତା ବିଶିଷ୍ଟ ବୃହତ୍ ଖ୍ରୀଷ୍ଟମାସ ଟ୍ରିକୁ ଅତିକ୍ରମ କରି ପଦଯାତ୍ରା କରିଥିଲେ। ତୀର୍ଥଯାତ୍ରୀଙ୍କ ନିମନ୍ତେ ବେଥେଲହାମ୍‌ର ହୋଟେଲଗୁଡିକ ସମ୍ପୂର୍ଣ୍ଣ ବୁକିଂ ହୋଇଯାଇଥିଲା। ଚଳିତବର୍ଷ ପର୍ଯ୍ୟଟକଙ୍କ ସଂଖ୍ୟା ଅନ୍ୟ ବର୍ଷଗୁଡିକ ତୁଳନାରେ ଅଧିକ ଥିଲା ବୋଲି ପାଲେଷ୍ଟାଇନ୍‌ର ପର୍ଯ୍ୟଟନ ମନ୍ତ୍ରୀ ରୁଲା ମାୟା ପ୍ରକାଶ କରିଛନ୍ତି। ସମଗ୍ର ସହରରେ ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଥିଲା। ପାଲେଷ୍ଟାଇନ୍‌ର ଅର୍ଦ୍ଧସାମରିକ ବାହିନୀ କବଲଷ୍ଟୋନ୍ ଷ୍ଟ୍ରିଟ୍‌ରେ ମୁତୟନ ଥିଲେ। ଇସ୍ରାଏଲ ମଧ୍ୟ ନିରାପତ୍ତା କଟକଣାକୁ କୋହଳ କରିବା ସହିତ ପର୍ଯ୍ୟଟକଙ୍କ ନିରାପଦ ଯାତ୍ରା ନିମନ୍ତେ ସବୁପ୍ରକାର ଯଥାସମ୍ଭବ ଉଦ୍ୟମ କରିଥିଲା।

[ଇତିହାସର ଆଇନାରେ]

ଡିସେମ୍ବର ୨୬ର ପ୍ରମୁଖ ଘଟଣା

୨୦୦୯ ଡିସେମ୍ବର ୨୬ରେ ଚାଇନା ଖୋଲିଥିଲା ସବୁଠୁ ଦୀର୍ଘ ରେଳପଥ। ଏହା ବେଜିଂ ଏବଂ ଗୁଆଙ୍ଗଝୌ ସଂଯୋଗ କରୁଛି। ଏହାର ଲମ୍ବ ୨,୨୩୦ କିଲୋମିଟର (୧୩୯୦ ମାଇଲ)। ଏହି ଏକମାତ୍ର ଦ୍ରୁତଗାମୀ ରେଳପଥ ଦେଶର ସୀମାନ୍ତକୁ ଅତିକ୍ରମ କରିଛି। ଏହି ପଥଦେଇ ଯାତ୍ରାକଲେ ବିଦେଶୀ ଯାତ୍ରୀଙ୍କୁ ଦେଶାନ୍ତର ଏବଂ ସୀମାଶୁଳ୍କ ଦେବାକୁ ପଡେ। ଏହା ସହ ସମାନ୍ତରାଳ ଆଉ ଏକ ପାରମ୍ପରିକ ଜିଙ୍ଗ୍‌ଗୁଆଙ୍ଗ ରେଳପଥ ମଧ୍ୟ ରହିଛି।

୧୯୯୮ ଡିସେମ୍ବର ୨୬ରେ ଇରାକ୍ ଏହାର ନୋ ଫ୍ଲାଇଂ ଜୋନ୍‌ରେ ଆମେରିକା ଓ ବ୍ରିଟେନ୍‌ର ଯୁଦ୍ଧ ଜାହାଜ ଉଡାଣ ଲାଗି କଟକଣା ଜାରି କରିଥିଲା। ଇରାକର ଉତ୍ତର ଓ ଦକ୍ଷିଣ ଭାଗରେ ଥିବା ଦୁଇଟି ପୃଥକ୍ ନୋ ଫ୍ଲାଇଂ ଜୋନ୍‌କୁ ଏହି ଦୁଇ ଦେଶ ବ୍ୟବହାର କରିଆସୁଥିଲେ। ୧୯୯୧ ଉପସାଗରୀୟ ଯୁଦ୍ଧପରେ ଉକ୍ତ ଜୋନ୍‌କୁ ନିଷିଦ୍ଧ ଘୋଷଣା କରାଯାଇଥିଲା।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

କେମିତି ରହିବ ଆଜିର ପାଗ

ରାଜ୍ୟ–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।
ସ୍ଥାନୀୟ ଅଞ୍ଚଳ– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୧୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର

ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।

- ବ୍ୟାସଦେବ



ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ନିକଟରେ ଗୁଳିମାଡ଼

- ଦୁର୍ଦ୍ଦାନ୍ତ ଅପରାଧୀ ସଞ୍ଜୟ ଗୁରୁତର
- ରକ୍ତରେ ଭିଜିଲା ଶରଧାବାଲି

ପୁରୀ ଅଫିସ,୨୫।୧୨: ଗୁଣ୍ଡିଚାମନ୍ଦିର ନାକଚଣା ଦ୍ୱାର ନିକଟରେ ମଙ୍ଗଳବାର ସକାଳ ୯ଟାରେ ଗୁଳିମାଡ଼ ହୋଇଛି। ରକ୍ତରଞ୍ଜିତ ହୋଇଛି ଶରଧାବାଲି। ଗୁଳିମାଡରେ ସର୍ବୋଦୟ ନଗରର ଦୁର୍ଦ୍ଦାନ୍ତ ଅପରାଧୀ ସଞ୍ଜୟ ବେହେରା(୨୭) ଓରଫ ପାରା ଗୁରୁତର ଆହତ ହୋଇଛନ୍ତି। ତାଙ୍କ ବାମ କାନ୍ଧରେ ଗୁଳି ବାଜିଛି। ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ସାଇଣ୍ଟିଫିକ ଟିମ୍ ଓ ପୋଲିସ ଘଟଣାର ତଦନ୍ତ କରୁଛନ୍ତି। ଘଟଣାସ୍ଥଳରୁ ଗୋଟିଏ ଖୋକା ଏବଂ ରକ୍ତଭିଜା ପିଚୁ ଜବତ ହୋଇଛି। ଗୁଣ୍ଡିଚା ମନ୍ଦିର ଆଗରେ ହୋଇଥିବା ପାର୍କିଂ, ଦାଦାବଟି ଏବଂ କୋରେକ୍ସ କଫ୍ ସିରପ ବ୍ୟବସାୟକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ପୋଲିସର ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି। ଅନ୍ୟପଟେ ଭାଗୁ ପ୍ରଧାନଙ୍କ ଗୋଷ୍ଠୀ ଏହି ଗୁଳିମାଡରେ ସମ୍ପୃକ୍ତ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପରିବାର ଲୋକଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ସିଟି ଡିଏସପି ପ୍ରଶାନ୍ତ କୁମାର ପଟ୍ଟନାୟକ କହିଛନ୍ତି। ଗଣେଶ ପରିଡା ଏବଂ ଜିତୁ ସାହୁ ନାମକ ଦୁଇ ଯୁବକଙ୍କର ଏହି ଘଟଣାରେ ସମ୍ପୃକ୍ତି ଥିବା ପୋଲିସ ସନ୍ଦେହ କରୁଛି। ଏହି ଦୁଇଜଣଙ୍କ ନାମରେ ଏକାଧିକ ମାମଲା ରହିଛି।

■ ଆଜି ବିଜେଡି ପ୍ରତିଷ୍ଠା ଦିବସ

ଦଳୀୟ ନେତା,କର୍ମୀଙ୍କୁ ନବୀନ ଦେବେ ଗୁରୁମନ୍ତ୍ର

ଭୁବନେଶ୍ୱର,୨୫।୧୨(ବ୍ୟୁରୋ)

- କେନ୍ଦ୍ରୀୟ ଅବହେଳା, ନିର୍ବାଚନ ପାଇଁ ପ୍ରସ୍ତୁତ ହେବ ରଣନୀତି

ବିଜୁ ଜନତା ଦଳ(ବିଜେଡି) ୨୧ତମ ପ୍ରତିଷ୍ଠା ଦିବସ ବୁଧବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। ଏ ନେଇ ସମସ୍ତ ପ୍ରସ୍ତୁତି ମଧ୍ୟ ଶେଷ ହୋଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଜେଡି ଏମପି, ବିଧାୟକ, ଛାମୁଆ ସଂଗଠନର ନେତା ଓ କର୍ମୀମାନେ ଯୋଗଦେବେ। ଚଳିତ ବର୍ଷ ପ୍ରତିଷ୍ଠା ଦିବସ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରୁଛି। କାରଣ ଆଉ ମାସ କେଇଟା ପରେ ରାଜ୍ୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଗତ ନିର୍ବାଚନ ଭଳି ଆସନ୍ତା ନିର୍ବାଚନରେ ବିଜେଡିକୁ କିପରି ବିପୁଳ ବିଜୟ କରିବାକୁ ପଡ଼ିବ ସେ ନେଇ ରଣନୀତି ପ୍ରସ୍ତୁତ ହେବ। ଦଳକୁ ବିଜୟୀ କରିବା ସହ ସଂଗଠନଗୁଡ଼ିକୁ କିପରି ଆହୁରି ମଜଭୁତ କରାଯିବ ସେ ନେଇ ସଭାପତି ଦଳୀୟ ନେତା ଓ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେବେ। ରାଜ୍ୟ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା ବିଷୟରେ ଲୋକମାନଙ୍କୁ ଅବଗତ କରାଇ ବିଜେଡି ପ୍ରତି ଜନସାଧାରଣଙ୍କ କିପରି ଅତୁଟ ଆସ୍ଥା ରହିବ ସେ ନେଇ କର୍ମୀମାନଙ୍କ ଉପରେ ଗୁରୁ ଦାୟିତ୍ୱ ଅର୍ପଣ କରିବେ ନବୀନ। ବିରୋଧୀ ଦଳଗୁଡ଼ିକ ସରକାରଙ୍କ ବିରୋଧରେ ଚଳାଇଥିବା ଅପ ପ୍ରଚାରକୁ ପ୍ରତିହତ କରିବା ନେଇ ହେବ ମାନସ ମନ୍ଥନ। ପ୍ରତିଷ୍ଠା ଦିବସ ପୂର୍ବରୁ ମଙ୍ଗଳବାର ଅପରାହ୍ନରେ ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ଦଳର ଛାମୁଆ ନେତାମାନଙ୍କର ଏକ ରୁଦ୍ଧଦ୍ୱାର ବୈଠକ ହୋଇଥିବା ସୂଚନା ମିଳିଛି। ବୈଠକରେ ମୁଖ୍ୟମନ୍ତ୍ରୀଙ୍କୁ ଉତ୍ସାହିତ କରିବା ଲାଗି ବରିଷ୍ଠ ନେତାମାନେ ଯୋଜନା କରିଥିବା କୁହାଯାଉଛି। ଏପରି କି ଉପକୂଳ ଜିଲାଗୁଡ଼ିକର କେତେକ ନେତା ଅପରାହ୍ନରେ ନବୀନ ନିବାସ ଯାଇ ଦଳର ସଭାପତିଙ୍କୁ ସାକ୍ଷାତ କରିଥିବା ଜଣାପଡିଛି। ବୈଠକରେ ବିଭିନ୍ନ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ଘେରିବା ପାଇଁ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ଖଣିଜ ସମ୍ପଦରେ ଭରପୂର ହୋଇଥିବାବେଳେ ରାଜ୍ୟକୁ ସେହି ଅନୁପାତରେ ଫାଇଦା ମିଳୁ ନାହିଁ। କୋଇଲା ରୟାଲଟି ବୃଦ୍ଧି ନ ହେବା, ବିଭିନ୍ନ ଯୋଜନାରେ ଅନୁଦାନ ହ୍ରାସ କରିବା, ରେଳ ବାଇ ଅନୁଦାନ ଠିକ୍ ସମୟରେ ନ ଦେବା, ଚାଷୀ ସମସ୍ୟା, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି) ବୃଦ୍ଧି, ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ବିରୋଧରେ କିପରି ଜନମତ ସୃଷ୍ଟି କରାଯାଇ ପାରିବ ସେ ନେଇ ଆଲୋଚନା ହେବାର ଯୋଜନା ରହିଛି। ଏଥିସହିତ ସଭ୍ୟ ସଂଗ୍ରହ ଏବଂ ଦଳୀୟ ପାଣ୍ଠି ସଂଗ୍ରହ ବିଷୟ ମଧ୍ୟ ଆଲୋଚନା ହେବ। ଏଠାରେ ସୂଚନାଯୋଗ୍ୟ ଯେ ଖର୍ଚ୍ଚ ତୁଲାଇବାକୁ ଦଳୀୟ ପାଣ୍ଠିକୁ ମାସକର ଦରମା ଦେବାକୁ ସଭାପତି ଏମ୍ପି ଏବଂ ବିଧାୟକମାନଙ୍କୁ ସୋମବାର ଚିଠି ଲେଖିଥିଲେ। ପ୍ରତିଷ୍ଠା ଦିବସ, ରାଜ୍ୟ କର୍ମକର୍ତ୍ତା, ଜିଲା ପର୍ଯ୍ୟବେକ୍ଷକ, ବିଧାୟକ ପ୍ରାର୍ଥୀ, ଜିଲା ସଭାପତି, ଛାମୁଆ ସଂଗଠନର ରାଜ୍ୟ, ବ୍ଲକ ଓ ନଗର ସଭାପତିମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

ଆଜିଠୁ ଭାଜପାର 'ଜବାବ୍ ମାଗୁଛି ଓଡ଼ିଶା' ଆନ୍ଦୋଳନ

ଭୁବନେଶ୍ୱର, ୨୫।୧୨(ବ୍ୟୁରୋ)

୧୯ ବର୍ଷ ଧରି ଶାସକ ବିଜେଡି ଖଣି, ପାଣି, ଡାଲି, ଚିଟ୍‌ଫଣ୍ଡ ଦୁର୍ନୀତି ଓ ଭ୍ରଷ୍ଟାଚାରରେ ଲିପ୍ତ ଅଛନ୍ତି । ଏହା ବିରୋଧରେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ 'ଜବାବ ମାଗୁଛି ଓଡ଼ିଶା' ଆନ୍ଦୋଳନ ଆରମ୍ଭ ହେବ। ସ୍ଥାନୀୟ ବରମୁଣ୍ଡା ପଡିଆରୁ ବୁଧବାର 'ଜବାବ ମାଗୁଛି ଓଡିଶା' ଆନ୍ଦୋଳନର ଶୁଭାରମ୍ଭ ହେବ । ଏହି ଆନ୍ଦୋଳନ ୧୪୭ ନିର୍ବାଚନମଣ୍ଡଳୀର ସମସ୍ତ ପଞ୍ଚାୟତରେ ପହଞ୍ଚିବ । ନୂଆ ଟେକ୍ନୋଲୋଜି ମାଧ୍ୟମରେ ସାଢ଼େ ୪କୋଟି ଓଡ଼ିଆ ଜବାବ ମାଗିବେ ବୋଲି ଭାଜପା ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ କହିଛନ୍ତି।

ଟଙ୍କଧର କହିଛନ୍ତି ଯେ, ଏହି ଆନ୍ଦୋଳନରେ ଜବାବ ମାଗୁଛି ଓଡ଼ିଶା ରଥ ବୁଲିବ, ଭିଡିଓ ରେକର୍ଡିଂ ଏବଂ ଭଏସ ରେକର୍ଡିଂ ମାଧ୍ୟମରେ ରାଜ୍ୟବାସୀ ସରକାରଙ୍କୁ ଜବାବ ମାଗିବେ। ଦୀର୍ଘବର୍ଷ ଧରି ଓଡ଼ିଶାର ସାଢେ ୪କୋଟି ଲୋକ ନିଜ ହକ୍ ପାଇବାରୁ ବଞ୍ଚିତ ଅଛନ୍ତି । ଦୀର୍ଘ ୪୦ବର୍ଷ ଧରି ଓଡ଼ିଶାକୁ ଦୁଇ ପଟ୍ଟନାୟକ ପରିବାର ଶାସନ ଗାଦିରେ ବସି ଲୁଣ୍ଠନ କରିଛନ୍ତି । ସାଧାରଣ ଜନତା ମୌଳିକ ଅଧିକାର ତଥା ସରକାରୀ ଯୋଜନା ପାଇବା ପାଇଁ ପିସି ଦେବାକୁ ବାଧ ହେଉଛନ୍ତି ବୋଲି ଭାଜପା ଯୁବ ମୋର୍ଚ୍ଚା ସଭାପତି ତ୍ରିପାଠୀ କହିଛନ୍ତି । ଦଳୀୟ କାର୍ଯ୍ୟାଳୟଠାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ ଟଙ୍କଧର କହିଛନ୍ତି ଯେ, ପ୍ରତିଦିନ ମହିଳାଙ୍କ ପ୍ରତି ବ୍ୟଭିଚାର ବୃଦ୍ଧି ପାଇବାକୁ ଲାଗିଛି । ମା'କୁ ସମ୍ମାନର ନାରା ଦେଇ ଶାସକ ବିଜେଡି ନାରୀ ଜାତିକୁ ଅପମାନିତ କରି ଚାଲିଛି । ଚାଷୀମାରଣ ନୀତି ଯୋଗୁ କୃଷକମାନେ ଆତ୍ମହତ୍ୟା କରୁଛନ୍ତି । ଏବେ ବି ରାଜ୍ୟର ଲକ୍ଷ ଲକ୍ଷ ଲୋକ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସୁରକ୍ଷାରୁ ବଞ୍ଚିତ ଅଛନ୍ତି । ଓଡ଼ିଶାର ଯୁବତୀ,ଯୁବକମାନଙ୍କୁ ରୋଜଗାର ଦେବାରେ ସରକାର ସମ୍ପୂର୍ଣ୍ଣଭାବେ ବିଫଳ ହୋଇଛନ୍ତି । ରାଜ୍ୟ ସରକାର ରାଜ୍ୟରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରୁ ନ ଥିବା କାରଣରୁ ଲକ୍ଷଲକ୍ଷ ଲୋକ ଅନ୍ୟ ରାଜ୍ୟକୁ ଯାଇ ଦାଦନ ଖଟୁଛନ୍ତି ।

ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।

- ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର

ଜନ୍ମଦିନର ଶୁଭେଚ୍ଛା

ନାମ: .....

ବୟସ:.....

ଜନ୍ମ ତାରିଖ: .....

ଧନଞ୍ଜୟ ପରିବାରବର୍ଗ

ଲିପସା ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା

(ଶ୍ରୀ)

ସାଇସ୍ମିତା ରାଉତ

ନିମାପଡ଼ା, ଜଗତ୍‌ସିଂହପୁର

ଆଜି ତୋର ପବିତ୍ର ୧ମ ଜନ୍ମଦିନରେ ପ୍ରଭୁ ସାଇବାବା ତୋର ଭବିଷ୍ୟତ ଜୀବନ ସୁଖମୟ କରନ୍ତୁ ଏଡିକି ପ୍ରାର୍ଥନା। ଶୁଭେଚ୍ଛା ସହ: ବଡବାବା, ବଡମାମା, ବାବା, ମାମା, ଜେଜେବାପା, ମା, ଭାଇ, ଭଉଣୀ, ପିଉସା, ପିଉସୀ, ବନ୍ଧୁବାନ୍ଧବ ଓ ପରିବାରବର୍ଗ। ଧ-୧୦୨୧୭

ପାର୍କିଂସ୍ଥଳରେ ଜଳିଲା କାର



ଭୁବନେଶ୍ୱର, ୨୫।୧୨(ବ୍ୟୁରୋ)- ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ହୋଟେଲ ସ୍ୱସ୍ତି ପ୍ରିମିୟମ ସମ୍ମୁଖରେ ପାର୍କିଂ ହୋଇଥିବା ଏକ କାର(ଓଆର-୦୨ଜିଏ-୦୦୭୭) ମଙ୍ଗଳବାର ସନ୍ଧ୍ୟାରେ ଜଳିଯାଇଛି। ଘଟଣା ସମୟରେ କାର୍ ଭିତରେ କେହି ନ ଥିବାବେଳେ ଶର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଖବର ପାଇ ଚନ୍ଦ୍ରଶେଖରପୁର ଅଗ୍ନିଶମ ବିଭାଗ ଓ ସଚିବାଳୟ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଲିଭାଇବାକୁ ଉଦ୍ୟମ କରିଥିଲେ। କିନ୍ତୁ ସେତେବେଳକୁ କାରଟି ସମ୍ପୂର୍ଣ୍ଣ ଜଳିଯାଇଥିଲା।

ପ୍ରଥମ ପୃଷ୍ଠାରୁ...

ମଦ ଟ୍ରକ୍ ଲୁଟ୍ ଘଟଣାର ...

ଅନ୍ୟପକ୍ଷରେ ମଦ ଟ୍ରକ ଲୁଟ ଘଟଣାରେ ସମ୍ପୃକ୍ତ ୭ ଜଣ ଓ ଉକ୍ତ ମଦ ରଖିବା ଅଭିଯୋଗରେ ୨ଜଣ ସୋମବାର ଗିରଫ ହୋଇଛନ୍ତି। ସେମାନଙ୍କ ନିକଟରୁ ୪୫୦ କାର୍ଟୁନ ବିଦେଶୀ ମଦ, ୨ଟି ଟ୍ରକ୍ (ନଂ. ଓଆର ୦୪ ଏଲ୍ ୬୧୦୪, ଓଡି ୦୨ ୩୫୦୩), ଇନୋଭା କାର୍ (ଓଡି ୦୨ ୩୦୩୦) ଓ ୧୦ଟି ମୋବାଇଲ ଫୋନ ଜବତ ହୋଇଛି। ଚୋରି ଟ୍ରକରୁ ଅଭିଯୁକ୍ତମାନେ ଅନ୍ୟ ଏକ ଟ୍ରକକୁ ମଦ ଅନଲୋଡ୍ କରି ବିକ୍ରି ପାଇଁ ନେଇଥିଲେ । ଉକ୍ତ ଟ୍ରକ୍‌ଟି ଗିରଫ ହୋଇଥିବା ଜଣେ ଅଭିଯୁକ୍ତଙ୍କ ନାଁରେ ଥିବା ବେଳେ ଇନୋଭାକୁ ଭଡ଼ାରେ ଅଣାଯାଇଥିଲା ବୋଲି ଛତ୍ରପୁରସ୍ଥିତ ରିଜର୍ଭ ଅଫିସରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ୪ ତାରିଖରେ ଗୋପାଳପୁରର ୟୁନାଇଟେଡ୍ ସ୍ପିରିଟ୍ ଫ୍ୟାକ୍ଟ୍ରିରୁ ଏକ ଟ୍ରକରେ ୯୫୦ କାର୍ଟୁନ ବିଦେଶୀ ମଦ ବୋଝେଇ ହୋଇ ନିର୍ଗୁଣ୍ଡି ସ୍ଥିତ ଓଡ଼ିଶା ରାଜ୍ୟ ମଦ ନିଗମର ଡିପୋକୁ ଆସୁଥିଲା । ରାତି ପ୍ରାୟ ୧୧ଟାରେ ଖଲ୍ଲିକୋଟ ଥାନା ବଡଘାଟିଠାରେ ଡକାୟତମାନେ ଇନୋଭା କାରରେ ଆସି ଚାଳକ ଓ ହେଲ୍‌ପରଙ୍କୁ ବନ୍ଧୁକ ଦେଖାଇ ଟ୍ରକଟିକୁ ନେଇଯାଇଥିଲେ। ଚାଳକ କୌଣସି ପ୍ରକାରେ ଖସିଆସି ଟ୍ରକ୍ ଟ୍ରାନ୍ସପୋର୍ଟ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଘଟଣା ସମ୍ପର୍କରେ କହିଥିଲେ । ୬ ତାରିଖରେ ଏ ନେଇ କମ୍ପାନୀର ମ୍ୟାନେଜର ସୁଧୀର କୁମାର ପାଣିଗ୍ରାହୀଙ୍କ ଏତଲାକ୍ରମେ ଖଲ୍ଲିକୋଟ ଥାନାରେ ମାମଲା (ନଂ.୩୨୪/୧୮) ରୁଜୁ ହୋଇଥିଲା । ଆଇଆଇସି ବିବେକାନନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ତଦନ୍ତ ଚାଲିଥିଲା। ଟ୍ରକ୍ ଲୁଟ ମାମଲାରେ ସୋମବାର ପୁରୀ ଜିଲା ଗଡିଶଗଡିଆ ଥାନା ଗଡ଼ବରପଡ଼ାର ପୁରୁଷୋତ୍ତମ ବଳିୟାରସିଂ, ଡୋଙ୍ଗିଆଁ ଗାଁର ପ୍ରଦୀପ ପ୍ରତାପ ସିଂ, ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ରତକଟାପଟାର ସାଲୁ ଓରଫ ଅଭିଜିତ ଓରଫ ପାଟଲ ସିଂ, ଖଜୁରିଆର ନାସିର ଶାହ, ଜଙ୍କିଆ ଥାନା ନାରଙ୍ଗଗଡ଼ର ମନୋଜ କୁମାର କାଣ୍ଡି ଓ ହାତପଡ଼ାର ବିରଞ୍ଚି କୁମାର ବେହେରା ଏବଂ କଟକ ଜିଲା କାନପୁର ଥାନା କାନପୁରର ବନମାଳୀ ସାହୁଙ୍କୁ ଗିରଫ କରାଯାଇଛି। ସେହିପରି ଉକ୍ତ ଚୋରା ମଦ ରଖିଥିବା ଖୋର୍ଦ୍ଧା ଜିଲା କୁନିଆସାମନ୍ତରାପୁର ଗାଁର ପ୍ରମୋଦ ମାଥାଁ ଓ ଯୋଗେଶ୍ୱର ବିଶ୍ୱାଳଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ଲୁଟ ଘଟଣାର ମାଷ୍ଟର ମାଇଣ୍ଡ ଥିବା ମାଛୁଆଙ୍କୁ ପୋଲିସ ଖୋଜୁଥିଲା। ମଙ୍ଗଳବାର ଭୋରରୁ ସେ ଜଣେ ସହଯୋଗୀ ବନମାଳୀ ପରିଡ଼ାଙ୍କ ସହ ବାଲୁଗାଁ ପଟୁ ବାଇକ୍‌ରେ ଆସୁଥିବା ଖଲ୍ଲିକୋଟ ପୋଲିସକୁ ସୂଚନା ମିଳିଥିଲା । ଗୁଡ଼ିଝର ଛକଠାରେ ପୋଲିସକୁ ଦେଖି ମାଛୁଆ ପ୍ରଥମେ ଗୁଳିଚଳାଇ ଖସିଯିବାକୁ ଉଦ୍ୟମ କରିଥିଲେ। ଆଇଆଇସି ସ୍ୱାଇଁ ପାଲଟା ଗୁଳି ଚଳାଇବାରୁ ତାଙ୍କ ଗୋଡ଼ରେ ବାଜିଥିଲା। ଫଳରେ ମାଛୁଆଙ୍କୁ କାବୁ କରାଯାଇଥିବା ବେଳେ ବନମାଳୀ ଖସି ପଳାଇଥିଲେ। ତାଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି। ମାଛୁଆ ଖୋର୍ଦ୍ଧା, ନୟାଗଡ଼ ଓ ଗଞ୍ଜାମ ଜିଲାର ବିଭିନ୍ନ ଥାନା ଇଲାକାରେ ହୋଇଥିବା ୧୦ ରାଜପଥରୁ ଡକାୟତି ଓ ଲୁଟ୍ ଏବଂ ଅନ୍ୟ ଆପରାଧିକ ମାମଲାରେ ସମ୍ପୃକ୍ତ ଥିବା ଏସ୍‌ପି ରଏ କହିଛନ୍ତି। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସପି ପ୍ରଦୀପ କୁମାର ମହାପାତ୍ର, ଡିଏସ୍‌ପି ଦିଲୀପ ଦାଶ ଓ କେଶବ ଚନ୍ଦ୍ର ବେହେରା, ଛତ୍ରପୁର ଏସଡିପିଓ ରମେଶ ଚନ୍ଦ୍ର ସେଠୀ ଉପସ୍ଥିତ ଥିଲେ।

ହେନ୍ତାଳବନ, କଇଁଛ ...

ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ସିଆରଡେ-୨କୁ ମଧ୍ୟ ଜନବସତି ଆଧାରରେ ଦୁଇ ଭାଗରେ ବିଭକ୍ତ କରାଯାଇଛି। ପ୍ରତି ବର୍ଗ କିଲୋମିଟରେ ୧୬୫ ଜନସଂଖ୍ୟାକୁ ଜୋନ -ଏ ଏବଂ ୨୧୬୧ ଜନସଂଖ୍ୟାକୁ ଜୋନ-ବି ଭାବେ ନାମିତ କରାଯାଇଛି। ଏହି ସବୁ ଅଞ୍ଚଳରେ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇ ପାରିବ। ତେବେ ଏଥିପାଇଁ ରାଜ୍ୟରେ ଥିବା କୋଷ୍ଟାଲ ଜୋନ ମ୍ୟାନେଜମେଣ୍ଟ ଅଥରିଟି(ସିଜେଡ୍‌ଏମଏ)ର ଅନୁମତି ନେବାକୁ ପଡ଼ିବ। ସିଆରଜେଡ-୩ରେ ସମୁଦ୍ର କୂଳରେ ଥିବା ଗ୍ରାମାଞ୍ଚଳଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି। ସେହି ସବୁ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ଓ ସମୁଦ୍ର କ୍ଷୟ ଉପରେ ସଚେତନତା ସୃଷ୍ଟି କରାଯିବ। ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ସ୍ଥାନୀୟ ଲୋକଙ୍କୁ ସାମିଲ କରିବାକୁ ବ୍ୟବସ୍ଥା କରାଯାଇଛି। ସିଆରଜେଡ-୪କୁ ମଧ୍ୟ ଦୁଇଟି ଭାଗରେ ବିଭକ୍ତ କରାଯାଇଛି। ଜୋନ-ଏକୁ ସମୁଦ୍ର କୂଳରୁ ୧୨ ନଟିକାଲ ମାଇଲ ଯାଏ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ଜୋନ-ବିରେ ସମୁଦ୍ର ମୁହାଁଣ ରହିଛି। ସମୁଦ୍ରରେ ମିଶିଥିବା ନଦୀଗୁଡ଼ିକର ସ୍ଥିତି ଓ ନଦୀର କେତେ ଅଞ୍ଚଳ ଯାଏ ଲବଣାଂଶ ରହିଛି ସେ ନେଇ ପରୀକ୍ଷା ନିରୀକ୍ଷା କରି ପ୍ରତିକାର କରାଯିବ। ଏହାଛଡ଼ା ପୋତିହୋଇ ପଡୁଥିବା ମୁହାଁଣର ବିକାଶ ପାଇଁ ମଧ୍ୟ ପଦକ୍ଷେପ ନିଆଯିବ।

ରାଜ୍ୟ ସରକାର ବହୁ ଉଚ୍ଚରେ ଆସୁଥିବା ସାମୁଦ୍ରିକ ଢେଉ(ଏଚଟିଏଲ) ଏବଂ କମ୍ ଉଚ୍ଚତାରେ ଆସୁଥିବା ଢେଉ(ଏଲଟିଏଲ)କୁ ଚିହ୍ନଟ କରି ନକ୍ସା ପ୍ରସ୍ତୁତ କରିବେ। ସେହି ଅନୁଯାୟୀ ଉପକୂଳ ଅଞ୍ଚଳରେ ପ୍ରକଳ୍ପଗୁଡିକୁ ଅନୁମତି ଦିଆଯିବ। କେନ୍ଦ୍ର ସରକାରଙ୍କ ପରିବେଶ ମନ୍ତ୍ରଣାଳୟ ଅନୁମୋଦନ କରିବା ପରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରିବ। ଏହି ନୂତନ ଉପକୂଳ ଅଞ୍ଚଳ ପରିଚାଳନା ଯୋଜନା ରାଜ୍ୟର ୭ଟି ଉପକୂଳବର୍ତ୍ତୀ ଜିଲାର ୪୮୦ କିଲୋମିଟର ବ୍ୟାପୀ ଅଞ୍ଚଳରେ କାର୍ଯ୍ୟକାରୀ ହେବ। ଗଞ୍ଜାମ, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱର ଜିଲା ପାଇଁ ସ୍ୱତନ୍ତ୍ର ସିଆରଜେଡ ନକ୍ସା ପ୍ରସ୍ତୁତ କରାଯାଇଛି। କେଉଁ ଅଞ୍ଚଳରେ କ'ଣ ବିକାଶ ହେବ ସେ ନେଇ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି ବୋଲି ପରିବେଶ ନିର୍ଦ୍ଦେଶକ କେ. ପୁରୁଷୋସେନ କହିଛନ୍ତି। ଏହି ନୂତନ ସିଜେଡଏମପି ଯୋଗୁ ଉପକୂଳ ଅଞ୍ଚଳରେ ପ୍ରାକୃତିକ ସୁରକ୍ଷା ସହିତ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ପାରିବ ବୋଲି ସେ କହିଛନ୍ତି।

ବୋଗିବିଲ୍ ସେତୁ...

ବ୍ରହ୍ମପୁତ୍ର ନଦୀ ଉପରେ ବିଗତ ୬୦ରୁ ୭୦ ବର୍ଷ ମଧ୍ୟରେ ମାତ୍ର ୩ଟି ସେତୁ ନିର୍ମାଣ କରାଯାଇଥିବାବେଳେ କେବଳ ସାଢ଼େ ଚାରିବର୍ଷରେ ତିନୋଟି ବ୍ରିଜ୍ ସମ୍ପୂର୍ଣ୍ଣ ହୋଇଛି। ସେହିପରି ଆଉ ୫ଟି ବ୍ରିଜ୍ ନିର୍ମାଣାଧୀନ ଅଛି। ଏସବୁର ନିର୍ମାଣ କାର୍ଯ୍ୟ ଶେଷ ହେଲେ ବ୍ରହ୍ମପୁତ୍ର ନଦୀକୂଳରେ ଉତ୍ତରାଞ୍ଚଳ ଓ ଦକ୍ଷିଣାଞ୍ଚଳ ମଧ୍ୟରେ ଯୋଗାଯୋଗ ତ୍ୱରାନ୍ୱିତ ହୋଇପାରିବ। ଏହାସହ ଉତ୍ତର-ପୂର୍ବର ବିକାଶର ଗତି ଏକ ନୂଆ ପରିବର୍ତ୍ତନ ଆଣିଦେବ। ସେତୁ ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ ଏନ୍‌ଡିଏ ସରକାରଙ୍କ ସଫଳତା ବଖାଣିବା ସହ କଂଗ୍ରେସକୁ ଟାର୍ଗେଟ କରିଥିଲେ।

ଆସାମ-ଅରୁଣାଚଳ ସୀମାରୁ ବୋଗିବିଲ ସେତୁର ଦୂରତା ୨୦ କି.ମି.। ୫,୯୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ବ୍ରିଜ୍ ତେଜ୍‌ପୁରର କୋଲିଆ ଭୋମୋରା ସେତୁର ବିକଳ୍ପ ଭାବେ କାମ କରିବ ବୋଲି ଆଶା କରାଯାଉଛି। ଏଥିଯୋଗୁ ଆସାମ ଓ ଅରୁଣାଚଳର ୫ ନିୟୁତ ଲୋକ ଉପକୃତ ହେବେ। ଏହା ଭାରତର ପ୍ରତିରକ୍ଷା ସାମର୍ଥ୍ୟ ବଢ଼ାଇବ। ଏହି ସେତୁ ଉପରେ ଯୁଦ୍ଧବିମାନ ଅବତରଣ କରିପାରିବ। ଏହାସହ ସୀମାରେ ଚାଇନାକୁ ମୁକାବିଲା କରିବାରେ ଏହି ବ୍ରିଜ୍ ସେନାକୁ ସହାୟକ ହେବ। ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା ୧୯୯୭ରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅଟଳବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବାବେଳେ ୨୦୦୨ରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତାଙ୍କ ୯୪ତମ ଜୟନ୍ତୀ ଅବସରରେ ଏହା ଦେଶବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହୋଇଛି।

ଗଞ୍ଜାମରେ ୨ ...

ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତାଙ୍କ ଦେହରେ କେତୋଟି ଗୁଳି ବାଜିଛି ଏବଂ କିଭଳି ମୃତ୍ୟୁ ଘଟିଛି ତାହା ସ୍ପଷ୍ଟ ହେବ ବୋଲି ସେ ସୂଚନା ଦେଇଛନ୍ତି । ଏଥିରେ ଜଗନ୍ନାଥପ୍ରସାଦ ଥାନା ଆଇଆଇସି ବୈଦେହୀ ବେହେରା ମଧ୍ୟ ଆହତ ହୋଇଛନ୍ତି। ଘଟଣା ସ୍ଥଳରୁ ବାବୁଙ୍କ ନିକଟରୁ ୨ ବନ୍ଧୁକ ଏବଂ ୩ ଅଫୁଟା ଗୁଳି ସମେତ ଏକ ବାଇକ୍ ପୋଲିସ ଜବତ କରିଛି।

ପ୍ରକାଶଯେ, ଭଞ୍ଜନଗର ପୋଲିସ ଦ୍ୱାରା ଗୁଳି ବିନିମୟ ହେବା ପରେ ଚାକୁଣ୍ଡାପଲ୍ଲୀ ଗ୍ରାମର ବାବୁଙ୍କୁ ପୋଲିସ ପୂର୍ବରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ଭଞ୍ଜନଗର ସବ୍‌ଜେଲରେ ତାଙ୍କୁ ବିଚାରାଧୀନ ବନ୍ଦୀ ଭାବେ ରଖାଯାଇଥିବା ବେଳେ ସେପ୍ଟେମ୍ବର ମାସରେ ସୁଯୋଗ ଉଣ୍ଡି ସେଠାରୁ ଖସି ପଳାଇଥିଲେ। ଦୀର୍ଘ ଏକ ମାସ ପରେ ଭଞ୍ଜନଗରରୁ ଧରାପଡିଥିଲେ ବାବୁ। ଏକ ବାଇକ୍‌ରେ ବାବୁ ଅନ୍ୟ ଦୁଇ ସହଯୋଗୀଙ୍କୁ ନେଇ କୌଣସି ଅପରାଧ ଘଟାଇବା ପାଇଁ ବୋମା ଧରି ଯାଉଥିବା ବେଳେ ରାସ୍ତାରେ ଦୁର୍ଘଟଣା ଘଟିଥିଲା। ଏଥିରେ ବୋମା ଫୁଟି ଯିବାରୁ ବାବୁ ଆହତ ହୋଇଥିଲେ। ସମସ୍ତଙ୍କୁ ପୋଲିସ ଉଦ୍ଧାର କରି ପ୍ରଥମେ ଭଞ୍ଜନଗର ମେଡିକାଲ ଏବଂ ପରେ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲା। ସର୍ଜରୀ ବିଭାଗରେ ତାଙ୍କୁ ଭର୍ତ୍ତି କରାଯାଇ, ସେଠାରେ କଡା ସୁରକ୍ଷା ବଳୟ ମଧ୍ୟରେ ଚିକିତ୍ସା ଜାରି ରହିଥିଲା। ବାବୁଙ୍କୁ ଜଗିବା ପାଇଁ ୫ ହାବିଲଦାର ଓ କନଷ୍ଟେବଳ ନିୟୋଜିତ ଥିଲେ। କିନ୍ତୁ ସୁଯୋଗ ଉଣ୍ଡି ସେ କେଉଁଆଡେ ଫେରାର ହୋଇଯାଇଥିଲେ । ଏହି ଘଟଣାରେ ନିୟୋଜିତ ଥିବା ଜଣେ ହାବିଲଦାର ଏବଂ ୪ କନଷ୍ଟେବଳଙ୍କୁ ଗଞ୍ଜାମ ଏସ୍‌ପି ବ୍ରିଜେଶ୍ ରାୟ ନିଲମ୍ବନ କରିଥିବା ବେଳେ ସବୁ ଥାନାକୁ ହାଇ ଆଲର୍ଟ କରାଯାଇ ଫେରାର ବାବୁର ତଲାସୀ ଆରମ୍ଭ କରାଯାଇଥିଲା।

ଚିକିତ୍ସାଧୀନ ...

ଶେଷରେ ହାତୀର ମୃତ୍ୟୁ ଘଟିଥିଲା । ଖବରପାଇ ବଣେଇ ବନଖଣ୍ଡ ଅଧିକାରୀ ସୁଧାଂଶୁ ଶେଖର ଖରା, ଅବସରପ୍ରାପ୍ତ ବନଖଣ୍ଡ ଅଧିକାରୀ ଭଗବାନ ଚନ୍ଦ୍ରପତି, ଏସିଏଫ ଜୋହନା ଓରାମ, ରେଞ୍ଜ ଅଫିସର ନବୀନ ଚନ୍ଦ୍ର ପ୍ରଧାନ, ଫରେଷ୍ଟର ଧରଣୀଧର ସାହୁ, ନାରାୟଣ ବେହେରା, ସରପଞ୍ଚ ମାଇକେଲ ମୁଣ୍ଡା ଏବଂ ବନ କର୍ମଚାରୀମାନେ ତୁଡା ସଂରକ୍ଷିତ ଜଙ୍ଗଲରେ ପହଞ୍ଚିଥିଲେ। ହାତୀର ମୃତଦେହ ବ୍ୟବଚ୍ଛେଦ କରି ସେହି ଜଙ୍ଗଲରେ ପୋତି ଦିଆଯାଇଥିଲା। ଉକ୍ତ ହାତୀ ଝାଡ଼ଖଣ୍ଡ ଅଞ୍ଚଳରୁ ଆସିଥିବା ବନ ବିଭାଗ କର୍ମଚାରୀମାନେ ଅନୁମାନ କରୁଛନ୍ତି।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

ମେଷ

ସାମାନ୍ୟ ବ୍ୟତିକ୍ରମ ମଧ୍ୟରେ ପ୍ରତ୍ୟେକ କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟିହେବ। ପରିବହନ, ବ୍ୟବସାୟ, ବାଣିଜ୍ୟରେ କିଛି ପ୍ରତିବନ୍ଧକଜନିତ ବିଷୟକୁ ନେଇ ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ। ଅନ୍ୟ ମାନଙ୍କ କଥାଗୁଡିକ ଠିକ୍ ଥିଲେ ମଧ୍ୟ ଆପଣଙ୍କୁ ଭଲ ଲାଗିବ ନାହିଁ। ପାରିବାରିକ ଜୀବନରେ ଉତ୍‌ଥାନ ପତନ ଲାଗି ରହିବ।

ବୃଷ

ନିକଟ ସମ୍ପର୍କୀୟମାନେ ଆପଣଙ୍କୁ କାମ ହାସଲ ଦିଗରେ ସାହାଯ୍ୟ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ, ବିଭିନ୍ନ ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ପାଇ ପାରିବେ। ପରୋକ୍ଷ ଶତ୍ରୁତା କାରଣରୁ ଆନୁଷ୍ଠାନିକ କାମରେ କେତେକ ସମସ୍ୟା ସୃଷ୍ଟି ହୋଇପାରେ । କୌଣସି ମୂଲ୍ୟବାନ ଜିନିଷ ଖରିଦ କରିବା ସକାଶେ ଇଚ୍ଛା କରିପାରନ୍ତି।

ମିଥୁନ

ଆଜିର କର୍ମକ୍ଷେତ୍ର କିମ୍ବା ପ୍ରଶାସନିକ ସ୍ତରରେ ଆପଣ ଯେଉଁ ନିଷ୍ପତ୍ତି ନେବେ ତାହା ଶେଷ ସମୟରେ ଓଲଟ ପାଲଟ ହୋଇଯିବାର ଆଶଙ୍କା ରହିଛି। ପ୍ରତିଶ୍ରୁତି ଦେଇଥିବା ମିତ୍ରମାନେ ମଧ୍ୟ ନିଜର ମତ ହଠାତ୍ ବଦଳାଇ ଅସହଯୋଗ କରିବେ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ, କିନ୍ତୁ ଏଥିପାଇଁ ବହୁତ ତକଲିଫି ଭୋଗ କରିବାକୁ ପଡିବ।

କର୍କଟ

ନିଜ ନିଜର କାମ ହାସଲ କ୍ଷେତ୍ରରେ ଆତ୍ମୀୟମାନେ କେତେକ ସମସ୍ୟା ଆଣିପାରନ୍ତି। ପାରିବାରିକ ଜୀବନରେ ସ୍ଥିରତା ଅବ୍ୟାହତ ରହିବ ଅବଶ୍ୟ ସବୁ କଥାରେ ନରମି ରହିପାରିଲେ ହିଁ ସୁଫଳ ପାଇବେ। ସାଧାରଣ କଥାକୁ କେନ୍ଦ୍ରକରି ପଡୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ସଭାସମିତି କ୍ଷେତ୍ରରେ ସଫଳତା ହାସଲ କରିପାରିବେ ।

ସିଂହ

ଆଜିର ବିବାଦୀୟ ପରିସ୍ଥିତି ଟିକିଏ ଜଟିଳ ଆଡ଼କୁ ଗତି କରିପାରେ। ବନ୍ଧୁଙ୍କ ମାଧ୍ୟମରେ ଅର୍ଥଲାଭର ଯୋଗ ରହିଛି , ଯାହାକି ଆପଣଙ୍କର ବହୁତ ପୂର୍ବରୁ ହିଁ ପାଇବାର ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିବେ। ପିଲାମାନଙ୍କ କାର୍ଯ୍ୟକଳାପ ନାପସନ୍ଦ କରିପାରନ୍ତି।

କନ୍ୟା

ପରିବାରରେ ନିଜ ନିଜ ମଧ୍ୟରେ ଭୁଲ୍ ବୁଝାମଣା ଯୋଗୁ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ତରବରିଆ ଯାତ୍ରା ସମୟରେ ଯାନ ବାହନରେ ସତର୍କ ରହିବା ଭଲ, ନତୁବା ସମସ୍ୟା ଉପୁଜିପାରେ। ଦୀର୍ଘଦିନ ହେଲା ସହକର୍ମୀଙ୍କ ସହ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। କେତେକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସୁଧାରି ନେବେ।

ତୁଳା

ଭଲ ସମ୍ପର୍କ ନ ଥିବା ବନ୍ଧୁମାନଙ୍କ ଦ୍ୱାରା କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ବନ୍ଧୁଙ୍କ ସହ ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେବାକୁ ପଡ଼ିବ। ହଠାତ୍ ବନ୍ଧୁଙ୍କ ଅନୁରୋଧ କ୍ରମେ ଦେବାର୍ଚ୍ଚନା ପାଇଁ ଦୂର ସ୍ଥାନକୁ ଯାତ୍ରା କରିବା ଲାଗି ମନ ବଳାଇବେ। ଉଚ୍ଚ ଅଧିକାରୀଙ୍କ ଚାପ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ।

ବିଛା

ପ୍ରତ୍ୟେକ ପରିସ୍ଥିତି ସୁଧୁରି ଯିବ, ଯାହାର ଝଲକ ଆଜି ହିଁ ଆପଣ ପାଇଯିବେ। ଗତକାଲିଠାରୁ ଯେଉଁ କାମରେ ହାତ ଦେଇଛନ୍ତି ସେଥିରେ ନିଶ୍ଚିତ କୃତକାର୍ଯ୍ୟ ହେବେ। ଲେଖାପଢ଼ାରୁ , ସାମ୍ବାଦିକତାରେ

'ଧରିତ୍ରୀ ପୂଜା କୁଇଜ୍ ୨୦୧୮'ର ବିଜେତା ଘୋଷଣା

ଭୁବନେଶ୍ୱର,୨୫।୧୨

'ଧରିତ୍ରୀ ପୂଜା କୁଇଜ୍ ୨୦୧୮'ର ବିଜେତା ଚୟନ ପାଇଁ ଧରିତ୍ରୀର ରସୁଲଗଡ଼ସ୍ଥିତ କାର୍ଯ୍ୟାଳୟଠାରେ ସୋମବାର(୨୪.୧୨.୧୮) ଏକ ଲକି ଡ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧରିତ୍ରୀର ଡାଇରେକ୍ଟର ମାର୍କେଟିଂ ହିମାଂଶୁ ହୋତା ତଥା ଧରିତ୍ରୀ କର୍ମଚାରୀଙ୍କ ସହ ଟିଭିଏସ୍ ମୋଟର କମ୍ପାନୀର ଓଡ଼ିଶା ମୁଖ୍ୟ ଡି. ବାପି ରାଜୁ ଓ କମ୍ପାନୀର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ, 'ଧରିତ୍ରୀ ପୂଜା କୁଇଜ୍ ୨୦୧୮' ୧୩ ଅକ୍ଟୋବରଠାରୁ ୭ ନଭେମ୍ବର ଯାଏ ନିୟମିତ ପ୍ରକାଶ ପାଇଥିଲା। ଭାଗ୍ୟଶାଳୀ ବିଜେତା ଏବଂ କୁଇଜ୍‌ରେ ଭାଗ ନେଇଥିବା ସମସ୍ତ ପାଠିକା, ପାଠକମାନଙ୍କୁ ଧରିତ୍ରୀ ପରିବାର ପକ୍ଷରୁ ଶୁଭେଚ୍ଛା ଏବଂ ଅଶେଷ ଧନ୍ୟବାଦ।

'ନବୀନଙ୍କ ବିରୋଧରେ ଲଢ଼ିବା ପାଇଁ କଲିଜା ଦରକାର'

କଟକ ଅଫିସ, ୨୫।୧୨

ଏକ ଜାତୀୟ ବୈଦ୍ୟୁତିକ ଗଣମାଧ୍ୟମ ପକ୍ଷରୁ ଓଡ଼ିଶାର ରାଜନୈତିକ ଚିତ୍ର ଉପରେ ଏକ ତଥ୍ୟ ଉପସ୍ଥାପନ କରାଯାଇଥିଲା। ଯେଉଁଥିରେ ୨୦୧୯ ନିର୍ବାଚନରେ ଓଡ଼ିଶାରେ ମୋଦି ମ୍ୟାଜିକ କାମ କରିବ ଓ ଭାଜପାକୁ ବିପୁଳ ସଫଳତା ମିଳିବ ବୋଲି ଆକଳନ କରାଯାଇଥିଲା। କିନ୍ତୁ ଉକ୍ତ ଗଣମାଧ୍ୟମର ଟୁଇଟ୍ ଉପରେ ବିଜେଡିର ବହିଷ୍କୃତ ନେତା ତଥା ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ରିଟୁଇଟ୍ କରି ଲେଖିଛନ୍ତି ଯେ, ଏଥିରେ ଔଦ୍ଧତ୍ୟ ଥିବା ଜଣାପଡୁଛି। ଯଦିଓ ଏଥିରେ କିଛି ସମ୍ଭାବନା ଅଛି କିନ୍ତୁ ଅଟୋପାଇଲଟ୍ ମୋଡ୍‌ରେ ଏହା କେବେ ସମ୍ଭବ ନୁହେଁ। ରାଜ୍ୟରେ ପଦଧାରୀ (ମୁଖ୍ୟମନ୍ତ୍ରୀ)ଙ୍କ ବିରୋଧରେ ଲଢେଇ ପାଇଁ ଚ୍ୟାଲେଞ୍ଜର(ବିରୋଧୀ)ଙ୍କ କଲିଜା ଥିବା ଦରକାର। ମାତ୍ର ରାଜ୍ୟରେ ବଢ଼ି ଚାଲିଥିବା ଦୁର୍ନୀତି ଓ ଅପରାଧ ବିରୋଧରେ କହିଦେଲେ ସଫଳତା ମିଳିବ ନାହିଁ। ଏଥିପାଇଁ ସଜା ମନ ନେଇ କାମ କରିବାକୁ ପଡ଼ିବ ବୋଲି ବୈଜୟନ୍ତ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି।

ଏ ସମ୍ପର୍କରେ ବିରୋଧୀ ଦଳ ନେତା ତଥା ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର କୁହନ୍ତି, ରାଜସ୍ଥାନ, ଛତିଶଗଡ଼ ଓ ମଧ୍ୟପ୍ରଦେଶରେ ଭାଜପାର ବିପର୍ଯ୍ୟୟ ପରେ ଭାଜପାର ନେତୃବୃନ୍ଦଙ୍କ ମାନସିକ ସ୍ତରରେ ଆଘାତ ପହଞ୍ଚିଛି। ସେମାନେ ହତୋତ୍ସାହିତ ହୋଇପଡ଼ିଛନ୍ତି। ଏପରିକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଚେହେରାରେ ସେଭଳି ଚମକ ଆଉ ଦେଖିବାକୁ ମିଳୁନାହିଁ। ମୋତେ ଲାଗୁଛି ଏସବୁର ପ୍ରଭାବରେ ବୈଜୟନ୍ତ ପ୍ରଭାବିତ ହୋଇଛନ୍ତି। ଭାଜପାର ବରିଷ୍ଠ ନେତା ସୁରେଶ ପୂଜାରୀ କୁହନ୍ତି, କେଉଁ ପୃଷ୍ଠଭୂମି ଉପରେ ବୈଜୟନ୍ତ ବାବୁ ଏଭଳି ମତ ଦେଇଛନ୍ତି ସେ କଥା ମୁଁ ଜାଣିନି। ତେବେ ତାଙ୍କ ମତ ଉପରେ ଭାଜପାର ପ୍ରତିକ୍ରିୟାର କୌଣସି ଆବଶ୍ୟକତା ନାହିଁ। ସାମାଜିକ ଗଣମାଧ୍ୟମରେ ସମସ୍ତେ ନିଜର ବ୍ୟକ୍ତିଗତ ମତ ଦେଇଥାନ୍ତି। ତାକୁ ନେଇ ରାଜନୀତି କରିବା ଅନୁଚିତ। ବିଜେଡି ମୁଖପାତ୍ର ସୁଲୋଚନା ଦାସ କହିଛନ୍ତି, ବୈଜୟନ୍ତ ବାବୁ ଦୀର୍ଘଦିନ ବିଜେଡିରେ ଥିଲେ। ତେଣୁ ସେ ଭଲ ଭାବରେ ଓଡ଼ିଶା ରାଜନୀତିକୁ ଜାଣିଛନ୍ତି। ସେ ସ୍ଥିର ନିଶ୍ଚିତ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକଳ୍ପ ଅଦ୍ୟାବଧି ଓଡ଼ିଶା ରାଜନୀତିରେ ସୃଷ୍ଟି ହୋଇନାହାନ୍ତି। ତେଣୁ ବୈଜୟନ୍ତବାବୁ ବାସ୍ତବତାକୁ ଉପଲବ୍ଧି କରି ଏଭଳି ମତ ଦେଇଛନ୍ତି।

ସୂଚନାଥାଉ କି, ସୋମବାର ଖୋର୍ଦ୍ଧାରେ ଅନୁଷ୍ଠିତ ଭାଜପାର ସ୍ୱାଭିମାନ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କିମ୍ବା ବିଜେଡିର ନାଁ ଧରି ନ ଥିଲେ। ପ୍ରଧାନମନ୍ତ୍ରୀଙ୍କ ଏଭଳି ଆଭିମୁଖ୍ୟକୁ ନେଇ ସୋମବାରଠାରୁ ରାଜ୍ୟରେ ରାଜନୈତିକ ତର୍କବିତର୍କ ଜାରି ରହିଛି। କାରଣ ଗତ ୩ ମାସ ତଳେ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିଥିବା ସମୟରେ ସିଧା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜେଡିକୁ କଟୁ ସମାଲୋଚନା କରିଥିଲେ।

ଜିଲା ବିଭାଜନ ଏକ ଗୁଜବ: କେନ୍ଦ୍ରାଞ୍ଚଳ ଆରଡିସି

ପୁରୀ ଅଫିସ,୨୫।୧୨

ଜିଲା ବିଭାଜନ ନେଇ ଯେଉଁ ଖବର ଶୁଣିବାକୁ ମିଳୁଛି ତାହା ଏକ ଗୁଜବ। ଏଥିରେ କୌଣସି ସତ୍ୟତା ନାହିଁ। ଏହା ସମ୍ପୂର୍ଣ୍ଣ ବିଭ୍ରାନ୍ତିକର ବୋଲି କହିଛନ୍ତି କେନ୍ଦ୍ରାଞ୍ଚଳ ଆରଡିସି ମହେନ୍ଦ୍ର କୁମାର ମଲ୍ଲିକ। ମଙ୍ଗଳବାର ସ୍ଥାନୀୟ ସର୍କିଟ ହାଉସ୍ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆରଡିସି କହିଥିଲେ, ଜିଲା ବିଭାଜନ ନେଇ ସରକାରୀ ସ୍ତରରେ କୌଣସି ନିଷ୍ପତ୍ତି ହୋଇନାହିଁ। ଏହି ଗୁଜବକୁ ନେଇ ଜନସାଧାରଣଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ଆଲୋଚନା ପର୍ଯ୍ୟାଲୋଚନା କରାଯାଉଛି। ଏପରି କି ବନ୍ଦ ପାଳନ ଲାଗି ପ୍ରସ୍ତୁତି ଚଳାଇଥିବା ମଧ୍ୟ ଶୁଣିବାକୁ ମିଳୁଛି। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଅଧୀନ କୌଣସି ଜିଲା ବିଭାଜନ ହେବା ନେଇ ମୁଁ ପ୍ରସ୍ତାବ ଦେଇନାହିଁ କିମ୍ବା ସରକାରୀ ସ୍ତରରେ ଏମିତି ପ୍ରସ୍ତାବ ନାହିଁ, ଯେଉଁମାନେ ବିଭ୍ରାନ୍ତିକର ତଥ୍ୟ ଦେଉଛନ୍ତି ସେମାନେ ସଚେତନ ହେବା ଦରକାର ବୋଲି ଆରଡିସି କହିଛନ୍ତି।

ରାଜ୍ୟବ୍ୟାପୀ କଳା ଦିବସ ପାଳିବ କଂଗ୍ରେସ

ଭୁବନେଶ୍ୱର, ୨୫।୧୨(ଷ୍ଟୁରୋ)

ବିଜେଡିର ୨୧ତମ ପ୍ରତିଷ୍ଠା ଦିବସ ବୁଧବାର ରାଜ୍ୟବ୍ୟାପୀ ଦଳ ପକ୍ଷରୁ ପାଳନ କରିବାକୁ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ନିର୍ବାଚନକୁ କମ୍ ସମୟ ରହିଯାଇଥିବା କାରଣରୁ ପ୍ରତିଷ୍ଠା ଦିବସକୁ ଭଲଭାବେ ରାଜ୍ୟବ୍ୟାପୀ ପାଳନ କରାଯିବ ବୋଲି ଜଣାପଡ଼ିଛି। ବିଜେଡି ପ୍ରତିଷ୍ଠା ଦିବସକୁ କାଉଣ୍ଟର କରିବା ପାଇଁ କଂଗ୍ରେସ ପକ୍ଷରୁ ରାଜ୍ୟବ୍ୟାପୀ କଳା ଦିବସ ପାଳନ କରିବା ଲାଗି ନିଷ୍ପତ୍ତି ହୋଇଛି। ରାଜ୍ୟ ସରକାରଙ୍କ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଏବଂ ପୀଠା ଯୋଜନାରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ ଆଣି କଂଗ୍ରେସ ପ୍ରତି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ କଳା ଦିବସ ପାଳିବାକୁ ଘୋଷଣା କରିଛି। କଂଗ୍ରେସ ବରିଷ୍ଠ ନେତା ଗଣେଶ୍ୱର ବେହେରା କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ପଞ୍ଚାୟତ ସଂସ୍ଥାର କ୍ଷମତାକୁ ଅପହରଣ କରାଯାଇ ଦଳୀୟ ଭିତ୍ତିରେ ଚାଲିଛି। ପଞ୍ଚାୟତ ପ୍ରତିନିଧିମାନଙ୍କ ଭତ୍ତା ବୃଦ୍ଧି କରିବା, ରାଜ୍ୟର ସବୁ ମଣ୍ଡି ତୁରନ୍ତ ଖୋଲିବା, ଚାଷୀଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ଟଙ୍କା ପ୍ରଦାନ, କୃଷିଋଣ ଛାଡ଼ ଆଦି ଦାବି ନେଇ ଏହି କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କ ବିରୋଧରେ କରାଯିବ ବୋଲି ଗଣେଶ୍ୱର କହିଛନ୍ତି।

ଚିକିତ୍ସାରେ ଅବହେଳା ଅଭିଯୋଗ, ଉତ୍ତେଜନା

ବାଲେଶ୍ୱର ଅଫିସ, ୨୫।୧୨

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଦୁର୍ଘଟଣାରେ ଗୁରୁତର ଆହତ ଅବସ୍ଥାରେ ଭର୍ତ୍ତି ହୋଇଥିବା ଜଣେ ଯୁବକଙ୍କୁ ଚିକିତ୍ସାରେ ଅବହେଳା କରାଯାଇଥିବା ଅଭିଯୋଗ ହୋଇଛି। ଡାକ୍ତର ଚିକିତ୍ସାରେ କିଛି ସମୟ ବିଳମ୍ବ କରିବାରୁ ପରିବାର ଓ ଗ୍ରାମବାସୀ ପାଟିତୁଣ୍ଡ କରିଥିଲେ। ଫଳରେ ଚିକିତ୍ସାଳୟ ପରିସରରେ ଏକପ୍ରକାର ଉତ୍ତେଜନା ବାତାବରଣ ସୃଷ୍ଟି ହୋଇଥିଲା। ଡାକ୍ତରଖାନା ଫାଣ୍ଡି ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା। ମଙ୍ଗଳବାର ମଧ୍ୟାହ୍ନ ସମୟରେ ରେମୁଣା ଥାନା କଅଁରାଳି ଗ୍ରାମର ଶ୍ରୀନାଥ ଦୀପକ ଗିରି (୨୨) ଚାଷ ଜମିରେ ପାୱାରଟିଲରରେ ହଳ କରି ଫେରୁଥିବା ବେଳେ ଏକ ଉଚ୍ଚ ସ୍ଥାନରେ ପାୱାର ଟିଲର ଓଲଟି ପଡିଥିଲା। ଫଳରେ ଦୀପକ ଘଟଣାସ୍ଥଳରେ କ୍ଷତବିକ୍ଷତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଚିକିତ୍ସାର ବିଳମ୍ବ ହେବାରୁ ଉତ୍ତେଜନା ହୋଇଥିଲା। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

■ ବଂଶଧାରା ଜଳ ବିବାଦ

ସାରା, ବାଡ଼ିଗାଁ ଅଞ୍ଚଳ ଅନୁଧ୍ୟାନ କଲା ଟ୍ରିବ୍ୟୁନାଲ କମିଟି

ପାରଳାଖେମୁଣ୍ଡି/କାଶୀନଗର, ୨୫।୧୨(ସ୍ୱ.ପ୍ର./ଡି.ଏନ.ଏ.)

ଓଡ଼ିଶା ଓ ଆନ୍ଧ୍ର ମଧ୍ୟରେ ଦୀର୍ଘବର୍ଷ ଧରି ଲାଗିରହିଥିବା ବଂଶଧାରା ଜଳ ବିବାଦର ସମାଧାନ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ଟ୍ରିବ୍ୟୁନାଲ କମିଟିର ଏକ ୩ଜଣିଆ ଟିମ୍ ମଙ୍ଗଳବାର ଗଜପତି ଜିଲା କାଶୀନଗର ବ୍ଲକର ସାରା, ବାଡ଼ିଗାଁ ଅଞ୍ଚଳ ପରିଦର୍ଶନ କରିଛନ୍ତି। ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି

ଅଞ୍ଚଳବାସୀଙ୍କ ଚେତାବନୀ: ଇଞ୍ଚେ ଜାଗା ବି ଛାଡ଼ିବୁନି

ମୁକୁନ୍ଦକମ୍ ଶର୍ମାଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍‌ରେ ଅବସରପ୍ରାପ୍ତ ବିଚାରପତି ବି.ଏନ୍.ଚତୁର୍ବେଦୀ ଓ ପ୍ରତିଭାରାଣୀ ରହିଛନ୍ତି। ସେମାନଙ୍କ ସହ ଓଡ଼ିଶା ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ଅକ୍ଷୟ ବାନାର୍ଜୀ, ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଅରୁଣ ପାଢୀ, ରାଜ୍ୟ ସରକାରଙ୍କ ୩ଜଣ ଆଇନଜୀବୀ ଏବଂ ଗଜପତି ଜିଲାପାଳ ଅନୁପମ ଶାହା ଉପସ୍ଥିତ ଥିଲେ। ସେହିପରି ଆନ୍ଧ୍ର ସରକାରଙ୍କ ପକ୍ଷରୁ ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ, ଶ୍ରୀକାକୁଲମ୍ ଜିଲା ପ୍ରଶାସନିକ ଅଧିକାରୀ ଓ ୨ଜଣ ଓକିଲ ଉପସ୍ଥିତ ଥିଲେ।

ଉଭୟ ରାଜ୍ୟର ଅଧିକାରୀମାନଙ୍କ ସହ ଟ୍ରିବ୍ୟୁନାଲ କମିଟି ଟିମ୍ ଆଲୋଚନା କରୁଛନ୍ତି।

ପୂର୍ବାହ୍ନ ୧୦ଟାରେ ପାରଳାଖେମୁଣ୍ଡି ସର୍କିଟ ହାଉସରୁ ଟ୍ରିବ୍ୟୁନାଲ କମିଟିର ଟିମ୍ ବାହାରି ସାରା ଓ ବାଡ଼ିଗାଁ ଗସ୍ତରେ ଯାଇଥିଲେ। ଆନ୍ଧ୍ର ସରକାରଙ୍କ ଦ୍ୱାରା ନେରେଡିଠାରେ ବଂଶଧାରା ନଦୀରେ ନିର୍ମାଣାଧୀନ ପ୍ରକଳ୍ପ ଯୋଗୁ କିପରି କାଶୀନଗର ଅଞ୍ଚଳ ପ୍ରଭାବିତ ହେବ ତାହା ଅନୁଧ୍ୟାନ କରିଥିଲେ। ସେମାନଙ୍କୁ ଉଭୟ ରାଜ୍ୟର ପ୍ରତିନିଧିମାନେ ପରିସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ସୋମବାର ଏହି ଟିମ୍ ଆନ୍ଧ୍ରପ୍ରଦେଶର ହୀରମଣ୍ଡଳମ୍, ଗୋଟ୍ଟା, ନେରେଡି ଓ କାଟ୍ରାଗୁଡା ପ୍ରକଳ୍ପ ବୁଲି ଦେଖିଥିଲେ। ଓଡ଼ିଶା ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ ବାନାର୍ଜୀ କହିଛନ୍ତି ଯେ, ରାଜ୍ୟବାସୀଙ୍କ ସ୍ୱାର୍ଥ ନିମନ୍ତେ ସରକାର ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି ଓ ନ୍ୟାୟ ମିଳିବା ନେଇ ଦୃଢ ଆଶା ଅଛି। ସେହିପରି ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ପାଢୀ କହିଛନ୍ତି, ଟ୍ରିବ୍ୟୁନାଲ ଦଳ ଦୁଇଦିନ ଧରି ସମସ୍ତ ଅଞ୍ଚଳ ଅନୁଧ୍ୟାନ କରିଛନ୍ତି।

ଆସନ୍ତା ଜାନୁୟାରୀ ୨୨ତାରିଖରେ ପୁରୀରେ ହେବାକୁ ଥିବା ବୈଠକରେ ଉଭୟ ରାଜ୍ୟର ପ୍ରତିନିଧିଙ୍କ ଉପସ୍ଥିତିରେ ଆଲୋଚନା ହେବ। ଅନ୍ୟପକ୍ଷେ ସ୍ଥାନୀୟ ଖାଣ୍ଡବା ପଞ୍ଚାୟତର ସରପଞ୍ଚ ଜଗନ୍ନାଥ ଦୋରାଙ୍କ ସମେତ ଅଞ୍ଚଳବାସୀ କହିଛନ୍ତି ଯେ, ଟ୍ରିବ୍ୟୁନାଲର ନିଷ୍ପତ୍ତି ଯାହା ହେଉ ପଛେ, ଆମେ କିନ୍ତୁ ଏକ ଇଞ୍ଚ ଜାଗା ବିଛାଡିବୁ ନାହିଁ। ଆବଶ୍ୟକ ପଡ଼ିଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବୁ।

ସୂଚନାଯୋଗ୍ୟ, ୨୦୧୩ ଏପ୍ରିଲ ୨୩ରେ ଟ୍ରିବ୍ୟୁନାଲ ତରଫରୁ ଏକ ପ୍ରତିନିଧି ଦଳ ଆନ୍ଧ୍ରର ନେରେଡି ଓ କାଟ୍ରାଗୁଡା ଅଞ୍ଚଳ ପରିଦର୍ଶନ କରିଥିଲେ। ପରେ ୨୦୧୭ ସେପ୍ଟେମ୍ବର ୧୩ରେ ରାୟ ପ୍ରକାଶ କରିଥିଲେ। ଏଥିରେ ଆନ୍ଧ୍ରର ପ୍ରକଳ୍ପ କାର୍ଯ୍ୟକୁ ଅନୁମତି ମିଳିଥିଲା। ଫଳରେ ଓଡ଼ିଶା ସରକାର ଏହାର ପ୍ରତିବାଦ ଜଣାଇ ସ୍ୱୀକରଣ ଲୋଡ଼ିଥିଲେ। ଗତ ୫ତାରିଖରେ ଓଡିଶାର ସ୍ୱୀକରଣ ଉପରେ ଶୁଣାଣି ଚାଲିଥିବାବେଳେ ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଶର୍ମା ଓ ଜୁଇ ବିଚାରପତି ଉଭୟ ରାଜ୍ୟର ସ୍ଥିତି ଅନୁଧ୍ୟାନ ପାଇଁ ନିଷ୍ପତ୍ତି ନେଇଥିଲେ।

THE KOSALA SCHOOL, Estd-1979
English Medium Residential School, At-Nuakhairpali, Po-Larasara, Via- Attabira, Dist-Bargarh, Pin-768027
Mob- 8249962606 / 8249564622 / 7682032632
KOSALA ENTRANCE TEST 2019-20
- Admissions open for classes LKG to Std- IX for the Academic Session 2019-20.
- Limited seats are available for Boarders and Dayscholars.
- Interested candidates are to appear entrance test in English, Mathematics and General Awareness on the 10th February / 17th February 2019.
- Candidates qualified in entrance test will get admission.
- Enquiry time over phone - 10.00 AM to 2.00 PM
- Entrance test timings - 10.30 AM to 12.30 PM
- Selling of Admission Forms will start from 1st February 2019.
Sd/- (Principal)

ଧରିତ୍ରୀ PUJA QUIZ - 2018 - RESULTS

MEGA WINNERS

1	Baburam Patra	Khadipal, Kendrapara, Mob.: 9090091720
2	Nazia Soombul	Meena Bazar, Dhenkanal, Mob.:9439625610
3	Arun Kumar Bagh	Kotpad, Koraput, Mob.: 7751062060

CONSOLATION WINNERS

1	Chinmayee Rout	Nuasahi, Puri, Mob.:8093028999
2	Jigyansha Priyadarsini Sendh	Kotasahi, Cuttack, Mob.: 7750036598
3	Nikhil Routray	Gop, Puri, Mob.: 9861048788
4	Preeti Tripathy	Daspur, Bhubaneswar, Mob.:9337202383
5	Satish Kumar Pradhan	Unit-9, Bhubaneswar, Mob.: 7873907421

DAILY WINNERS

QUIZ NO. 1		
1	Shakti Ranjan Satapathy	Chatrapur, Ganjam, Mob.:7438830772
2	Ganeswar Beura	178, Saheed Nagar, 9078025299
3	Gauranga Chandra Behera	Soubhagya Nagar, BBSR, Mob.:9830147888
QUIZ NO. 2		
1	Kalu Charan Mahankuda	Purushottampur, Ganjam, Mob.: 848087443
2	Ratikanta Swain	Gop, Puri, Mob.: 9777796946
3	Santanu Behera	Naranpur, Keonjhar, 9853336575
QUIZ NO. 3		
1	Deba Prakash Sarangi	Samantarapur, BBSR, Mob.:9178866523
2	Ramesh Boitai	Jajpur, Mob.:7978246446
3	Rishikesh Mohanty	Charampa, Bhadrak, Mob.: 8270325151
QUIZ NO. 4		
1	Ashutosh Jena	Bhaincho, Jagatsinghpur, Mob.: 9437121115
2	Arun Kumar Nayak	Charampa, Bhadrak, Mob.:7873097577
3	Anuradha panigrahi	Indra Nagar, Rayagada, Mob.: 9437434706
QUIZ NO. 5		
1	Diptiketan Panda	Kudiary, Jatni, Mob.: 9583159968
2	Sursh Kumar Mahapatra	Khandagiri, Bhubaneswar, Mob.: 9937660604
3	Jitendra Kumar Pattanayak	Kantilo, Nayagarh, Mob.: 9853465922
QUIZ NO. 6		
1	Santanu Behera	Naranpur, Keonjhar, Mob.: 9853336575
2	Giridhari Bagarti	Badabazar, Sambalpur, Mob.: 9668184353
3	Ramesh Ch. Panda	Indira Nagar, Brahmapur, Mob.: 9437722072
QUIZ NO. 7		
1	Banshidhara Nayak	Birat Bazar, Cuttack, Mob.: 7894215317
2	Rajesh Kumar Dash	Ghasipura, Keonjhar, Mob.: 9437749904
3	Trilochan Mohapatra	Bateswar, Balasore, Mob.: 9178714949
QUIZ NO. 8		
1	Radharani Mandal	Ramachandrapur, Cuttack, Mob.: 8917459212
2	Iswara Chandra Panda	Markandapada, Puri, Mob.: 9556182291
3	Arnab Kumar Panda	Samantarapur, Bhubaneswar, Mob.: 7205618090
QUIZ NO. 9		
1	SK Akid	Saheed Nagar, Bhubaneswar, Mob.:9040060092
2	Prasanta Kumar Kar	Gopalpur, Puri, Mob.: 9668156715
3	Gauranga Chandra Behera	Soubhagya Nagar, BBSR, Mob.: 9830147888
QUIZ NO. 10		
1	Kajal Sahoo	Patrapada, Bhubaneswar, Mob.: 9337246326
2	Hrusikesh Mohanta	Salabani, Mayurbhanj, Mob.: 9178690505
3	H B Mohapatra	Buxi Bazar, Cuttack, Mob.: 9437591475
QUIZ NO. 11		
1	Debendra Kumar Kar	Bomikhal, Bhubaneswar, Mob.: 7200355612
2	Debasis Tripathy	Bharatpur, Mob.: 9938905854
3	Rashmi Rekha Nayak	Balichandrapur, Jajpur, Mob.: 7008448624
QUIZ NO. 12		
1	Subnum Begum	Satya Nagar, Bhubaneswar, Mob.: 9583611571
2	Susant Behera	Kahaliagadia, Keonjhar, Mob.: 9937343391
3	Dasarathi Nayak	Niladri Vihar, Bhubaneswar, Mob.: 9777678902
QUIZ NO. 13		
1	Taranisen Bhoi	Jampali, Bargarh, Mob.: 9178057476
2	Soumitri Mishra	Sundargram, Cuttack, Mob.: 7978456872
3	Arupananda Biswal	Unit-9, Bhubaneswar, Mob.: 9861899639
QUIZ NO. 14		
1	Girija Sankar Panigrahi	Baramunda, Bhubaneswar, Mob.: 9861045268
2	Aayush Priyansu	Maitree Vihar, BBSR, Mob.: 9437260711
3	Supriya Roul	Lunahar, Cuttack, Mob.: 9338288233
QUIZ NO. 15		
1	Manas Ranjan Padhee	G.M. College Road, Sambalpur, Mob.: 7873045328
2	S R Behera	Unit-9, BBSR, 9437555340
3	Susmita Das	Bhubaneswar, Mob.: 7008167327
QUIZ NO. 16		
1	Soumitri Mishra	Sundargram, Cuttack, Mob.: 7978456872
2	Ajay Kumar Agrawalla	Main Road, Khurdha, Mob.: 9090567899
3	Rajanikanta Behera	Adarshpada, Balanga, Mob.: 9938144464
QUIZ NO. 17		
1	Sunik Kumar Bagarti	Kali Mandir Road, Jharsuguda, Mob.: 9776183711
2	Ramesh Boitai	Collectorate, Jajpur, Mob.: 7978246446
3	Debasis Acharya	BJB Nagar, Bhubaneswar, Mob.: 7990945008
QUIZ NO. 18		
1	Swayam Prakash Panda	Sahaspur, Balasore, Mob.: 9778932409
2	Puja Dash	Tigiria, Cuttack, Mob.: 9937201298
3	Arpita Mishra	Gandarpur, Cuttack, Mob.: 6370063561
QUIZ NO. 19		
1	Subesh Barik	Arunodaya, Cuttack, Mob.: 9437062819
2	Amaresh Chandra Sahoo	Khalisahi, Nayagarh, Mob.: 9937963960
3	Dhananjay Jena	Prachivihar, BBSR, Mob.: 9853324640
QUIZ NO. 20		
1	Ashish Pattnayak	Anandapur, Keonjhar, Mob.: 9853869904
2	Urjeswar Maharana	Sisupalagarh, BBSR, Mob.: 9776451764
3	Bhagyashree Roula	Charmpa, Bhadrak, Mob.: 7381594971
QUIZ NO. 21		
1	Jyoti Prakash Moharana	Nayapali, Bhubaneswar, Mob.: 9437454475
2	Guru Nigam Das	Nayapali, BBSR, Mob.:7438809495
3	M Siba Prasad Rao	Satya Nagar, Puri, Mob.: 9437280993
QUIZ NO. 22		
1	Simpul Sambit Behera	Daradapatna, Jagatsinghpur, Mob.: 8895211288
2	Khitish Kumar Khuntia	Tarota, Cuttack, Mob.: 7751940892
3	Devkalpa Sarangi	Samantarapur, BBSR, Mob.: 9853918849
QUIZ NO. 23		
1	Dipali Barik	Nuapada, Kendrapada, Mob.: 9437491211
2	Raghunath Pani	Sahapur, Cuttack, Mob.: 9938785454
3	Dipti Ranjan Sandh	Nayapatna, Jajpur, Mob.: 9438581616
QUIZ NO. 24		
1	Nibedita Sahoo	Matha Sahi, Cuttack, Mob.: 8093569377
2	Satyajit Sai Parag	Bharatpur, BBSR, Mob.: 9348553163
3	Basanta Majhi	Balipatna, Bhubaneswar, Mob.: 9777623954
LUCKY FROM UNLUCKY		

ଧନ ନିମିତ୍ତ ଧନୀ ପାଖରେ ମସ୍ତକ ନତ କରିବ ନାହିଁ। ତାଙ୍କର ଆଡମ୍ବର, ପ୍ରତିପତ୍ତି ବା ପ୍ରଭାବରେ କେତେବେଳେ ବି ବଶୀଭୂତ ହେବ ନାହିଁ।
–ଶ୍ରୀଅରବିନ୍ଦ

ଚୋଟ ବାଜିଛି

ବିମୁଦ୍ରୀକରଣ ଏବଂ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଭଳି ଅର୍ଥନୈତିକ ସଂସ୍କାର ଭାରତୀୟ ଅର୍ଥନୀତିକୁ ବଳିଷ୍ଠ କରିଛି ବୋଲି କେନ୍ଦ୍ର ସରକାର ପ୍ରାୟ ଦୁଇ ବର୍ଷ ହେବ କହୁଛନ୍ତି । ନିକଟରେ ୫ ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳ ଗୈରିକ ଦଳକୁ କ୍ଷତି ପହଞ୍ଚାଇବା ପରେ ନେତାମାନଙ୍କ ମଧ୍ୟରେ ଥିବା ପୂର୍ବ ଦମ୍ଭ କମିଯାଇଛି। ଡିସେମ୍ବର ୨୨ରେ ଜିଏସ୍‌ଟି ପରିଷଦର ୩୧ତମ ବୈଠକରେ ୨୩ ସାମଗ୍ରୀ ଓ ସେବା ଉପରୁ ଟିକସ ହ୍ରାସ ନିଷ୍ପତ୍ତି ନିଆଯାଇଥିଲା। ଜିଏସ୍‌ଟିର ସର୍ବୋଚ୍ଚ ସ୍ଲାବ ୨୮ ପ୍ରତିଶତ। ଏଥିରୁ ୨୦୦ଟି ସାମଗ୍ରୀ ବାଦ୍ ପକାଇ ସ୍ଲାବ ହ୍ରାସ କରାଯିବ ବୋଲି କୁହାଯାଇଥିଲା। ଏବେ କିନ୍ତୁ ସେହି ୨୦୦ ସାମଗ୍ରୀକୁ ହ୍ରାସ କରି ସଂଖ୍ୟାକୁ ୨୮ରେ ରଖାଗଲାଣି। ଏଥିରୁ ଦୁଇଟି କଥା ବୁଝାଯାଇପାରେ। ପ୍ରଥମଟି ହେଲା, ଜିଏସ୍‌ଟି ପ୍ରତିଶତ ହ୍ରାସ କରିଦେଲେ ଯେଉଁ ପରିମାଣର ଆଦାୟ କମିବ, ତାହା ହୁଏତ ସମ୍ଭାଳିବା କଷ୍ଟକର ହେବ। ଦ୍ୱିତୀୟ ସମ୍ଭାବ୍ୟ କଥା ହୋଇପାରେ ଯେ ଜିଏସ୍‌ଟି ପ୍ରତିଶତ ହ୍ରାସ କରିବା ପଛରେ ଯେଉଁ ରାଜନୈତିକ ଉଦ୍ଦେଶ୍ୟ ଥିଲା, ତାହା ନିକଟରେ ଶେଷ ହୋଇଥିବା ନିର୍ବାଚନରେ ଧୂଳିସାତ ହୋଇଯାଇଥିବାରୁ ଏପରି କରାଯାଇ ଜନସାଧାରଣଙ୍କ ଉପରେ କ୍ରୋଧ ଶୁଝିଯାଉଛି। ଏଭଳିସ୍ଥଳେ ଡିସେମ୍ବର ୨୪ରେ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ କହିଛନ୍ତି ଯେ, ଜିଏସ୍‌ଟିର ୧୨ ଓ ୧୮ ପ୍ରତିଶତ ମଧ୍ୟରେ ଆସୁଥିବା ସାମଗ୍ରୀ ଲାଗି ଏକ ମଝାମଝି ଟିକସ ହାର ସ୍ଥିର କରାଯିବା ଲାଗି ବିଚାର ଚାଲିଛି। ଜିଏସ୍‌ଟି ସ୍ଲାବ୍ ହ୍ରାସ ସକାଶେ ଭାଜପା ସରକାର ତରବରିଆ ନିଷ୍ପତ୍ତି ନେଉଥିବାରୁ ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଲାଣି।

ବିମୁଦ୍ରୀକରଣ ଓ ଜିଏସ୍‌ଟି ପ୍ରଚଳନ ପରେ ଭାରତୀୟ ଅର୍ଥନୀତିକୁ ଯେଉଁ ଆଘାତ ପହଞ୍ଚିଛି, ତାହା ଦୀର୍ଘବର୍ଷ ଧରି ଭରଣା କରିବା କଷ୍ଟକର। ଭାରତର ଜିଏସ୍‌ଟି କେବଳ ବିଶ୍ୱର ସବୁଠାରୁ ଜଟିଳତମ ଟିକସ ହାର ନୁହେଁ, ସର୍ବାଧିକ ସ୍ତରର ସ୍ଲାବ୍ ରହିଥିବା ଏକ ବ୍ୟବସ୍ଥା ବୋଲି ବିଶ୍ୱବ୍ୟାଙ୍କ ମତ ଦେଇଥିଲା। 'ଏକ ଦେଶ, ଏକ ଟିକସ' ସ୍ଲୋଗାନ ଦେଇ ଜିଏସ୍‌ଟିକୁ ଭାଜପା ସରକାର ସାର୍ବଜନୀନ କରିଥିଲେ। ଲୋକେ ଭାବିଥିଲେ ଏହାଦ୍ୱାରା ସେମାନେ ଉପକୃତ ହେବେ। ହେଲେ ୪ ପ୍ରକାର ସ୍ଲାବ ଏବଂ ସାମଗ୍ରୀ ଓ ସେବା ଉପରେ ଅବାଞ୍ଛିତ ହାରରେ ଏହା ଲାଗୁ ହେବା ଦ୍ୱାରା ଖାଉଟି ଦରବୃଦ୍ଧିର ସମ୍ମୁଖୀନ ହୋଇଥିବା ବେଳେ ବ୍ୟବସାୟୀଙ୍କ ପାଇଁ ଟିକସ ଦାଖଲ ପ୍ରକ୍ରିୟା ଅତ୍ୟନ୍ତ ଜଟିଳ ହୋଇପଡ଼ିଛି। ବାସ୍ତବ ସମସ୍ୟାର ସମ୍ମୁଖୀନ ହେବା ପରେ ଜନସାଧାରଣ ସେମାନଙ୍କ କ୍ରୋଧ ନିକଟରେ ଶେଷ ହୋଇଥିବା ନିର୍ବାଚନରେ ଦେଖାଇ ଦେଇଥିଲେ। ଲୋକଙ୍କ ଅସନ୍ତୋଷ ଭୋଟରେ ପ୍ରତିଫଳିତ ହେବା ଅନୁଭବ କରିବା ପରେ ଭାଜପା ନେତୃତ୍ୱ ନିଜର ଏକଜିଦିଆ ମନୋଭାବରେ ସମ୍ଭବତଃ ପରିବର୍ତ୍ତନ ଆଣିଛନ୍ତି। ବିରୋଧୀଙ୍କ ଦ୍ୱାରା ଗବର ସିଂ ଟିକସ ଭାବେ ନାମିତ ହୋଇଥିବା ଜିଏସ୍‌ଟିକୁ ପର୍ଯ୍ୟାୟକ୍ରମେ କମାଯିବ ବୋଲି ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀ କହିଚାଲିଲେଣି। ଯେତେବେଳେ ଏହି ବ୍ୟବସ୍ଥା ଲୋକଙ୍କ ପାଇଁ ଅମଙ୍ଗଳ ହେବ ବୋଲି ଏହାର ଜନ୍ମଲଗ୍ନରୁ କୁହାଯାଇଥିଲା, ସେତେବେଳେ ତାହାକୁ ଭାଜପା ନେତାମାନେ ଖାତିର କରି ନ ଥିଲେ। ବରଂ ଯୁକ୍ତି ବାଢ଼ିଥିଲେ ଯେ ଅର୍ଥନୀତିକୁ ସୁଦୃଢ଼ କରିବା ଲାଗି ଏଭଳି ସଂସ୍କାର ନିଆଯାଇଛି ଓ ପରେ ଏହା ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବ। ଦୁଃଖର ବିଷୟ ଯେ, ଭାରତର ପ୍ରଶାସନିକ ବ୍ୟବସ୍ଥା ସବୁବେଳେ ଜନସାଧାରଣଙ୍କୁ ହଇରାଣ କରି ଶିକ୍ଷା ଲାଭ କରିଥାଏ। ଏହି ଜିଏସ୍‌ଟି ଦ୍ୱାରା କେବଳ ଯେ ଲୋକ ହଇରାଣ ହେଉଛନ୍ତି ତାହା ନୁହେଁ, ଭାରତୀୟ ଅର୍ଥନୀତିକୁ ଦୀର୍ଘମିଆଦୀ ଚୋଟ ବାଜିଛି।

ଓମ୍‌ଫେଡ୍ ଢାଞ୍ଚାରେ ହେଉ ଭେଜ୍‌ଫେଡ୍

ନଟବର ଖୁଣ୍ଟିଆ

ଓଡ଼ିଶା ଗୋଟିଏ ଏପରି ରାଜ୍ୟ ଯେଉଁଠି ଦଶ ଦଶଟି କୃଷି ଜଳବାୟୁ ଅଞ୍ଚଳ ଅଛି। ବିଭିନ୍ନ ଅଞ୍ଚଳରେ ଚାଷକୁ ପ୍ରଭାବିତ କରୁଥିବା ଉତ୍ତାପ, ଆର୍ଦ୍ରତା, ମୃତ୍ତିକା, ବୃଷ୍ଟିପାତ ଆଦି ଭିନ୍ନ ଭିନ୍ନ। ଅର୍ଥାତ୍ ଓଡିଶାରେ ବିଭିନ୍ନ ସମୟରେ ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ଫସଲ ଉତ୍ପାଦନ ହୋଇପାରେ। ବର୍ଷସାରା କୌଣସି ନା କୌଣସି ଅଞ୍ଚଳରୁ କିଛି ନା କିଛି ପରିବା ବା ଫଳ ଆମେ ଉତ୍ପାଦନ କରିପାରିବା। ଆମର ଏପର ଅପୂର୍ବ ସୁଯୋଗ ଥିବାବେଳେ ଏବଂ ଆମର ଚାହିଦା ମେଣ୍ଟାଇବା ପାଇଁ ଯଥେଷ୍ଟ ଜମି ଥିଲାବେଳେ ଧାନ ବ୍ୟତୀତ ଅନ୍ୟାନ୍ୟ ଖାଦ୍ୟଶସ୍ୟ ଏବଂ ମୁଖ୍ୟତଃ ପରିବା ଓ ଫଳ ବାହାର ରାଜ୍ୟରୁ ଆମଦାନି କରି ଆମେ ଆମ ରାଜ୍ୟର ଖାଉଟିମାନଙ୍କ ଚାହିଦା ମେଣ୍ଟାଉଛୁ। ଆଳୁ, ପିଆଜଠାରୁ ଆରମ୍ଭ କରି ପୋଟଳ, ବନ୍ଧାକୋବି, ଫୁଲକୋବି, ଓଲକୋବି, ବାଇଗଣ, ବିନ୍, ଦେଶୀଆଳୁ, କନ୍ଦମୂଳ, ସାବୁ, ଓଲୁଅ ଆଦି ଅନେକ ପରିବା ବାହାର ରାଜ୍ୟରୁ ଆମଦାନି କରୁଛୁ। ସେହିପରି କଦଳୀ, ଆମ୍ବ, ପିଜୁଳି, କମଳା, ଲେମ୍ବୁ, ଅମୃତଭଣ୍ଡା, ବରକୋଳି, ସପୁରି ଆଦି ଆମଦାନି କରୁଛୁ, ଯଦିଓ ଏଠି ଏହିସବୁ ପରିବା ଓ ଫଳ ଚାଷ ହୋଇପାରିବ।

ଫଳ ଓ ପରିବା ଆମେ ଆମଦାନି କରୁଛୁ କାହିଁକି ? ପରିବା ଓ ଫଳ ଋତୁ ଅନୁଯାୟୀ ଅମଳ ହୁଏ। ଏ ସବୁକୁ ବେଶିଦିନ ସାଇତି ରଖାଯାଇ ପାରେନାହିଁ। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ବ୍ୟବହାର ନ କଲେ ପଚିଶଢି ଯାଏ। ଏହାର ସମାଧାନ ପାଇଁ ଯେତେଶୀଘ୍ର ସମ୍ଭବ ସ୍ଥାନୀୟ ବଜାରର ଚାହିଦା ଅନୁଯାୟୀ ସେତିକି ସ୍ଥାନୀୟ ବଜାରକୁ ଛାଡି ଅବଶିଷ୍ଟ ଅନ୍ୟ ବଜାରକୁ ପଠାଇ ଦିଆଯିବା ଦରକାର। ଅଧିକ ଦିନ ସାଇତି ରଖିବା ପାଇଁ ଆବଶ୍ୟକ ହୁଏ ଶୀତଳଭଣ୍ଡାର ଅବା ବିଜ୍ଞାନସମ୍ମତ ସାଇତା ଘର। ଏହା ବ୍ୟତୀତ ଏସବୁର ପ୍ରକ୍ରିୟାକରଣ, ପ୍ୟାକେଜିଂ କରି କୋଲ୍ଡ ଚେନ୍ ମାଧ୍ୟମରେ ଦୂରଦୂରାନ୍ତ ବଜାରକୁ ପଠାଯିବାର ବ୍ୟବସ୍ଥା ହେବା ଉଚିତ। ପ୍ୟାକେଜିଂ କରି ବିଦେଶକୁ ପ୍ରକ୍ରିୟାକୃତ ଫଳ ଓ ପରିବା ପଠାଯିବାର ବ୍ୟବସ୍ଥା ହେବା ଆବଶ୍ୟକ। ଏସବୁ କାର୍ଯ୍ୟ ସାଙ୍ଗଠନିକ ବ୍ୟବସ୍ଥା ମାଧ୍ୟମରେ ହେବା ଅପରିହାର୍ଯ୍ୟ। ସାଙ୍ଗଠନିକ ବ୍ୟବସ୍ଥା ହେଲେ ବର୍ଷସାରା ଫଳ, ପନିପରିବା ରାଜ୍ୟର ବିଭିନ୍ନ ଅଞ୍ଚଳରେ ଅମଳ ହେଲେ ବି ବିକ୍ରୟ ପାଇଁ ସମସ୍ୟା ରହିବ ନାହିଁ ଆଉ ଚାଷୀ ମଧ୍ୟ ଲାଭଜନକ ମୂଲ୍ୟ ସଙ୍ଗଠିତ କ୍ଷେତ୍ରରୁ ପାଇପାରିବେ। ବିଭିନ୍ନ ଅଞ୍ଚଳରେ ଚାଷୀ ଗୋଟିଏ ପରେ ଗୋଟିଏ ପରିବା ଓ ଫଳ ଉତ୍ପାଦନ କରି ଲାଭଜନକ ମୂଲ୍ୟରେ ବିକ୍ରୟ କରି ଆୟ ବୃଦ୍ଧି କରିପାରିବ। ଅନ୍ୟପକ୍ଷରେ ଖାଉଟମାନେ ବର୍ଷସାରା ନ୍ୟାଯ୍ୟ ମୂଲ୍ୟରେ ପନପରିବା, ଫଳ ଏବଂ ପ୍ରକ୍ରିୟାକୃତ ପରିବା, ଫଳ ଆଦି ପାଇପାରିବେ।

ଉପରୋକ୍ତ ବ୍ୟବସ୍ଥାକୁ ସଙ୍ଗଠିତ କରିବା ପାଇଁ ରାଜ୍ୟ ସରକାର ଓମ୍‌ଫେଡ୍ ଢାଞ୍ଚାରେ ଭେଜ୍‌ଫେଡ୍ ସ୍ଥାପନ କରି ସେହି ଭେଜ୍‌ଫେଡ୍ ମାଧ୍ୟମରେ ପରିବା ଓ ଫଳର ଉତ୍ପାଦନ ବୃଦ୍ଧି ପାଇଁ ପ୍ରୋତ୍ସାହନ ଦେବା ସହିତ ସେସବୁକୁ ସଂଗ୍ରହ କରି, ପ୍ରକ୍ରିୟାକରଣ କରି, ପ୍ୟାକେଜିଂ କରି ଓମ୍‌ଫେଡ୍ ଯେପରି ଓମ୍‌ଫେଡ୍ ବୁଥ୍ ମାଧ୍ୟମରେ ଦୁଗ୍ଧ ଓ ଦୁଗ୍ଧଜାତଦ୍ରବ୍ୟ ବିତରଣ କରୁଛି ପ୍ରସ୍ତାବିତ ଭେଜ୍‌ଫେଡ୍ ମଧ୍ୟ ଭେଜ୍‌ଫେଡ୍ ବୁଥ୍ ସ୍ଥାପନ କରି ପରିବା ଓ ଫଳ ଏବଂ ପ୍ରକ୍ରିୟାକୃତ ଫଳ ଓ ପରିବା ଆଦି ସାଧାରଣ ଖାଉଟିଙ୍କୁ ବିକ୍ରି କରିପାରିବେ। ଯଦି ଓଡ଼ିଶା ଆଜି ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି ଏବଂ ଦୁଗ୍ଧଚାଷୀମାନେ ଓମ୍‌ଫେଡ୍ ମାଧ୍ୟମରେ ଉତ୍ପାଦିତ ଦୁଗ୍ଧ ବିକ୍ରି କରି ଉପଯୁକ୍ତ ମୂଲ୍ୟ ପାଉଛନ୍ତି ତେବେ ତା'ର ଶ୍ରେୟ ନିଶ୍ଚୟ ଓମ୍‌ଫେଡ୍‌କୁ ଯିବ। ଓମ୍‌ଫେଡ୍ ଯୋଗୁ ହିଁ ଆଜି ଦୁଗ୍ଧ ଉତ୍ପାଦନ ବୃଦ୍ଧିପାଇଛି। ଓମ୍‌ଫେଡ୍ ଦେଖାଦେଖି ଆଜି କେତେକ ଘରୋଇ ଉଦ୍ୟୋଗୀ ମଧ୍ୟ ଦୁଗ୍ଧ ସଂଗ୍ରହ କରି ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ପ୍ରସ୍ତୁତ କରି ରାଜ୍ୟସାରା ବିକ୍ରୟ କରୁଛନ୍ତି। ଏହାଫଳରେ ଦୁଗ୍ଧର ଏକ ପ୍ରତିଯୋଗିତାମୂଳକ ବଜାର ସୃଷ୍ଟି ହୋଇଛି, ଯାହାଦ୍ୱାରା ଚାଷୀମାନେ ଉପକୃତ ହେଉଛନ୍ତି।

ଓମ୍‌ଫେଡ୍ ଢାଞ୍ଚାରେ ପରିବା ଓ ଫଳ ଉତ୍ପାଦନ, ସଂଗ୍ରହ, ପ୍ରକ୍ରିୟାକରଣ, ପ୍ୟାକେଜିଂ ଓ ବିକ୍ରୟ କରିବା ପାଇଁ ଭେଜ୍‌ଫେଡ୍ ଗଠନ ପାଇଁ ରାଜ୍ୟ ସରକାରଙ୍କୁ ବିଭିନ୍ନ ସମୟରେ ପ୍ରସ୍ତାବ ଦିଆଯିବା ସତ୍ତ୍ୱେ ସରକାର ଏଥିପ୍ରତି ଦୃଷ୍ଟି ଦେଉ ନ ଥିଲେ। ବଡ଼ ଆନନ୍ଦର କଥା, ୨୦୧୬–୧୭ ବର୍ଷର ବଜେଟରେ ପରିବା ଓ ଫଳର ସଂଗ୍ରହ, ପ୍ରକ୍ରିୟାକରଣ ଓ ବିକ୍ରୟ ପାଇଁ ଏକ କମ୍ପାନୀ ଗଠନ କରିବା ପାଇଁ ପ୍ରାଥମିକ ଭାବରେ ୫କୋଟି ଟଙ୍କାର ବ୍ୟୟ ବରାଦ ହୋଇଥିଲା। ଆଶା କରାଯାଉଥିଲା, ସମ୍ପୃକ୍ତ ବିଭାଗ ଏହି କମ୍ପାନୀର ରୂପରେଖ କିପରି ହେବ, ଆଉ କାର୍ଯ୍ୟ କିପରି ଆରମ୍ଭ ହେବ, ତା'ର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରି କାର୍ଯ୍ୟ ଆରମ୍ଭ କରି ପ୍ରସ୍ତାବିତ କମ୍ପାନୀର ମୂଲଦୁଆ ପକାଇପାରିବେ। କନ୍ତୁ ଦୁଃଖର କଥା ବଜେଟରେ ସିନା ବ୍ୟୟ ବରାଦ ହେଲା, କିନ୍ତୁ ତାହାକୁ କାର୍ଯ୍ୟକାରୀ କରିବାକୁ ସମ୍ପୃକ୍ତ ବିଭାଗ କୌଣସି ପଦକ୍ଷେପ ନ ନେବାରୁ ଅର୍ଥ ଫେରସ୍ତ ହେଲା ଆଉ ପରବର୍ତ୍ତୀ ବଜେଟ ୨୦୧୭–୧୮ ଏବଂ ୨୦୧୮–୧୯ରେ ଆଉ କୌଣସି ବ୍ୟୟବରାଦ ହେଲାନାହିଁ।

କେନ୍ଦ୍ର ସରକାର କମ୍ପାନୀ ଆଇନରେ ସଂଶୋଧନ ଆଣି ଏବେ ଚାଷୀମାନଙ୍କୁ ପଞ୍ଚାୟତସ୍ତରରେ ଖାଦ୍ୟଶସ୍ୟ, ପରିବା, ଫଳ ଆଦିର ଉତ୍ପାଦନ ପାଇଁ ପ୍ରୋତ୍ସାହନ ଦେବା ସହିତ ଏସବୁ କୃଷିଜାତ ଦ୍ରବ୍ୟର ସଂଗ୍ରହ, ପ୍ରକ୍ରିୟାକରଣ, ପ୍ୟାକେଜିଂ କରି ବଜାରରେ ଲାଭଜନକ ମୂଲ୍ୟରେ ବିକ୍ରୟ କରିବା ପାଇଁ ଫାର୍ମର୍ସ ପ୍ରଡ୍ୟୁସର୍ସ ଅର୍ଗାନାଇଜେଶନ ଗଠନ କରିବା ପାଇଁ ପ୍ରୋତ୍ସାହନ ଦେଉଛନ୍ତି। ଏହି ଚାଷୀ ଉତ୍ପାଦକ ସଙ୍ଗଠନ, ଯାହା କି କମ୍ପାନୀ ଆଇନରେ ପଞ୍ଜୀକୃତ ହେଉଛି ତାହାର ଅଂଶୀଦାର ହେଉଛନ୍ତି ଚାଷୀମାନେ। ସେମାନେ ଅଂଶଧନ କିଣି କମ୍ପାନୀର ମାଲିକ ହେଉଛନ୍ତି। କେନ୍ଦ୍ର ସରକାର ନାବାର୍ଡ ମାଧ୍ୟମରେ ଏହି ଚାଷୀ ଉତ୍ପାଦକ ସଙ୍ଗଠନକୁ ଆର୍ଥିକ ସାହାଯ୍ୟ ଓ ତାଲିମ ମଧ୍ୟ ଦେଉଛନ୍ତି। ରାଜ୍ୟର ଅନେକ ଅଞ୍ଚଳରେ ପଞ୍ଚାୟତସ୍ତରରେ ଏହି ସଙ୍ଗଠନ ପଞ୍ଜୀକୃତ ହୋଇ ଧୀରେ ଧୀରେ କାମ ଆରମ୍ଭ କଲେଣି। କୃଷିଜାତ ଦ୍ରବ୍ୟର ବିପଣନ କ୍ଷେତ୍ରରେ ଏମାନେ ଆଖିଦୃଶିଆ ସଫଳତା ଆଡକୁ ଅଗ୍ରସର ହେଉଛନ୍ତି। ଏହି ବ୍ୟବସ୍ଥାକୁ ସୁଦୃଢ଼ କରି ସମ୍ପ୍ରସାରିତ କରିବା ପାଇଁ ରାଜ୍ୟ ସରକାର ସହଯୋଗର ହାତ ବଢ଼ାଇବା ଲାଗି ନିମ୍ନୋକ୍ତ ପରାମର୍ଶର ସୁବିଚାର କରିପାରନ୍ତି।

ସରକାର ଭେଜ୍‌ଫେଡ୍‌କୁ ସମବାୟ ଆଇନରେ ପଞ୍ଜୀକୃତ ନ କରି ସଂଶୋଧିତ କମ୍ପାନୀ ଆଇନ ଅନୁସାରେ ପଞ୍ଜୀକୃତ କରିପାରନ୍ତି। ସମବାୟ ଆଇନ ଅନୁସାରେ ପଞ୍ଜୀକୃତ ଅନୁଷ୍ଠାନରେ ସରକାରୀ ଅମଲାମାନଙ୍କର ହସ୍ତକ୍ଷେପ ଅଧିକ ଥାଏ। ଏହାକୁ ଆଡେଇଯିବା ପାଇଁ କମ୍ପାନୀ ଆଇନ ଅନୁସାରେ ପଞ୍ଜୀକୃତ ହେଲେ ଭଲ। ଜିଲାସ୍ତରରେ ଯେତେସବୁ ଚାଷୀ ଉତ୍ପାଦକ ସଙ୍ଗଠନ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ଏକତ୍ରିତ କରି ପ୍ରତି ଜିଲାରେ ଏହି ସଙ୍ଗଠନମାନଙ୍କର ଏକ ୟୁନିୟନ ଗଠନ ହେଉ, ଯେପରି ଓମ୍‌ଫେଡ୍‌ର ଜିଲା ମିଳ୍କ ୟୁନିୟନ ଗଠନ ହୋଇଛି। ଏହି ଜିଲା ୟୁନିୟନକୁ କମ୍ପାନୀ ଆଇନ ଅନୁସାରେ ଗଠନ କରାଯାଉ ଆଉ ଏହାର ଅଂଶୀଦାରମାନେ ହୁଅନ୍ତୁ ଚାଷୀ ଉତ୍ପାଦକ ସଙ୍ଗଠନମାନେ। ଜିଲା ୟୁନିୟନକୁ ନେଇ ଗଠିତ ହେଉ ରାଜ୍ୟସ୍ତରୀୟ ଭେଜ୍‌ଫେଡ୍। ଏହାକୁ ମଧ୍ୟ କମ୍ପାନୀ ଆଇନ ଧାରାରେ ପଞ୍ଜୀକୃତ କରାଯାଉ ଆଉ ଏହାର ଅଂଶୀଦାର ହୁଅନ୍ତୁ ଜିଲା ୟୁନିୟନମାନେ। ରାଜ୍ୟ ସରକାର ଏହି ଜିଲା ୟୁନିୟନ ଓ ରାଜ୍ୟସ୍ତରରେ ଗଠିତ ଭେଜ୍‌ଫେଡ୍‌କୁ ଆର୍ଥିକ ସହାୟତା ସବ୍‌ସିଡି ଆକାରରେ ଯୋଗାଇଦେବା ସହ ବୈଷୟିକ ପରିଚାଳନା ସହାୟତା ମଧ୍ୟ ଯୋଗାଇ ଦିଅନ୍ତୁ। ଏହାଫଳରେ ଚାଷୀମାନେ ସେମାନଙ୍କ ଉତ୍ପାଦିତ କୃଷିଜାତ ଦ୍ରବ୍ୟର ଲାଭଜନକ ମୂଲ୍ୟ ପାଇବେ। ଆମେ ଆଉ ବାହାର ରାଜ୍ୟରୁ ଫଳ ଓ ପରିବା ତଥା ଅନ୍ୟାନ୍ୟ କୃଷିଜାତ ଦ୍ରବ୍ୟ ଆମଦାନି କରିବା ନାହିଁ। ଆମର କୃଷି ଅର୍ଥନୀତି ସମୃଦ୍ଧ ହେବ।

ଏ–୫୦୨, ତୋଷାଳୀ ଆପାର୍ଟମେଣ୍ଟ, ସତ୍ୟନଗର,
ଭୁବନେଶ୍ୱର, ମୋ–୯୯୩୭୯୫୧୨୬୨

ଦେହ ସୁମରି ଆତ୍ମା କାନ୍ଦେ

ରମେଶ ଚନ୍ଦ୍ର ସାମଲ

ପ୍ରେତ ଜଗତ ସମ୍ବନ୍ଧରେ ବିଭିନ୍ନ ଲୋକଙ୍କର ଭିନ୍ନ ଭିନ୍ନ ମତ ରହିଛି। କେତେକେ କୁହନ୍ତି, ମଣିଷ ମରିଗଲା ପରେ ସବୁ ସରିଗଲା, ଆଉ କିଛି ନ ଥାଏ। ଭୂତପ୍ରେତ ସବୁ ଅନ୍ଧବିଶ୍ୱାସ। ଆମର ଧର୍ମଶାସ୍ତ୍ର ଅନୁସାରେ ପଞ୍ଚଭୂତରେ ଗଢ଼ା ଶରୀର ମୃତ୍ୟୁ ପରେ ପଞ୍ଚଭୂତରେ ମିଶିଯାଏ। ଆତ୍ମା ବିନା ଶରୀର ଜଡ଼, ଜୀବନୀ ଶକ୍ତିରହିତ। ଏଥିରେ ଆତ୍ମାର ସଞ୍ଚାର ହେଲେ ଏହା ସକ୍ରିୟ ହୋଇ ବିଭିନ୍ନ କାମ କରେ। ପ୍ରଶ୍ନ ଉଠେ– ଆତ୍ମା କେଉଁଠି ଥାଏ, କିଭଳି ଆସି ଏହା ଶରୀରରେ ପ୍ରବେଶ କରେ। ମୃତ୍ୟୁ ପରେ କିଭଳି ଏହା ଦେହତ୍ୟାଗ କରି ଯେଉଁଠୁ ଆସିଥାଏ ସେଠିକି ଫେରିଯାଏ। ଶରୀରର ମୃତ୍ୟୁ ପରେ ନିଜର କର୍ମ ଆଧାରରେ ବିଭିନ୍ନ ଜନ୍ମ ମୃତ୍ୟୁ ଦେଇ ମୋକ୍ଷପ୍ରାପ୍ତି ପରେ ଆତ୍ମା ପରମାତ୍ମାଙ୍କଠାରେ ଲୀନ ହୋଇଯାଏ। ମୋକ୍ଷପ୍ରାପ୍ତି ସହଜସାଧ୍ୟ ନୁହେଁ। ସତ୍‌ଚିନ୍ତା, ସତ୍‌ଚରିତ୍ର, ସତ୍‌କର୍ମ ଓ ସଦ୍ଧର୍ମ ନ ଥିଲେ ମଣିଷ ଜୀବନମୃତ୍ୟୁ ଚକ୍ର ଅତିକ୍ରମ କରି ଭଗବାନଙ୍କ ସାନ୍ନିଧ୍ୟ ଲାଭ କରିପାରେନା। ଫଳତଃ ତା'ର ଜନ୍ମମୃତ୍ୟୁ ଲାଗି ରହିଥାଏ– 'ପୁନରପି ଜନନଂ ପୁନରପି ମରଣଂ ପୁନରପି ଜନନୀଜଠରେ ଶୟନମ୍'(ଶଙ୍କରାଚାର୍ଯ୍ୟ)।

ମନରେ ପ୍ରଶ୍ନ ଉଠେ ଆତ୍ମାର କ'ଣ ସର୍ବଦା ଏମିତି ଜନ୍ମମୃତ୍ୟୁ ଚାଲିଥାଏ, ତାହାର କ'ଣ ବିଶ୍ରାମ ନାହିଁ? ସେ ନିଶ୍ଚୟ କିଛିଦିନର ବିଶ୍ରାମ ନିଏ ଯେତେବେଳେ ସେ ବିନା ସ୍ଥୂଳ ଶରୀରରେ ଇଥର୍‌ରେ ଘୂରିବୁଲେ, ଯାହାକୁ ନେଇ ପ୍ରେତଜଗତର ପରିକଳ୍ପନା କରାଯାଇଛି। ଶରୀର ଆତ୍ମାର ଘର ସଦୃଶ। ସେଥିରେ ସେ ବାସକରେ, ଶରୀର ପୁରୁଣା ହୋଇ ରୋଗଗ୍ରସ୍ତ ହେଲେ ଏଥିରେ ଆତ୍ମା ବାସ କରିପାରେନା। ତେଣୁ ଶରୀର ଛାଡିବାକୁ ସିଏ ବାଧ୍ୟହୁଏ, ଯାହାକୁ ଆମେ କହୁ ମୃତ୍ୟୁ। ଘରଟି ପୁରୁଣା ହୋଇ ଭାଙ୍ଗିଚୁରି ଗଲେ ଯେଭଳି ସେଥିରେ ବସବାସ କରିହୁଏନା ଓ ନୂଆଘରଟିଏ କରିବାର ଆବଶ୍ୟକତା ପଡ଼େ, ଆତ୍ମା ସେହିଭଳି ରୋଗଗ୍ରସ୍ତ ଜୀର୍ଣ୍ଣଶୀର୍ଣ୍ଣ ଶରୀରରେ ବାସ କରି ନ ପାରି ଏହାକୁ ତ୍ୟାଗ କରି ନୂଆ ଶରୀର ଧାରଣ କରିବାକୁ ବାଧ୍ୟହୁଏ। ଗୀତାରେ ଅଛି– ''ବାସାଂସି ଜୀର୍ଣ୍ଣାନି ଯଥା ବିହାୟ, ନବାନି ଗୃହ୍ଣାତି ନରୋଽପରାଣି। ତଥା ଶରୀରାଣି ବିହାୟ ଜୀର୍ଣ୍ଣାନ୍ୟନାନି ସଂଯାତି ନବାନି ଦେହୀ।'' ଅର୍ଥାତ୍ ପୋଷାକ ପୁରୁଣା ହେଲେ ଆମେ ତାକୁ ଛାଡ଼ି ନୂଆ ପୋଷାକ ପିନ୍ଧିବା ପରି ଶରୀର ଜୀର୍ଣ୍ଣ ହେଲେ ଆତ୍ମା ତାକୁ ଛାଡ଼ି ନୂଆ ଶରୀର ଗ୍ରହଣ କରେ। ମୃତ୍ୟୁ ପରେ ପୁନର୍ଜନ୍ମ ଲାଭ କରିବା ପୂର୍ବରୁ ଆତ୍ମା ଦୁଇ ପ୍ରକାର ଶରୀର ଧାରଣ କରିପାରେ– ସୂକ୍ଷ୍ମ ଶରୀର କିମ୍ବା ପ୍ରେତ ଶରୀର। ସୂକ୍ଷ୍ମ ଶରୀର ହାଲୁକା ହୋଇଥିବାରୁ ଆତ୍ମା ଊର୍ଦ୍ଧ୍ୱଗାମୀ ହୋଇ ପିତୃଲୋକରେ ବାସ କରେ। ପରେ ଉପଯୁକ୍ତ ଆଧାର (ସେ ଯେଉଁ ଭାବଭୂମିରେ ଥାଇ ମୃତ୍ୟୁବରଣ କରିଥିଲା, ସେହି ଭାବଭୂମିରେ ଥାଇ ମିଳନରତ ମାତାପିତା) ପାଇଲେ ପୁନର୍ଜନ୍ମ ପାଇଁ ଅବତରଣ କରେ। ମାତାପିତା, ବିଶେଷତଃ ମାତାର ଭାବ ଅନୁଯାୟୀ ସେହି ସ୍ତରର ଆତ୍ମା ଅବତରଣ କରେ। ସେଥିପାଇଁ ଭାଗବତରେ କୁହାଯାଇଛି– ମାତାପିତା ସଂଯୋଗ କାଳେ, ବିହି ଯା ଲେଖିଲା କପାଳେ। ପ୍ରେତ ଶରୀର ଅପେକ୍ଷାକୃତ ଓଜନିଆ ହୋଇଥିବାରୁ ସେ ଉପରକୁ ଯାଇ ନ ପାରି ଏହି ପୃଥିବୀ ଲୋକରେ ତା'ର ପୁରୁଣା ସ୍ଥାନରେ ଘୂରିବୁଲେ। ପରେ ସେ ସୂକ୍ଷ୍ମ ଶରୀର ଧରି ଉପରକୁ ଯାଏ।

ମୃତ୍ୟୁ ପରେ ସ୍ଥୂଳ ଶର



ବୃଦ୍ଧ ପକ୍ଷରେ ଲୋଭ ନିର୍ବୋଧତା ବ୍ୟତୀତ ଆଉ କିଛି ନୁହେଁ- କାରଣ ଯାତ୍ରା ଶେଷ ହୋଇଗଲା ବେଳକୁ ଆଉ ପାର୍ଥିବ ପାଥେୟର ଆବଶ୍ୟକ କ'ଣ ?
- ଶିଶେରୋ

ସଂକ୍ଷେପରେ

ଶୁଣ୍ଡି ସମାଜର ବାର୍ଷିକ ଉତ୍ସବରେ ରାକେଶ, ଅର୍ପିତା ସମ୍ବର୍ଦ୍ଧିତ

ସମ୍ବଲପୁର, ୨୫।୧୨ (ବ୍ୟୁରୋ)- ସମ୍ବଲପୁର ଶୁଣ୍ଡି ସମାଜର ବାର୍ଷିକ ଉତ୍ସବ ତଥା ବନ୍ଧୁମିଳନ ମଙ୍ଗଳବାର ଅଇଁଠାପାଲି ନିକଟସ୍ଥ ହୋଟେଲ କାବେରୀ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ହରିଶଙ୍କର ନାଏକଙ୍କ ଅଧ୍ୟକ୍ଷତାରେ ସଭା ଆୟୋଜିତ ହୋଇଥିଲା । ସର୍ବଭାରତୀୟ ସଂଘ କାର୍ଯ୍ୟକାରୀ ସଭାପତି ପ୍ରତାପ ବେହେରା ମୁଖ୍ୟଅତିଥି, ରାଜ୍ୟ ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ, ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ସଞ୍ଜତ୍ କୁମାର ସାହୁ, ସମ୍ବଲପୁର ଜିଲା ସିପିଓ ରମେଶ ମଣ୍ଡଲ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଏକଜୁଟ ହୋଇ କାମ କଲେ ଶୁଣ୍ଡି ସମାଜ ଦେଶ ଓ ରାଜ୍ୟରେ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିବ । ସେହିପରି ଶୁଣ୍ଡି ବାଳିକା ବାଳକମାନେ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ କରିପାରିବେ ବୋଲି ବକ୍ତାମାନେ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଯୁବ ଆରୋନେଟିକ୍ ରମେଶ କୁମାର ସାହୁ ଓ ଅନ୍ତଃଜାତୀୟ ଲିଟିଲ୍ ମିସ୍ ବିଜୟନୀ ଅର୍ପିତା ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାଧାରଣ ସମ୍ପାଦକ ଡ. ଦାଶରଥି ବେହେରା ସ୍ୱାଗତ ଭାଷଣ ଦେଇ ବିବରଣୀ ପାଠ କରିଥିଲେ । ଡ. ନରେନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଉପସଭାପତି ଧ୍ରୁବଚରଣ ସାହୁ, ସହସଂପାଦକ ସୋମନାଥ ବେହେରା, କୋଷାଧ୍ୟକ୍ଷ ଖଡ଼ିରତ୍ନ ବେହେରା, ପୂର୍ବତନ ସଭାପତି ପୃଥ୍ୱୀରାଜ ବେହେରା, ସଭ୍ୟ ହରେକୃଷ୍ଣ ସାମନ୍ତରାୟ, ରମଣିରଞ୍ଜନ ବେହେରା, ପ୍ରଦୋଷ ବେହେରା, ଜଗବନ୍ଧୁ ବେହେରା, ପ୍ରସନ୍ନ କୁମାର ସାହୁ, ଧୋବେଇ ଚରଣ ସାହୁ, ନରେନ୍ଦ୍ର କୁମାର ବେହେରା, ଅଜୟ କୁମାର ସାହୁ ଓ ପ୍ରହଲ୍ଲାଦ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୋନପୁର, ବଲାଙ୍ଗୀର, ସୁନ୍ଦରଗଡ଼ ଜିଲାର ଶୁଣ୍ଡି ସମାଜ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ ।

୩୦ରେ ଅନ୍ତର୍ଜାତୀୟ ସମ୍ବଲପୁରୀ ନୃତ୍ୟ ଉତ୍ସବ

ସମ୍ବଲପୁର, ୨୫।୧୨ (ବ୍ୟୁରୋ) ଅନ୍ତର୍ଜାତୀୟ ସମ୍ବଲପୁରୀ ନୃତ୍ୟ ଉତ୍ସବ-୨୦୧୮ ଚଳିତ ମାସ ୩୦ ତାରିଖ ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ହେବ । ଏଥିରେ ଦେଶ ଓ ଦେଶ ବାହାରୁ ନୃତ୍ୟ ଦଳ ସାମିଲ ହେବେ । ଏହି ଉତ୍ସବରେ ପାରମ୍ପାରିକ ଓ ମୌଳିକ ଶୈଳୀରେ ନୃତ୍ୟ ପରିବେଷିତ ହେବ । ମଙ୍ଗଳବାର ସମ୍ବଲପୁର ଭିଏସଏସ ମାର୍ଗ ସ୍ଥିତ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉତ୍ସବ ଆୟୋଜକ ଅଭୟ ଆର୍ଟ ଏକାଡେମୀ କର୍ମକର୍ତ୍ତା ଏହି ସୂଚନା ଦେଇଛନ୍ତି। ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ରିଙ୍କୁ କୁମାର ସାହୁ, ତୁଳାରାମ କଲେତ, ଦିନେଶ ବଢ଼େଇ, ଡ. କ୍ରିଷ୍ଣା ପଟେଲ, ଦୁର୍ଗା ଦାସ, ଆଲୋକ କୁମାର ପଣ୍ଡା, ପ୍ରଫୁଲ୍ଲ ମିତ୍ର, ରଞ୍ଜିତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ



ସମ୍ବଲପୁର ଝାଡୁଆପଡ଼ା ଆରଣ୍ୟକ ମଞ୍ଚରେ ଚାଲିଥିବା ବୀର ସୁରେନ୍ଦ୍ର ସାଏ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତାର ମଙ୍ଗଳବାର ଦ୍ୱିତୀୟ ରଜନୀରେ ନାଟକ ଶର୍ମିଷ୍ଠା (ବାମ), ଧାନଫୁଲ (ମଝି) ଓ ଏପ୍ରିଲ ୨୭ର ଦୃଶ୍ୟ ।

ବଡ଼ଦିନ ପାଇଁ ଚର୍ଚ୍ଚରେ ଶ୍ରଦ୍ଧାଳୁଙ୍କ ଭିଡ଼

ସମ୍ବଲପୁର, ୨୫।୧୨ (ବ୍ୟୁରୋ)

ଜଣେ ବ୍ୟକ୍ତି ଚର୍ଚ୍ଚ ଛକରେ ଜଣେ ଛୋଟ ଶିଶୁଙ୍କୁ ବଡଦିନ ଶୁଭେଚ୍ଛା ଜଣାଉଛନ୍ତି ।

ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମଦିନ ଅବସରରେ ମଙ୍ଗଳବାର ସମ୍ବଲପୁରରେ ଆନନ୍ଦ ଉଲ୍ଲାସ ଦେଖା ଦେଇଛି। ଚର୍ଚ୍ଚ ଗୁଡିକ ସୁସଜ୍ଜିତ ଆଲୋକମାଳାରେ ଝଲସୁଛି । ସୋମବାର ମଧ୍ୟ ରାତିରେ ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ଉତ୍ସବକୁ ବିଭିନ୍ନ ଚର୍ଚ୍ଚରେ ପାଳନ କରାଯାଇଥିଲା। ରାତି ୧୧ଟାରୁ ୧ଟା ପର୍ଯ୍ୟନ୍ତ ସ୍ୱାଗତ ଉପାସନା ସେବା କରାଯାଇଥିଲା। ଏହାପରେ ରଙ୍ଗିନ ଆତସବାଜିରେ ଆକାଶ ରଙ୍ଗିନ ହୋଇ ଉଠିଥିଲା । ଗଙ୍ଗାଧର ମେହେର କଲେଜ ଛକ ଓଡ଼ିଆ ବାପଟିଷ୍ଟ ଚର୍ଚ୍ଚ, ସାକ୍ଷୀପଡା କ୍ୟାଥେଲିକ୍ ଚର୍ଚ୍ଚ, ଲକ୍ଷ୍ମୀଟକିଜ ମୁଣ୍ଡା ବାପଟିଷ୍ଟ ଚର୍ଚ୍ଚ, ବିନାଖଣ୍ଡି ସେଣ୍ଟ ଜେମ୍ସ ଚର୍ଚ୍ଚ, କୁଲୁଥକାନୀ ଗୋସନର ଇ.ଏଲ. ଚର୍ଚ୍ଚ, ଅଇଁଠାପାଲି ଦୟାସାଗର ପ୍ରାର୍ଥନା ଭବନ ଓ ପାଞ୍ଚଗଛିଆ ଚର୍ଚ୍ଚରେ ଘଣ୍ଟି ବାଜିବା ସହ ବଡଦିନ ପ୍ରାର୍ଥନା କରାଯାଇଛି। ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୯ଟାରେ ଇଂରାଜୀ ଉପାସନା, ଅପରାହ୍ନ ସାଢ଼େ ୩ଟାରେ ଓଡିଆ ଉପାସନା ସେବା ଓ ୬ଟାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିସହ ରେଭେରେଣ୍ଡ, ପାଷ୍ଟର ଓ ଫାଦରମାନେ ଧର୍ମଗ୍ରନ୍ଥ ବାଇବେଲରୁ ପଦ ଉଚ୍ଚାରଣ କରି ଯୀଶୁଙ୍କ ଜନ୍ମବୃତ୍ତାନ୍ତ ଶୁଣାଇଥିଲେ । ପଡା ଗୁଡିକରେ ଖ୍ରୀଷ୍ଟୀୟ ଧର୍ମାବଲମ୍ବୀମାନେ ଖ୍ରୀଷ୍ଟମାସ ଟ୍ରିକୁ ସଜ୍ଜିତ କରିଥିଲେ । ମହିଳା ପୁରୁଷ ପରସ୍ପରକୁ ବଡ଼ଦିନର ଶୁଭେଚ୍ଛା ଜଣାଇଥିଲେ । ସମ୍ବଲପୁର ସମେତ ବୁର୍ଲା ଓ ହୀରାକୁଦର ୮ଟି ଚର୍ଚ୍ଚରେ ବଡ଼ଦିନ ପର୍ବ ପାଳନ କରାଯାଇଛି । ଖ୍ରୀଷ୍ଟୀୟ ଧର୍ମାବଲମ୍ବୀ ବାଳିକାବାଳକ, ମହିଳାପୁରୁଷ ନୂତନ ବସ୍ତ୍ର ପରିଧାନ କରି ଗିରିଜା ଘରକୁ ପ୍ରାର୍ଥନା କରିବାକୁ ଯାଇଥିଲେ । ସନ୍ଧ୍ୟାରେ ଆତ୍ମୀୟମାନଙ୍କୁ ଘରକୁ ଆମନ୍ତ୍ରଣ କରି ବଡ଼ଦିନ କେକ୍ ପ୍ରଦାନ କରିଥିଲେ। ଓଡିଆ ବାପଟିଷ୍ଟ ଚର୍ଚ୍ଚ ସଭାପତି ପ୍ରଫେସର ଦୀପକ କୁମାର ବେହେରାଙ୍କ ପରିଚାଳନାରେ ବଡଦିନ ପର୍ବ ପାଳନ କରାଯାଇଥିଲା । ସ୍ମୃତିଚଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ । ଦୁଷାରକାନ୍ତ ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ରେଭେରେଣ୍ଡ ପାଷ୍ଟର୍ ଏଲିମନ୍ ପାନି, ରେଭେରେଣ୍ଡ ପାଷ୍ଟର୍ ଇସାକ୍ ନାୟକ, ରେଭେରେଣ୍ଡ ପାଷ୍ଟର୍ ଆଶ୍ୱାସନା ବୀର ଧର୍ମଗ୍ରନ୍ଥରୁ ବାକ୍ୟ ଉଦ୍ଧୃତ କରିଥିଲେ ।

ନବୀନ ଟ୍ୟୁଟୋରିଆଲ ଯୁକ୍ତ ୨ ଦଳ ୩୫ ରନରେ ବିଜୟୀ

ସମ୍ବଲପୁର,୨୫।୧୨(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅଧୀନ ମନ୍ଦଲିଆ ପଡିଆରେ ଏକ କ୍ରିକେଟ ଟୁର୍ନାମେଣ୍ଟ ନବୀନ ଟ୍ୟୁଟୋରିଆଲ ପକ୍ଷରୁ ଉଦ୍‌ଘାଟିତ ହୋଇଛି । କ୍ଷେତରାଜପୁର ଥାନା ଅଧିକାରୀ ଯୋଗେଶ ପଣ୍ଡା, ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ସିନେଟ ସଭ୍ୟ ଡାକ୍ତର ସଞ୍ଜୀବ ମିଶ୍ର ଯୋଗ ଦେଇଥିଲେ । ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରଙ୍କ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ଯୁକ୍ତ ୨ ଦଳ ୩୫ ରନରେ ବିଜୟୀ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ନବୀନ ଅଗ୍ରୱାଲ, ଭାଜପା ସମଲେଇଶ୍ୱରୀ ମଣ୍ଡଳ ଉପ ସଭାପତି ମୁନ୍ନା ତିୱାରୀ ଉପସ୍ଥିତ ଥିଲେ ।

ଦୋକାନୀଙ୍କୁ ସୁରକ୍ଷା, ଅଭିଯୁକ୍ତଙ୍କୁ ଗିରଫ ଦାବି

ଧନୁପାଲି ଥାନା ପରିସରରେ ଦୋକାନୀମାନେ ଏସ୍‌ଡିପିଓଙ୍କ ଆଲୋଚନା କରୁଛନ୍ତି ।

ସମ୍ବଲପୁର,୨୫।୧୨(ବ୍ୟୁରୋ)

ସମ୍ବଲପୁର ଧନୁପାଲି ଥାନା ମୋଟିଝରଣ ଅଞ୍ଚଳରେ ଦୋକାନୀମାନଙ୍କୁ କିଛି ଯୁବକ ମାତପିଟ କରିବା ସହ ଦାଦା ବଟି ଆଦାୟ କରୁଛନ୍ତି । ମାସିକ ୫ ଶହ ଟଙ୍କା ଲେଖାଏଁ ନେଉଛନ୍ତି । ଏହି ଯୁବକମାନଙ୍କୁ ଗିରଫ କରାଯାଉ । ଏଭଳି ଅଭିଯୋଗ ଦାବି ନେଇ ମଙ୍ଗଳବାର ମୋଟିଝରଣ ଅଞ୍ଚଳରେ ଦୋକାନୀମାନେ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଧନୁପାଲି ଥାନାରେ ଏ ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏସଡିପିଓ ଭବାନୀଶଙ୍କର ଉଦଗାତାଙ୍କ ଦୋକାନୀଙ୍କ ସହ ଆଲୋଚନା କରିଥିଲେ । ସୁରକ୍ଷା ବ୍ୟବସ୍ଥା କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରକାଶଯୋଗ୍ୟ କିଛି ଦିନ ତଳେ ଏକ କିରାନା ଦୋକାନରେ ଦୁଇଜଣ ଭାଇଙ୍କୁ ମାତପିଟ କରି ହୋଇଥିଲା। ସେହି ଘଟଣାରେ ୨ ଜଣ ଅଭିଯୁକ୍ତ ଗିରଫ ଦାବି କରାଯାଇଛି। ପୋଲିସ ୪ ଜଣଙ୍କ ନାମରେ ମାମଲା ରୁଜୁ କରିଥିଲା । ମୋଟିଝରଣର ଦୁଇଜଣ ଅଭିଯୁକ୍ତ ମହମ୍ମଦ ଇରଫାନ ଓ ମହମ୍ମଦ ସଲମନଙ୍କୁ ଗିରଫ କରିଥିଲା । ହେଲେ ଦୁଇ ଜଣ ଅଭିଯୁକ୍ତ ଗିରଫ କରାଯାଇ ନାହିଁ । ତେଣୁ ଦୋକାନୀମାନେ ଅଭିଯୁକ୍ତଙ୍କୁ ଗିରଫ ଦାବି କରିଛନ୍ତି ।

ବାଜପେୟୀଙ୍କ ଜୟନ୍ତୀରେ ସ୍ମୃତିଚାରଣ

ସମ୍ବଲପୁର, ୨୫।୧୨ (ବ୍ୟୁରୋ)

ବାଜପେୟୀଙ୍କ ଜୟନ୍ତୀରେ ପ୍ରଫେସର ସୁଦର୍ଶନ ପୂଜାରୀ ବକ୍ତବ୍ୟ ଦେଉଛନ୍ତି।

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ଜୟନ୍ତୀ ମଙ୍ଗଳବାର ବିଭିନ୍ନ ସ୍ଥାନରେ ପାଳିତ ହୋଇଯାଇଛି । ଗୋବିନ୍ଦତୋଳା ଦୁର୍ଗା ମଣ୍ଡପଠାରେ ଆଶା ପକ୍ଷରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମ୍ପାଦିକା ରଶ୍ମିତା ଆଚାର୍ଯ୍ୟ ବିବରଣୀ ପାଠ କରିଥିଲେ । କୁମ୍‌କୁମ୍ ମିଶ୍ର, ବେଣୁଧର ଦାଶ, ଦେବେନ୍ଦ୍ର ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ । ମମତା ନାଥଙ୍କ ସଂଯୋଜନାରେ କବିତା ପାଠ ଉତ୍ସବ ହୋଇଥିଲା । ଏଥିରେ ୨୦ରୁ ଅଧିକ କବି ସାମିଲ ହୋଇଥିଲେ । ଜଗନ୍ନାଥ ଆଚାର୍ଯ୍ୟ, ଗୌରିଦାସ ପଣ୍ଡା, କଲ୍ୟାଣୀ ପାଢ଼ୀ, ଶିବ ବିଶ୍ୱାଳ, ରଞ୍ଜିତ ରଥ ଓ ରାଧାରମଣ ମୁଦୁଲି କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏହି ଅବସରରେ ଆୟୋଜିତ ଚିତ୍ରାଙ୍କନ, ଓଡିଆ ଓ ଇଂରାଜୀ ହସ୍ତାକ୍ଷତ, ମୁରୁଜ, ମେହେନ୍ଦି ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ଭିଏସଏସ ମାର୍ଗସ୍ଥିତ ହୋଟେଲ ଶିଲା ଟାୱାରଠାରେ ଜୟନ୍ତୀ ସଭା ହୋଇଥିଲା । ଦାମୋଦର କର କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ପ୍ରଫେସର ସୁଦର୍ଶନ ପୂଜାରୀ ଓ ଜମନକିରା କଲେଜ ଅଧ୍ୟକ୍ଷ ବସନ୍ତ କୁମାର ଦାଶ ସମ୍ମାନୀତ ବକ୍ତାଭାବେ ଯୋଗ ଦେଇଥିଲେ । କବି ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ କବିତା ପାଠ କରିଥିଲେ । ଅଧ୍ୟାପକ ଜୟନାରାୟଣ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି କଂସାରୀପଡା ଛକଠାରେ ଗୋବିନ୍ଦ ନାରାୟଣ ଅଗ୍ରୱାଲଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା ।

ସରକାର ଉପରେ ବରଷିଲେ ଚାଷୀ

ସମ୍ବଲପୁର,୨୫।୧୨(ବ୍ୟୁରୋ)

ଖବରଦାତା ସମ୍ମିଳନୀରେ ଚାଷୀ ସଂଗଠନର କରମକରତା ।

ଗଲା ବଛରକେତେ ହେଲା ଚାଷୀର ଥିତି ଖରାପ ହେଇଯାଇଛେ। ରୁଣର ଚାପ୍, ଫସଲ କ୍ଷତି, ଚାଷୀ ଜୀବନ୍ ହାରବାର ଘଟ୍‌ନା ରାଏଜେ ଦିନୁଦିନ୍‌କେ ବଢ଼ତେଲ ଯାଉଛେ। ହେଲେ ଏହେଦେ ଚାଷୀକଁର କାର୍ଡ ଖେଲି ୩ଟା ରାଏଜର ସରକାର ବଦଲି ଯାଇଛେ। ଇତାକେ ନେଇ ରାଏଜେ ବିଜେଡି ଆର କେନ୍ଦ୍ରରେ ଭାଜପା ସରକାର ଚାଷୀକର ଉପ୍‌ରେ ଦରଦ ଦେଖଉଛନ୍। ହେଲେ ଚାଷୀକର ଥିତି ଲାଗି ଉଭଏ ସରକାର ଦାୟୀ ଆର ଭୋଟ ବେଲେ ଚାଷୀ ଇତାର ଠିକ୍ ଜବାବ ଦେବେ। ଉନିଆ ରାଏଜ୍‌ର ଭୋଟ୍‌ର ଫଲାଫଲକେ ଦେଖି ଓଡ଼ିଶା ସରକାର ଚାଷୀକର ଲାଗି କାଲିଆ ଯୋଜ୍‌ନାର ଘୋଷନା କରିଛନ୍। ହେଲେ ଇ ଯୋଜ୍‌ନାରେ ଚାଷୀର କିଛି ଲାଭ୍ ନାଇଁ ହୁଏ। ଯୋଜ୍‌ନାରେ ବହୁତ୍‌ଟେ ଭୁଲଭଟ୍‌କା ଅଛେ। ଅଯଥାରେ ଚାଷୀକୁ ସରକାର ଭୁଆଁ ବୁଲଉଛନ୍। ଏହେଦେ ଚାଷୀର ଅବସ୍‌ତା ବହୁତ୍ ଖରାପ ଥିଲାବେଳେ ଆର୍‌ଥିକ ବଛର ୨୦୧୯-୨୦ରୁ ଆଏବାର ତିନ୍ ବଛର ଭିତ୍‌ରେ ଚାଷୀକୁ କାଲିଆ ଯୋଜ୍‌ନାର ସୁବିଧା ମିଳବା ଆର ତାକର ଥିତି ସୁଧିରବା ବଲି ସରକାର କହୁଛନ୍। ହେଲେ ଇ ସବୁ ଭୋଟ୍‌ରେ ଜିତ୍‌ବାର ଲାଗି ରାଏଜ୍ ସରକାର ଚାଲବାଜି ଦେଖଉଛନ୍ ବଲି ଖବରଦାତା ସମ୍ମିଳନୀରେ ଚାଷୀ ନେତାମାନେ ବରଷିଥିଲେ। କେନ୍ଦ୍ର ସରକାର ସ୍ୱାମୀନାଥନ କମିସନ ରିପୋର୍ଟ ଅନ୍‌ସାରେ ଲାଗୁ କରାଯାଇଛେ ଆର ଧାନର ସହାୟକ ଦର ୧୭୫୦ ଟଁକା ଧାଯ୍ କରାଯାଇଛେ ବଲି କହୁଛନ୍। ହେଲେ ସ୍ୱାମୀନାଥନ ରିପୋର୍ଟକେ ଆଧାର କରି ଇ ଦର ନିରଧାରିତ୍ ନାଇଁ ହେଇ। ଇଆଡ଼େ ରାଏଜ ସରକାର କାଲିଆ ଯୋଜ୍‌ନା କରି ଭୋଟର ଆର ଚାଷୀକୁ ଖୁସ୍ କରବକେ ଚାହୁଁଛନ୍। ହେଲେ ଧାନର ବୋନସ ଟଁକା ଦେବାର କଥା ଚିଁତା ନାଇଁକରବାର। ଆଏଜତକ୍ ରାଏଜ୍ ସରକାର ଚାଷୀକୁଁ ବୋନସ ହିସାବେ ଟଁକାଟେ ନାଇଁଦେଇ। ଚାଷୀକର ରୁଣ ଛାଡ଼ ନୁହେ ରୁଣ ମୁକ୍ତ ଲାଗି ଦାବି କରୁଛନ୍। ଠିକ୍ ହିସାବେ ଚାଷୀକୁ ଚିନ୍‌ହଁଟ କରି ସେମାନକର ରୁଣ ମୁକ୍ତ କରାଯାଉ ବଲି କହିଥିଲେ। ବଡ଼ ବଡ଼ କମ୍ପାନୀମାନକୁ ଲକ୍ଷ ଲକ୍ଷ କୋଟି ଟଁକା ଛାଡ଼ ଆର ସରକାରୀ କରମଚାରୀକୁଁ ସପ୍ତମ ବେତନ ଦିଆଗଲାନ। ହେଲେ ଚାଷୀ ରୁଣ ମୁକ୍ତ କଥା ଦାବି କଲେ ଅନେକ ଅର୍ଥନୈତିକ, ରାଜନେତା, ବୁଧିଜୀବୀ ଭିନେ ଭିନେ ପରକାର ଚରଚା କରୁଛନ୍। ହେଲେ କମ୍ପାନୀ ଟଁକା ଛାଡ଼ ଆର ସରକାରୀ କରମଚାରୀକର ଦରମା ବଢ଼ଲେ କେହି ମୁହଁ ନାଇଁ ଖୁଲବାର। ମିଲିଥିବାର ରିପୋର୍ଟ ଅନସାରେ ସାରା ଭାରତରେ ଯଦି ସବୁ ଚାଷୀକୁ ରୁଣ ଛାଡ଼ କରାଯିବା ତ ସେଟା ପାଖାପାଖି ୧୪ ଲକ୍ଷ କୋଟି ଟଁକା ହେବା। ହେଲେ ଆଗରୁ ଚାଷୀକରନୁ ଭିନେ ଭିନେ ଉପେରେ ୨୨ ଲକ୍ଷ କୋଟି ଟଁକା ନେଇ ସାରିଛନ୍। ଯେତ୍‌ଟାକି କମ୍ପାନୀ ରୁଣ ଛାଡ଼ ହେଇଥିବାର ତୁଳନାରେ ବହୁତ କମ୍ ଆଏ। ସେଥିରଲାଗି ସରକାର ଇ ଦିଗେ ଚିନ୍‌ତା ନାଇଁକରି କରି ମାସେ ଭିତରେ ରୁଣ ଛାଡ଼ ନାଇଁକଲେ ଆଏବାର ଦିନେ ତାର ଅବସ୍‌ତା ଭୋଗ୍ କରବେ। ଯେତେ ଜଲ୍‌ଦି ହେବା ଜିଲାସ୍ତରୀୟ ଚାଷୀ ବଇଠକ୍ ଡକାଯାଇ ଆଂଦୋଲନ କରାଯିବା ବଲି ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ଆବାହକ ଅଶୋକ ପ୍ରଧାନ କହିଛନ୍। ଉନିଆମାନକର ଭିତରେ ଲିଙ୍ଗରାଜ, ଉପସଭାପତି ହରିଶଙ୍କର ପୁରୋହିତ, ଉମେଶ ମିଶ୍ର, ବ୍ୟୋମକେଶ ଠାକୁର, ସରୋଜ ମହାନ୍ତି, ଉମେଶ ମିଶ୍ର, ଚନ୍ଦ୍ର ଶେଖର ପଣ୍ଡା, ବିଭୁ ପଟ୍ଟନାୟକ ପରମୁଖ ଠୋଲ ହେଇଥିଲେ।

ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍
(କୋଲ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ - (EPABX) : ୦୬୬୩-୨୫୪୨୪୬୧ ରୁ ୪୬୯, ୱେବସାଇଟ୍ : www.mahanadicoal.in

ଇ-ଟେଣ୍ଡର ବିଜ୍ଞପ୍ତି

ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ର ନିମ୍ନଲିଖିତ ଇ-ଟେଣ୍ଡରଗୁଡ଼ିକ, କୋଲ୍ ଇଣ୍ଡିଆ ଲିମିଟେଡ୍ ଅଧୀନସ୍ଥ ଇ-ଟେଣ୍ଡର ପୋର୍ଟାଲ (https://coalindiatenders.nic.in) ରେ ପ୍ରକାଶିତ ଅଛି ଏବଂ ଏହା କେନ୍ଦ୍ରୀୟ ସାର୍ବଜନୀକ ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ (https://eprocure.gov.in) ରେ ମଧ୍ୟ ଦୃଶ୍ୟମାନ ହେଉଛି । ପରବର୍ତ୍ତୀ ସଂପୂର୍ଣ୍ଣ ବିବରଣୀ ନିମନ୍ତେ ଦୟାକରି ଉପରୋକ୍ତ ୱେବ୍‌ସାଇଟ୍‌ଗୁଡ଼ିକୁ ଦେଖନ୍ତୁ ।

କ୍ର. ସଂ.	ଟେଣ୍ଡର ଆଇଡି	କାର୍ଯ୍ୟ/ସେବାର ନାମ	ଟେଣ୍ଡର ମୂଲ୍ୟ In (₹)
1	2018_MCL_123804_1	Supply of Neutral grounding Resistor.	700920.00
2	2018_MCL_123963_1	Strengthening of Bituminous road at Budhijam Colony under Orient Sub-Area	7453626.00
3	2018_MCL_123996_1	Supply of water to village Bahala Sahi under Hingula Area (Package-19).	567798.00
4	2018_MCL_124010_1	Supply of water to village Tilepasi and Khajuria under Hingula Area (Package-10).	681358.00
5	2018_MCL_124021_1	Supply of water to Kushachara Sahi, Jamunali village near R and R site under Hingula Area (Package-26).	652178.00
6	2018_MCL_124032_1	Supply of water to village Ambapal, Badamahitaila and Sanamahitaila under Hingula Area (Package-23).	908477.00
7	2018_MCL_124039_1	Supply of water to village Bhalugadia under Hingula Area (Package-11).	465846.00
8	2018_MCL_124046_1	Supply of water to village Joragadia, Tangarasahi, Hadisahi under Hingula Area (Package-08).	794918.00
9	2018_MCL_124017_1	SPARES FOR BE1000 BEML HYDRAULIC EXCAVATOR.	321380.00
10	2018_MCL_124058_1	Supply of water to village Banabaspur and Baghabaspur under Hingula Area (Package-15).	931300.00
11	2018_MCL_124068_1	Supply of water to village Kandhaberini, Baleswarsahi under Hingula Area (Package-07).	794918.00
12	2018_MCL_124160_1	PROCUREMENT OF OTR TYRE AND TUBE FOR ACE RHINO CRANE	44366.00
13	2018_MCL_124238_1	PROCUREMENT OF ELECTRICAL ITEMS FOR LT POWER SUPPLY	463690.00
14	2018_MCL_124102_1	Providing RCC Gate with ACP Board and cleaning of surrounding area of Colliery High School, Dera under Jagannath Area.	612417.00
15	2018_MCL_124106_1	Laying old cement concrete interlocking paver blocks at G.M. Colony under Jagannath Area.	881107.00
16	2018_MCL_124198_1	Annual maintenance contract for day to day Electrical Repairing and maintenance works of Colony power supply including residential and non-residential buildings, maintenance of Street Lights Sub-stations of Ananta Vihar Colony for two years	2870251.00
17	2018_MCL_124258_1	PROCUREMENT OF 110V 120AH MAINTENANCE FREE BATTERY	352000.00
18	2018_MCL_124203_1	Construction of pole mounted substation by providing and fixing of 02 (two) nos 100KVA, 11/440V transformers and drawing of LT line and power supply for resettlement of the village of Balugan (Nahak

ଏ ସୁନ୍ଦର ପୃଥିବୀରେ ମୁଁ ମରିବାକୁ ଚାହେଁ ନାହିଁ,
ମଣିଷମାନଙ୍କ ମଧ୍ୟରେ ବଞ୍ଚି ରହିବାକୁ ଚାହେଁ।
- ରବୀନ୍ଦ୍ରନାଥ ଟାଗୋର

ସଂକ୍ଷେପରେ

ବାଜପେୟୀଙ୍କ ଜୟନ୍ତୀରେ ରୋଗୀଙ୍କୁ ଫଳ ବଣ୍ଟନ

ଦେବଗଡ଼,୨୫।୧୨(ସ୍ୱ.ପ୍ର.)
ଦେବଗଡ ଜିଲା ଭାରତୀୟ ଜନତା ପାର୍ଟି ତରଫରୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୯୪ତମଜନ୍ମ ବାର୍ଷିକୀ ମଙ୍ଗଳବାର ପାଳିତ ହୋଇଛି। ଏହି ଅବସରରେ ପୂର୍ବତନ ବିଧାୟକ ସୁବାସଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ରମଣୀକାନ୍ତ ଦାଶ, ଅମୀୟ ମିଶ୍ର, ଚନ୍ଦ୍ର ଶେଖର ମହାପାତ୍ର, ତାପସ ମହାପାତ୍ର, ଭୋଳେଶ୍ୱର ଦାସ, ସୁରଜ ଘଡେଇ, ମୋତିଲାଲ ଶର୍ମା, ସତ୍ୟନାରାୟଣ ପାଣି, ଦୟାଶଙ୍କର ଦ୍ୱିବେଦୀ, ଗଗନ ପାଣି, ସାଗର ସାହୁ, ଆଶିଷ ଦାଶଙ୍କ ସମେତ ଦଳୀୟ ନେତା ଓ କର୍ମୀ ପ୍ରମୁଖ ଉପସ୍ଥିତ ରହି ସ୍ଥାନୀୟ ଦେବଗଡ ଡାକ୍ତରଖାନାରେ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ।

ହୀରାକୁଦକୁ ହରାଇ ବଡ଼ମାଳ ସେମିଫାଇନାଲରେ

ରେଢ଼ାଖୋଲ,/ଅମରପାଲି, ୨୫।୧୨(ଡି.ଏନ.ଏ.)
ରେଢ଼ାଖୋଲ ବ୍ଲକ ବଡମାଳ ହାଇସ୍କୁଲ ପଡିଆରେ ଚାଲିଥିବା ୧୮ ତମ ଶହୀଦ ଶୁକଦେବ ସ୍ମାରକୀ କ୍ରିକେଟର ମଙ୍ଗଳବାର ଚତୁର୍ଥ ଦିବସରେ ହୀରାକୁଦକୁ ହରାଇ ବଡମାଳ ସେମିଫାଇନାଲକୁ ପ୍ରବେଶ କରିଛି। ଆୟୋଜକ ବଡମାଳ ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ଥିଲା। ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ଦଳ ୧୧୮ରନ କରିଥିଲା। ନରେନ୍ଦ୍ର ସାହୁ ୩୭ ରନ ଓ ବୁବୁମନ ନନ୍ଦ ୨୪ ରନ କରିଥିଲେ। ହୀରାକୁଦ ଦଳର ଜୁନେଦ ଖାନ ଓ ରିକୁନ ଅଭିନନ୍ଦନ ୩ଟି ଲେଖାଏଁ ଉଇକେଟ ନେଇଥିଲେ। ହୀରାକୁଦ ଦଳ ୧୮.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୧୪ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ହୀରାକୁଦ ଦଳର ସଞ୍ଜୀବ ଖଟୁଆ ୨୩ ଓ ଅର୍ଷଦ ଗିରିଧର ୧୯ ରନ ସଂଗ୍ରହ କରିଥିଲେ। ବଡମାଳ ଦଳର ମନୋଜ ଓ ଟିକୁ ୩ଟି ଲେଖାଏଁ ଉଇକେଟ ନେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ବଡମାଳ ଫାଣ୍ଡି ଅଧିକାରୀ ସାନ୍ତନୁ କୁମାର ବେହେରା ଯୋଗ ଦେଇ ବଡମାଳ ଦଳର ବୁବୁନ ନନ୍ଦଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ଘୋଷଣା କରି ପୁରସ୍କୃତ କରିଥିଲେ। ଖେଳକୁ ସୁଜିତ ନନ୍ଦ ଓ ଦେବେନ୍ଦ୍ର ପ୍ରଧାନ ପରିଚାଳନା କରିଥିବା ବେଳେ ରାଜକିଶୋର ପ୍ରଧାନ ସ୍କୋରର ଥିଲେ। ସରୋଜ ଦଳ ଧାରାବିବରଣି ପ୍ରଦାନ କରିଥିଲେ।

ବିଜୟୀ ଦଳର ଖେଳାଳିଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ଆଜାଦ କ୍ଲବ କ୍ରିକେଟ: ସେମିରେ ରାଶନପୁର

ମାନେଶ୍ୱର,୨୫।୧୨(ଡି.ଏନ.ଏ.)
ସମ୍ବଲପୁର ମହାନଗର ନିଗମ ଅଧୀନ ଚାନ୍ଦମୁଣ୍ଡା ଗାଁ ପଡିଆରେ ୧୯ ତମ ଆଜାଦ ହିନ୍ଦ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବିଜୟ ସେଠ, ପ୍ରକାଶ ନାଏକ, ଜଗନ୍ନାଥ ବାରିକ ଯୋଗ ଦେଇଥିଲେ । ପ୍ରଥମ ଦିନରେ ୧୦ ଓଭର ଲେଖାଏ ୩ଟି ମ୍ୟାଚ ହୋଇଥିଲା । ଉଦ୍ଘାଟନି ମ୍ୟାଚ ନକ୍ସାପାଲି ଓ ଶରଧାପାଲି ମଧ୍ୟରେ ହୋଇଥିଲା । ଏଥିରେ ନକ୍ସାପାଲି ଦଳ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ରାସନପୁର ଓ ଗୁଦେଲପାଲି ମଧ୍ୟରେ ହୋଇଥିଲା। ଏଥିରେ ରାସନପୁର ଦଳ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ ରାସନପୁର ଓ ନକ୍ସାପାଲି ମଧ୍ୟରେ ହୋଇଥିଲା । ରାସନପୁର ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରିଥିଲା। ୧୦ ଓଭରରେ ୪ ଉଇକେଟ ହରାଇ ମୋଟ ୧୩୪ ରନ ସଂଗ୍ରହ କରିଥିଲା। ୧୩୫ ରନର ଲକ୍ଷ ନେଇ ନକ୍ସାପାଲି ଦଳ ପଡିଆକୁ ଓହ୍ଲାଇଥିଲା। ହେଲେ ଗୋଟିଏ ପରେ ଗୋଟିଏ ଖେଳାଳି ଆଉଟ ହୋଇଯାଇଥିଲେ । ୧୦ ଓଭର ଖେଳି ମାତ୍ର ୭୮ ରନ ସଂଗ୍ରହ କରିଥିଲା । ରାସନପୁର ଦଳ ସେମିଫାଇନାଳରେ ପ୍ରବେଶ କରିଛି ।

ସମ୍ବଲପୁର ମହାନଗର ନିଗମ ଚାନ୍ଦମୁଣ୍ଡା ଗ୍ରାମରେ ଖେଳାଳିମାନେ ।

ବିନା ସୂଚନା ଫଳକରେ କାମ ଶେଷ

କୁଚିଣ୍ଡା, ୨୫।୧୨ (ଡି.ଏନ.ଏ.)
ଉନ୍ନୟନ କାମରେ ସ୍ୱଚ୍ଛତା ରକ୍ଷା ପାଇଁ କାର୍ଯ୍ୟ ଆରମ୍ଭ ପୂର୍ବରୁ କାର୍ଯ୍ୟ ସ୍ଥଳରେ ସୂଚନା ଫଳକ ଲଗାଇବା ପାଇଁ ସରକାରଙ୍କ ନିୟମ ରହିଛି । ଏଥିପାଇଁ ପାଣ୍ଠିର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହି ସବୁ ନିୟମ କିନ୍ତୁ ବାଉରାଗୋଡା ପଞ୍ଚାୟତରେ ପ୍ରହସନ ପାଲଟିଛି । ବିନା ସୂଚନା ଫଳକରେ ତେଲିପଡା ଡ୍ରେନ ଏବଂ ରାସ୍ତା ନିର୍ମାଣ ଶେଷ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । କୁଚିଣ୍ଡା ବ୍ଲକ ବାଉରାଗୋଡା ପଞ୍ଚାୟତର ଅର୍ଜୁନବାଡ ଗ୍ରାମର ତେଲିପଡା ସ୍କୁଲ ସମନାରେ ଡ୍ରେନ ଏବଂ କଂକ୍ରିଟ ରାସ୍ତା ନିର୍ମାଣ କାର୍ଯ୍ୟ ନିକଟରେ ଶେଷ ହୋଇଛି । ତେବେ କାର୍ଯ୍ୟ ସ୍ଥଳରେ କୌଣସି ସୂଚନା ଫଳକ ନାହିଁ। ଏଣୁ ଗ୍ରାମବାସୀ ଏହି କାର୍ଯ୍ୟ ବାବଦରେ ଅନ୍ଧାରରେ ରହିଛନ୍ତି । ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ମଧ୍ୟ ରାସ୍ତା କାମ ସମୟରେ କାର୍ଯ୍ୟସ୍ଥଳରେ ଉପସ୍ଥିତ ରହୁ ନ ଥିଲେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ବାବଦରେ ମତାମତ ପାଇଁ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ କୃଷ୍ଣଚନ୍ଦ୍ର କିସାନଙ୍କୁ ଯୋଗାଯୋଗ ପାଇଁ ବାରମ୍ବାର ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଫୋନ କାଟି ଦେବାରୁ ଯୋଗାଯୋଗ ସମ୍ଭବ ହେଲାନାହିଁ ।

ଅମ୍ବେକଶ୍ୱରୀ କ୍ରିକେଟ

ଯୁଯୁମୁରା ବ୍ଲକ ଅନ୍ଧାରୀ ଗ୍ରାମରେ ଖେଳାଳିଙ୍କ ସହ ଅତିଥି ।

ମାନେଶ୍ୱର,୨୫।୧୨(ଡି.ଏନ.ଏ.)
ଯୁଯୁମୁରା ବ୍ଲକ ଅନ୍ଧାରୀ ମାଁ ଅମ୍ବେକଶ୍ୱରୀ କ୍ରିକେଟ କ୍ଲବ ପକ୍ଷରୁ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି । ପ୍ରଥମ ଦିନରେ ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଅତିଥିଭାବେ ଅରୁଣ କୁମାର ଦେହୁରୀ ଯୋଗ ଦେଇଥିଲେ । ପ୍ରଥମ ମ୍ୟାଚ ଗୁଲୁଣ୍ଡା ଓ ବ୍ରହ୍ମଣୀନାଲା ମଧ୍ୟରେ ହୋଇଥିଲା । ବ୍ରାହ୍ମଣିନାଲା ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୬୧ ରନ ସ୍କୋର କରିଥିଲା । ଗୁଲୁଣ୍ଡା ଦଳ ୬ ଓଭର ୩ ବଲରେ ୬୨ ରନ ସ୍କୋର କରି ସହଜରେ ବିଜୟୀ ହୋଇଥିଲା । ସେହିପରି ୨ୟ ମ୍ୟାଚ ପଣ୍ଡରୀ ଓ ଟୁନା ଏସ୍କସାଇସ ମଧ୍ୟରେ ହୋଇଥିଲା । ପଣ୍ଡରି ପ୍ରଥମ ବ୍ୟାଟିଂ କରି ମୋଟ ୮୧ ରନ କରିଥିଲା। ହେଲେ ଟୁନା ଏସ୍କସାଇସ ଦଳ ମାତ୍ର ୩୫ ରନ ସଂଗ୍ରହ କରି ପରାଜୟ ହୋଇଥିଲେ। ଅସିତ କୁମାର ପ୍ରଧାନ, କିଶୋର ପ୍ରଧାନ, ବିପିନ ପ୍ରଧାନ, ବିକାଶ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ ।

ବାମଣ୍ଡା କ୍ରିକେଟ କପ୍‌ର ଦ୍ୱିତୀୟ ଦିନ

ସେମିରେ କଟକ ୟୁନିୟନ ସ୍ପୋର୍ଟିଂ

ଦେବଗଡ,୨୫।୧୨(ସ୍ୱ.ପ୍ର.)
ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ୨୯ତମ ବାମଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଦ୍ୱିତୀୟ ଦିନରେ ଜିମଖାନା କ୍ଲବ ରାଉରକେଲା ଏବଂ କଟକର ୟୁନିୟନ ସ୍ପୋର୍ଟିଂ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଜିମଖାନା କ୍ଲବ ରାଉରକେଲା ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ଓଭରରେ ୭ ଉଇକେଟ ହରାଇ ୨୧୭ ରନ କରିଥିଲା । ଦଳର ବିକି ପ୍ରସାଦ ୭୪ ବଲରେ ସର୍ବାଧିକ ୧୧୮ ରନ କରିଥିଲେ । ଜବାବରେ କଟକର ୟୁନିୟନ ସ୍ପୋର୍ଟିଂ ୨୮.୪ ଓଭରରେ ୪ଉଇକେଟ ହରାଇ ୨୧୮ରନ୍ କରି ବିଜୟ ଲାଭ କରି ସେମି ଫାଇନାଲକୁ ପ୍ରବେଶ କରିଛି । ପୁରସ୍କାର ବିତରଣ ଉତ୍ସବରେ ପ୍ରସନ୍ନ କୁମାର ବେହେରା ଯୋଗ ଦେଇଥିଲେ। ଜିମଖାନା କ୍ଲବ ରାଉରକେଲାର ବିକି ପ୍ରସାଦଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଛି। ଅମ୍ପାୟର ପରାଶର ବିଶ୍ୱାଳ, ସତ୍ୟପ୍ରକାଶ ରଥ ମ୍ୟାଚ୍ ପରିଚାଳନା କରିଥିଲେ । ସ୍କୋରର ଭାବେ ମନୋଜ ସେଠୀ ଦାୟିତ୍ୱ ତୁଲାଇଥିଲେ। ବେଶୁଧର ଗଡନାୟକ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ।

ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ସଫେଇ କାମରେ ବ୍ୟବହାର କରିବା ପାଇଁ ମଙ୍ଗଳବାର ୧୦ଟି ଗାଡିକୁ ଲୋକାର୍ପଣ କରାଯାଉଛି (ବାମ)। କୁଚିଣ୍ଡା ଡାକ୍ତରଖାନାର ଆଉଟଡୋରରେ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟା ପର୍ଯ୍ୟନ୍ତ କୌଣସି ଡାକ୍ତର ଆସି ନ ଥିବାରୁ ଚୌକି ଖାଲି ପଡିଛି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ରୋଜଗାରୀ ଯେବେ ଘରେ ରହଇ
ରଣ ବଢ଼େ, ରୋଗ ବଢ଼େ
କେହି ପଚାରନ୍ତି ନାହିଁ।

ପରିବାରର ଭରଣପୋଷଣ ବ୍ୟକ୍ତିର ରୋଜଗାର ଉପରେ ନିର୍ଭରଶୀଳ। ଯେବେ ଉପାର୍ଜନକ୍ଷମ ବ୍ୟକ୍ତି ନିକିମା ହୋଇ ଘରେ ବସି ରୁହେ, ସେତେବେଳେ ଘରର ଆର୍ଥିକ ସ୍ଥିତି ଦୋହଲି ଯାଏ। ଏପରିସ୍ଥଳେ ଘର ଚଳାଇବା ପାଇଁ ଅନିଚ୍ଛାକୃତ ରଣ କରିବାକୁ ପଡ଼ିଥାଏ। ଅର୍ଥାଭାବରୁ ମଧ୍ୟ ଭଲରେ ଖିଆପିଆ କରି ନ ପାରିବା କାରଣରୁ ସ୍ୱାସ୍ଥ୍ୟହାନିର ଭୟ ରହିଥାଏ। ସେହିପରି ସମ୍ବଳ ଅଭାବରୁ ଲୋକସମ୍ପର୍କ କଟିଯାଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ରଜପୁତ
ଆପଣା କାମକୁ ମଜଭୁତ ।

ଯାହାର ଯାହା ବୃତ୍ତି ହୋଇଥାଏ ସେହି ବିଷୟରେ ତା'ର ଅଭିଜ୍ଞତା ଅଧିକ ରହିଥାଏ। ଫଳସ୍ୱରୂପ ଉକ୍ତ କାର୍ଯ୍ୟକୁ ସେ ଅତିସହଜରେ ନେଇଆଣି ଥୋଇଦେଇ ପାରିଥାଏ। ପରନ୍ତୁ ଅନଭ୍ୟସ୍ତ ଲୋକ ନୂତନ କାର୍ଯ୍ୟରେ ହାତଦେଲେ ସେଥିରେ କ୍ଷତି ସହିଥାଏ। ତେଣୁ ଯିଏ ଯେଉଁ କାମ କରୁଥାଏ ସେହି କାମରେ ସେ ସେତେ ପାରଙ୍ଗମ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ପ୍ରେଷ୍ଟସ୍ ପବ୍ଲିଶର୍ସ

+PILES CLINIC+
Near Budheswari Temple, ମହ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

ଟି.ସି.ଏଫ୍. ଫାଇନାନ୍ସ
(ସରକାରୀ ପଞ୍ଜୀକୃତ)
ଋଣ ମାତ୍ର ୬ ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, ୦% ସୁଧ, ୫୦% ରିହାତି।
୦୮୮୫୯୬୮୫୫୮
୩୯, ପଟେଲ ନଗର, ଆଣ୍ଠିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

FINANCE
National Corporation
ପର୍ସନାଲ, ଏଜୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
(B.B.28, Sec. 4, Salt Lake City Kolkatta- 700064)
7606086442
7606062768
nationalcoop98@gmail.com

TCF FINANCE
TCF ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୧ ଦିନରେ । 0% ସୁଧ 45% ଛାଡ । ଘରେ ବସି ପାଆନ୍ତୁ
ଋଣ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8938866345
7088891905

LOAN
ସୁବର୍ଣ୍ଣ ସୁଯୋଗ ।
ଓଡ଼ିଶାର ସମସ୍ତ ବର୍ଗର ଲୋକମାନଙ୍କ ପାଇଁ କମ୍ ସୁଧରେ ଏବଂ ସହଜ କିସ୍ତିରେ ଋଣ ଯୋଗାଇ ଦିଆଯାଉଛି।
(ମହିଳାମାନଙ୍କ ପାଇଁ ବିଶେଷ ରିହାତି)
B-19, New Moti Bagh, New Delhi- 110021
8658167603
7064382081

ନବବର୍ଷ ଧମାକା
ଲକ୍ଷ୍ମୀ ଫାଇନାନ୍ସ
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଋଣ ମାତ୍ର 18 ଘଣ୍ଟାରେ 2% ସୁଧ, 50% ରିହାତି (ମହିଳାଙ୍କ ପାଇଁ ବିଶେଷ ରିହାତି)
09511074735
09528096099
Dakhin Galy, Town/Vill-Baijnathpur, Gaya-205131

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

ସତ୍ୟମ ବିଜନେସ୍ ସଲ୍ୟୁସନ୍ସ ଦ୍ୱାରା ଲୋନ ନିଅନ୍ତୁ, ଏଜେଣ୍ଟମାନଙ୍କ ଦ୍ୱାରା ସମ୍ପର୍କ କରନ୍ତୁ
7900515385, 9690381088
ଭୁବନେଶ୍ୱର-9690243041
ସମ୍ବଲପୁର- 9690367183
ବ୍ରହ୍ମପୁର- 7900240146
ଢେଙ୍କାନାଳ- 7900982000
ନୟାଗଡ଼- 7900365000

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:-
fileodisha@gmail.com
ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

କେମିତି ମଦ ଛାଡ଼ିବେ
ଆପଣ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାହ ୧ ଓ ୧୫, ହୋଟେଲ୍ କଳିଙ୍ଗ, ଷ୍ଟେସନ ରୋଲେଲ୍। ଭଦ୍ରକ: ୨ ଓ ୧୨, ହୋଟେଲ୍ ବ୍ଲୁଘାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ୍ ଜାମସେନ ପ୍ୟାଲେସ୍, ରୋଟବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ୍ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ୍ ଡ୍ରାଉଡେଣ୍ଟ (ଲକ୍ସ) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩।, ଅଶୋକ ନଗର, ଦ୍ୱିତିୟ-।। ପୁରୀ: ୬ ଓ ୨୦, ହୋଟେଲ୍ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ୍ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାହ ୮ ଓ ୨୨, ହୋଟେଲ୍ ସୁଜାତା, ଭି.ଏଚ୍.ଓ.ଟି. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାହ ୯ ଓ ୨୩, ହୋଟେଲ୍ ଶ୍ୟାମ, ବିଶ୍ରା ରୋଡ୍, ରେଳ ଷ୍ଟେସନ ନିକଟ। ପାରାଦୀପ: ପ୍ରତିମାହ ୮ ଓ ୨୨, ହୋଟେଲ୍ ଆରିଷ୍ଟୋକ୍ରାଟ୍। ଜେନ୍ଦାପଡ଼ା: ପ୍ରତିମାହ ୯ ଓ ୨୩, ହୋଟେଲ୍ ଗୋଲ୍ଡେନ୍ ପ୍ୟାଲେସ୍, ବସ୍ ଷ୍ଟାଣ୍ଡ ନିକଟ। ଜେନ୍ଦୁଝର: ପ୍ରତିମାହ ୧୦ ଓ ୨୪, ହୋଟେଲ୍ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ୍ ଉପହାର, ଓମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ୍ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୭, ହୋଟେଲ୍ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଡ୍ରଙ୍କ ରୋଡ୍। ଉଦୟାପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ୍ ଓରିଏଣ୍ଟାଲ୍, କୋଲ୍ ଆଉଟ୍ପୋ ନିକଟ। ଫୁଲବାଣୀ: ପ୍ରତିମାହ ୧୨ ତାରିଖ, ହୋଟେଲ୍ ରାଉ କମଲ। ନୟାଗଡ଼: ପ୍ରତିମାହ ୧୧ ତାରିଖ, ହୋଟେଲ୍ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, ଜୋର୍ଟ ଜେସ୍, ଗୁପ୍ତରୋଗ ଔଷଧ ଜାମ ନ ଜରିବା, ପୁରୁଣା ପାଚ୍ଚାରେ ଔଷଧ ଜାମ ନ ଜରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ ବଜା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଜାତିଦିଅନ୍ତି ତେବେ ତାଙ୍କୁ ଦ୍ୱିଗୁଣ ଟଙ୍କା ଦାବି ପୁରାବଳ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

NATIONAL FINANCE
ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର, ୨୪ ଘଣ୍ଟାରେ ସରକାରୀ ଯୋଜନା ଅଧୀନରେ ଘରେ ବସି ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ବିପିଏଲ୍ କାର୍ଡ, ବାମାଣା କାର୍ଯ୍ୟ ବେରୋଜଗାର ଋଣ, ମହିଳା ଗ୍ରୁପ୍ ଋଣ ସବୁ ଋଣ ବ୍ୟାଙ୍କରୁ ପାଆନ୍ତୁ। ୨% ସୁଧ ୪୦% ସରକାରୀ ସବ୍‌ସିଡି।
Helpline Numbers
7626989818
7626900218
T-51, Gali No.8, Gautampuri, Delhi-110053

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍

ଶେଷ ପାଦରେ ଉପଜୀତ ୨୦୧୮ରେ କୃଷି, ପ୍ରାଣୀପାଳନ କ୍ଷେତ୍ରରେ ସଂଘଟିତ ଉଲ୍ଲେଖନୀୟ ଘଟଣାର ସଂକ୍ଷିପ୍ତ ବିବରଣୀ...

ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା

ଆମ ରାଜ୍ୟର ସମସ୍ତ ବ୍ଲକରେ ଅପହଞ୍ଚ ଦୂରତାରେ ଥିବା ଗ୍ରାମଗୁଡ଼ିକରେ ମୋବାଇଲ ଭ୍ୟାନ ମାଧ୍ୟମରେ ପ୍ରାଣୀ ଚିକିତ୍ସା ସେବା, ପ୍ରତିଷେଧକ ଟିକା ପ୍ରଦାନ, କୃତ୍ରିମ ପ୍ରଜନନ, ଅସ୍ତ୍ରୋପଚାର, କୃଷିନିରାକରଣ ଆଦି ସହଜରେ ପହଞ୍ଚାଇ ଦିଆଯାଉଛି। ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଯଥା: ବାତ୍ୟା, ବନ୍ୟା ଓ ବାର୍ଡଫ୍ଲୁ ରୋଗର ପ୍ରାଦୁର୍ଭାବ ସମୟରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଟିମ୍ ମାଧ୍ୟମରେ ଚିକିତ୍ସା ସେବା, ଟିକାକରଣ ଆଦି ସହିତ ବାର୍ଡଫ୍ଲୁ ରୋଗ ପ୍ରାଦୁର୍ଭାବ ଅଞ୍ଚଳରେ ୧କିମି ବ୍ୟାସାର୍ଦ୍ଧ ମଧ୍ୟରେ କୁକୁଡ଼ା ଜାତୀୟ ପକ୍ଷୀଙ୍କୁ ନଷ୍ଟ କରିବା ପ୍ରକ୍ରିୟା ସହିତ ୧ରୁ ୧୦କିମି ବ୍ୟାସାର୍ଦ୍ଧ ମଧ୍ୟରେ ରୋଗ ସର୍ବେକ୍ଷଣ କାର୍ଯ୍ୟରେ ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ୟୁନିଟ୍ ବା ଏମ୍ଭିୟୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

ଦୁଗ୍ଧ ପ୍ରକ୍ରିୟାକରଣ ନିମନ୍ତେ ସ୍ୱୟଂଚାଳିତ ପ୍ଲାଣ୍ଟ

ଭୁବନେଶ୍ୱର ଜୟଦେବ ଭବନରେ ବିଶ୍ୱ ପ୍ରାଣୀଚିକିତ୍ସା ଦିବସ ଉପଲକ୍ଷେ ''ଜୀବିକା, ଖାଦ୍ୟ ନିରାପତ୍ତା ଓ ଖାଦ୍ୟ ସୁରକ୍ଷାର ଉନ୍ନତିରେ ପ୍ରାଣୀ ସମ୍ପଦର ଭୂମିକା'' ସମ୍ପର୍କିତ କର୍ମଶାଳା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍‌ଘାଟନ। ଏଥିରେ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ର ପ୍ରଦୀପ ମହାରଥଙ୍କ ସହିତ ଅନ୍ୟ ଅତିଥିମାନଙ୍କ ଯୋଗଦାନ। ଓମ୍‌ଫେଡ୍ ଓ NDDB ମଧ୍ୟରେ ୫ଲକ୍ଷ ଲିଟର ଦୁଗ୍ଧର ପ୍ରକ୍ରିୟାକରଣ ନିମନ୍ତେ ସ୍ୱୟଂଚାଳିତ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ରାଜିନାମା ସ୍ୱାକ୍ଷରିତ।

ଓଡ଼ିଆ କୃଷି ବୈଜ୍ଞାନିକଙ୍କୁ ଜାତୀୟ ସମ୍ମାନ

ଆଇସିଏଆର ଡାଇରେକ୍ଟର ଜେନେରାଲ ଡ. ତ୍ରିଲୋଚନ ମହାପାତ୍ର(ବାମ)ଙ୍କ ଠାରୁ ସମ୍ମାନ ଗ୍ରହଣ ଅବସରରେ ଡ. ଶରତ କୁମାର ପ୍ରଧାନ(ବାମରୁ ଦ୍ୱିତୀୟ)

ଧାନ ଗବେଷଣା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ଲାଗି ଜଣେ ଓଡ଼ିଆ କୃଷି ବୈଜ୍ଞାନିକଙ୍କୁ ମିଳିଛି ଜାତୀୟ ସମ୍ମାନ। ସେ ହେଲେ କଟକ ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନର ପ୍ରଧାନ ବୈଜ୍ଞାନିକ ଡ. ଶରତ କୁମାର ପ୍ରଧାନ। ୪୦ରୁ ଊର୍ଦ୍ଧ୍ୱ ଧାନ କିସମ ବିକଶିତ କରି ଏକ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ସହ ବହୁ ଚାଷୀଙ୍କ ଆର୍ଥିକ ମାନଦଣ୍ଡ ସ୍ୱଚ୍ଛଳ କରାଇବାରେ ସହାୟକ ହୋଇଛନ୍ତି। ନୂଆଦିଲ୍ଲୀଠାରେ ଜାତୀୟ ଜେନେଟିକ୍ସ କଂଗ୍ରେସ ପକ୍ଷରୁ ପ୍ରଥମ ଏବି ଯୋଶୀ ତ୍ରିବାର୍ଷିକ ଜାତୀୟ ସମ୍ମାନ ପାଇଛନ୍ତି ସେ। ସୂଚନାଯୋଗ୍ୟ ପ୍ରଥମ ଥର ଲାଗି ସେ ଏବର୍ଷ ବିକଶିତ କରିଥିବା ବନ୍ୟା ଓ ମରୁଡ଼ି ସହଣୀ ଶକ୍ତି ଥିବା ଧାନ କିସମ ସିଆର-୮୦୧, ସିଆର-୮୦୨ ଏବଂ ଜଳସେଚିତ ଜମିରେ ଅଧିକ ଅମଳକ୍ଷମ ଧାନ କିସମ ସିଆର ଧାନ-୩୦୯ ଏବେ ତାଙ୍କୁ ଚର୍ଚ୍ଚିତ କରାଇଛି।

ନୂତନ ଉଦ୍ଭାବିତ ଅଦା ଓ ହଳଦୀ କିସମ

ଚଳିତ ବର୍ଷ ଭାରତ ସରକାରଙ୍କ କୃଷି, ସମବାୟ ତଥା କୃଷକ କଲ୍ୟାଣ ବିଭାଗ ଦ୍ୱାରା ଗଠିତ ଉଦ୍ୟାନ କୃଷି ଫସଲର ବିହନ ସବ୍ କମିଟି ପକ୍ଷରୁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ଉଦ୍ଭାବିତ କେତେକ ନୂତନ କିସମକୁ ଚାଷ ଲାଗି ଅନୁମୋଦନ କରାଯାଇଛି।

ସେଗୁଡିକ ହେଲା -

ଅଦା: ସୁପ୍ରଭା (ପିଜିଏସ୍-୩୫), ସୁରୁଚି (ପିଜିଏସ୍-୧୯) ଓ ସୁରଭି (ଭି୧କେ୧- ୩)।

ହଳଦୀ: ରୋମା (ପିଟିଏସ୍-୧୦), ସୁରମା (ପିଟିଏସ୍-୨୪) ଓ ରଶ୍ମି (ପିଟିଏସ୍-୯)।

ସୂଚନାଯୋଗ୍ୟ, ରାଜ୍ୟରେ ଜୈବିକ କୃଷି କାର୍ଯ୍ୟକ୍ରମ ସକାଶେ ପ୍ରତିବର୍ଷ ୪୦୦୦୦ ହେକ୍ଟର ହିସାବରେ ପାଞ୍ଚ ବର୍ଷରେ ୨ଲକ୍ଷ ହେକ୍ଟର ଜମିରେ ଜୈବିକ ଫସଲ ଚାଷ ପାଇଁ ସ୍ଥିରୀକୃତ ହୋଇଛି(ରାଜ୍ୟଜୈବ କୃଷି ପଲିସି-୨୦୧୮)।

ଦିଗନ୍ତ

ପ୍ରାଣୀଙ୍କୁ ବୀମାକରଣ

ଚଳିତବର୍ଷ ଜାତୀୟ ପ୍ରାଣୀଧନ ମିଶନ ଅଧୀନରେ ଦୁଧୁଆଳି ଗାଈ ଓ ମଇଁଷି ବ୍ୟତୀତ ଛେଳି ଓ ମେଣ୍ଢାଙ୍କୁ ମଧ୍ୟ ବୀମାଭୁକ୍ତ କରିବା ନିମନ୍ତେ ବ୍ୟବସ୍ଥା କରାଯାଇଛି।

ବାର୍ଡ ଫ୍ଲୁ ସତର୍କତା

ସାଧାରଣତଃ ଆଭିଆନ୍ ଇନ୍‌ଫ୍ଲୁଏଞ୍ଜା ବା ବାର୍ଡଫ୍ଲୁ ଏକ ମାରାତ୍ମକ ଭୂତାଣୁଜନିତ ରୋଗ। ଏକ ଖଣ୍ଡବିଖଣ୍ଡିତ ଆରଏନଏଯୁକ୍ତ ଏଚ-୫, ଏନ-୧ ଭୂତାଣୁ ଦ୍ୱାରା ଏହା ହୋଇଥାଏ। ଏହା ଅର୍ଥୋମିକ୍ସୋ ପରିବାର ଓ ଇନ୍‌ଫ୍ଲୁଏଞ୍ଜା ଭୂତାଣୁ-କ (ଏ) ଶ୍ରେଣୀର ଅନ୍ତର୍ଭୁକ୍ତ। ଏହା କୁକୁଡ଼ା, ବତକ, ଟର୍କି, ଚାଇନା କୁକୁଡ଼ା ଓ ପାଣିକୁଆ ଭଳି ପକ୍ଷୀଙ୍କଠାରେ ଦେଖାଦେଇ ପ୍ରଭୂତ କ୍ଷତି ଘଟାଇଥାଏ। ଏହି ରୋଗର ଭୂତାଣୁ ଶୀତଦିନେ ବିଭିନ୍ନ ବିଦେଶୀ ଆଗନ୍ତୁକ ପକ୍ଷୀ ମାଧ୍ୟମରେ କୁକୁଡ଼ାଙ୍କଠାରେ ଦେଖାଦେଲେ ଅସ୍ୱାଭାବିକ ଭାବେ ଏକାଥରକେ ଶତପ୍ରତିଶତ କୁକୁଡ଼ାଙ୍କ ମୃତ୍ୟୁ ଘଟିଥାଏ। ତେବେ ନିକଟରେ ଭୋପାଳସ୍ଥିତ ଉଚ୍ଚତର ପରୀକ୍ଷାଗାରେ ଆମ ରାଜ୍ୟର ବିଭିନ୍ନ ଜିଲାରୁ ସଂଗୃହୀତ ନମୁନାର ପରୀକ୍ଷା କରାଯାଇଥିଲା। ଏଥିରେ ପୁରୀ ଜିଲାର କୃଷ୍ଣପ୍ରସାଦ ବ୍ଲକର ଚିଲିକା ପାର୍ଶ୍ୱବର୍ତ୍ତୀ କେତେକ ଗାଁରେ ବାର୍ଡ ଫ୍ଲୁ ଭୂତାଣୁ ଚିହ୍ନଟ ହେବାପରେ ସରକାରଙ୍କ ତରଫରୁ ବ୍ୟାପକ ପ୍ରତିଷେଧ ମୂଳକ ବ୍ୟବସ୍ଥା ଗ୍ରହଣ। ଅବଶ୍ୟ ଏ ନେଇ ଆତଙ୍କିତ ନ ହେବା ଲାଗି ସମ୍ପୃକ୍ତ ବିଭାଗ ପକ୍ଷରୁ ପରାମର୍ଶ ଦିଆଯିବା ସହ କୁହାଯାଇଛି ଯଦି କୌଣସି ସ୍ଥାନରେ ମୃତ କାଉ ପଡ଼ିଥିବାର ଲକ୍ଷ୍ୟ କରାଯାଏ, ତେବେ ତାହାକୁ ପୋଡ଼ିଦେବା ବା ପୋତିଦେବା ଆବଶ୍ୟକ। କୁକୁଡ଼ା ରଖିବା ଘର ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ଜୈବ-ନିରାପତ୍ତା ପ୍ରତି ବିଶେଷ ଧ୍ୟାନ ଦେବା ଜରୁରୀ।

ଅଧିକ ଉତ୍ପାଦନକ୍ଷମ ମଟର କିସମ ବିକଶିତ

ଭାରତୀୟ ପନିପରିବା ଗବେଷଣା ସଂସ୍ଥା ପକ୍ଷରୁ ଚଳିତ ବର୍ଷ ଅଧିକ ଉତ୍ପାଦନକ୍ଷମ ମଟର କିସମ ବିକଶିତ ହୋଇଛି। ଭିଏଲ୍-୮ ଏବଂ ପିସି-୫୩୧ ପ୍ରଜାତିର ସଙ୍ଗମରୁ ଏହାକୁ ସୃଷ୍ଟି କରାଯାଇଥିଲା। ଏହାର ରୋଗପ୍ରତିରୋଧକ କ୍ଷମତା ଅଧିକ ଥିବାବେଳେ ଏହା ପରିବର୍ତ୍ତିତ ପରିବେଶରେ ଜୀବନଧାରଣ କରିବାକୁ ସକ୍ଷମ ହୋଇଥାଏ ବୋଲି ପ୍ରଫେସର ଡ. ରାକେଶ କେ. ଦୁବେଙ୍କ ନେତୃତ୍ୱରେ ଗଠିତ ଗବେଷକଙ୍କ ଦ୍ୱାରା କରାଯାଇଥିବା ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏହାଦ୍ୱାରା ଚାଷୀ ବେଶ୍ ଉପକୃତ ହୋଇପାରିବେ।

ଉସମାନାବାଦ୍ ଛେଳିର ନୂତନ ପ୍ରଜାତି

ବାଙ୍ଗାଲୋରସ୍ଥିତ ଭାରତୀୟ ପ୍ରାଣୀ ବିକାଶ ସଂସ୍ଥା ପକ୍ଷରୁ ବିକଶିତ କରାଯାଇଛି ଉସମାନାବାଦ୍ ଛେଳିର ଏକ ନୂତନ ପ୍ରଜାତି। ଏହା ଅଧିକ ତାପମାତ୍ରା ତଥା ପରିବର୍ତ୍ତିତ ଜଳବାୟୁରେ ବଞ୍ଚି ରହିବାକୁ ସକ୍ଷମ ହେବ। ଏହାର ରୋଗ ପ୍ରତିରୋଧକ କ୍ଷମତା ଅଧିକ ଥିବାବେଳେ ଖୁବ୍ କମ୍ ସମୟ ମଧ୍ୟରେ ଛୁଆ ଜନ୍ମ କରିବାକୁ ସକ୍ଷମ ହୋଇଥାଏ। ଫଳରେ ଏହାର କ୍ଷୀର ଉତ୍ପାଦନ କ୍ଷମତା ଅଧିକ ରହିଥାଏ। ଏହା ଦ୍ୱାରା ମାଂସ ଚାହିଦା ପୂରଣ ହୋଇପାରିବ। ଓସମାନାବାଦ ଓ ସଲିମ୍ ବ୍ଲାକ୍ ପ୍ରଜାତିର ସଙ୍ଗମରୁ ଏହାକୁ ସୃଷ୍ଟି କରାଯାଇଥିଲା।

ପ୍ରାଣୀ ହେଲ୍ପ ଲାଇନ ଓ ଆମ୍ବୁଲାନ୍ସ ସେବା

ଚଳିତବର୍ଷ ଅକ୍ଟୋବର ମାସଠାରୁ କଟକ, ଭୁବନେଶ୍ୱର ଓ ବ୍ରହ୍ମପୁର ସହରରେ ଆରମ୍ଭ ହୋଇଛି ପ୍ରାଣୀ ହେଲ୍ପଲାଇନ ଓ ଆମ୍ବୁଲାନ୍ସ ସେବା। ଏହି ଆମ୍ବୁଲାନ୍ସରେ ମେଡିକାଲ ସାମଗ୍ରୀ ସହିତ ପ୍ରାଣୀମାନଙ୍କ ବିଭିନ୍ନ ପ୍ରାଥମିକ ଚିକିତ୍ସା ପାଇଁ ଔଷଧୀ ସାମଗ୍ରୀ ରହିଛି। ଦୁର୍ଘଟଣାଜନିତ ଆହତ ପ୍ରାଣୀଙ୍କୁ ଏହି ସେବା ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି।

ରାଜ୍ୟସ୍ତରୀୟ ଗୋ-ସମ୍ବର୍ଦ୍ଧନା ଉତ୍ସବ

ପୁରୀ ଜିଲା ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଗୁଆଳୀଗୋରଡ଼ା ମେଲଣ ପଡିଆରେ ଅନୁଷ୍ଠିତ ୬୭ତମ ରାଜ୍ୟସ୍ତରୀୟ ଗୋସମ୍ବର୍ଦ୍ଧନା ଉତ୍ସବ ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ଦ୍ୱାରା ଉଦ୍‌ଘାଟିତ। ମୁଖ୍ୟଅତିଥି ମହାରଥୀ ଙ୍କ ଦ୍ୱାରା ଗୋ ପୂଜନ ଓ ଗୋ ପ୍ରଦର୍ଶନୀ ପରିଦର୍ଶନ ସହ ଉନ୍ନତ ଗାଈ, ଛଡା ଓ ବାଛୁରୀ ପାଳନ କ୍ଷେତ୍ରରେ ଶ୍ରେଷ୍ଠ ଗୋପାଳକଙ୍କୁ ୪ହଜାର, ୩ ହଜାର, ୨ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ।

ପ୍ରାଣୀ ଚିକିତ୍ସକ ସମ୍ବର୍ଦ୍ଧିତ

ଭୁବନେଶ୍ୱର ଉପକଣ୍ଠ କୌଶଲ୍ୟାଗଙ୍ଗସ୍ଥିତ ସିଫାଠାରେ ଅନୁଷ୍ଠିତ ''ମତ୍ସ୍ୟ ଚାଷ ଓ ପ୍ରାଣୀପାଳନ କ୍ଷେତ୍ରରେ ଅଣୁଜୀବ ବିରୋଧରେ ପ୍ରତିରୋଧକ ଶକ୍ତି ଏବଂ ଆଣ୍ଟି ବାୟୋଟିକ୍ସ ବ୍ୟବହାରର ବିକଳ୍ପ'' ସମ୍ପର୍କିତ ଉପସ୍ଥାପନ ଲାଗି ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ (ରୋଗ ନିୟନ୍ତ୍ରଣ) ଡା. ବୀର କିଶୋର ପରିଡା ସମ୍ବର୍ଦ୍ଧିତ। ଏଥିସହିତ ଚୌଦ୍ୱାର ମଙ୍ଗରାଜପୁରସ୍ଥିତ ନନ୍ଦଗାଁ ବୃଦ୍ଧ ଗୋସେବା ଆଶ୍ରମରେ ଅନୁଷ୍ଠିତ ଗୋପାଷ୍ଟମୀ ଓ ଦୀପାବଳି ବନ୍ଧୁମିଳନ ଉତ୍ସବରେ ପ୍ରାଣୀସମ୍ପଦ ବିଭାଗରେ ଉଲ୍ଲେଖନୀୟ କାର୍ଯ୍ୟ ଲାଗି ଡା. ପରିଡ଼ାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ।

ଡା. ବୀର କିଶୋର ପରିଡା

ପରପାରିରେ ପ୍ରାଣୀ ସମ୍ପଦ ବିକାଶର କିମ୍ବଦନ୍ତୀ ପୁରୁଷ

ଓଡ଼ିଶାର ପ୍ରୋଜେନ ସିମେନ ଟେକ୍‌ନୋଲୋଜିର ଜନକ ଭାବେ ପରିଚିତ ଡା. ଲକ୍ଷ୍ମୀଧର ମହାନ୍ତିଙ୍କର ୮୭ବର୍ଷ ବୟସରେ ପରଲୋକ। ରାଜ୍ୟ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟର ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ ତଥା ଓଡ଼ିଶାର ଲାଇଭଷ୍ଟକ୍ ଡେଭଲପ୍‌ମେଣ୍ଟ ସୋସାଇଟି ଓ ଉତ୍କଳ ଆନିମଲ ବ୍ରିଡିଙ୍ଗ ରିସର୍ଚ୍ଚ ଆଣ୍ଡ ଟେକ୍‌ନୋଲୋଜିର ପ୍ରତିଷ୍ଠାତା ଥିଲେ ସେ। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପକ୍ଷରୁ ଡା. ଲକ୍ଷ୍ମୀଧର-ସରୋଜିନୀଙ୍କ ନାମରେ ପ୍ରାଣୀ ପ୍ରଜନନ ଓ ପ୍ରାଣୀ ରୋଗ ଶିକ୍ଷାରେ ଅଣ୍ଡର ଗ୍ରାଜୁଏଟ୍ ସ୍ତରରେ ସର୍ବୋଚ୍ଚ ନମ୍ବର ରଖିଥିବା ମେଧାବୀ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନର ବ୍ୟବସ୍ଥା।

ଡା. ଲକ୍ଷ୍ମୀଧର ମହାନ୍ତି

ଲୁଣା ମାଟି, ମରୁଡି ପରିସ୍ଥିତିରେ ବଞ୍ଚି ରହୁଥିବା ଧାନ 'ପୋକ୍କଲୀ'

ଚଳିତ ବର୍ଷ ଜବାହର ଲାଲ ନେହେରୁ ବିଶ୍ୱବିଦ୍ୟାଳୟର ଅନ୍ତର୍ଜାତୀୟ ଜେନେଟିକ୍ ଇଞ୍ଜିନିୟରିଂ ତଥା ବାୟୋ-ଟୋକ୍ନୋଲାଜି ବିଭାଗର ଗବେଷକମାନେ ଏକ ଟ୍ରାନ୍ସଜେନିକ୍ ଧାନ କିସମ ବିକଶିତ କରିଛନ୍ତି। ଏହାକୁ ପୋକ୍କଲୀ ଭାବେ ନାମିତ କରାଯାଇଛି। ଏହା ଅଧିକ ଲୁଣା ମାଟି, ମରୁଡ଼ି ପରସ୍ଥିତି ଏବଂ ଅଧିକ ତାପମାତ୍ରାରେ ମଧ୍ୟ ତିଷ୍ଠି ରହିବାକୁ ସକ୍ଷମ ହେବ। ଏହାର ଉତ୍ପାଦନ କ୍ଷମତା ମଧ୍ୟ ଅନ୍ୟ ପ୍ରଜାତିର ଧାନଠାରୁ ଅଧିକ ରହିବ ବୋଲି ପ୍ରଫେସର ଡ. ଅଶ୍ୱିନୀ ପାରେଖଙ୍କ ନେତୃତ୍ୱରେ ଗଠିତ ଗବେଷକଙ୍କ ପକ୍ଷରୁ ସୂଚିତ କରାଯାଇଛି। ସୂଚନାଯୋଗ୍ୟ କେରଳରେ ଏହି ଧାନ କିସମ ପରୀକ୍ଷାମୂଳକ ଭାବେ ଚାଷ କରାଯାଇଥିଲା।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ଡିସେମ୍ବର ୨୬/୨୦୧୮

ମନୁଷ୍ୟ ନିଜର ଓ ନିଜ ପରିବାରର ଭରଣପୋଷଣ ପାଇଁ ଆବଶ୍ୟକ ପରିମାଣର ଅର୍ଥ ସଂଗ୍ରହ କରିବା ଉଚିତ। ତା'ଠାରୁ ଅଧିକ ଅର୍ଥ ଯଦି ସଂଗ୍ରହ କରେ ସେ ଚୋର ଅଟେ। - ବ୍ୟାସଦେବ

ସଂକ୍ଷେପରେ

ଏମ୍‌ବି ପ୍ୟାରିରାଜଙ୍କୁ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି

ରେଙ୍ଗାଲି, ୨୫।୧୨ (ଡି.ଏନ.ଏ.)- ରେଙ୍ଗାଲି ହରିହର ଧର୍ମଶାଳା ଉପରେ ବରିଷ୍ଠ ବିଜେଡି ନେତା ଏମବି ପ୍ୟାରିରାଜଙ୍କ ବିୟୋଗରେ ମଙ୍ଗଳବାର ସର୍ବ ଦଳୀୟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧକ୍ଷ କିଶୋର କୁମାର ମହାନ୍ତିଙ୍କ ଆହ୍ୱାନରେ ବରିଷ୍ଠ ବିଜେଡି କର୍ମୀ ବିଶ୍ୱକେସନ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ପ୍ରମୋଦ ରଥ, ବିଧାୟକ ରମେଶ ପଟୁଆ, ବ୍ଲକ ସଭାପତି ଅଶୋକ ଗୁରୁ, ନାରାୟଣ ଶର୍ମା, କିରଣ ବେହେରା, ତାପସ ରାୟ ଚୌଧୁରୀ, କହ୍ନୁ ମିଶ୍ର, ଶଶିଭୂଷଣ ସାହୁ, ଜୟବ୍ରତ ଦେ, ଡ. ଚିନ୍ତାମଣି ମେହେର, ଭାଜପାର ଜିତେନ୍ଦ୍ର ପ୍ରସାଦ ପଣ୍ଡା ଓ ପ୍ରଶାନ୍ତ ପଣ୍ଡା, ବରିଷ୍ଠ ନାଗରିକ ପରିଷଦର ସଭାପତି ତୁଳସୀ ଦାସ ମାହାଣା, ଟ୍ରକ ମାଲିକ ସଂଘ ସଭାପତି ପ୍ରଶାନ୍ତ ପଣ୍ଡା, ଆମ୍ ଆଦମି ଦଳର ମନରଞ୍ଜନ ସାହୁ, ଫଣିନ୍ଦ୍ର ପଟ୍ଟନାୟକ ପ୍ରମୁଖଙ୍କ ସହ ଶତାଧିକ ବିଭିନ୍ନ ଦଳୀୟ କର୍ମୀ, ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

ରେଙ୍ଗାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ରେଙ୍ଗାଲି, ୨୫।୧୨ (ଡି.ଏନ.ଏ.)- ରେଙ୍ଗାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଷଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ସ୍କୁଲ ପରିସରରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ସମ୍ବଲପୁର ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ସୀତାଂଶୁ ତ୍ରିପାଠୀ ମୁଖ୍ୟଅତିଥି, ସଞ୍ଜୟ କୁମାର ମିଶ୍ର ସମ୍ମାନୀତ ଅତିଥି, ଝାରସୁଗୁଡା ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ଅଧ୍ୟାପକ ଦୁର୍ଗାପ୍ରସାଦ ସାହୁ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ସ୍କୁଲ ସଭାପତି ରାଜୀବ ମିଶ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ସ୍କୁଲ ପ୍ରଧାନ ଆଚାର୍ଯ୍ୟ ଗଣେଶ୍ୱର ନାଏକ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ ସମ୍ପାଦକ ସରୋଜ ବିଶୋଇ,ସ୍କୁଲ ଉପଦେଷ୍ଟା ଶଶି ସାହୁ, ଯୁଗ୍ମ ସମ୍ପାଦକ ଜଗଦୀଶ ପୂଜାରୀ, କୋଷାଧକ୍ଷ ଅକ୍ଷୟ ସୁସାରା ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାରେ ସଫଳ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ମଞ୍ଚାସୀନ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ସଂସ୍କାର କେନ୍ଦ୍ର ପକ୍ଷରୁ ସ୍ୱଚ୍ଛ ପରିବେଶ ଗଠନ କରିବାକୁ ଆହ୍ୱାନ

ଚିପିଲିମା, ୨୫।୧୨ (ଡି.ଏନ.ଏ)-ବୁର୍ଲାସ୍ଥିତ ଜ୍ୟୋତିବିହାର ସଂସ୍କାର କେନ୍ଦ୍ର ପକ୍ଷରୁ ହୀରାକୁଦ ଡ୍ୟାମ୍ ନିକଟସ୍ଥ ଝାଙ୍କରାଣୀ ମନ୍ଦିରଠାରେ ସ୍ୱଚ୍ଛ ପରିବେଶ ଗଠନ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବୁର୍ଲା ଭିମ୍‌ସାର କମ୍ୟୁନିଟି ମେଡିସିନ୍ ବିଭାଗୀୟ ମୁଖ୍ୟ ପ୍ରଫେସର ସାଧୁଚରଣ ପଣ୍ଡା, ଜୟନ୍ତ ଦାସ, ଜ୍ୟୋତିବାହାର ହାଇସ୍କୁଲ ଶିକ୍ଷକ କମଳାକାନ୍ତ ପଣ୍ଡା ପ୍ରମୁଖ ଅତିଥି ଭାବରେ ଯୋଗଦେଇ ବଣଭୋଜି କରିବାକୁ ଆସିଥିବା ବ୍ୟକ୍ତିବିଶେଷ ତଥା ପର୍ଯ୍ୟଟକମାନେ ପ୍ଲାଷ୍ଟିକ, ପଲିଥିନ ବର୍ଜନ କରିବା ସହ ଡଷ୍ଟବିନ୍ ବ୍ୟବହାର କରି ଏହି ଅଞ୍ଚଳକୁ ସଫାସୁତୁରା ରଖିବାକୁ ଆହ୍ୱାନ ଦେଇଥିଲେ । ଏଣେତେଣେ ଶୌଚ ନ କରିବାକୁ ପରାମର୍ଶ ଦେବାସହ ଗଛପତ୍ରର ସୁରକ୍ଷା ସହ ପ୍ରାକୃତିକ ସୌନ୍ଦର୍ଯ୍ୟର ସୁରକ୍ଷା କରିବାକୁ ପରାମର୍ଶ ଦିଆଯାଇଥିଲା । ଏହି ଅବସରରେ ଏକ ପଥପ୍ରାନ୍ତ ନାଟକ ଛାତ୍ରୀଛାତ୍ର ପ୍ରଦର୍ଶନ କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଶେଷରେ ମନୋଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ମାରୁଆଡ଼ିମୁଣ୍ଡାରେ ଧାନମଣ୍ଡିକୁ ଚାଷୀଙ୍କ ବିରୋଧ

ନାକଟିଦେଉଳ,୨୫।୧୨ (ଡି.ଏନ.ଏ.)

ନାକଟିଦେଉଳରେ ଧାନ ମଣ୍ଡି ଖୋଲାଯାଇ ଧାନ କିଣିବାକୁ ସାହେବୀ ଏବଂ ନାକଟିଦେଉଳର ଚାଷୀ ମାନେ ଦାବି କରିଛନ୍ତି । ଏ ନେଇ ଚାଷୀମାନେ ମଙ୍ଗଳବାର ନାକଟିଦେଉଳ ସମବାୟ ସମିତି କାର୍ଯ୍ୟାଳୟ ଆଗରେ ପାଟିତୁଣ୍ଡ କରିଛନ୍ତି । ଦୀର୍ଘ ସମୟ ଧରି ଘେରାଉ କରି ବୁଧବାର ହେବାକୁ ଥିବା ଧାନ ବିକ୍ରି ପାଇଁ ଟୋକନ ଦେବା ପ୍ରକ୍ରିୟା ବନ୍ଦ କରିବାକୁ ଦାବି କରିଥିଲେ। ଏଣୁ ସମିତିରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା । ନାକଟିଦେଉଳ ମଣ୍ଡି ନାକଟିଦେଉଳରେ ନ ହୋଇ ମାରୁଆଡ଼ିମୁଣ୍ଡାରେ ଖୋଲାଯାଇଛି। ଏହି ମଣ୍ଡିରେ ଦଲାଲ ସକ୍ରିୟ ରହୁଛନ୍ତି। ବଭିନ୍ନ ସମୟରେ ଅଚଳାବସ୍ଥା ଉପୁଜୁଛି। ଚାଷୀ ଆଜି ପର୍ଯ୍ୟନ୍ତ ଧାନ ବିକ୍ରି କରି ନ ପାରି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ସାହେବୀ ପଞ୍ଚାୟତରୁ ମାରୁଆଡ଼ିମୁଣ୍ଡା ମଣ୍ଡିର ଦୂରତା ପ୍ରାୟ ୧୦କି.ମି.। ନାକଟିଦେଉଳରୁ ୪ କି.ମି. ଦୂର। ଫଳରେ ଚାଷୀ ଖର୍ଚ୍ଚାନ୍ତ ହୋଇ ଏତେ ବାଟରେ ଯାଇ ଧାନ ବିକ୍ରି କରିବାକୁ ହଇରାଣ ହେଉଛନ୍ତି। ଏଥି ଯୋଗୁ ନାକଟିଦେଉଳରେ ଏକ ଧାନ ମଣ୍ଡି ଖୋଲିବାକୁ ଦାବି କରି ପୂର୍ବରୁ ଜିଲାପାଳ, ଉପଜିଲାପାଳ, ରେଢାଖୋଲ ବିଧାୟକଙ୍କୁ ପୂର୍ବରୁ ଦାବିପତ୍ର ପ୍ରଦାନ କରିଥିଲେ । ହେଲେ ପଦକ୍ଷେପ ନିଆ ଯାଇନି। ଏଣୁ ଚାଷୀ ତାତିଛନ୍ତି । ମଙ୍ଗଳବାର ସମବାୟ ସମିତିରେ ପହଞ୍ଚି ପାଟିତୁଣ୍ଡ କରିବା ସହ ଏଠାରେ ମଣ୍ଡି ନ ଖୋଲାଯିବା ପର୍ଯ୍ୟନ୍ତ ଟୋକନ ଦିଆଯିବା ପ୍ରକ୍ରିୟାକୁ ବନ୍ଦ କରି ଦେଇଥିଲେ। ଚାଷୀନେତା ରାମପ୍ରସାଦ ସାହୁ, ଗୀତାଞ୍ଜଳି ପ୍ରଧାନ, ବିରିଞ୍ଚି ଶଙ୍କର ସାହୁ, ହୃଷୀକେଶ ସାହୁ, ପୁର୍ଣ୍ଣଚନ୍ଦ୍ର ସାହୁ, ଛବିଳ ସାହୁଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ବୁଧବାର ଧାନ ବିକିବାକୁ ଜିଦ୍ କରି ସରପାଲି ପଞ୍ଚାୟତର ଚାଷୀ ଟୋକନ ନେବା ଲାଗି ନାକଟିଦେଉଳ ସମବାୟ ସମିତି କାର୍ଯ୍ୟାଳୟ ଆଗରେ ବସି ରହିଛନ୍ତି। ଏଣୁ ଏହା ସମିତି କର୍ତ୍ତୃପକ୍ଷଙ୍କୁ ଅଡୁଆରେ ପକାଇଛି।

ନିର୍ବାଚନୀ ଚାନ୍ଦା ସଂଗ୍ରହ ଅଭିଯୋଗ କରି ମଣ୍ଡି ଘେରାଉ

ପଡିଆବାହାଲ, ୨୫।୧୨ (ଡି.ଏନ.ଏ)

ମଙ୍ଗଳବାର ଖଲିଆପାଲି ବଜାର ପ୍ରାଙ୍ଗଣରେ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଘେରାଉ କରାଯାଇଛି।

କାଳିଆ ଯୋଜନା ହାସ୍ୟସ୍ପଦ । ଏଥିରେ ଚାଷୀଙ୍କ କୌଣସି ଲାଭ ହେବ ନାହିଁ ବରଂ କାଳିଆ ନାଁରେ ଚାଷୀଙ୍କୁ ସରକାର ତାଚ୍ଛଲ୍ୟ କରୁଥିବା ଭାଜପା କୃଷକ ମୋର୍ଚ୍ଚା ଅଭିଯୋଗ କରିଛି । କଟନି ଛଟନି ଉପରେ ରାଜ୍ୟ ସରକାର ରୋକ ଲଗାଇଛନ୍ତି। କଟନି ନେଉଥିଲେ ମିଲ ମାଲିକଙ୍କୁ ଗିରଫ କରିବାକୁ ଘୋଷଣା କରିଛନ୍ତି। ଏହା ସତ୍ତ୍ୱେ ଧାନ କ୍ରୟ ବେଳେ ୫ରୁ ୧୦ କେଜି କଟନି କରାଯାଇ ଶୋଷଣ କରାଯାଉଛି। ଏଭଳି ଅବସ୍ଥା ମଙ୍ଗଳବାର ଖଲିଆପାଲି ବଜାର ପ୍ରାଙ୍ଗଣରେ ଦେଖା ଦେଇଥିଲା। ଏ ନେଇ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଜିଲା ସଭାପତି ମୃତ୍ୟୁଞ୍ଜୟ ପାଣିଗ୍ରାହୀଙ୍କ ନେତୃତ୍ୱରେ ମଣ୍ଡି ଘେରାଉ କରାଯାଇଛି। କଟନି ଛଟନି ବିରୋଧରେ ସମବାୟ ଓ ଯୋଗାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ରଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା । କଟନି ନାଁରେ ସରକାର ନିର୍ବାଚନୀ ଚାନ୍ଦା ସଂଗ୍ରହ କରୁଥିବା ମୋର୍ଚ୍ଚା ଅଭିଯୋଗ କରିଛି। ଚାଷୀଙ୍କୁ ସଂପୂର୍ଣ୍ଣ ରଣଛାଡ, ବୋନସ ପ୍ରଦାନ ଓ ମରୁଡି ଘୋଷଣା କରିବାକୁ ଦାବି କରିଛି । ଅନ୍ୟମାନଙ୍କ ମଧ୍ୟରେ ମୋର୍ଚ୍ଚ ସମ୍ପାଦକ ଅରୁଣ ପଧାନ, ମଣ୍ଡଳ ସଭାପତି ପ୍ରମୋଦ ମିଶ୍ର (ମୁନୁ), ବାହାମ ସରପଞ୍ଚ ମିତ୍ରଭାନୁ ପଧାନ, ଯୁବ ମଣ୍ଡଳ ସଭାପତି ଶୋଭନ କୁମାର ପୁରୋହିତ, ଶଙ୍କର ଭୋଇ ପ୍ରମୁଖ ବହୁ କର୍ମୀ ଉପସ୍ଥିତ ଥିଲେ ।

ଜୟନ୍ତୀରେ ବାଜପେୟୀଙ୍କୁ ଶ୍ରଦ୍ଧାସୁମନ

ବାମରା, ୨୫।୧୨ (ସ୍ୱ.ପ୍ର.)

ଭାରତ ରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୯୪ତମ ଜନ୍ମ ବାର୍ଷିକ ବାମରାଠାରେ ପାଳିତ ହୋଇଯାଇଛି। ଏନେଇ ଏକ କାର୍ଯ୍ୟକ୍ରମ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଚକ୍ରଧର ସାହୁ, ନିରଜ ଅଗ୍ରୱାଲ, ନରେଶ ସିଂ ଠାକୁର, ପ୍ରମୋଦ ନାଏକ ଓ ସଞ୍ଜୟ ଅଗ୍ରୱାଲଙ୍କ ସହ ଅନ୍ୟାନ୍ୟ ଲୋକେ ଯୋଗ ଦେଇଥିଲେ । ବାଜପେୟୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସମସ୍ତେ ତାଙ୍କ ସ୍ମୃତିଚାରଣ କରିଥିଲେ । ସେହିଭଳି ଗୋବିନ୍ଦପୁର ମଝିପଡାଠାରେ ବାଜପେୟୀଙ୍କ ଜନ୍ମ ବାର୍ଷିକ ଉପଲକ୍ଷେ କୁନି କୁନି ଶିଶୁମାନେ ନିଜ ପଡାକୁ ସଫାସୁତୁରା କରି ସ୍ୱଚ୍ଛ ଭାରତ ଅଭିଯାନ ପାଳନ କରିଛନ୍ତି।

ବାମରା ଡାକ ବଙ୍ଗଳାଠାରେ ବାଜପେୟୀଙ୍କ ଜୟନ୍ତୀ ପାଳନ କରାଯାଉଛି।

କୁଚିଣ୍ଡାରେ ହିନ୍ଦୁ ସ୍ୱାଭିମାନ ସମ୍ମିଳନୀ

କୁଚିଣ୍ଡା, ୨୫।୧୨ (ଡି.ଏନ.ଏ.)

କୁଚିଣ୍ଡାରେ ବୁଧବାର ହିନ୍ଦୁ ସ୍ୱାଭିମାନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଟାଉନ ହଲଠାରେ ଏହି ଅବସରରେ ଏକ ସଭା ଏବଂ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରଥମେ ମହିଳାମାନେ ସହର ନିକଟସ୍ଥ ଖର୍ଲ୍ଲା ନଦୀରୁ କଳସରେ ପାଣି ଆଣିଥିଲେ। ଏମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଟାଉନ ହଲଠାରେ ପହଞ୍ଚି ଥିଲେ । ସେଠାରେ ସମସ୍ତଙ୍କର ମଙ୍ଗଳ କାମନା କରି ହୋମଯଜ୍ଞ କରାଯାଇଥିଲା । ଏଥିରେ ରାଜେଶ ଅଗ୍ରୱାଲ ସପତ୍ନୀକ କର୍ତ୍ତା ଭୂମିକା ତୁଲାଇଥିଲେ । ଏହାପରେ ନିକଟସ୍ଥ କଲ୍ୟାଣ ମଣ୍ଡପଠାରେ ଏକ ପ୍ରବଚନ ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ ସନାତନ ପ୍ରଧାନ ଯୋଗ ଦେଇଥିଲେ। ଏହି ସଭାରେ ସମ୍ମାନୀତ ଅତିଥି ରୂପେ ଶେଖରାନନ୍ଦ ସରସ୍ୱତୀ, ରାମକୃଷ୍ଣ ନାୟକ, ନୃପଲାଲ ପଟେଲ, ଭବାନୀଶଙ୍କର ନାୟକ ପ୍ରମୁଖ ଯୋଗ ଦେଇଥିଲେ । ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ବିଭୁପ୍ରସାଦ ଦାଶ ମଞ୍ଚ ପରିଚାଳନା କରିଥିଲେ।

ବାଜପେୟୀଙ୍କ ଜନ୍ମ ଦିବସରେ ରକ୍ତଦାନ ଶିବିର

ରେଙ୍ଗାଲି, ୨୫।୧୨ (ଡି.ଏନ.ଏ.)

ରେଙ୍ଗାଲି ଭାଜପା ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମଦିବସରେ ସୁଶାସନ ଦିବସ ପାଳନ ଅବସରରେ ଏକ ରକ୍ତଦାନ ଶିବିର କରାଯାଇଥିଲା । ମଙ୍ଗଳବାର ସ୍ଥାନୀୟ ମାରୱାଡି ପଞ୍ଚାୟତ ଧର୍ମଶାଳାଠାରେ ବରିଷ୍ଠ ଶିକ୍ଷାବିତ ବସନ୍ତ କୁମାର ନାଏକ ପ୍ରଦୀପ ପ୍ରଜ୍ୱଳନ କରି ଏହି ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ । ଏହି ଶିବିରରେ ମୋଟ ୪୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ତୁଳସୀ ଦାସ ମାହାଣା, ଡା. ଅଶୋକ ନାୟକ, ରାଜାରାମ ମାହାଣା, ମଜ୍ଜନ ପୋର୍ଦ୍ଦାର, ବିଶିକେଶନ ପଣ୍ଡା ଉପସ୍ଥିତ ଥିଲେ। ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନାଉରି ନାଏକ, ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଯୁଗଳ କିଶୋର ଅଗ୍ରୱାଲ, ଅନ୍ତର୍ଯ୍ୟାମୀ ପାଣି, ରେଙ୍ଗାଲି ଜୋନ-୧ ଜିଲା ପରିଷଦ ସଭ୍ୟ ତିରୋଜ ହେଡେଞ୍ଜା, ସରସ୍ୱତୀ ମିର୍ଦ୍ଧା, ଶାସନ ମଣ୍ଡଳ ସଭାପତି ପ୍ରକାଶ କୁମାର ପ୍ରଧାନ, ଯୁବମୋର୍ଚ୍ଚା ସଭାପତି ମନରଞ୍ଜନ ଥାପା, ଶ୍ରୀପତି ଷଣ୍ଢ, ନବୀନ ପ୍ରଧାନ, ଜଗନ୍ନାଥ ମେହେର, ସରୋଜ ମେହେର ଓ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ । ସମ୍ବଲପୁର ବ୍ଲକ ବ୍ୟାଙ୍କର ଡା, କଳପେସ କଙ୍କଡଙ୍କ ସହ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ ।

କେନ୍ଦୁପତ୍ରରୁ ଜିଏସଟି ପ୍ରତ୍ୟାହାର କରାଯାଉ

ବାମରା, ୨୫।୧୨ (ସ୍ୱ.ପ୍ର.)

ବାମରା କେନ୍ଦୁପତ୍ର ରେଞ୍ଜ ଅଫିସ ପରିସରରେ ବିଜୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା । ଏଥିରେ କୁଚିଣ୍ଡା ଡିଭିଜନର କର୍ମକର୍ତ୍ତାଙ୍କ ସମେତ ଝାରସୁଗୁଡା ଓ ରାଉରକେଲା ଡିଭିଜନର କର୍ମକର୍ତ୍ତା ମଧ୍ୟ ଯୋଗ ଦେଇଥିଲେ। କେନ୍ଦୁପତ୍ର ଉପରେ ଜିଏସଟି ଲାଗୁ କରାଯାଇଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଯୋଗଦିବାହାରୀ ପରିଡା ପ୍ରାରମ୍ଭିକ ସୂଚନା ଦେଇଥିଲେ। କୀର୍ତ୍ତନ ସେନାପତି, ରାଉରକେଲା ଡିଭିଜନ ସମ୍ପାଦକ କ୍ଷେତ୍ରମୋହନ ବାରିକ, ଏଚଏମଏସର ରାଜ୍ୟ ସମ୍ପାଦକ ମହମ୍ମଦ ମୃତୁଜା, ଝାରସୁଗୁଡା ଡିଭିଜନ ସମ୍ପାଦକ ପ୍ରଦୀପ କୁମାର ସାହୁ, ଭୋଜପୁର ରେଞ୍ଜ ସେକ୍ରେଟାରୀ ନିଳମଣି ପରିଡା, ଦୈତାରୀ ଚରଣ ନାଏକ, ଜନ୍ମେଜୟ କାଲୋ, ପୁଲିନ ବିହାରୀ ସାହୁ, ଭିକାରୀଚରଣ ପ୍ରଧାନ, ପାର୍ବତୀ ବାଘ, ବେଙ୍ଗବତୀ କିସାନ, ଆଲେସିଆ ଖାକା ପ୍ରମୁଖ ସମାବେଶରେ ବ୍ୟକ୍ତବ୍ୟ ରଖିଥିଲେ।

ବାମରା କେନ୍ଦୁପତ୍ର ରେଞ୍ଜ ଅଫିସ ପରିସରରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ କର୍ମଚାରୀ ନାରାବାଜି କରୁଛନ୍ତି।

ମାର୍‌ପିଟରେ ୨ ଗୁରୁତର, ୨ କୋର୍ଟ ଚାଲାଣ

ଜମନକିରା,୨୫।୧୨ (ଡି.ଏନ୍.ଏ.)

ସମ୍ବଲପୁର ଜିଲା ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ଅନ୍ତର୍ଗତ ପଣ୍ଡିବାହାଲ କିସାନପଡ଼ାରେ ମାଡ଼ପିଟ ହୋଇ ମୁଣ୍ଡ ଫଟାଫଟି ହୋଇଛି। ୨ ଜଣ ଗୁରୁତର ହୋଇଛନ୍ତି। ୨ ଜଣଙ୍କୁ ଜେଲ ଯିବାକୁ ପଡିଛି। ପଣ୍ଡିବାହାଲ କିସାନପଡ଼ାର ଜଗତରାମ କିସାନ (୨୧) ଓ ତାଙ୍କ ବାପା ହରି କିସାନ (୫୦)ଙ୍କ ସହିତ ସମ୍ପର୍କୀୟ ବୀରେନ୍ଦ୍ର କିସାନ (୩୦) ଓ ମହେନ୍ଦ୍ର କିସାନ (୨୭)ଙ୍କ ପାଟି ତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଜଗତରାମ ଓ ତାଙ୍କ ବାପା ହରି ମିଶି ବୀରେନ୍ଦ୍ର ଓ ମହେନ୍ଦ୍ରଙ୍କୁ ଠେଙ୍ଗାରେ ମାଡ଼ ମାରିଥିଲେ। ବୀରେନ୍ଦ୍ର ଓ ମହେନ୍ଦ୍ରଙ୍କ ମୁଣ୍ଡରେ ଗଭୀର ଆଘାତ ହୋଇଥିଲା। ଉଭୟଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା। ହେଲେ ଅବସ୍ଥା ସଂକଟାପନ୍ନ ଥିବାରୁ ବୁର୍ଲା ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବୀରେନ୍ଦ୍ରଙ୍କ ସ୍ତ୍ରୀ କଞ୍ଚନା କିସାନ ଜମନକିରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏତଲାକୁ ଭିତ୍ତି କରି ଏକ ମାମଲା (ନଂ.୧୮୨/୧୮) ରୁଜୁ କରିଛି। ଜଗତରାମ ଓ ହରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗ କୋର୍ଟ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ କହିଛି।

■ ଆମ ପୋଲିସ ସମିତି ବୈଠକ

ଚାରମାଳ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା

ରେଢ଼ାଖୋଲ,୨୫।୧୨(ଡି.ଏନ.ଏ.)

ଚାରମାଳ ଥାନା ପରିସରରେ ମଙ୍ଗଳବାର ଆମ ପୋଲିସ ସମିତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଥାନା ଅଧିକାରୀ ବସନ୍ତ କୁମାର ଦଳେଇ ଏଥିରେ ସଭାପତିତ୍ୱ କରିଥିଲେ। ବରିଷ୍ଠ ନାଗରିକ ସମିତିର କ୍ଷେତ୍ର ମୋହନ ପ୍ରଧାନ, ବଦ୍ରିନାରାୟଣ ପ୍ରଧାନ, ମେଘନାଦ ପ୍ରଧାନ, ମଦନମୋହନ ପ୍ରଧାନ, ହରିଶଙ୍କର ପ୍ରଧାନ, ସଚ୍ଚିଦାନନ୍ଦ ପ୍ରଧାନ, ଶଶିଭୂଷଣ ପ୍ରଧାନ, ଟଙ୍କଧର ବେହେରା, ରାଧେଶ୍ୟାମ ବିଶ୍ୱାଳଙ୍କ ସମେତ ବହୁ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ବୈଠକରେ ଚାରମାଳ ଥାନା ଅଞ୍ଚଳରେ ଥିବା ବିଭିନ୍ନ ଅସୁବିଧା ସମ୍ପର୍କରେ ଆଲୋଚନା ହୋଇଥିଲା। ରାତିରେ ପାଟ୍ରୋଲିଂ ବ୍ୟବସ୍ଥା କରାଯିବା, ଚାରମାଳ ଗାଁ ଦେଇ ଯାଇଥିବା ୫୫ ନଂ ଜାତୀୟ ରାଜପଥର ୪ ଥାକିଆ ରାସ୍ତା ନିର୍ମାଣ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ ହେବା ଆଦି ବିଷୟରେ ଆଲୋଚନା ହୋଇଥିଲା। ଏଥିସହିତ ବିଭିନ୍ନ ସମୟରେ ମିଛ ଫୋନ କଲ ଆସୁଥିବା ଓ ନିଜକୁ ବ୍ୟାଙ୍କ କର୍ତ୍ତୃପକ୍ଷ ଦର୍ଶାଇ ବ୍ୟାଙ୍କ ଆକାଉଣ୍ଟ ନମ୍ବର ଓ ଏଟିଏମ ପିନ ନମ୍ବର ନେଇ ଟଙ୍କା ଲୁଟ୍ କରୁଥିବା ସମ୍ପର୍କରେ ସଚେତନ କରାଯାଇଥିଲା। ଏସ୍‌ଆଇ ବିଧୁଭୂଷଣ ମିଶ୍ର ଧନ୍ୟବାଦ ଦେଇଥିଲେ।

ଟ୍ରକ୍ ଧକ୍କାରେ ୩ ବର୍ଷର ଶିଶୁ ମୃତ

■ ବେତଗଡ ଗ୍ରାମରେ

ଧରିତ୍ରୀ Exam Mate

Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : **www.dharitri.com**

MOCK TEST PAPER # 4

CLASS-X (MATHEMATICS)

Time Allowed : 3 hours **Maximum Marks: 80**

GENERAL INSTRUCTIONS

i. All questions are compulsory. There are 30 questions in all.

ii. This question paper has four sections : Section A, Section B, Section C and Section D.

iii. Section A contains 6 questions of one mark each, Section B contains 6 questions of two marks each, Section C contains 10 questions of three marks each, Section D contains 8 questions of four marks each.

iv. There is no overall choice. However, an internal choice has been provided in four questions of three marks each and three questions of four marks each. You have to attempt only one of the choices in such questions.

v. Use of calculators is not permitted.

SECTION-A

1. Write whether the rational number $\frac{51}{1500}$ will have a terminating decimal expansion or a non-terminating repeating decimal expansion.

2. Write the nature of roots of quadratic equation $4x^2 + 4\sqrt{3}x + 3 = 0$.

3. Find the value of k, if P(4, –2) is the mid point of the line segment joining the points A(5k, 3) and B(–k, –7).

4. If sec 4A = cosec $(A - 20^0)$, where 4A is an acute angle, then find the value of A.

5. A cylinder and a cone are of same base radius and of same height. Find the ratio of the volume of cylinder to that of the cone.

6. A die is thrown twice. What is the probability that the same number will come up either time ?

SECTION-B

7. The decimal expansion of the rational number $\frac{43}{2^4.5^3}$, will terminate after how many places of decimals ?

8. Find all the zeroes of the polynomial $2x^4 + 7x^3 - 19x^2 - 14x + 30$, if two of its zeros are $\sqrt{2}$ and $-\sqrt{2}$.

9. Find the ratio in which the point $P\left(\frac{3}{4}, \frac{5}{12}\right)$ divides the line segment joining the points $A\left(\frac{1}{2}, \frac{3}{2}\right)$ and B(2, –5)

10. E is a point on the side AD produced of a parallelogram ABCD and BE intersects CD at F. Show that $\Delta ABE \sim \Delta CFB$

11. In the following figure, $DB \perp BC$ and $AC \perp BC$. Prove that $\frac{BE}{DE} = \frac{AC}{BC}$



12. In the given figure, AB and CD are two diameters of a circle with centre O, which are perpendicular to each other. OB is the diameter of the smaller circle. If OA = 7 cm, find the area of the shaded region. $\left[\text{Use } \pi = \frac{22}{7}\right]$



SECTION-C

13. Show that the square of any positive odd integer is of the form 8m + 1, for some integer m.

14. Find the value of p for which the quadratic equation $(2p + 1)x^2 - (7p + 2)x + (7p - 3) = 0$ has equal roots. Also find these roots.

15. Solve for x and y:

$$\frac{ax}{b} - \frac{by}{a} = a + b$$

$$ax - by = 2ab$$

16. The sum of first n terms of an A.P. is $3n^2 + 4n$. Find the 25th term of this A.P.

17. If (3, 3), (6, y), (x, 7) and (5, 6) are the vertices of a parallelogram taken in order, find the value of x and y.

18. Draw a triangle ABC with side BC = 7 cm, $\angle B = 45^0$ and $\angle A = 105^0$. Then construct a triangle whose sides are $\frac{3}{5}$ times the corresponding sides of ΔABC.

19. Evaluate: $\frac{2}{3}\cos ec^2 58^0 - \frac{2}{3}\cot 58^0 \tan 32^0 - \frac{5}{3}\tan 13^0 \tan 37^0 \tan 45^0 \tan 53^0 \tan 77^0$

20. In the given figure, ABDC is a quadrant of a circle of radius 28 cm and a semi-circle BEC is drawn with BC as diameter. Find the area of the shaded region. $\left[\text{Use } \pi = \frac{22}{7}\right]$



ଅମରପାଲି, ୨୫।୧୨ (ଡି.ଏନ.ଏ)–ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁଟୁରପଙ୍କଠାରେ ଚାଲିଥିବା ୨୩ତମ ସର୍ବଭାରତୀୟ ଜୟ ଜଗନ୍ନାଥ ଲୁଟୁରପଙ୍କ କ୍ରିକେଟ କପ୍‌ର ପ୍ରଥମ ସେମିଫାଇନାଲ ମ୍ୟାଚରେ ଜାଗୃତି ଏକାଡେମୀ ଭୁବନେଶ୍ୱରକୁ ହରାଇ ବିବି ସ୍ପୋଟିଂ ରାୟପୁର ଫାଇନାଲରେ ପ୍ରବେଶ କରିଛି । ଖେଳଟି ଟି– ୨୦, ଟି–୧୦ ଓ ସୁପରଓଭର ବିଶିଷ୍ଟ ହୋଇଥିଲା । ଭୁବନେଶ୍ୱର ଟସ୍ ଜିଣି ରାୟପୁରକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା । ରାୟପୁର ଦଳ ୧୭.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୨୬ ରନ କରିଥିଲା । ଦଳର ତୁଷାର ଚନ୍ଦ୍ରକର ୩୭ ଓ ଓମପ୍ରକାଶ ୨୭ ରନ କରିଥିଲେ । ବିପକ୍ଷ କୁନା ଗୋଟ୍ଟାୟତ ଓ ସିଦ୍ଧାର୍ଥ ପ୍ରତ୍ୟେକ ୩ଟି ଲେଖାଏଁ ଉଇକେଟ ନେଇଥିଲେ । ଯବାବରେ ଭୁବନେଶ୍ୱର ଆବଶ୍ୟକ ୧୨୭ ରନକୁ ୧୫.୧ ଓଭରରେ ୫ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା । ଦଳର ଦୁର୍ଗା ବେହେରା ଓ ସୁରଜ ମହାପାତ୍ର ପ୍ରତ୍ୟେକ ୩୬ରନ ଲେଖାଏଁ କରିଥିଲେ । ବିପକ୍ଷ ହମିଦ ରାଜା ୨ଟି ଉଇକେଟ ନେଇଥିଲେ । ପରେ ଖେଳା ଯାଇଥିବା ଟି– ୧୦ ମ୍ୟାଚରେ ରାୟପୁର ୬ ଉଇକେଟ ହରାଇ ୧୩୩ ରନ କରିଥିଲା । ଦଳର ଶଶାଙ୍କ ଚନ୍ଦ୍ରକର ୧୮ ବଲରୁ ୫୯ରନ ଓ ତୁଷାର ଚନ୍ଦ୍ରକର ୨୫ ବଲରୁ ୪୧ ରନ କରିଥିଲେ । ବିପକ୍ଷ କୁନା ଓ ମନୋରଞ୍ଜନ ୨ଟି ଲେଖାଏଁ ଉଇକେଟ ନେଇଥିଲେ । ଯବାବରେ ଭୁବନେଶ୍ୱର ଦଳ ୧୦ ଓଭରରେ ୫ ଉଇକେଟ ହରାଇ ୧୧୯ ରନ କରିଥିଲା । ଦଳର ରଞ୍ଜିତ ପାଇକରାୟ ୨୬ ବଲରୁ ୫୧ ଓ ମନରଞ୍ଜନ ୩୪ ରନ କରିଥିଲେ । ବିପକ୍ଷ ହମିଦ ରଜା ୨ଟି ଉଇକେଟ ନେଇଥିଲେ । ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ ଜିତିବାରୁ ସୁପର–୨ ଖେଳାଯାଇଥିଲା । ଏଥିରେ ରାୟପୁର ୨ ଓଭରରେ ୨୬ ରନ କରିଥିବା ବେଳେ ଭୁବନେଶ୍ୱର ୨୦ରନ କରି ପରାସ୍ତ ହୋଇଥିଲା । ଫଳରେ ୨–୧ରେ ବିଜୟୀ ହୋଇ ରାୟପୁର ଫାଇନାଲରେ ପ୍ରବେଶ କରିଛି । ପ୍ରାଣବନ୍ଧୁ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସୋନପୁରର ପୂର୍ବତନ ବିଧାୟକ ବିନୋଦ ପାତ୍ର ମୁଖ୍ୟଅତିଥି, ବ୍ୟବସାୟୀ କୁଶ କୁମାର ସାହୁ ଓ ଶିକ୍ଷାବିତ ମନରଞ୍ଜନ ଦାସ ସମ୍ମାନୀତ ଅତିଥିଭାବେ ଯୋଗଦେଇ ରାୟପୁରର ଶଶାଙ୍କ ଚନ୍ଦ୍ରକରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା । ଖେଳକୁ ଶ୍ୟାମ ସୁନ୍ଦର ପଣ୍ଡା ଓ ପ୍ରଶାନ୍ତ ମିତ୍ର ପରିଚାଳନା କରି

ପ୍ରତ୍ୟେକ ମନୁଷ୍ୟ ଭିତରେ ପୂର୍ଣ୍ଣ ଶକ୍ତି ପୂର୍ଣ୍ଣ ଜ୍ଞାନ ବିଦ୍ୟମାନ। ତାହାକୁ ବିକାଶ କରିବା ହିଁ କର୍ମଯୋଗର ଉଦ୍ଦେଶ୍ୟ। ଏହି କର୍ମ ଯେପରି ସୁପ୍ତ ଦୈତ୍ୟକୁ ଜାଗ୍ରତ କରିବା ପାଇଁ ଆଘାତ ସ୍ୱରୂପ। – ସ୍ୱାମୀ ବିବେକାନନ୍ଦ

ସଂକ୍ଷେପରେ

ବନ୍ଧପଡାରେ ବାଜପେୟୀ ଜୟନ୍ତୀ

ଦେଓଗାଁ,୨୫।୧୨(ଡି.ଏନ.ଏ) : ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ବନ୍ଧପଡାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମଦିବସକୁ ସୁଶାସନ ଦିବସ ରୂପେ ପାଳନ କରାଯାଇଛି। ବନ୍ଧପଡା ମଣ୍ଡଳ ସଭାପତି ବାସୁଦେବ ସିଂ ନିନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁବନେତା ଅମିତ କୁମାର ସିଂ ନିନା ବନ୍ଧପଡା ମଣ୍ଡଳ ପ୍ରଭାରୀ ତଥା ଜିଲା ସାଧାରଣ ସମ୍ପାଦକ ପିତାମ୍ବର ଖମାରୀ, ବନ୍ଧପଡା ମଣ୍ଡଳ ଉପସଭାପତି ପିତାମ୍ବର ପଧାନ ଯୁବମୋର୍ଚ୍ଚା ସଭାପତି ପିଙ୍କୁ ଖାଣ୍ଡ, ଦୁଲ୍ଲଭ ପଧାନ ପ୍ରମୁଖ ଉପସ୍ଥିତ ରହି ବାଜପେୟୀଙ୍କ ସ୍ମୃତିଚାରଣ କରି ଦେଶ ପ୍ରତି ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ନବୀନ ମହାକୁର, ମାଟୁ ଖମାରୀ, ଧନସିଂ ଖାଣ୍ଡ, ପିଚୋ ଚନ୍ଦନ, ଶ୍ରୀହରୀ ସିଂ ନିନା ତଥା ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଆରମ୍ଭ ହୋଇନି ପେଥାଇ କ୍ଷୟକ୍ଷତି ଆକଳନ

ବୀରମହାରାଜପୁର, ୨୫।୧୨ (ଡି.ଏନ୍.ଏ)

ବୀରମହାରାଜପୁର ତହସିଲ ସମ୍ମୁଖରେ ସହୟତା ପାଇଁ ଆବେଦନ କରିବାକୁ ପହଞ୍ଚିଥିବା ଚାଷୀଙ୍କ ଭିଡ(ଭିଡ଼)। ବୀରମହାରାଜପୁର ପାର୍ଶ୍ୱବର୍ତ୍ତୀ ଏକ ରାସ୍ତା ଉପରେ ଧାନପେଟା ଶୁଖା ଯାଇଛି।

ସୁବର୍ଣ୍ଣପୁର ରାଜସ୍ୱ ଜିଲା ବୀରମହାରାଜପୁର କୃଷି ଜିଲାରେ ପେଥାଇ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲେ ବି ଅଦ୍ୟାବଧି ତାହାର ଆକଳନ ଆରମ୍ଭ କରାଯାଇ ନାହିଁ। ସାତଦିନ ମଧ୍ୟରେ ଆକଳନ ସହ କ୍ଷୟକ୍ଷତିର ରିପୋର୍ଟ ଆସିବ ବୋଲି ଖୋଦ୍ ରାଜସ୍ୱ ମନ୍ତ୍ରୀ ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଉକ୍ତି ବିଭିନ୍ନ ଗଣମାଧ୍ୟମରୁ ଚାଷୀମାନେ ଜାଣିବାକୁପାଇଥିଲେ ହେଁ ତାହା କାର୍ଯ୍ୟକାରୀ ହୋଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ତେଣେ ସହାୟତା ଆଶା ନେଇ ତହସିଲ ଓ କୃଷି କାର୍ଯ୍ୟାଳୟକୁ ଆବେଦନ ପାଇଁ ପହଞ୍ଚୁଥିବା ଲୋକଙ୍କ ଭିଡ ଜମୁଥିବା ଦେଖିବାକୁ ମିଳୁଛି। ସୋମବାର ଏଥିଯାଇଁ ବୀରମହାରାଜପୁର ତହସିଲ ସମ୍ମୁଖ ମେଳନ ପଡିଆରେ ଚାଷୀଙ୍କ ମେଳି ଜମିଥିଲା। ଆବେଦନ ପତ୍ର ସଂଗ୍ରହ କରିବାକୁ ଏଠାକାର ସମସ୍ତ ଜେରକ୍ସ ଦୋକାନମାନଙ୍କରେ ଛୁଟି ସତ୍ତ୍ୱେ ଏଠାକୁ ଦୂରଦୂରାନ୍ତ ଗାଁମାନଙ୍କରୁ ଏହି କାମ ପାଇଁ ଚାଷୀମାନେ ଧାଇଁଥିବା ଦେଖାଯାଇଥିଲା। ତେଣେ ପ୍ରାୟ ସାତଦିନ ଧରି କ୍ଷେତମାନଙ୍କରେ କଟା ଯାଇଥିବା ଧାନପେଟାଗୁଡିକ ପାଣିରେ ବୁଡି ରହିବାରୁ ସେସବୁ ଗଜା ମେଲିଥିବା ଅଭିଯୋଗ ମଧ୍ୟ ନାହିଁ ନ ଥିବା ଭିଡର ରୋଚକ ଦୃଶ୍ୟ ସାମ୍ନାକୁ ଆସିଥିଲା। ମଙ୍ଗଳବାର ବତଦିନ ଆସୁଛି। ତେବେ ଖରାଟିଆ ପାଗ ଯୋଗୁଁ ଏବେ ବହୁ ଚାଷୀ ଅମଳ ଧାନ ପେଟାଗୁଡିକ ରାସ୍ତାକୁ ଆଣି ସୁଖାଉ ଥିବା ଦେଖାଯାଉଛି। ଏ ସମ୍ପର୍କରେ ବୀରମହାରାଜପୁର ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁ ଏବଂ ସହକାରୀ କୃଷି ଅଧିକାରୀ କାଲିନ୍ଦୀ ପରିଡାଙ୍କ ସହ ଯୋଗାଯୋଗ କରିବାରୁ ସେମାନେ ସ୍ପଷ୍ଟ କରିଥିଲେ ଯେ, କ୍ଷୟକ୍ଷତିର ଆକଳନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରୁ ସେଭଳି ସ୍ୱତନ୍ତ୍ର ନିର୍ଦ୍ଦେଶ ଆସି ନ ଥିଲେ ସୁଦ୍ଧା ସ୍ୱାଭାବିକ ରୀତିରେ ପଦକ୍ଷେପ ଗ୍ରହଣ କରାଯିବ।

ବୀରମହାରାଜପୁର କୃଷି ଜିଲା

- ବୀରମହାରାଜପୁର କୃଷି ଜିଲା ସହାୟତା ପାଇଁ ଆବେଦନ କରିବାକୁ ଲୋକଙ୍କ ଭିଡ
- ତେଣେ ଓଦା ଧାନପେଟା କ୍ଷେତରୁ ଯାଇ ଏବେ ରାସ୍ତାରେ

ହିନ୍ଦୁ ସଂଗଠନ ପକ୍ଷରୁ ବାଇକ୍ ଶୋଭାଯାତ୍ରା

ସୋନପୁର,୨୫।୧୨(ନି.ପ୍ର.)

ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ପାଇଁ ହିନ୍ଦୁ ସଂଗଠନ ଗୁଡିକ ପକ୍ଷରୁ ଦାବି ଜୋର ଧରିଛି। ଏହିକ୍ରମରେ ଜନସଚେତନତା ସୃଷ୍ଟି ପାଇଁ ମଙ୍ଗଳବାର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓ ବିଶ୍ୱ ହିନ୍ଦୁ ପରିଷଦ ନଗର ମଣ୍ଡଳ ପକ୍ଷରୁ ସୁବର୍ଣ୍ଣପୁର ସହରରେ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଆସନ୍ତା ୩୦ ତାରିଖରେ ବଲାଙ୍ଗୀର କୋସଲ କଳା ମଣ୍ଡପଠାରେ ହେବାକୁ ଥିବା ହିନ୍ଦୁ ସମ୍ମିଳନୀରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଓ ରାମଭକ୍ତମାନେ ଯୋଗଦେବା ପାଇଁ ନିବେଦନ କରାଯାଇଥିଲା । ଶତାଧିକ ସମର୍ଥକ ଶୋଭାଯାତ୍ରାରେ ଯୋଗଦେଇ ରାମମନ୍ଦିର ନିର୍ମାଣ ଦାବିକୁ ଦୃଢୀକରଣ ପାଇଁ ନିବେଦନ କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ବିଶ୍ୱ ହିନ୍ଦୁ ପରିଷଦ, ଗୋପାଳଜୀ ଯୋଗ ସମିତି, ଗାୟତ୍ରୀ ପରିବାର ଓ ଭାଜପା ଆଦି ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ। ମାଙ୍କୁ ସେଠୀ, ନଗର ସଂଯୋଜକ ଶ୍ରଦ୍ଧାଞ୍ଜଳି ମିଶ୍ର, ସୁଦେଷ୍ଣା ନେଗୀ, ମିଥୁନ ସାହୁ, ଦାସଦୀପ୍ତ ମହାପାତ୍ର, ଗଣେଷ ସାହୁ, କାହ୍ନୁ ସାହୁ, ଜ୍ୟୋତି ତ୍ରିପାଠୀ, ବିନ୍ଦୁ ବଡମାଳୀ ଓ ଗଣପତି ପାଢୀ ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

ଆଜି କ'ଣ କେଉଁଠି

ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିୟା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ସପ୍ତଦୀପାର ୯୮ତମ ସାରସ୍ୱତ ସମାରୋହ

ଜ୍ୱାଳାମୁଖୀର ଦହନରେ ଅମୃତର ଅନୁଭବ ହିଁ କବିତ୍ୱ

ବୀରମହାରାଜପୁର, ୨୫।୧୨(ଡି.ଏନ୍.ଏ)

ସାରସ୍ୱତ ସମାରୋହରେ ମଞ୍ଚାସୀନ ଅତିଥି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ସପ୍ତଦୀପା ସାହିତ୍ୟ ସଂସଦର ୯୮ତମ ଭ୍ରାମ୍ୟମାଣ ସାହିତ୍ୟ ସମାରୋହ ମଙ୍ଗଳବାର ବୀରମହାରାଜପୁର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ସାହିତ୍ୟ ସଭାରେ ଓଡିଆ ଭାଷା ସାହିତ୍ୟ ଅଧ୍ୟାପକ ସୂର୍ଯ୍ୟନାରାୟଣ ପଣ୍ଡା ମୁଖ୍ୟ ଅତିଥି ଓ ଶିକ୍ଷାବିତ୍ ନାରାୟଣ ଦେହୁରୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଆଲୋଚନା ପ୍ରସଙ୍ଗରେ ଅତିଥିମାନେ ମତବ୍ୟକ୍ତ କରିଥିଲେ ଯେ କବି ବା ସାରସ୍ୱତ ସ୍ରଷ୍ଟାଙ୍କ ଦୃଷ୍ଟିଭଙ୍ଗି ନିଆରା। ଜ୍ୱାଳାମୁଖୀର ଦହନରେ ବି ଅମୃତର ଅନୁଭବ ଲଭି ପାରେ କବି। ସମାରୋହର ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ କବିତା ଆସରରେ ସଂଯୁକ୍ତା ନାଏକ, ବିଶ୍ୱଜିତ ରାଜହଂସ, ମେଘନାଦ ଭୋଇ, ରବିଚନ୍ଦ୍ର ସାହୁ, ଭଗବାନ ବାଘ, ଦୟାସାଗର ଟାଲି ଓ ସଞ୍ଜୀବ ବେହେରା ପ୍ରମୁଖ କବି ସ୍ୱରଚିତ କବିତା ଆବୃତି କରିଥିଲେ। ଏହାର ସଂଯୋଜନା କରିଥିଲେ କବି ଲକ୍ଷ୍ମୀ ନାରାୟଣ ସାହୁ। ଶେଷରେ ଅକ୍ରୂର ହୋତା ଧନ୍ୟବାଦ ଅର୍ପଣ କରିଥିଲେ। କଲେଜର ଏନ୍‌ସିସି କ୍ୟାଡେଟ ଗଣ ଏଥରର ସମାରୋହର ଆୟୋଜନରେ ସହଯୋଗ କରିଥିଲେ।

ରାମ ମନ୍ଦିର ନିର୍ମାଣ ପାଇଁ ସଚେତନତା ସୃଷ୍ଟି ସକାଶେ ସୋନପୁରରେ ଅନୁଷ୍ଠିତ ବାଇକ୍ ରାଲି ।

ଉଲୁଣ୍ଡା ଧନୁଯାତ୍ରା: ଦୁର୍ମିଲାସୁର ନିଧନ

ଉଲୁଣ୍ଡା, ୨୫।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡାରେ ଆୟୋଜିତ ହେଉଥିବା ଦ୍ୱାଦଶତମ ଧନୁଯାତ୍ରା ମହୋତ୍ସବର ଦ୍ୱିତୀୟ ଦିବସରେ ମଙ୍ଗଳବାର ପୌରାଣିକ ଚିତ୍ର, ଚରିତ୍ର ତଥା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ସମ୍ପନ୍ନ ହୋଇଛି। ପୌରାଣିକ କ୍ରମରେ ଉଗ୍ରସେନଙ୍କ ଆଦେଶରେ ଇନ୍ଦୁମତୀଙ୍କ ଜମୁନା ନଦୀରେ ସ୍ନାନ, ଜୟା ରାଜ୍ୟର ରାଜା ଦୁର୍ମିଲାସୁରର ଜମୁନା ନଦୀକୁ ଆଗମନ, ଇନ୍ଦୁମତୀଙ୍କ ରୂପଯୌବନେ ବିମୋହିତ ଦୁର୍ମିଲାସୁର, ଇନ୍ଦୁମଣୀ ଏକଥା ଜାଣିପାରି ଦୁର୍ମିଲାସୁରକୁ ଦେଇଛନ୍ତି ଅଭିଶାପ ମୋର ଗର୍ଭରୁ ଯେଉଁ ସନ୍ତାନ ଜନ୍ମହେବ ସେ ହେବ ତୋ ମୃତ୍ୟୁର କାରଣ, କଂସ ଜନ୍ମ ଏବଂ ଦିର୍ମିଲାସୁରର ନିଧନ ଦୃଶ୍ୟ ଉପଭୋଗ୍ୟ ହୋଇଥିଲା। ଅନ୍ୟପକ୍ଷରେ ଗୋପପୁର ଗଣ୍ଡାବାହାଲରେ ରଫାଖାଲର ଚୈତନ୍ୟ ମିଶ୍ର ସୁନ୍ଦରାକାଣ୍ଡ ସଙ୍ଗୀତମୟ ପାରାୟଣ କରିଛନ୍ତି। ଏହି ଆଧ୍ୟାତ୍ମିକ ପରିବେଶରେ ଗଣ୍ଡାବାହାଲ ଗ୍ରାମ ମସଗୁଲ ହୋଇଥିବା ଦେଖାଯାଇଥିଲା। ସେହିପରି ଗୋପବାସୀଙ୍କ ଦ୍ୱାରା ହରିବଂଶ ପାରାୟଣ ସକାଳ ୮ ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ପାରାୟଣ ହେଉଛି। ଏଥିସହିତ ବିଭିନ୍ନ ଆଲବମ କଳାକାରଙ୍କ ନୃତ୍ୟ ଗୀତରେ ଦର୍ଶକଙ୍କୁ ମଧ୍ୟରାତ୍ରୀ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା।

ଆବାସିକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ରମେଶ ନାୟକଙ୍କୁ ପ୍ରଜ୍ଞାଶ୍ରୀ ସମ୍ମାନ

ରମେଶ ପ୍ରସାଦ ନାୟକଙ୍କୁ ପ୍ରଜ୍ଞାଶ୍ରୀ ସମ୍ମାନ ପ୍ରଦାନ କରାଯାଉଛି ।

ସୋନପୁର,୨୫।୧୨(ନି.ପ୍ର.)

ସୁବର୍ଣ୍ଣପୁର ସହରସ୍ଥିତ ପ୍ରଜ୍ଞା ଭାରତୀ ଆବାସିକ ଉଚ୍ଚ ବିଦ୍ୟାଳୟର ସପ୍ତମ ବାର୍ଷିକ ଉତ୍ସବ ସ୍ଥାନୀୟ ଟାଉନ ହଲଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ସନ୍ତୋଷ ପୂଜାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିଲା ଉଚ୍ଚଶିକ୍ଷା ପରାମର୍ଶଦାତା ଡ. ପ୍ରଫୁଲ୍ଲ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଭଲ ପାଠ ପଢିବା ସହିତ ଛାତ୍ରୀଛାତ୍ର ସଂସ୍କାରିତ ହେବାକୁ ଡ. ରଥ ପରାମର୍ଶ ଦେଇଥିଲେ। ଯୁଗ ଉପଯୋଗୀ ଶିକ୍ଷା ଅଭାବରୁ ବର୍ତ୍ତମାନ ସମାଜରେ ଭଲ ମଣିଷର ଅଭାବ ଦେଖା ଦେଇଥିବା ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ତଥା ମ୍ୟୁନିସିପାଲିଟି ଇଓ ଅଶୋକ କୁମାର ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ଉତ୍ସବ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଶକ୍ତିର ବିକାଶ ଘଟିଥାଏ। ତେଣୁ ଛାତ୍ରୀଛାତ୍ର ଶିକ୍ଷା ସହିତ ଖେଳକୁଦ ଓ ନୃତ୍ୟ, ଗୀତରେ ମନୋନିବେଶ କରିବାକୁ ପରାମର୍ଶ ଦେଇଥିଲେ। ଉଲୁଣ୍ଡା ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ. ଦେବାଶିଷ ପାଣ୍ଡିଆ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱ ଦେବା ସହିତ ବିଦ୍ୟାଳୟର ଉନ୍ନତି କାମନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ସାହିତ୍ୟିକ ରମେଶ ପ୍ରସାଦ ନାୟକଙ୍କୁ ପ୍ରଜ୍ଞାଶ୍ରୀ ସମ୍ମାନ ପ୍ରଦାନ କରାଯାଇଛି। ଅରବିନ୍ଦ ଦେହେରୀ, ମନୋଜ କୁମାର ସ୍ୱାଇଁ, ରାଜେନ୍ଦ୍ର ନାରାୟଣ ମିଶ୍ର, ରାଜେଶ ଦାଶ ଓ ସୁଶାନ୍ତି ମିଶ୍ର କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ

ସଫଳତାର ମନ୍ତ୍ର ନିଷ୍ଠା, ଅଧ୍ୟବସାୟ

ବୀରମହାରାଜପୁର, ୨୫।୧୨(ଡି.ଏନ୍.ଏ.)

ଉତ୍ସବରେ କୁନି ପ୍ରତିଭାଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ମୁର୍ଗୁଣ୍ଡୀ ପଞ୍ଚାୟତ ଅନ୍ତର୍ଗତ ଯୁଧିଷ୍ଠିରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାରୋହରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ ମୁଖ୍ୟ ଅତିଥି, ଏବିଇଓ ଗରୁଡଧ୍ୱଜ ମୁଦୁଲି ଓ ସ୍ଥାନୀୟ ସରପଞ୍ଚ ରୀନା ପୁଟା ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତାଭାବେ ଯୋଗଦେଇ ଝୁସୁରା ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ପ୍ରସନ୍ନ କୁମାର କର୍ଣ୍ଣ ମତପ୍ରକାଶ କରିଥିଲେ ଯେ ସଫଳତା ଲାଭ ପାଇଁ କଠିନ ପରିଶ୍ରମ, ଅଧ୍ୟବସାୟ ସହିତ ନିଷ୍ଠା ଆବଶ୍ୟକ। ତେଣୁ ଛାତ୍ରୀଛାତ୍ରମାନେ ଉଚ୍ଚାଭିଳାଷୀ ହେବା ସହ ସେଥିପାଇଁ ପରିଶ୍ରମୀ ଓ ନିଷ୍ଠାବାନ ହେବା ଜରୁରି। କାରଣ ସଫଳତାର ମନ୍ତ୍ର ନିଷ୍ଠା ଓ ଅଧ୍ୟବସାୟ। ଲକ୍ଷ୍ମୀନାରାୟଣ ସାହୁଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ସଭା ପ୍ରାରମ୍ଭରେ ପ୍ରଧାନଶିକ୍ଷକ ରୁଦ୍ରାକ୍ଷ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ ଶିକ୍ଷକ ନାରାୟଣ ଜଗଦଲା ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ବେଣୁଧର ପ୍ରଧାନ ସଭାରେ ମଞ୍ଚାସୀନ ଥିଲେ। ଶେଷରେ ନୃପଲାଲ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ ଅବସରରେ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା । ସେହିପରି କୃତି ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ।

MCL | ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍

(କୋଇ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ - (EPABX) : ୦୬୬୩-୨୫୪୨୪୬୧ ବୁ ୪୬୯, ୱେବସାଇଟ୍ : www.mahanadicoal.in

ଇ-ଟେଣ୍ଡର ବିଜ୍ଞପ୍ତି

ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ ର ନିମ୍ନଲିଖିତ ଇ-ଟେଣ୍ଡରଗୁଡ଼ିକ, କୋଇ ଇଣ୍ଡିଆ ଲିମିଟେଡ୍ ଅଧୀନସ୍ଥ ଇ-ଟେଣ୍ଡର ପୋର୍ଟାଲ (https://coalindiatenders.nic.in) ରେ ପ୍ରକାଶିତ ଅଛି ଏବଂ ଏହା କେନ୍ଦ୍ରୀୟ ସାର୍ବଜନୀନ ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ (https://eprocure.gov.in) ରେ ମଧ୍ୟ ଦୃଶ୍ୟମାନ ହେଉଛି । ପରବର୍ତ୍ତୀ ସଂପୂର୍ଣ୍ଣ ବିବରଣୀ ନିମନ୍ତେ ଦୟାକରି ଉପରୋକ୍ତ ୱେବ୍‌ସାଇଟ୍‌ଗୁଡ଼ିକୁ ଦେଖନ୍ତୁ ।

କ୍ର. ସଂ.	ଟେଣ୍ଡର ଆଇଡି	କାର୍ଯ୍ୟ/ସେବାର ନାମ	ଟେଣ୍ଡର ମୂଲ୍ୟ In (₹)
1	2018_MCL_123804_1	Supply of Neutral grounding Resistor.	700920.00
2	2018_MCL_123963_1	Strengthening of Bituminous road at Budhijam Colony under Orient Sub-Area	7453626.00
3	2018_MCL_123996_1	Supply of water to village Bahala Sahi under Hingula Area (Package-19).	567798.00
4	2018_MCL_124010_1	Supply of water to village Tilepasi and Khajuria under Hingula Area (Package-10).	681358.00
5	2018_MCL_124021_1	Supply of water to Kushachara Sahi, Jamunali village near R and R site under Hingula Area (Package-26).	652178.00
6	2018_MCL_124032_1	Supply of water to village Ambapal, Badamahitaila and Sanamahitaila under Hingula Area (Package-23).	908477.00
7	2018_MCL_124039_1	Supply of water to village Bhalugadia under Hingula Area (Package-11).	465846.00
8	2018_MCL_124046_1	Supply of water to village Joragadia, Tangarasahi, Hadisahi under Hingula Area (Package-08).	794918.00
9	2018_MCL_124017_1	SPARES FOR BE1000 BEML HYDRAULIC EXCAVATOR.	321380.00
10	2018_MCL_124058_1	Supply of water to village Banabaspur and Baghabaspur under Hingula Area (Package-15).	931300.00
11	2018_MCL_124068_1	Supply of water to village Kandhaberini, Baleswarsahi under Hingula Area (Package-07).	794918.00
12	2018_MCL_124160_1	PROCUREMENT OF OTR TYRE AND TUBE FOR ACE RHINO CRANE	44366.00
13	2018_MCL_124238_1	PROCUREMENT OF ELECTRICAL ITEMS FOR LT POWER SUPPLY	463690.00
14	2018_MCL_124102_1	Providing RCC Gate with ACP Board and cleaning of surrounding area of Colliery High School, Dera under Jagannath Area.	612417.00
15	2018_MCL_124106_1	Laying old cement concrete interlocking paver blocks at G.M. Colony under Jagannath Area.	881107.00
16	2018_MCL_124198_1	Annual maintenance contract for day to day Electrical Repairing and maintenance works of Colony power supply including residential and non-residential buildings, maintenance of Street Lights Sub-stations of Ananta Vihar Colony for two years	2870251.00
17	2018_MCL_124258_1	PROCUREMENT OF 110V 120AH MAINTENANCE FREE BATTERY	352000.00
18	2018_MCL_124203_1	Construction of pole mounted substation by providing and fixing of 02 (two) nos 100KVA, 11/440V transformers and drawing of LT line and power supply for resettlement of the village of Balugan (Nahak Sahi n Gopal Sahi) under CSR scheme of Lingaraj Area	2029252.00
19	2018_MCL_124319_1	PROCUREMENT OF DIFFERENT SIZE MS FLANGES FOR PIPE LINE	537077.00
20	2018_MCL_124330_1	PROCUREMENT OF SUPPLY AND INSTALLATION OF VIBRATING SCREEN	625400.00
21	2018_MCL_124212_1	Firefighting work at Mine Pit Entrance, Quarry, Coal Stock and Railway Siding in 1st and 2nd Shifting through fire fighting hose for a period of 01(one) year (315 working day) at Kaniha OCP.	633150.00
22	2018_MCL_124292_1	Hiring of Pay Loaders for Mechanical transfer of Coal into NTPC and Railway wagons at Lingaraj Spur Siding No. 1 and 2 at Lingaraj OC Project, Lingaraj Area	116172711.00
23	2018_MCL_124338_1	Making of maintenance Transit store near Jarada Substation at KOCP of Kaniha Area MCL	413677.00
24	2018_MCL_124365_1	PROCUREMENT OF COPPER LUG SOCKET FOR MOTORS AND GENERATORS AT CWS_X TALCHER. DRAWING ENCLOSED WITH NIT.	87372.00
25	2018_MCL_124371_1	Hiring of One (01) No. Diesel Pickup Van / Camper or equivalent of TATA / EICHER / ASHOK LEYLAND or equivalent) Daily 24 hours operation for a period of Two Years for PO Office Pool, LOCP, Lingaraj Area with monthly limit within 4262.50 km	1094619.00
26	2018_MCL_124096_1	Procurement of Resuscitating / Reviving apparatus with all accessories and tool kit (DGMS Approved) and Testing Kit (Tester) compatible with above mentioned Resuscitating / Reviving apparatus	3766027.00
27	2018_MCL_124306_1	Hiring of 03 Nos. Diesel Driven Covered Jeep (Bolero Front Suspension Type or equivalent), having 6 plus 1 seating capacity with A/C fitted (for 12 Hrs. Duty and Average run of 120 KM Per Day) for Orient Area, MCL, for Two years (706 days)	2285322.00
28	2018_MCL_124327_1	Repair and maintenance of 1B type quarters (51units) under Talcher Colliery.	4601101.00
29	2018_MCL_124373_1	Procurement of computerized automatic speed indicator cum recorder(CASICR) and automatic contrivance (Electronics version) for 02 Nos. of winder	1276760.00
30	2018_MCL_124376_1	Supply of Xerox paper A-4 Size.	417200.00
31	2018_MCL_124385_1	Repair



ଯେଉଁ ଲୋକ କାମ ପ୍ରବୃତ୍ତି ଓ ନିଦ୍ରାକୁ ଜୟ କରିଛି,
ସେ ପ୍ରକୃତ ଅର୍ଥରେ ଅମର ହୋଇଯାଇଛି।
-ଆରିଷ୍ଟଟଲ୍

ସଂକ୍ଷେପରେ

ପ୍ରାଥମିକ ଚିକିତ୍ସା, ହାତଧୁଆ କାର୍ଯ୍ୟକ୍ରମ

ଜହ୍ନାପଙ୍କ, ୨୫।୧୨ (ଡି.ଏନ.ଏ): ବୌଦ୍ଧ ବ୍ଲକ ଜହ୍ନାପଙ୍କ ସ୍ଥିତ ଗନ୍ଧରାଡି ଜୁନିୟର ଯୁକ୍ତ ୨ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ଆନୁକୂଲ୍ୟରେ ପ୍ରାଥମିକ ଚିକିତ୍ସା ଓ ହାତଧୂଆ କାର୍ଯ୍ୟକ୍ରମ ଅଧକ୍ଷ ରମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁବ ରେଡକ୍ରସ ଜିଲା ସଂଯୋଜକ ପ୍ରବୀର କୁମାର ଦାସ, ପ୍ରଶିକ୍ଷକ ଭାବେ ଯୁବ ରେଡକ୍ରସ ଜିଲା ସମ୍ପାଦକ ସୁରେଶ୍ୱର ଯୋଷୀ ଯୋଗଦେଇ ପ୍ରାଥମିକ ଚିକିତ୍ସା ଓ ହାତଧୁଆର ଉପକାରିତା ଓ ପ୍ରଣାଳୀ ସମ୍ପର୍କରେ ବୁଝାଇଥିଲେ। ଅଧ୍ୟାପକ ପ୍ରଭାତ କୁମାର ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିଲେ ।

ବୌଦ୍ଧରେ ସ୍ୱର୍ଣ୍ଣିମ ଭାରତ ସଚେତନତା ରଥ

ବୌଦ୍ଧ,୨୫।୧୨(ସ୍ୱ.ପ୍ର): ସମଗ୍ର ଭାରତ ବର୍ଷରେ ନିଶା ସେବନକୁ ଦୂର କରିବା ପାଇଁ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ଗତ ଅକ୍ଟୋବର ୨ତାରିଖ ଠାରୁ ବାହାରି ଥିବା ସଚେତନତା ରଥକୁ ବୌଦ୍ଧରେ ମଙ୍ଗଳବାର ସ୍ୱାଗତ କରାଯାଇଥିଲା। ବୌଦ୍ଧ ସହରର ବାପୁଜୀନଗର, ରଘୁନାଥ ମନ୍ଦିର ପଡିଆ ଓ ଭୈରବୀ ମନ୍ଦିର ପରିସରରେ ନିଶା ସେବନର କୁପରିଣାମ ଓ ମାଦକ ଦ୍ରବ୍ୟ ଛାଡିବାର ବିଭିନ୍ନ ଉପାୟ ସମ୍ପର୍କରେ ଭିଡିଓ ପ୍ରଦର୍ଶନ କରାଯାଇଥିଲା । ନିଶା ସେବନ କରୁଥିବା ବ୍ୟକ୍ତିମାନେ ସଂକଳ୍ପ ପତ୍ରରେ ସ୍ୱାକ୍ଷର କରି ନିଶା ଛାଡିବା ପାଇଁ ସମ୍ମତି ପ୍ରକାଶ କରିଥିଲେ । ପ୍ରତିନିଧି ମଣ୍ଡଳୀରେ ବିଚିତ୍ର କୁମାର ସାହୁ, ମାଧବ ଭରଦ୍ୱାଜ, ଅନୀ ଆଶ୍ରାଭି ଆସିଥିଲେ। ଏହି କାର୍ଯ୍ୟକ୍ରମରେ ବୌଦ୍ଧ ସହରର ଗାୟତ୍ରୀ ପରିବାର, ଭାରତ ସ୍ୱାଭିମାନ ନ୍ୟାସ, ମହିଳା ପତଞ୍ଜଳି ଯୋଗ ସମିତି, ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। ପ୍ରମୋଦ ଚାନ୍ଦ, ନବୀନ ପ୍ରଧାନ, ଅନିମା ପଟ୍ଟନାୟକ, ବିଭୂତି ପାଢୀ, ପ୍ୟାରୀମୋହନ ଶତପଥି, ସରୋଜ ମେହେର, ରଶ୍ମିତା ହୋତା, ନିର୍ମଳ ଭାଇ ଓ ଦେବାଶିଷ ପୁରୋହିତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

■ କଣ୍ଟାମାଳ ଲୋକ ମହୋତ୍ସବରେ ସାରସ୍ୱତ ସମାବେଶ

ସାହିତ୍ୟ ହେଉଛି ସମାଜର ମୁକୁର

ଘଣ୍ଟାପଡା,୨୫।୧୨(ଡି.ଏନ.ଏ.)

କବିତା ଆସର ସମାରୋହରେ ଜଣେ କବିଙ୍କୁ ସମ୍ମାନିତ କରାଯାଉଛି ।

ବୌଦ୍ଧ ଜିଲା ଗଠନର ରୌପ୍ୟ ଜୟନ୍ତୀ ଉପଲକ୍ଷେ କଣ୍ଟାମାଳ ବ୍ଲକ ସଂସ୍କୃତି କଳାମଣ୍ଡପରେ ଚାଲିଥିବା ପଞ୍ଚମ ରାଜ୍ୟସ୍ତରୀୟ ଲୋକକଳା ମହୋତ୍ସବ ଅବସରରେ ସାରସ୍ୱତ ସମାବେଶ ଓ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ସାରସ୍ୱତ ସଭାରେ କଣ୍ଟାମାଳ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ସାଗର ବଗର୍ତ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାହିତ୍ୟ ହେଉଛି ସମାଜର ମୁକୁର ଏବଂ ପଥଭ୍ରଷ୍ଟ ସମାଜକୁ ନୂତନ ଦିଗଦର୍ଶନ ଦେବାରେ ସାହିତ୍ୟର ଭୂମିକା ଅନନ୍ୟ ବୋଲି ମତବ୍ୟକ୍ତ କରିଥିଲେ । ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ନୀଳଲୋହିତ ମହାପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହ ଜିଲାର ଲୋକ ସାହିତ୍ୟକୁ ଆହୁରି ଲୋକାଭିମୁଖୀ କରିବା ନେଇ ମନ୍ତବ୍ୟ ରଖିଥିଲେ । କଣ୍ଟାମାଳ ଲୋକ ମହୋତ୍ସବ କମିଟି ସଭାପତି ସୁଧୀର ଗୁରୁ ଅନ୍ୟତମ ଅତିଥି ଭାବେ ମଞ୍ଚାସୀନ ଥିଲେ । କବି ଚନ୍ଦ୍ରକାନ୍ତ ନାୟକ, ରଞ୍ଜୁ ଅମାତ ଓ ବଳଦେବ ପ୍ରହରାଜ କବିତା ଆସର ସଂଯୋଜନା କରିଥିଲେ । କବୟିତ୍ରୀ ସ୍ୱପ୍ନା ଶର୍ମିଷ୍ଠା ମିଶ୍ର, ସଂଯୁକ୍ତା ପଟ୍ଟନାୟକ ଏବଂ କବି ବଂଶୀଧର ମାଝୀ, ରଞ୍ଜୁ ଅମାତ, ରମେଶ ପ୍ରସାଦ ମେହେର, ଅଜିତ ଗିରି, କୃପାସିନ୍ଧୁ ମହାକୁର, ଶାନ୍ତନୁ କୁମାର କର୍ଣ୍ଣ, ଚନ୍ଦ୍ରକାନ୍ତ ନାୟକ, ସତ୍ୟଜିତ ପଣ୍ଡା, ନୀଳଲୋହିତ ମହାପାତ୍ର, ସର୍ବେଶ୍ୱର ବରାଳ, ହୃଦାନନ୍ଦ ରଣା, ପ୍ରଭାତ କୁମାର ଖମାରୀ, ସଞ୍ଜୀବ ପ୍ରହରାଜ, ଗୋଳକ ବିହାରୀ ସାହୁ, ଦେବେନ୍ଦ୍ର ମିଶ୍ର, ଇନ୍ଦ୍ରମଣି ମେହେର, ପ୍ରକାଶ ଚନ୍ଦ୍ର ମିଶ୍ର ପ୍ରମୁଖ ୩୦ ଜଣ କବି ଓ କବୟିତ୍ରୀ ଯୋଗଦେଇ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଅନୁଷ୍ଠାନ ତରଫରୁ ସମସ୍ତ କବି ଓ କବୟିତ୍ରୀ ମାନଙ୍କୁ ମାନପତ୍ର ଏବଂ ଉତ୍ତରୀୟ ପ୍ରଦାନ କରାଯାଇଥିଲା। କମିଟି ଆବାହକ ମୁକେଶ ପାଢୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ସାହିତ୍ୟିକ ତଥା ସଂସ୍କୃତି ଗବେଷକ ସତ୍ୟଜିତ ପଣ୍ଡା ସଭାପତିତ୍ୱ କରିଥିଲେ । କବି ବଂଶୀଧର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଫିତାକଟାକେ ଟାକିଛେ ଓଭର ହେଡ଼ ପାଏନ୍ ଟାଁକି

ଅତାବିରା, ୨୫।୧୨ (ଡି.ଏନ.ଏ.)



ନୂତନ ଭାବେ ତିଆର ହେଇଥିବାର ଓଭର ହେଡ଼ ପାଏନ୍ ଟାଁକି ।

ବରଗଡ଼ ଜିଲା ଅତାବିରା ବ୍ଲକ୍ ବୁଗବୁଗା ପଁଚେତ୍‌ର ପାଲିବୁଗବୁଗାରେ ଓଭର ହେଡ଼ ପାଏନ୍ ଟାଁକି ତିଆରି ହେବାର ବହୁରେ ହେଲାନ। ହେଲେ ସୁଖର କଥା ଆଏଜ୍ ତକ୍ ସେଟା କାମେ ନୁହେ ଲାଗେ। ଯେନ୍‌ଥିରଲାଗି ବୁଗବୁଗା, ପାଲିବୁଗବୁଗା, ଗମ୍ଭାଟିକ୍ରା ଗାଁବାସୀ ନିରମଲ ପିଇଲା ପାଏନ୍ ପାଏବାରୁ ବଁଚିତ୍ ହେବାର ସଂଗେ ଦୂଷିତ ପାଏନ୍ ବେଭାର କରୁଛନ୍। ଆଗ୍‌ରୁ ଏନ୍‌ତା ଦୂଷିତ ପାଏନ୍ ବେଭାର କରି ପାଲିବୁଗବୁଗା ଗାଁର ଶତାଧିକ୍ ଲୋକ୍ ଝାଡାବାଁତିରେ ପଡ଼ିଥିଲା ବେଳେ ବିପିନ ରଣାକଁର ମୁରୁତୁ ହେଇଥିଲା। ଇ ବାବ୍‌ଦେ ଧରିତ୍ରୀରେ ଖବର ବାହାରଲାରୁ ପରଶାସନର ଚେତା ପଶିଥିଲା। ପାଲିବୁଗବୁଗା ଗାଁକେ ସ୍ୱାସ୍ଥ୍ୟ ବିଭାଗ ଆର ପରଶାସନିକ ଅଧିକାରୀମାନକର ଧାର ଲମିଥିଲା। ଶେଷେ ପରଶାସନ ଓଭର ହେଡ଼ ଟାଁକି ତିଆର କରବାର ଲାଗି ୨୫ ଲକ୍ଷ ଟଙ୍କା ମଂଜୁର କରିଥିଲା। ଇ ପାଏନ୍ ଟାଁକି ତିଆର ହେବାର ଆଏଜ୍‌କେ ବହୁରେ ବିତଲାନ ହେଲେ ଫିତାକଟା ନାଇଁ ହେବାର ଲାଗି କାମେ ନାଇଁ ଲାଗିପାରବାର। ଇ ବାବ୍‌ଦେ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ସାଇମନ୍ ଟପ୍ପୋଙ୍କୁ ପଚରାଲାରୁ ବୋର ଖୁଲା ହେଲା ଉତାରୁ ପାଏନ୍ ଟାଁକିକେ ଚାଲୁ କରାଯିବା ବଲି କହିଥିଲେ।

୩୧ରେ ଆଭାସ ଉତ୍ସବ

ମନମୁଣ୍ଡା, ୨୫।୧୨ (ଡି.ଏନ.ଏ)

କଣ୍ଟାମାଳ ବ୍ଲକ ଶିମିଳିପଦର, ପତ୍ରାପାଲିର ଆଭାସ ଉତ୍ସବ ଡିସେମ୍ବର ୩୧ତାରିଖରେ ହେବାର ସ୍ଥିରୀକୃତ ହୋଇଛି । ସାହିତ୍ୟ, ସଙ୍ଗୀତ ଅନୁଷ୍ଠାନ ଆଭାସର ଆୟୋଜନ କ୍ରମେ ହେବାକୁ ଥିବା ଏହି ଉତ୍ସବର ଏକ ପ୍ରସ୍ତୁତି ବୈଠକ ସୋମବାର ଆବାହକ ଲୋକ କଳାକାର କୃପାସିନ୍ଧୁ ସୁନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ଏହି ଉତ୍ସବ ପାଇଁ ଚଳିତ ବର୍ଷ ସଭାପତି ଭାବେ ଶ୍ରୀଧର କୁମାର ମିଶ୍ର, ଉପସଭାପତି ରାଜୁ ନାଗ, ସମ୍ପାଦକ ସାର୍ଦ୍ଦୁଳ ନାଗ, ସହ ସମ୍ପାଦକ ମନୋଜ ନାଏକ, ଉପଦେଷ୍ଟା ସୁବୋଧ କ୍ଷେତି, ବ୍ୟବସ୍ଥାପକ କବି ଗଣେଷ ଚନ୍ଦ୍ର ସୁନା, ସହଯୋଗୀ ଭାବେ ବରୁଣ କୁମାର, ରତୁରାଜ କ୍ଷେତି, ସୁନୀଲ ବାଗ, ରଞ୍ଜନ ଗେଜଙ୍କୁ ମନୋନୀତ କରାଯାଇଛି । ଉତ୍ସବ ଅବସରରେ ଏକ ମହାମିଳନ କାର୍ଯ୍ୟକ୍ରମ ରହିଛି। ଉତ୍ସବରେ ସ୍ୱନାମଧନ୍ୟ କବିଙ୍କ ଆସର ଓ କବିତା ପାଠୋତ୍ସବ, ନୃତ୍ୟ ପ୍ରତିଯୋଗିତା, ଲୋକନୃତ୍ୟ, ଲୋକ ସଙ୍ଗୀତ, ନାରାୟଣ ରାଜହଂସଙ୍କ ଦଣ୍ଡନୃତ୍ୟ, କଣ୍ଠଶିଳ୍ପୀ ଜ୍ୟୋସ୍ନା ନାଏକ, ଧାରାବାହିକ ଅଭିନେତା ପ୍ରମୋଦ ମିଶ୍ର, କଣ୍ଠଶିଳ୍ପୀ ବିପିନ ଜାଲ, ଆକାଶବାଣୀ କଳାକାର ଅମର ପ୍ରସାଦ ସିପ୍‌କା ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଭାଜପା ନେତା କହ୍ନେଇ ଚରଣ ଡାଙ୍ଗ, ମୁଖ୍ୟବକ୍ତା ଭରସା ବୁର୍ଲାର ମୁଖ୍ୟ ଉପଦେଷ୍ଟା ନିହାଲ ସିଂ, ସମ୍ମାନୀତ ଅତିଥି ବୁର୍ଲା ୟୁନିଭରସିଟି ଶିବଶଙ୍କର ପ୍ରଧାନ ଓ ସ୍ୱତନ୍ତ୍ର ଅତିଥି ଭାବେ ଶ୍ରମିକ ନେତା ବୁଦ୍ଧରାମ ମୁଣ୍ଡା ଯୋଗଦେବାକୁ ସମ୍ମତି ପ୍ରକାଶ କରିଛନ୍ତି । ନାଟ୍ୟକାର ବିନୋଦ ପଶାୟତ, କଣ୍ଠଶିଳ୍ପୀ ବିପିନ ଜାଲ, ଚଳଚ୍ଚିତ୍ର କଣ୍ଠଶିଳ୍ପୀ ନୁର ବିବି ବେଗମଙ୍କୁ ସମ୍ବର୍ଦ୍ଧନା ଦିଆଯିବ ବୋଲି ଆବାହକ ସୁନା ଜଣାଇଛନ୍ତି ।

ଶହୀଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ଫୁଟବଲ ଟୁର୍ନାମେଣ୍ଟ

ଅତିଥିମାନଙ୍କ ଗହଣରେ ବିଜୟୀ ଦଳର ଖେଳାଳିମାନେ ଉପସ୍ଥିତ ।

ବୌଦ୍ଧ,୨୫।୧୨(ସ୍ୱ.ପ୍ର)

ବୌଦ୍ଧ ଜିଲାର ଶହୀଦ ଗୋବିନ୍ଦ ପ୍ରଧାନ ଓ ବିଭୁଧେନ୍ଦ୍ର ବିଶ୍ୱାଳଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗିରିଶିଙ୍ଗା ଜଗନ୍ନାଥ ବନ ପ୍ରକଳ୍ପ ପଡିଆରେ ଏକ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି । ଏହାକୁ ବାଚସ୍ପତି ପ୍ରଦୀପ କୁମାର ଅମାତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । ସରପଞ୍ଚ ଅଞ୍ଜଳି ସେଠୀ, ଜିଲା ଆଥଲେଟିକ ଆସୋସିଏଶନର ସମ୍ପାଦକ ରବିନ୍ଦ୍ର କୁମାର ରାଉତ, କ୍ରୀଡାବିତ ଶିବନାରାୟଣ ଦାସ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ୮ଟି ଦଳ ଭାଗ ନେଇଛନ୍ତି । ରେଫରି ପ୍ରବୀଣ ବେହେରା, ସୁରେନ ବେହେରା, ଧବଳେଶ୍ୱର ଦାସିଆ, ଅମରେଶ ପ୍ରଧାନ ଖେଳ ପରିଚାଳନା କରିଥିଲେ । ବୁଧବାର ଏହି ଟୁର୍ନାମେଣ୍ଟର ସେମିଫାଇନାଲ ଓ ଫାଇନାଲ ଖେଳ ଅନୁଷ୍ଠିତ ହେବ ।

ବିଜେଡି କର୍ମୀ ସମ୍ମିଳନୀ

ଅତାବିରା, ୨୫।୧୨ (ଡି.ଏନ.ଏ)

ରାଜ୍ୟରେ ଆଗାମୀ ସାଧାରଣ ନିର୍ବାଚନ ପାଇଁ ବିଭିନ୍ନ ଦଳ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି । ଏହି କ୍ରମରେ ବରଗଡ ଜିଲା ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ବିଭିନ୍ନ ଜିଲା ପରିଷଦ ଜୋନ ଗୁଡିକରେ ବିଜେଡି ନେତା ଓ ମନ୍ତ୍ରୀମାନେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ଅତାବିରା ବ୍ଲକ ଟାମ୍ପରସରା ପଞ୍ଚାୟତ ଗମ୍ଭାରିପାଲି ଗ୍ରାମରେ ସୋମବାର ବିଜେଡି କର୍ମୀ ସମ୍ମିଳନୀ ହୋଇଥିଲା । ଏଥିରେ ରାଜ୍ୟ ହସ୍ତତନ୍ତ୍ର ଓ ବୟନ ଶିଳ୍ପମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବ୍ଲକ ଅଧକ୍ଷା ରୀତା ସାହୁ, ରାଜ୍ୟ ମାର୍ଫେଡ ଅଧକ୍ଷ ବିଭୁଦତ୍ତ ପ୍ରଧାନ, ବ୍ଲକ ସଭାପତି ଲମ୍ବୋଦର ମଲ୍ଲିକଙ୍କ ସମେତ ବିଜେଡି ସମର୍ଥିତ ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟାସଭ୍ୟ ଯୋଗ ଦେଇଥିଲେ । ଅତାବିରା ଜୋନ–୪ର ଦୁଲମପୁର, ଗୋଡଭଗା, କୁମେଲସିଂହା, ଲରମ୍ବା, କାଦୋବାହାଲ, ଟାମ୍ପରସରା, କୁଲତାଟୁକୁରା ୬ଟି ପଞ୍ଚାୟତର ବିଜେଡି କର୍ମୀମାନେ ଯୋଗ ଦେବାର କାର୍ଯ୍ୟକ୍ରମ ଥିଲା ।

ପୁରାତନ ଛାତ୍ର ସମ୍ମିଳନୀ, ବାର୍ଷିକ ଉତ୍ସବ

ପଦ୍ମପୁର, ୨୫।୧୨ (ଡି.ଏନ.ଏ)

ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପୁରାତନ ଛାତ୍ର ସମ୍ମିଳନୀ ଓ ବାର୍ଷିକ ଉତ୍ସବ ସ୍ଥାନୀୟ କୁସୁନାପାଲି ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସକାଳ ପର୍ଯ୍ୟାୟରେ ପୂର୍ବତନ ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ସ୍ଲୋଗାନ ଦେଇ ଶିଶୁ ମନ୍ଦିର ପରିସରରୁ ବାହାରି ନଗର ପରିକ୍ରମା କରିଥିଲେ । ପରେ ବିଦ୍ୟା ଭାରତୀ ପୂର୍ବ କ୍ଷେତ୍ର ସଭାପତି ଡ. ବାଞ୍ଛାନିଧି ପଣ୍ଡା ମୁଖ୍ୟଅତିଥି, ଶିଶୁ ମନ୍ଦିର ପରିଚାଳନା କମିଟିର ପ୍ରଥମ ସମ୍ପାଦକ ଡ. ବିପିନ ବିହାରୀ ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ । ପ୍ରଧାନଆଚାର୍ଯ୍ୟ ଯୁବରାଜ ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉମେଶ ମେହେର, ଶିରିଶ ବହିଦାର ଗୋବିନ୍ଦ ଅଗ୍ରୱାଲ, ସମ୍ପାଦକ ଆଶିଷ କୁମାର ମିଶ୍ର, ସଭାପତି ଦ୍ୱାଦଶ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ପୂର୍ବତନ ଛାତ୍ର ସଂସଦର ସମ୍ପାଦକ ହିତେଶ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ। ପୁରାତନ ଛାତ୍ର ଅଞ୍ଜନ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଞ୍ଚସ୍ଥ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୩୫୨ ଜଣ ପୂର୍ବତନ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ ।

+PILES CLINIC+
Near Budheswari Temple, ମହ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES) ମଳକଣ୍ଟକ (FISSURE) ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

ଟି.ସି.ଏଫ୍. ଫାଇନାନ୍ସ
(ସରକାରୀ ପଞ୍ଜୀକୃତ)
ଋଣ ମାତ୍ର ୬ ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍ଗଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, ୦% ସୁଧ, ୫୦% ରିହାତି।
୦୮୮୫୯୬୬୮୫୫୮
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

FINANCE
National Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
(B.B.28, Sec. 4, Salt Lake City Kolkatta- 700064)
7606086442
7606062768
nationalcoop98@gmail.com

TCF FINANCE
TCF ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୧ ଦିନରେ । 0% ସୁଧ 45% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8938866345
7088891905

LOAN
ସୁବର୍ଣ୍ଣ ସୁଯୋଗ ।
ଓଡ଼ିଶାର ସମସ୍ତ ବର୍ଗର ଲୋକମାନଙ୍କ ପାଇଁ କମ୍ ସୁଧରେ ଏବଂ ସହଜ କିସ୍ତିରେ ଋଣ ଯୋଗାଇ ଦିଆଯାଉଛି ।
(ମହିଳାମାନଙ୍କ ପାଇଁ ବିଶେଷ ରିହାତି)
B-19, New Moti Bagh, New Delhi- 110021
8658167603
7064382081

ନବବର୍ଷ ଧମାକା
ଲକ୍ଷ୍ମୀ ଫାଇନାନ୍ସ
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଋଣ ମାତ୍ର 18 ଘଣ୍ଟାରେ 2% ସୁଧ, 50% ରିହାତି (ମହିଳାଙ୍କ ପାଇଁ ବିଶେଷ ରିହାତି)
09511074735
09528096099
Dakhin Galy, Town/Vill- Baijnathpur, Gaya-205131

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

ସତ୍ୟମ ବିଜନେସ୍ ସଲ୍ୟୁସନ୍ସ ଦ୍ୱାରା ଲୋନ ନିଅନ୍ତୁ, ଏଜେଣ୍ଟମାନଙ୍କ ଦ୍ୱାରା ସମ୍ପର୍କ କରନ୍ତୁ
7900515385, 9690381088
ଭୁବନେଶ୍ୱର–9690243041
ସମ୍ବଲପୁର– 9690367183
ବ୍ରହ୍ମପୁର– 7900240146
ଢେଙ୍କାନାଳ– 7900982000
ନୟାଗଡ଼– 7900365000

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:-
fileodisha@gmail.com
ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

କେମିତି ମଦ ଛାଡିବେ
ଆପଣ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଣ୍ଟିକାରୁ ଅପରାହ୍ନ ୨ ଘଣ୍ଟିକା
ବାଲେଶ୍ୱର: ପ୍ରତିମାହ ୧ ଓ ୧୫, ହୋଟେଲ୍ କଳିଙ୍ଗ, ଷ୍ଟେସନ ରୋଲେଲ। ଭଦ୍ରକ: ୨ ଓ ୧୨, ହୋଟେଲ୍ ବ୍ଲୁଘାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ୍ ଜମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ୍ ମା ମଙ୍ଗଳା, ବାଦାମବାଡି, ବଡ଼ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ୍ ଡ୍ରାଉଣ୍ଡେଜ୍ (ଲକ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩।, ଅଶୋକ ନଗର, ଦୁର୍ଗିନ୍ଦ୍ର-।। ପୁରୀ: ୬ ଓ ୨୦, ହୋଟେଲ୍ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧,

ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ।
ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ

ସଂକ୍ଷେପରେ



କଂଗ୍ରେସ ନେତାଙ୍କ ଆତ୍ମହତ୍ୟା

ଭେଡ଼େନ, ୨୫।୧୨ (ଡ଼ି.ଏନ.ଏ): ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ଅଏଁଲାପାଲି ଗ୍ରାମପଞ୍ଚାୟତର ତାଳଗାଁ ନିବାସୀ ବରିଷ୍ଠ କଂଗ୍ରେସ ନେତା ତଥା ଡୁମାଳ ଜାତିର ସଙ୍ଗଠକ ହୁଆଲଦାର ମହାକୁର ମଙ୍ଗଳବାର ବିଷ ପିଇ ଆତ୍ମହତ୍ୟା କରିଛନ୍ତି । ଗୁରୁତର ଅବସ୍ଥାରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା । ସେଠାରେ ସେ ମୃତ୍ୟୁବରଣ କରିଥିଲେ। ତେବେ ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ। ତାଙ୍କ ବିୟୋଗରେ ଭେଡ଼େନ ବ୍ଲକ କଂଗ୍ରେସ ତଥା ରାଜ୍ୟ ଡୁମାଳ ପରିଷଦ ପକ୍ଷରୁ ଶୋକ ପ୍ରକାଶ ପାଇବା ସହ ତେନ୍ତୁଲିଟିକ୍ରା ଛକର ସମସ୍ତ ଦୋକାନ ବଜାର ବନ୍ଦ ରଖାଯାଇଥିଲା ।

ମଦମୁକ୍ତ ଗାଁ ପାଇଁ ସଂକଳ୍ପ

ବରଗଡ଼ ଅଫିସ୍,୨୫।୧୨

ବରଗଡ଼ ସହର ଉପକଣ୍ଠ ବରଡ଼ୋଲ ଗ୍ରାମରେ ମଦ ବିରୋଧୀ ଆନ୍ଦୋଳନ ତେଜି ଉଠିଛି । ଏହି କ୍ରମରେ ମଙ୍ଗଳବାର ଅପରାହ୍ନ ପ୍ରାୟ ଦେଢ଼ଟାରେ ଗ୍ରାମର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ସାଧାରଣ ସଭା ହୋଇଥିଲା । ଗ୍ରାମର ଯୁବ ସମାଜ ପକ୍ଷରୁ ଆହୂତ ଏହି ସଭାରେ ଆବାଳ ବୃଦ୍ଧବନିତା ଯୋଗ ଦେଇଥିଲେ । ଯୁବ ସମାଜ ସଭାପତି ବୁଲୁ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମସ୍ତ ଗ୍ରାମବାସୀ ବରଡ଼ୋଲ ଗ୍ରାମକୁ ମଦମୁକ୍ତ କରିବା ପାଇଁ ସଂକଳ୍ପ ନେଇଥିଲେ । ସେହିପରି ଗ୍ରାମରେ କୁଟିଆ ମଦ ବେପାର ଚଳାଇଥିବା ଲୋକେ ମଧ୍ୟ ସଭାକୁ ଆସି ବରଡ଼ୋଲ ଗ୍ରାମରେ ଆଉ ମଦ ବିକିବେ ନାହିଁ ବୋଲି ଲିଖିତ ଭାବେ ଦେଇଥିଲେ । ଏହାପରେ ଗ୍ରାମର ଛୋଟପିଲାଠାରୁ ଆରମ୍ଭ କରି ସମସ୍ତ ମହିଳା, ପୁରୁଷ ଏକ ବିଶାଳ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ମଦ କାରବାର ବନ୍ଦ ପାଇଁ ନାରାବାଜି କରିଥିଲେ । ପ୍ରକାଶଥାଉକି, ଗତ ଦୁଇଦିନ ତଳେ ଗ୍ରାମରେ ଅନ୍ୟ ଏକ ସଭା ହୋଇଥିଲା । ସେହି ସଭାରେ ଗ୍ରାମକୁ ମଦମୁକ୍ତ କରିବା ପାଇଁ ପ୍ରସ୍ତାବ ନିଆଯାଇଥିଲା । ଏହି ପରିପ୍ରେକ୍ଷୀରେ ସୋମବାର ଗ୍ରାମର ଯୁବ ସମାଜ ପକ୍ଷରୁ ପୋଲିସ ଓ ପ୍ରଶାସନକୁ ଲେଖି ଜଣାଇ ଦିଆଯାଇଥିଲା ।

ବରଡ଼ୋଲ ଗ୍ରାମରେ ମଦବିରୋଧୀ ଶୋଭାଯାତ୍ରା ଚାଲିଛି ।

ଶୋଭାଯାତ୍ରାରେ ସାମିଲ ଯୁବକଙ୍କୁ ଆକ୍ରମଣ

ବରଡ଼ୋଲ ଗ୍ରାମରେ ମଙ୍ଗଳବାର ହୋଇଥିବା ମଦ ବିରୋଧୀ ଶୋଭାଯାତ୍ରାରେ ସକ୍ରିୟ ଭାଗ ନେଇଥିବା ଯୁବକ ଯୁଧିଷ୍ଠିର ମେହେରଙ୍କୁ ସେହି ଗ୍ରାମର ଅନ୍ୟ ଜଣେ ଯୁବକ ଆକ୍ରମଣ କରିଥିବା ନେଇ ବରଗଡ଼ ଟାଉନ ଥାନାରେ ଅଭିଯୋଗ ହୋଇଛି । ଏ ନେଇ ଯୁଧିଷ୍ଠିର ଥାନାରେ ଏତଲା ଦେବା ପରେ ପୋଲିସ ତାଙ୍କ ଏତଲାକୁ ଭିତ୍ତି କରି ଏକ ଷ୍ଟେଶନ ଡାଏରୀ କରିବା ସହିତ ଆକ୍ରମଣ କରିଥିବା ଯୁବକଙ୍କୁ ଥାନାରେ ଅଟକ ରଖିଛି ।

ଜାମସେଠରେ ବିଜେଡି କର୍ମୀ ସମ୍ମିଳନୀ

ପାଇକମାଳ, ୨୫।୧୨ (ଡି.ଏନ.ଏ)

ପାଇକମାଳ ବ୍ଲକ ଜାମସେଠ ଖେଳ ପଡିଆଠାରେ ବିଜୁଜନତା ଦଳର ଏକ କର୍ମୀ ସମ୍ମିଳନୀ ବ୍ଲକ ଅଧକ୍ଷ ଅଲତାପ ମହଂନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବରଗଡ ଜିଲା ବିଜେଡି ସଭାପତି ବିଜୟ ରଞ୍ଜନ ସିଂ ବରିହା ମୁଖ୍ୟଅତିଥି, ଜିଲା ପରିଷଦ ସଭ୍ୟ ବିଶ୍ୱନାଥ ବାଗ, ସରପଞ୍ଚ ରମ୍ଭା ତାଣ୍ଡି, ସମିତି ସଭ୍ୟ ସୁମିତ୍ରା ଭୋଇ, ସରପଞ୍ଚ ଧବଲେଶ୍ୱର ସାହୁ, ଗିରିଶ ଓନସନା, ହୃଦାନନ୍ଦ ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ବିଜୁ ଜନତା ଦଳ ପ୍ରତିଷ୍ଠା ଦିବସରେ ପଦ୍ମପୁର ନିର୍ବାଚନ ମଣ୍ଡଳୀ ତରଫରୁ ବାର୍ଦ୍ଧକ୍ୟ ଭତ୍ତା ୩୦୦ରୁ ୧୦୦୦ ଟଙ୍କା କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯିବ ବୋଲି ଅତିଥିମାନେ କହିଥିଲେ। ଏହି ସଭାରେ ଜାମସେଠର ୨୦ଜଣ ଯୁବକ ବିଜେଡିରେ ସାମିଲ ହୋଇଥିଲେ । ଗଣେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ଗ୍ରାମାଞ୍ଚଳ କ୍ରିକେଟ: ନ୍ୟୁ ସିକ୍ସର ଦଳ ବିଜୟୀ

ଅତାବିରା, ୨୫।୧୨ (ଡି.ଏନ.ଏ)

ଅତାବିରା ବ୍ଲକ ଗୋଡଭଗାଠାରେ ଚାଲିଥିବା କ୍ରିକେଟ ମ୍ୟାଚ୍‌ରେ ସୋମବାର ନ୍ୟୁ ସିକ୍ସର ଓ ମାରକି ୱାରିୟର୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ମାରକି ୱାରିୟର୍ସ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିଥିଲା । ମାରକି ୱାରିୟର୍ସ ଦଳ ୨୦ଓଭରରେ ୯ଉଇକେଟ ହରାଇ ୧୮୪ ରନ ସଂଗ୍ରହ କରିଥିଲା । ଏହାର ଜବାବରେ ନ୍ୟୁ ସିକ୍ସର ଦଳ ୧୯.୩ ଓଭରରେ ୬ ଉଇକେଟ ହରାଇ ଆବଶ୍ୟକ ରନ କରି ବିଜୟୀ ହୋଇଥିଲା । ନ୍ୟୁ ସିକ୍ସର ଦଳର ସୁରଜ ଖେତି ୧୯ ବଲରେ ୫୦ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ ଗୋଡଭଗା ଫାଣ୍ଡି ଅଧିକାରୀ ଦିଲୀପ କୁମାର ବେହେରା ଯୋଗ ଦେଇଥିଲେ। ରମେଶ ଶର୍ମା, କୈଳାଶ ଅଗ୍ରୱାଲ, କୁନୁ ସେଠ ସହଯୋଗ କରିଥିଲେ । ସରୋଜ ସେଠ ଧନ୍ୟବାଦ ଅର୍ପଣ କରିଥିଲେ ।

ବାଜପେୟୀ ଜୟନ୍ତୀରେ ସ୍ୱଚ୍ଛତା ଅଭିଯାନ

ବରଗଡ଼ ଅଫିସ୍,୨୫।୧୨

ବରଗଡ଼ ବିକାଶ ହସପିଟାଲ ସମ୍ମୁଖ ବାଇପାସ୍ ବାଜପେୟୀ ଛକରେ ସ୍ଥାନୀୟ ରାଷ୍ଟ୍ର ନିର୍ମାଣ ବିଚାର ମଞ୍ଚ ପକ୍ଷରୁ ମଙ୍ଗଳବାର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୯୪ତମ ଜୟନ୍ତୀ ସମରୋହ ପାଳିତ ହୋଇଥିଲା । ଏହି ଅବସରରେ ପ୍ରଥମେ ମଞ୍ଚର କର୍ମକର୍ତ୍ତା ଓ ସ୍ଥାନୀୟ ଅଧିବାସୀଙ୍କ ତରଫରୁ ସ୍ୱଚ୍ଛତା ଅଭିଯାନ କରାଯାଇଥିଲା। ସେହିପରି ବାଜପେୟୀଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ସହିତ ଦୀପ ପ୍ରଜ୍ୱଳନ କରାଯାଇଥିଲା । ଏକ ପଥପ୍ରାନ୍ତ ସଭାରେ ସଙ୍ଗଠନର ଅନ୍ୟତମ ସଦସ୍ୟ ସୁଶୀଲ କୁମାର ଶତପଥୀ ବାଜପେୟୀଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ । ଡା. ସଞ୍ଜିତ ମିଶ୍ର ସଭା ପରିଚାଳନା କରିଥିଲେ । ଆଶୁତୋଷ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। କିଶୋର ଚନ୍ଦ୍ର ଦାଶ, ଲକ୍ଷ୍ମଣ ନନ୍ଦ, ସମୀର ମହାପାତ୍ର, ପ୍ରମୋଦ କୁମାର ମିଶ୍ର, ଆଦିକାନ୍ତ ମହାପତ୍ର ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

ବରଗଡ଼ରେ ବାଜପେୟୀଙ୍କ ଜୟନ୍ତୀ ପାଳନ କରାଯାଉଛି ।

କ୍ରିକେଟ୍: ରାଞ୍ଚି ରେଲୱେ ବିଜୟୀ

ପାଇକମାଳ, ୨୫।୧୨ (ଡି.ଏନ.ଏ)

ପାଇକମାଳ ବ୍ଲକ ଛିନ୍ଦେଇକେଲା ଚନ୍ଦ୍ରଶେଖର ଖେଳ ପଡିଆଠାରେ ଚାଲିଥିବା ସର୍ବଭାରତୀୟ ୨୪ତମ ଛିନ୍ଦେଇକେଲା କପ୍ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଦ୍ୱିତୀୟ ଖେଳ ରାଞ୍ଚି ରେଲୱେ ଓ ରାଉଲକେଲା ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଛିନ୍ଦେଇକେଲା ସରପଞ୍ଚ ରାମଚନ୍ଦ୍ର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ । ପ୍ରଥମେ ରାଉଲକେଲା ଦଳ ଟସ୍ ଜିଣି ଫିଲ୍ଡିଂ କରିଥିଲେ । ରାଞ୍ଚି ଦଳ ନିର୍ଦ୍ଧାରିତ ୩୦ଓଭରରେ ୯ ଉଇକେଟ ହରାଇ ୨୧୦ ରନ ସଂଗ୍ରହ କରିଥିଲେ। ରାଉଲକେଲା ଦଳ ୨୧୧ ରନ୍‌ର ପିଛା କରି ୨୭.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୨୯ ରନ ସଂଗ୍ରହ କରିଥିଲେ। ଓସିଏ ପ୍ୟାନେଲ ଅମ୍ପାୟାର ସୁଶାନ୍ତ ପାଣିଗ୍ରାହୀ, ବୃତ୍ତାମଣି ପାତ୍ର ଖେଳ ପରିଚାଳନା କରିଥିବା ବେଳେ ରମେଶ ଚନ୍ଦ୍ର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ । ଅଶୋକ କୁମାର ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ପୁରସ୍କାରୀ ବିବରଣୀ ଉତ୍ସବରେ ଡା. ବୃନ୍ଦମଣି ବେହେରା ମୁଖ୍ୟଅତିଥି, ଆୟୁଷ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜୟୀ ରାଉଲକେଲା ଦଳର ମ୍ୟାନ ଅପ ଦି ମ୍ୟାଚ ବିବେଚିତ ନବୀନ ସିଙ୍ଘୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ । ବୁଧବାର ଗ୍ରୁପ-ଏ ର ପ୍ରଥମ ସେମି ଫାଇନାଲ ନାଗପୁର ଓ ରାଞ୍ଚି ରେଲୱେ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କ୍ଲବର ପତିତପାବନ ସାହୁ ଜଣାଇଛନ୍ତି ।

ବିଜୟୀ ଦଳର ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି ।

ସମ୍ବଲପୁର ଜେସିସି ଏକାଦଶ ପ୍ଲୁଲ୍-ବି ସେମିରେ

ଭଟଲି,୨୫।୧୨(ଡି.ଏନ୍.ଏ.)

ଭଟଲି ବ୍ଲକ ନୂଆଁଗଡ଼ ଲକ୍ଷ୍ମୀ ନାରାୟଣ ହାଇସ୍କୁଲ ଖେଳ ପଡିଆରେ ରାଜା ବଳରାମ ଦେଓ ତୃତୀୟ ଆନ୍ତଃ ରାଜ୍ୟ କ୍ରିକେଟ ପ୍ରତିଯୋଗିତା ମଙ୍ଗଳବାର ଚତୁର୍ଥ ଦିବସରେ ପଦାର୍ପଣ କରିଛି । ନୂଆଗଡ କ୍ରୀଡା ସଙ୍ଗଠନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ପୁଲ୍-ବି ର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ସମ୍ବଲପୁର ଜେସିସି ଏକାଦଶ ଏବଂ ରାୟପୁର ଫରେଷ୍ଟ ଏକାଦଶ ମୁହାଁମୁହିଁ ହୋଇଥିଲେ । ଏଥିରେ ରାୟପୁର ଫରେଷ୍ଟ ଏକାଦଶ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେବା ସହିତ ୧୫.୫ ଓଭରରେ ସମସ୍ତ ଉଇକେଟ ହରାଇ ୮୩ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ବିଶାଳ ଦୁବେ ୩୦ଟି ବଲ୍‌ରୁ ୪ଟି ଚୌକା ଏବଂ ଗୋଟିଏ ଛକ୍କା ସହାୟତାରେ ୩୧ ରନ୍ ସଂଗ୍ରହ କରିଥିବାବେଳେ ବିପକ୍ଷ ସମ୍ବଲପୁର ଜେସିସି ଏକାଦଶର ସାଗର ରାଉତ ୩ ଓଭରରେ ୧୭ ରନ୍ ବିନିମୟରେ ୩ଟି ଉଇକେଟ ଅକ୍ତିଆର କରି ରାୟପୁର ଏକାଦଶକୁ ଧରାଶାୟୀ କରିଦେଇଥିଲେ। ୮୪ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ସମ୍ବଲପୁର ଜେସିସି ଏକାଦଶ ୧୦.୨ ଓଭରରେ ୨ଟି ଉଇକେଟ ହରାଇ ସେମିଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା । ଦଳ ପକ୍ଷରୁ ସାଗର ରାଉତ ୨୭ଟି ବଲ୍‌ରୁ ୬ଟି ଚୌକା ଏବଂ ୩ଟି ଛକ୍କା ସହାୟତାରେ ୪୭ ରନ୍‌ର ବିଶାଳ ଇନିଂସ ଖେଳିଥିଲେ । ଉଭୟ ବୋଲିଂ ଏବଂ ବ୍ୟାଟିଂ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା । ମହମ୍ମଦ ଇସାକ ଏବଂ ବିଜୟ କୁମାର ଦାଶ ଖେଳ ପରିଚାଳନା କରିଥିଲେ । ସେହିପରି ଅଶୋକ କୁମାର ସାହୁ ଏବଂ ସନ୍ଦୀପ ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିବାବେଳେ ମୁନସି ପାତ୍ର ଏବଂ ପବିତ୍ର ସା ଧାରା ବିବରଣୀ ପ୍ରଦାନ କରିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ଦୁର୍ବାସା ପଧାନ, ଉପେନ୍ଦ୍ର ଖମାରୀ ଏବଂ ଶକ୍ତି ଅଗ୍ରୱାଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି ।

କ୍ରୀଡ଼ାବିତ୍‌ଙ୍କ ସ୍ମୃତିରେ ରକ୍ତଦାନ ଶିବିର

ବରଗଡ଼ ଅଫିସ୍,୨୫।୧୨

ବରଗଡ଼ ଜିଲାର କ୍ରୀଡ଼ାବିତ୍ ସ୍ୱର୍ଗତ ଧ୍ରୁବରାଜ ଡାଙ୍ଗଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ମଙ୍ଗଳବାର ଜୀବନ ବିନ୍ଦୁ ଓ ଜୟଦୁର୍ଗା କ୍ଲବର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଜୟଦୁର୍ଗା କ୍ଲବ ପରିସରରେ ଅନୁଷ୍ଠିତ ଏହି ଶିବିରକୁ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଉଦଘାଟନ କରିଥିଲେ। ଜୟଦୁର୍ଗା କ୍ଲବ ସଭାପତି ନରସିଂହ ବିଶି, ପୂର୍ବତନ ପୌରାଧ୍ୟକ୍ଷ ପ୍ରଶାନ୍ତ ବେହେରା, ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ର, ରାଜ କୁମାର ବିଶି, ଦିଲୀପ ସାୱାଡ଼ିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜୀବନ ବିନ୍ଦୁର ଜିଲା ଯୁଗ୍ମ ସଂଯୋଜକ ଅଶ୍ୱିନୀ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରରେ ୫୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବିରେନ୍ଦ୍ର ପ୍ରଧାନ, ଉଦ୍ଧବ ଡାଙ୍ଗ, ଜ୍ଞାନରଞ୍ଜନ ପୂଜାରୀ, ଚନ୍ଦନ ଗୁପ୍ତା, ପ୍ରଦୀପ ଝାୱଁର, ଖଡୁଆ ବାରିକ ପ୍ରମୁଖ ସହଯୋଗ କରିଥିଲେ ।

ରଜତ ଜୟନ୍ତୀ ପାଳିବ ବରପାଲି ଶିଶୁ ମନ୍ଦିର

ବରପାଲି, ୨୫।୧୨ (ଡି.ଏନ.ଏ.)

ବରପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୫ ବର୍ଷ ପୂର୍ତ୍ତି ଅବସରରେ ରଜତ ଜୟନ୍ତୀ ପାଳନ କରାଯିବା ପାଇଁ ଆୟୋଜନ ଚାଲିଛି । ଏ ନେଇ ଅନୁଷ୍ଠାନ ସଭାପତି ଡା. କାଳୀଚରଣ ଦାଶଙ୍କ ଅଧକ୍ଷତାରେ ରବିବାର ଶିଶୁ ମନ୍ଦିର ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନୁଷ୍ଠାନର ସମ୍ପାଦକ ରସାନନ୍ଦ ଥପା, ପ୍ରଧାନଆଚାର୍ଯ୍ୟ ନିରଞ୍ଜନ ହୋତା ଓ ମିଡିଆ ଆବାହକ ବାଳକିଶୋର ଖାଡଙ୍ଗା ପ୍ରମୁଖ ଯୋଗଦେଇ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ। ତେବେ ଆସନ୍ତା ୨୬, ୨୭ ଓ ୨୮ ତାରିଖ ୩ଦିନ ବ୍ୟାପୀ ହେବାକୁ ଥିବା ରଜତ ଜୟନ୍ତୀ ମହୋସବର ଉଦଘାଟନୀ ଦିବସରେ ବରଗଡ ଏମ୍‌ପି ପ୍ରଭାସ ସିଂ ମୁଖ୍ୟଅତିଥି, ବିଜେପୁର ବିଧାୟିକା ରୀତା ସାହୁ ସମ୍ମାନୀତ ଅତିଥି ଓ ବିଦ୍ୟାଭାରତୀ ଅଧକ୍ଷ ଡ. ବାଞ୍ଛାନିଧି ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେବେ। ଦ୍ୱିତୀୟ ଦିବସରେ ଉପମହାନିରୀକ୍ଷକ ସତ୍ୟବ୍ରତ ଭୋଇ ମୁଖ୍ୟଅତିଥି, ପଦ୍ମଶ୍ରୀ ଚତୁର୍ଭୁଜ ମେହେର ସମ୍ମାନୀତ ଅତିଥି ଓ ଶିକ୍ଷାବିକାଶ ଅଧକ୍ଷ ଡ. ଲକ୍ଷ୍ମୀକାନ୍ତ ମହାରଣା ମୁଖ୍ୟବକ୍ତା ଏବଂ ଉଦଯାପନୀ ଦିବସରେ ବରଗଡ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ବରଗଡ ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁ ଓ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ ଯୋଶୀ ଯଥାକ୍ରମେ ମୁଖ୍ୟଅତିଥି, ସମ୍ମାନୀତ ଅତିଥି ଓ ମୁଖ୍ୟବକ୍ତା ଭାବେ ଯୋଗଦେବା ପାଇଁ ସମ୍ମତି ପ୍ରଦାନ କରିଥିବା ସୂଚନା ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ମେଧାବୀ ଓ କୃତୀ ଛାତ୍ରୀଛାତ୍ର, ବଦାନ୍ୟ ବ୍ୟକ୍ତି ଓ ବିଶିଷ୍ଟ ବ୍ୟକ୍ତି ପ୍ରମୁଖ ୭୦ ଜଣଙ୍କୁ ସମ୍ମାନୀତ କରାଯିବାର କାର୍ଯ୍ୟକ୍ରମ ରହିଥିବା ଖବରଦାତା ସମ୍ମିଳନୀରେ ଆୟୋଜକମାନେ ସୂଚନା ଦେଇଥିଲେ ।

କ୍ରିକେଟ: ଗୌରେନମୁଣ୍ଡା ଦଳ ଚାମ୍ପିୟନ

ଗାଇସିଲେଟ, ୨୫।୧୨.(ଡି.ଏନ.ଏ)

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଭାଙ୍ଗମୁଣ୍ଡାରେ ମାଁ ତାରିଣୀ କ୍ରିକେଟ୍ ଟିମ ପକ୍ଷରୁ ତିନି ଦିବସୀୟ କ୍ରିକେଟ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୬ଟି ଦଳ ଭାଗ ନେଇଥିଲେ । ପ୍ରଥମ ସେମିଫାଇନାଲ ଗୌରେନମୁଣ୍ଡା ଓ କନ୍ଧୁମୁଣ୍ଡା ଦଳ ଓ ଦ୍ୱିତୀୟ ସେମିଫାଇନାଲ ଭାଙ୍ଗମୁଣ୍ଡା ଓ ରାଇସଲପଦର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଶେଷରେ ଭାଙ୍ଗମୁଣ୍ଡା ସହିତ ଗୌରେନମୁଣ୍ଡା ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ନିର୍ଦ୍ଧାରିତ ଓଭର ଖେଳରେ ଗୌରେନମୁଣ୍ଡା ବିଜୟୀ ହୋଇ ଚାମ୍ପିୟନ ଘୋଷିତ ହୋଇଥିବା ବେଳେ ଭାଙ୍ଗମୁଣ୍ଡା ଦଳ ଉପବିଜେତା ଘୋଷିତ ହୋଇ ପୁରସ୍କାର ଗ୍ରହଣ କରିଥିଲେ । ଗୌରେନମୁଣ୍ଡାର ରବି ସେଠ୍ ମ୍ୟାନ ଅଫ୍ ଦି ସିରିଜ୍ ଓ ପଞ୍ଚା ମହାକୁର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ । ପ୍ରଥମ ଦିନରେ ଗଜପତି ସାହୁ ଖେଳକୁ ଉଦ୍‌ଘାଟନ କରିଥିଲେ । ଉଦ୍‌ଯାପନୀ ଦିବସରେ ପଦ୍ମପୁର ବ୍ଲକ ଅଧକ୍ଷ କୁମରମଣି ନାଏକ ମୁଖ୍ୟଅତିଥି, ପୂର୍ଣ୍ଣାନନ୍ଦ ସିଂ ଠାକୁର, ଆଦିକନ୍ଦ ପୁରୋହିତ, ନୋରନ ମହାପାତ୍ର, ଇନ୍ଦ୍ରମଣି ସାହୁ, ଗଜପତି ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ଛବିଲାଲ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ ।

ଅତିଥିମାନଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ ଉପସ୍ଥିତ ।

୪ରେ ଅତାବିରାରେ ଚାଷୀ ସମାବେଶ

ସରଣ୍ଡା,୨୫।୧୨(ଡି.ଏନ.ଏ)

ବରଗଡ଼ ଜିଲାରେ ଚାଷୀ ସମସ୍ୟା ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି । ଏହି କ୍ରମରେ ମଙ୍ଗଳବାର ଅତାବିରା ବ୍ଲକ ଅଫିସ ପରିସରରେ ସ୍ଥାନୀୟ ଚାଷୀ ସଙ୍ଗଠନର ଏକ ସଭା ଅନୁଷ୍ଠିତ ହୋଇଥିଲା । ଚାଷୀନେତା ରାଜେଶ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଚାଷୀ ସମସ୍ୟା ନେଇ ଆଲୋଚନା ହୋଇଥିଲା । ଏ ନେଇ ବାରମ୍ବାର ଜିଲା ପ୍ରଶାସନ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ କରି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଧାନର ସହାୟକ ମୂଲ୍ୟ ବୃଦ୍ଧି, ଚାଷୀଙ୍କୁ ପେନସନ ପ୍ରଦାନ, ବୋନସ ପ୍ରଦାନ ଏବଂ କୃଷିଋଣ ଛାଡ଼ ଦାବି କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏଥିପାଇଁ ଜାନୁୟାରୀ ୪ରେ ଅତାବିରାରେ ଏକ

ଏ ସୁନ୍ଦର ପୃଥିବୀରେ ମୁଁ ମରିବାକୁ ଚାହେଁ ନାହିଁ,
ମଣିଷମାନଙ୍କ ମଧ୍ୟରେ ବଞ୍ଚି ରହିବାକୁ ଚାହେଁ।
- ରବୀନ୍ଦ୍ରନାଥ ଟାଗୋର

ସଂକ୍ଷେପରେ

କଳାକାର ଭେଟ୍‌ଘାଟ୍ ପାଇଁ ପ୍ରସ୍ତୁତି

ଦେଓଗାଁ,୨୫।୧୨(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ସମସ୍ତ କଳାକାରଙ୍କୁ ନେଇ ଆସନ୍ତା ୩୦ତାରିଖରେ ଜରାସିଂହା ମିନିଷ୍ଟାଡିୟମଠାରେ ବ୍ଲକସ୍ତରୀୟ ଭେଟଘାଟ୍ ପାଇଁ ସୋମବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜରାସିଂହାସ୍ଥିତ ମା' ବୁଢ଼ିଆଇ କଳା ସଂସଦ ଆବାହକତ୍ୱରେ ଅନୁଷ୍ଠିତ ହେବାକୁ ଥିବା ଭେଟଘାଟ୍ କାର୍ଯ୍ୟକ୍ରମରେ ଅଞ୍ଚଳର କଳାକାରଙ୍କ ସମାଗମ ହେବ । ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ, କେମିତି ଲୁକାୟିତ ପାରମ୍ପରିକ କଳାର ବିକାଶ ହୋଇପାରିବ ଓ ତାହାକୁ ଆଗାମୀ ପିଢ଼ି ବଞ୍ଚାଇ ରଖିପାରିବେ ତାହା ଉପରେ ଆଲୋଚନା ହୋଇଥିଲା। ନୂତନ ଭାବେ କଳାକାର ଭତ୍ତା ପାଇଥିବା କଳାକାରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ, ବ୍ଲକ କଳା ସାଂସ୍କୃତିକ ସଂଘ ଗଠନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବୁଢ଼ିଆଇ କଳାସଂସଦର ସମ୍ପାଦକ ଧନେଶ୍ୱର ଥନାପତି ସୂଚନା ଦେଇଛନ୍ତି । ନାରାୟଣ ଦଣ୍ଡସେନା ସ୍ୱାଗତ ଭାଷଣ ଦେଇଥିବା ବେଳେ ଚିତ୍ର ସୁନା ଧନ୍ୟବାଦ ଅର୍ପଣ କରିଥିଲେ ।

୧୯୯୮ ମାଟ୍ରିକ ବ୍ୟାଚ୍ ଛାତ୍ରୀଙ୍କ ବନ୍ଧୁମିଳନ

ଦେଓଗାଁ, ୨୫।୧୨(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ଲକ୍ଷ୍ମଣ ଝୁଲାଠାରେ ରବିବାର ଦେଓଗାଁ ପଞ୍ଚାୟତ ସମିତି ହାଇସ୍କୁଲ ୧୯୯୮ ମାଟ୍ରିକ ବ୍ୟାଚ ଛାତ୍ରୀମାନଙ୍କ ପରିବାରକୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଉଳୀ ଯୋଷୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୩ଜଣ ଛାତ୍ରୀ ସପରିବାର ଯୋଗଦେଇଥିଲେ। ଦୀପା ସାହୁ, କଳ୍ପନା ଖମୀରା, ଅନୁପମା ସାହୁ, ମିରା ସାହୁ, ନିରୂପମା ବାରିକ, ସସ୍ମିତା ସାହୁ, କମଳିନୀ ପାଣିଗ୍ରାହୀ, ପ୍ରମିଳା ରଣା, ସବିତା ପାଣିଗ୍ରାହୀ, କଲ୍ୟାଣୀ ମାଝୀ ପ୍ରମୁଖ ଯୋଗଦେଇ ବନ୍ଧୁ ମିଳନ ଦ୍ୱାରା ଭାତୃତ୍ୱଭାବ ସୃଷ୍ଟି ହେଇଥାଏ ବୋଲି କହିଥିଲେ।

ଏସ୍‌ଏ ରସିଦଙ୍କ ବିୟୋଗରେ ଶୋକସଭା

ବଲାଙ୍ଗୀର ଅଫିସ, ୨୫।୧୨: ବଲାଙ୍ଗୀର ଟିକ୍ରାପଡା ଗାନ୍ଧୀ ପାଠାଗାରରେ ସହରର ଜଣାଶୁଣା ବରିଷ୍ଠ କଳାକାର, ପାଠାଗାରର ବରିଷ୍ଠ ସଦସ୍ୟ ତଥା ବଲାଙ୍ଗୀର ମୁସଲିମ ସମାଜର ପୂର୍ବତନ ସମ୍ପାଦକ ଏସଏ ରସିଦ୍‌ଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଥିଲା । ପାଠାଗାର ସଭାପତି ଭଗବାନ ବଗର୍ତ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ସଭ୍ୟ ବିକ୍ରମାନନ୍ଦ ବହିଦାର, ମନୋରଞ୍ଜନ ସାହୁ, ରାଧେଶ୍ୟାମ ବଗର୍ତ୍ତି, ପ୍ରକାଶ କୁମାର ନେପାକ ସ୍ୱର୍ଗତ ରସିଦ୍‌ଙ୍କ କଳା ଦକ୍ଷତା ଓ ପ୍ରତିଭାର ସ୍ମୃତିଚାରଣ କରିଥିଲେ । ହିନ୍ଦୁ-ମୁସଲମାନ୍ ଭାଇଚାରର ସେ ଏକ ଦୃଷ୍ଟାନ୍ତ ଥିଲେ ବୋଲି ବକ୍ତାମାନେ କହିଥିଲେ । ସଭାରେ ଅନ୍ୟମାନଙ୍କ ମଧ୍ୟରେ ସନ୍ତକ ବହିଦାର, ରାଜେନ୍ଦ୍ର ପାଣି, ଶିବେନ୍ଦ୍ର ସାହୁ, ବିଧୁଭୂଷଣ ତ୍ରିପାଠୀ, ଆନିସ୍ ସାହୁ, ବୀରେନ୍ଦ୍ର ପ୍ରଧାନ, ଅବଦୁଲ ରଜାକ୍, ମନୋଜ ସାହୁ, ବିଭରଞ୍ଜନ ସାହୁ, ପ୍ରମୋଦ ସାହୁ, ଟୁନା ହୋତା, ସୁରୁ ସାହୁ, ଶକ୍ତିପ୍ରକାଶ ବଢ଼ିଆ, କୈଳାସ ମିଶ୍ର ସ୍ୱର୍ଗତ ରସିଦ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

ନେତାଜୀ ଜିମ୍ନାସିୟମ ହେଲ୍‌ଥ କ୍ଲବ୍ ପକ୍ଷରୁ ବାଇକ୍ ରାଲି କରାଯାଉଛି (ବାମ)। ୱାର୍ଡ ନମ୍ବର ୬ର ମହିଳା, ପୁରୁଷ ଓ ଆଡଭୋକେଟ୍‌ମାନେ ଧାରଣାରେ ବସିଛନ୍ତି ।

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା ଦାବି

ଅର୍ଥନୈତିକ ଅବରୋଧ ଜାରି

ବଲାଙ୍ଗୀର ଅଫିସ,୨୫।୧୨

- ନେତାଜୀ ଜିମ୍ନାସିୟମ କ୍ଲବର ବାଇକ୍ ରାଲି
- ୱାର୍ଡ ନମ୍ବର ୬ର ଶତାଧିକ ମହିଳା, ପୁରୁଷ ସାମିଲ
- ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ, ଧାରଣା

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା ଦାବିକୁ ନେଇ ଚାଲିଥିବା ମାରାଥନ୍ ଆନ୍ଦୋଳନ ମଙ୍ଗଳବାର ୨୩ ଦିନରେ ପହଞ୍ଚିଛି । ମିଳିତ କ୍ରିୟାନୁଷ୍ଠାନ କମିଟି ଓ ଜିଲା ଓକିଲ ସଂଘ ପକ୍ଷରୁ ଦିଆଯାଇଥିବା ଏହି ଆନ୍ଦୋଳନ ଦିନକୁ ଦିନ ତେଜିଆନ୍ ହେବାରେ ଲାଗିଛି । ସୋମବାରଠାରୁ ଜିଲା ସଦର ମହାକୁମାରେ ଥିବା ସମସ୍ତ ସରକାରୀ ଅଫିସ, ବ୍ୟାଙ୍କ, ଡାକଘର, ବୀମା ପ୍ରତିଷ୍ଠାନ ବନ୍ଦ କରାଯାଇ ଅର୍ଥନୈତିକ ଅବରୋଧ ଆରମ୍ଭ କରାଯାଇଥିଲା। ମଙ୍ଗଳବାର ବଡଦିନ ଅବସରରେ ସମସ୍ତ ସରକାରୀ ଅଫିସ, ଡାକଘର ବନ୍ଦ ରହିଥିଲେ ମଧ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିରାଟ ପ୍ରତିବାଦ ସଭା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ବଲାଙ୍ଗୀର ଟୁଲସୀନଗରସ୍ଥିତ ନେତାଜୀ ଜିମ୍ନାସିୟମ୍ ହେଲ୍‌ଥ କ୍ଲବ୍‌ର ଶତାଧିକ ସଦସ୍ୟ ବାଇକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଆନ୍ଦୋଳନରେ ସାମିଲ ହୋଇଥିଲେ । କ୍ଲବ୍ ସଭାପତି ସୁନୀଲ ମହାନ୍ତିଙ୍କ ନେତୃତ୍ୱରେ ବାଇକ ଶୋଭାଯାତ୍ରା ପ୍ରଥମେ କ୍ଲବ୍‌ରୁ ବାହାରି ସର୍କିଟ୍ ହାଉସ, ଭାଗିରଥି ଛକ, ପିପି ଏକାଡେମୀ ଛକ, ପାଟଣା ହୋଟେଲ ଛକ, ମେନ୍ ମାର୍କେଟ, ସରକାରୀ ବସ୍‌ଷ୍ଟାଣ୍ଡ ଦେଇ ଜିଲାପାଳ କାର୍ଯ୍ୟାଳୟକୁ ପହଞ୍ଚିଥିଲେ । ସେଠାରେ ଜିଲା ଓକିଲ ସଂଘ ସଭାପତି ଅଶୋକ କୁମାର ମହାନ୍ତି, ନାଗରିକ କମିଟି ସଭାପତି ଭବାନୀ ଶତପଥୀ, ଆଡଭୋକେଟ୍ ସରୋଜ ଗୁପ୍ତା, ଅଶୋକ ରାଉତ୍, ସତ୍ୟ ନାଏକ ଓ ଅନ୍ୟମାନେ ଫୁଲମାଳ ଦେଇ ସ୍ୱାଗତ କରିଥିଲେ । ପରେ ୱାର୍ଡ ନମ୍ବର ୬ର କାଉନ୍‌ସିଲର ଶମ୍ଭୁ ନାଗଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଏକ ଶୋଭାଯାତ୍ରାରେ ଆସି ଧାରଣାରେ ଯୋଗଦାନ କରିଥିଲେ । ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ବିଭିନ୍ନ ନାରାବାଜି କରିଥିଲେ। ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ଲଳିତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନେତାଜୀ ଜିମ୍ନାସିୟମ ସଭାପତି ମହାନ୍ତି, ସଦସ୍ୟ ଆଡଭୋକେଟ୍ ନୀଳାଦ୍ରୀ ବିହାରୀ ସିଂ, ଯତିନ୍ ଦାଶ ବକ୍ତବ୍ୟ ରଖି ହାଇକୋର୍ଟ ବେଞ୍ଚକୁ ସମର୍ଥନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଦାମ ନାଗ, ନିତେଶ ମାହାଣା, ଅନି ଖରସେଲ୍, ଆଲୋକ ପାଣିଗ୍ରାହୀ, ବିଭୂତି ପୋଢ଼, ସୁଦାମ ବନ୍‌ଗୁଲା, ଆପାନ୍ ଫରିକାର, ଟିକୁ ପଣ୍ଡା, ଅକ୍ଷୟ ପୁଟେଲ, ମନୋଜ ଅମାତ୍, ମନକ ବିଶି, ଗୋବିନ୍ଦ ବହିଦାର, ରଘୁ ବାଗ, ଇମ୍ରାନ୍, ଡାକ୍ତର ସୁନା, ଗୁଣ୍ଡୁ ପୁଟେଲ, ବାମ ଷାଣ୍ଢ, ଧ୍ରୁବା ମଟାରୀ ସାମିଲ ହୋଇଥିଲେ । ୱାର୍ଡ ନମ୍ବର ୬ ତରଫରୁ କାଉନସିଲର ନାଗ, ସୁବର୍ଣ୍ଣ ବରାଡ, ପ୍ରଭାତି ଗୁରୁ, କରୁଣାକର ପାଣିଗ୍ରାହୀ, ହରେକୃଷ୍ଣ ନାୟକ, ଅରୁଣ ପଧାନ, ମନୋରଞ୍ଜନ ସ୍ୱାଇଁ ଓ ବାଦଲ ମହାକୁର ବକ୍ତବ୍ୟ ରଖି ଯଥାଶୀଘ୍ର ହାଇକୋର୍ଟ ସ୍ଥାୟୀ ବେଞ୍ଚ ବଲାଙ୍ଗୀରରେ ପ୍ରତିଷ୍ଠା କରିବାକୁ ଦାବି କରିଥିଲେ । ଦୀର୍ଘ ୨୩ଦିନ ଧରି ବଲାଙ୍ଗୀରବାସୀ ଆନ୍ଦୋଳନ ଜାରି ରଖିଥିଲେ ମଧ୍ୟ ସରକାର ଏହି ନ୍ୟାଯ୍ୟ ଦାବି ଉପରେ କୌଣସି ମତାମତ ନଦେବା ଦୁର୍ଭାଗ୍ୟଜନକ ବୋଲି ସଭାପତି ନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ । ଦୀର୍ଘ ଦିନ ଧରି ସରକାରୀ ଅଫିସ, ବ୍ୟାଙ୍କ ବନ୍ଦ ରହୁଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି ।

ନୂଆଁପଡ଼ାରେ ନାଗପୂଜା

ଗୁଡ଼ଭେଲା,୨୫।୧୨ (ଡି.ଏନ୍.ଏ.)

ଗୁଡ଼ଭେଲା ବ୍ଲକ ଅଧୀନ ନୂଆଁପଡ଼ା ଗ୍ରାମର ଗୌରୀଶଙ୍କର ନାଗପୂଜା କମିଟି ପକ୍ଷରୁ ଗ୍ରାମର ଭାଗବତ ପୀଠରେ ନାଗପୂଜା ଅନୁଷ୍ଠିତ ହୋଇଯାଇଛି। ଲୋଇସିଂହା ଗ୍ରାମ ଶାରଳା ପୀଠର ପୁରଲୀ ଭୋଇ ମୁଖ୍ୟ ପୂଜକ ଭାବେ ଯୋଗଦେଇ ନାଗ ଦେବତାଙ୍କ ସହ ବିଭିନ୍ନ ଦେବଦେବୀଙ୍କୁ ପୂଜା କରିଥିଲେ। ମିଟିର ସଭାପତି ପିଙ୍କୁ ପ୍ରଧାନ ଓ ସମ୍ପାଦକ ଫକୀର ସାହୁ ପୂଜାର ନେତୃତ୍ୱ ନେଇଥିଲେ।

ଜନ୍ମଦିନରେ ବାଜପେୟୀଙ୍କ ସ୍ମୃତିଚାରଣ

ଲୋଇସିଂହା, ୨୫।୧୨(ଡି.ଏନ.ଏ)

ଲୋଇସିଂହା ବ୍ଲକ ଭାଜପା ତରଫରୁ ବିଭିନ୍ନ ସ୍ଥାନରେ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି । କୁଟେନପାଲି ସାପ୍ତାହିକ ବଜାରଠାରେ ଏସସି ମୋର୍ଚ୍ଚା ସଭାପତି ଆନନ୍ଦଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ସଭାରେ ମଣ୍ଡଳ ସଭାପତି ଜ୍ୟୋତିମୟ ରାଉତ ବାଜପେୟୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସଭାରେ ରଞ୍ଜନ ରାଉତ, ଗିରଧାରୀ ସାହୁ, ମଙ୍ଗଳ ପାତ୍ର, ଗୌତମ କୁଅଁରଙ୍କ ସମେତ ବହୁସଂଖ୍ୟକ କର୍ମୀ ଯୋଗଦେଇ ବାଜପେୟୀଙ୍କ ସ୍ମୃତିଚାରଣ କରିଥିଲେ । ସେହିପରି କୁଶମେଲ ମଣ୍ଡଳ ଅନ୍ତର୍ଗତ ଝାରମୁଣ୍ଡା ଗ୍ରାମରେ ଆୟୋଜିତ ଜୟନ୍ତୀ ସମାରୋହରେ ଓକିଲ କହ୍ନେର, ବାଳକୃଷ୍ଣ ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ । ସନ୍ଧ୍ୟାରେ ଲୋଇସିଂହା ଷ୍ଟାଡିୟମଠାରେ ଯୁବମୋର୍ଚ୍ଚା ସଭାପତି ସୁଦୀପ ସା, ଉତତ୍ସ କବାଟ, ଗଜେନ୍ଦ୍ର ଦଣ୍ଡସେନା, ସରୋଜ ସାହୁ, ଟିକୁ ସାହୁ ପ୍ରମୁଖ ସ୍ମୃତିଚାରଣ କରିଥିଲେ ।

ବେପାରୀଙ୍କ ଗୋଦାମରୁ ମିଲ୍‌କୁ ଯାଉଛି ଧାନ

ଲୋଇସିଂହା,୨୫।୧୨(ଡି.ଏନ.ଏ)

ଲୋଇସିଂହା ବ୍ଲକ ବିଭିନ୍ନ ଗ୍ରାମର ଧାନ ବେପାରୀଙ୍କ ଗୋଦାମ ଘରୁ ନିୟମିତ ଭାବେ ଟ୍ରକଟ୍ରକ ଧାନ ସିଧାସଳଖ ମିଲକୁ ଯାଉଛି। ସ୍ଥାନୀୟ ପ୍ୟାକ୍ସର ଟ୍ରାନ୍‌ଜିଟ ପାସ୍‌ରେ ଏପରି ହେଉଥିବା ଅଭିଯୋଗ ହେଉଛି। ଏହା ଫଳରେ ଚାଷୀମାନେ ପ୍ୟାକ୍ସରେ ଧାନ ଦେବାରୁ ବଞ୍ଚିତ ହେଉଛନ୍ତି। ଲୋଇସିଂହା ବ୍ଲକରେ ୨ଟି ପ୍ୟାକ୍ସକୁ ବାଦ ଦେଇ ବାକି ୮ଟି ପ୍ୟାକ୍ସରେ ଖରିଫ ଧାନକିଣା ଯାଉଛି । ବିନା କଟନୀ ଛଟନୀରେ ପ୍ୟାକ୍ସ, ମିଲର ଏଜେଣ୍ଟମାନେ ଧାନ କିଣିବାକୁ ନାରାଜ। ଫଳରେ ବିଭିନ୍ନ ପ୍ୟାକ୍ସରେ ଚାଷୀଙ୍କ କଷ୍ଟ ଉପାର୍ଜିତ ଧାନକୁ ୩। ରୁଯାଢେ ୩। କେଜିଧାନ କଟନୀଛଟନୀ କରାଯାଉଥିବା ଅଭିଯୋଗ ହେଉଛି । ଅପରପକ୍ଷେ ପ୍ୟାକ୍ସ, ମିଲର ଏଜେଣ୍ଟ ଓ ଆରଏମସି କର୍ମଚାରୀଙ୍କ ମଧ୍ୟରେ ବୁଝାମଣା ମଧ୍ୟରେ ପ୍ୟାକ୍ସ ଟ୍ରାନଜିଟ ପାସରେ ବେପାରୀଙ୍କ ଗୋଦମରୁ ଧାନ ସିଧାସଳଖ ମିଲକୁ ପଠାଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ପ୍ୟାକ୍ସରେ ଚାଷୀଙ୍କୁ ବିଭିନ୍ନ ଆଳ ଦେଖାଇ ଟୋକନ ଦିଆ ଯାଉନାହିଁ । ପ୍ୟାକ୍ସ କର୍ମଚାରୀଙ୍କୁ ସଲାସୁତରା କରି କେତେକ ଚାଷୀମାନଙ୍କ ନାଁରେ ବେପାରୀମାନେ

ଜଣେ ବେପାରୀଙ୍କ ଗେଦାମରୁ ଟ୍ରକରେ ଧାନ ଉଠୁଛି ।

ମିଲକୁ ପଠାଇବାରେ ସକ୍ଷମ ହେଉଛନ୍ତି। ଏ ଦିଗରେ ଯୋଗାଣ ବିଭାଗ ଓ ଜିଲା ପ୍ରଶାସନ ଅବଗତ ଥିଲେ ସୁଦ୍ଧା ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି । ନବନିର୍ମାଣ କୃଷକ ସଂଗଠନ ଜିଲା ସଂଯୋଜକ ହିମାଂଶୁ ଶେଖର ସାହୁ ଏପରି କାର୍ଯ୍ୟକୁ ନିନ୍ଦା କରିବା ସହ ଜିଲା ପ୍ରଶାସନ କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ଦାବି କରିଛନ୍ତି। ଅପରପକ୍ଷେ ପ୍ୟାକ୍ସ କର୍ମଚାରୀଙ୍କ ପ୍ରତିକ୍ରିୟା ନେବାରୁ ମିଲର ଏଜେଣ୍ଟମାନେ ପ୍ୟାକ୍ସର ଟ୍ରାନଜିଟ ପାସରେ ନୁହେଁ ପ୍ରାଇଭେଟ ଭାବରେ ନେଉଥିବେ ବୋଲି ସଫେଇ ଦେଇଛନ୍ତି। ଏ ସମ୍ପର୍କରେ ବ୍ଲକ ଯୋଗାଣ ଅଧିକାରୀ ସୌମ୍ୟ ମହାନନ୍ଦଙ୍କୁ ପଚାରିବାରୁ ଅଭିଯୋଗ ଅସୁଛି ଓ ଏହାର ତଦନ୍ତ କରାଯିବ ବୋଲି କହିଛନ୍ତି ।

୩୯ଦିନରେ କଣ୍ଢାବାଞ୍ଜି ଜିଲା ଦାବି ଧାରଣା

ସାମିଲ ହେଲା ଭୁଲିଆ ସମାଜ

କଣ୍ଢାବାଞ୍ଜି, ୨୫।୧୨(ଡି.ଏନ.ଏ.)

କଣ୍ଢାବାଞ୍ଜି ଜିଲା ଦାବି ନେଇ ସ୍ଥାନୀୟ ତହସିଲ ଅଫିସ ସମ୍ମୁଖରେ ଚାଲିଥିବା ଧାରଣା ମଙ୍ଗଳବାର ୩୯ଦିନରେ ପହଞ୍ଚିଛି। ଦିନର ଧାରଣାରେ ସ୍ଥାନୀୟ ଭୁଲିଆ ସମାଜର କର୍ମକର୍ତ୍ତା ସାମିଲ ହୋଇ ଜିଲା ଦାବି ଯଥାର୍ଥ ବୋଲି କହିଛି। ଅବହେଳିତ କଣ୍ଢାବାଞ୍ଜି ନିର୍ବାଚନ ମଣ୍ଡଳୀର ୩ଟି ବ୍ଲକ ବଙ୍ଗୋମୁଣ୍ଡା, ଟୁରେକେଲା ଓ ମୁରିବାହାଲରେ ଜଳ, ଜମି ଓ ଜଙ୍ଗଲରେ ଭରପୁର ରହିଛି । ଏପରିକି ଦାଦନ ପ୍ରଭାବିତ ଓ ମାଓବାଦୀ ପ୍ରବଣ ଅଞ୍ଚଳଭାବେ ପରିଚିତ ଏହି ନିର୍ବାଚନ ମଣ୍ଡଳୀ ସବୁ ବେଳେ ଅବହେଳିତ ହୋଇଆସିଛି। ଜିଲାଠାରୁ ଉପଖଣ୍ଡ ଯାଏ ପ୍ରଶାସନିକ ସେବାରୁ ବଞ୍ଚିତ ହୋଇଛି । ଏଥିସହିତ କଣ୍ଢାବାଞ୍ଜିରେ ଥିବା ସରକାରୀ କାର୍ଯ୍ୟାଳୟ ଉପରେ ନିର୍ଭର କରୁଥିବା ତିନି ବ୍ଲକବାସୀ ଜିଲା ସଦର ମହକୁମାରଠାରୁ ବହୁ ଦୂରରେ ଅଛନ୍ତି। ଏପରିକି କଣ୍ଢାବାଞ୍ଜି ପଡୋଶୀ ନୂଆପଡା, କଳାହଣ୍ଡି ଜିଲା ସଦର ମହକୁମାରଠାରୁ ୮୦ କି.ମି. ଓ ବଲାଙ୍ଗୀର ଜିଲା ସଦର ମହକୁମାର

ମଙ୍ଗଳବାର ଜିଲା ଦାବି ଆନ୍ଦୋଳନରେ ସାମିଲ ଭୁଲିଆ ସମାଜର କର୍ମକର୍ତ୍ତା ।

ମଧ୍ୟ ସମଦୂରରେ ରହିଛି । ତେଣୁ କଣ୍ଢାବାଞ୍ଜିକୁ ସରକାର ଜିଲା ଘୋଷଣା କରିବାକୁ ବାଧ୍ୟ ବୋଲି କହିଛି ଭୁଲିଆ ସମାଜ। ମଙ୍ଗଳବାର ଭୁଲିଆ ସମାଜ ତରଫରୁ ସଭାପତି ଯୁବରାଜ ମେହେର, ବରିଷ୍ଠ ଶିକ୍ଷାବିତ୍ ଚିନ୍ତାମଣି ମେହେର, ହୃଷିକେଶ ମେହେର, ରବିନ୍ଦ୍ର ମେହେର, ସତ୍ୟନାରାୟଣ ମେହେର, ଉମେଶ ମେହେର, ରଘୁନାଥ ମେହେର, ନରେଶ ମେହେ ର, ଶ୍ୟାମସୁନ୍ଦର ମେହେର, ପଣ୍ଡରୁ ମେହେର, ପିତାବାସ ମେହେର ପ୍ରମୁଖ ସାମିଲ ହୋଇଥିଲେ। ଆଜିର ସାଧାରଣ ସଭାକୁ ସମିତି ସଭାପତି ଶେଷଦେବ ପୁଟେଲ, କୁଞ୍ଜବନ ବେହେରା, ନରେନ୍ଦ୍ର ସୁନା, କୈଳାସ ଦିପ ପରିଚାଳନା କରିଥିଲେ। ସେହିପରି ସୋମବାର ଧାରଣାରେ ଟୁରେକେଲା ବ୍ଲକ ସଦର ଗ୍ରାମର ସଚେତନ ବରିଷ୍ଠ ନାଗରିକ ଗୋବର୍ଦ୍ଧନ ନାୟକ, ରାମକୃଷ୍ଣ ସେଲମା, ରାମନାରାୟଣ ବେନିଆ, ବିରଞ୍ଚି ପୁଟେଲ, ଦିର୍ଜୁ ବେହେରା, ହରିହର ପୁଟେଲ, ଦେବଦେବ ବେହେରା, ସୁଦାମ ବେହେରା,ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ବଜରଙ୍ଗ ଦଳ ଓ ଆନିୟା ଜିମ୍ର ଶତାଧିକ ଯୁବକ ଜିଲା ଦାବିରେ ନଗର ପରିକ୍ରମା କରି ଧାରଣାସ୍ଥଳରେ ପହଞ୍ଚିଥିଲେ । ଏହା ପରେ ସଭାସ୍ଥଳରେ ରସିଆନନ୍ଦ ରାଏ, ଗୁରୁଦୟାଲ ହଂସ, କୁଞ୍ଜବିହାରି ବେହେରା, ସତ୍ୟନାରାୟଣ ରାଏ ଜିଲା ଉପରେ ମତ ରଖିଥିଲେ। ଏହି ସଭାକୁ ସଭାପତି ଶେଷଦେବ ପୁଟେଲ ପରିଚାଳନା କରିଥିଲେ।

ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍
(କୋଲ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ - (EPABX) : ୦୬୬୩-୨୫୪୨୪୬୧ ରୁ ୪୬୯, ୱେବସାଇଟ୍ : www.mahanadicoal.in

ଇ-ଟେଣ୍ଡର ବିଜ୍ଞପ୍ତି

ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ ର ନିମ୍ନଲିଖିତ ଇ-ଟେଣ୍ଡରଗୁଡ଼ିକ, କୋଲ୍ ଇଣ୍ଡିଆ ଲିମିଟେଡ୍ ଅଧୀନସ୍ଥ ଇ-ଟେଣ୍ଡର ପୋର୍ଟାଲ (https://coalindiatenders.nic.in) ରେ ପ୍ରକାଶିତ ଅଛି ଏବଂ ଏହା କେନ୍ଦ୍ରୀୟ ସାର୍ବଜନୀକ ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ (https://eprocure.gov.in) ରେ ମଧ୍ୟ ଦୃଶ୍ୟମାନ ହେଉଛି । ପରବର୍ତ୍ତୀ ସଂପୂର୍ଣ୍ଣ ବିବରଣୀ ନିମନ୍ତେ ଦୟାକରି ଉପରୋକ୍ତ ୱେବ୍‌ସାଇଟ୍‌ଗୁଡ଼ିକୁ ଦେଖନ୍ତୁ ।

କ୍ର. ସଂ.	ଟେଣ୍ଡର ଆଇଡି	କାର୍ଯ୍ୟ/ସେବାର ନାମ	ଟେଣ୍ଡର ମୂଲ୍ୟ In (₹)
1	2018_MCL_123804_1	Supply of Neutral grounding Resistor.	700920.00
2	2018_MCL_123963_1	Strengthening of Bituminous road at Budhijam Colony under Orient Sub-Area	7453626.00
3	2018_MCL_123996_1	Supply of water to village Bahala Sahi under Hingula Area (Package-19).	567798.00
4	2018_MCL_124010_1	Supply of water to village Tilepasi and Khajuria under Hingula Area (Package-10).	681358.00
5	2018_MCL_124021_1	Supply of water to Kushachara Sahi, Jamunali village near R and R site under Hingula Area (Package-26).	652178.00
6	2018_MCL_124032_1	Supply of water to village Ambapal, Badamahitaila and Sanamahitaila under Hingula Area (Package-23).	908477.00
7	2018_MCL_124039_1	Supply of water to village Bhalugadia under Hingula Area (Package-11).	465846.00
8	2018_MCL_124046_1	Supply of water to village Joragadia, Tangarasahi, Hadisahi under Hingula Area (Package-08).	794918.00
9	2018_MCL_124017_1	SPARES FOR BE1000 BEML HYDRAULIC EXCAVATOR.	321380.00
10	2018_MCL_124058_1	Supply of water to village Banabaspur and Baghabaspur under Hingula Area (Package-15).	931300.00
11	2018_MCL_124068_1	Supply of water to village Kandhaberini, Baleswarsahi under Hingula Area (Package-07).	794918.00
12	2018_MCL_124160_1	PROCUREMENT OF OTR TYRE AND TUBE FOR ACE RHINO CRANE	44366.00
13	2018_MCL_124238_1	PROCUREMENT OF ELECTR

ପ୍ରତ୍ୟେକ ଅପରାଧ ପାଇଁ ମାନବ ଚଳିତ ଦଣ୍ଡବିଧାନ ରହିଥାଏ, କିନ୍ତୁ ପ୍ରତ୍ୟେକ ପାପ ପାଇଁ ଭଗବାନ ହିଁ ଦଣ୍ଡ ଦେଇଥାନ୍ତି କିମ୍ବା ନିଜର ବିବେକ ଦଣ୍ଡଦିଏ।

-ସ୍ୱାମୀ ଚିଦାନନ୍ଦ ସରସ୍ୱତୀ

ସଂକ୍ଷେପରେ

ବନ୍ଧପଡାରେ ବାଜପେୟୀ ଜୟନ୍ତୀ

ଦେଓଗାଁ,୨୫।୧୨(ଡି.ଏନ.ଏ) : ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ବନ୍ଧପଡାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମଦିବସକୁ ସୁଶାସନ ଦିବସ ରୂପେ ପାଳନ କରାଯାଇଛି। ବନ୍ଧପଡା ମଣ୍ଡଳ ସଭାପତି ବାସୁଦେବ ସିଂ ନିନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁବନେତା ଅମିତ କୁମାର ସିଂ ନିନା ବନ୍ଧପଡା ମଣ୍ଡଳ ପ୍ରଭାରୀ ତଥା ଜିଲା ସାଧାରଣ ସମ୍ପାଦକ ପିତାମ୍ବର ଖମାରୀ, ବନ୍ଧପଡା ମଣ୍ଡଳ ଉପସଭାପତି ପିତାମ୍ବର ପଧାନ ଯୁବମୋର୍ଚ୍ଚା ସଭାପତି ପିଙ୍କୁ ଷାଣ୍ଡ, ଦୁଲ୍ଲଭ ପଧାନ ପ୍ରମୁଖ ଉପସ୍ଥିତ ରହି ବାଜପେୟୀଙ୍କ ସ୍ମୃତିଚାରଣ କରି ଦେଶ ପ୍ରତି ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ନବୀନ ମହାକୁର, ମାଟୁ ଖମାରୀ, ଧନସିଂ ଷାଣ୍ଡ, ପିଚୋ ଚନ୍ଦନ, ଶ୍ରୀହରି ସିଂ ନିନା ତଥା ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ବିଜେଡି ୱାର୍ଡ କମିଟି ବୈଠକ

ଲୋଇସିଂହା,୨୫।୧୨(ଡି.ଏନ.ଏ): ଲୋଇସିଂହା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପୁଇଁତଳା ବ୍ଲକ ଅଧୀନ ଆଟଗାଁଠାରେ ଜୋନ ୧୯ର ୱାର୍ଡ କମିଟି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଭଗବାନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ଯୋଗେନ୍ଦ୍ର ବେହେରା ମୁଖ୍ୟ ଅତିଥି, ଯୁବନେତା ନିହାର ରଞ୍ଜନ ବେହେରା, ବିଧାୟକ ପ୍ରତିନିଧି ଶିବଦତ୍ତ ମିଶ୍ର ପର୍ଯ୍ୟବେକ୍ଷିକା ଝରଣା ମେହେର ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ବୈଠକରଅଭିମୁଖ୍ୟ ଓ ରାଜ୍ୟସରକାରଙ୍କ ଲୋକାଭିମୁଖୀ ଯୋଜନ ଉପରେ କହିଥିଲେ । ଏହି କାର୍ଯ୍ୟକ୍ରମକୁ ସରୋଜ ମହାକୁର ସଂଯୋଜନା କରିଥିଲେ। ଯୁବ ବାହିନୀ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ ।

ଆଜି କ'ଣ କେଉଁଠି

ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

ବଡଦିନ ଉପଲକ୍ଷେ ସେଣ୍ଟ୍ରାଲ ଚର୍ଚ୍ଚରେ ସ୍ୱତନ୍ତ୍ର ଉପାସନା

ସମଗ୍ର ବିଶ୍ୱକୁ ଭଲ ପାଇବା ହିଁ ପ୍ରକୃତ ଶିକ୍ଷା

ବଲାଙ୍ଗୀର ଅଫିସ,୨୫।୧୨

ବଡଦିନ ଅବସରରେ ବଲାଙ୍ଗୀର ସେଣ୍ଟ୍ରାଲ ଚର୍ଚ୍ଚରେ ସ୍ୱତନ୍ତ୍ର ଉପାସନା କରାଯାଉଛି ।

ବଲାଙ୍ଗୀର ସେଣ୍ଟ୍ରାଲ ଚର୍ଚ୍ଚରେ ମଙ୍ଗଳବାର ପବିତ୍ର ବଡଦିନ ଅବସରରେ ସ୍ୱତନ୍ତ୍ର ଉପାସନା କରାଯାଇଛି। ବଡଦିନ ଉତ୍ସବକୁ ମହାସମାରୋହରେ ପାଳନ କରାଯାଇଛି। ଏହି ଅବସରରେ ଚର୍ଚ୍ଚକୁ ଅତ୍ୟନ୍ତ ସୁନ୍ଦର ଆଲୋକମାଳାରେ ସଜା ଯାଇଥିଲା । ଅପରାହ୍ଣ ୩ଟାରୁ ଚର୍ଚ୍ଚ ପରିସରରେ ସ୍ୱତନ୍ତ୍ର ଉପାସନାବିଧି ଆରମ୍ଭ ହୋଇଥିଲା । ଏଥିରେ ସହସ୍ରାଧିକ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟ ଭଉଣୀଭାଇ ଯୋଗଦାନ କରିଥିଲେ । ସ୍ୱତନ୍ତ୍ର ଉପାସନା ପାଇଁ କୋୟମ୍ବାଟୁରସ୍ଥିତ କରୁଣ୍ୟା ବିଶ୍ୱବିଦ୍ୟାଳୟରୁ ଆସିଥିବା ବିଶପ୍ ପୂର୍ଣ୍ଣ ସାଗର ନାଗ ବଡଦିନର ମହାତ୍ମ୍ୟ, ପ୍ରଭୁ ଯୀଶୁଙ୍କ ଜନ୍ମ ବୃତ୍ତାନ୍ତ ସମ୍ପର୍କରେ ସୂଚନା ଦେଇଥିଲେ । ସମଗ୍ର ବିଶ୍ୱକୁ ଭଲ ପାଇବା ହିଁ ପ୍ରକୃତ ଶିକ୍ଷା ଓ ପ୍ରଭୁ ଯୀଶୁ ଆମକୁ ଏହିଁ ଶିକ୍ଷା ଦେଇଛନ୍ତି ବୋଲି କହିଥିଲେ। ସମଗ୍ର ବିଶ୍ୱର କଲ୍ୟାଣ ପାଇଁ ଆମକୁ ନୀତିନିଷ୍ଠ ଭାବେ କାର୍ଯ୍ୟ କରିବାକୁ ପଡିବ ବୋଲି ସେ ଆଶୀର୍ବଚନ ଦେଇଥିଲେ । ସଭାରେ ବିଶ୍ୱ ଶାନ୍ତି ଓ ସମସ୍ତ ଧର୍ମାବଲମ୍ବୀଙ୍କ କଲ୍ୟାଣ ପାଇଁ ପ୍ରାର୍ଥନା କରାଯାଇଥିଲା । ବଲାଙ୍ଗୀର ସେଣ୍ଟ୍ରାଲ ଚର୍ଚ୍ଚ କମିଟି ସଭାପତି ପାଳକ ଇମାନୁଏଲ ଦାନୀଙ୍କ ପରିଚାଳନାକ୍ରମେ ଅନୁଷ୍ଠିତ ସ୍ୱତନ୍ତ୍ର ଉପାସନାରେ ପାଳକ ସୁନୀଲ କୁମାର ନାଏକ, ଲତିକା ଦୀପ ସାଗର, ସମୀର ନାଗ, ଶୈଲେଶ ପାଲ ଉପସ୍ଥିତ ଥିଲେ। ପ୍ରାର୍ଥନା ଓ ପୂଜା ପରେ ଖ୍ରୀଷ୍ଟିଆନ ଭଉଣୀଭାଇମାନେ ପରସ୍ପରକୁ ବଡଦିନର ଶୁଭେଚ୍ଛା ଜଣାଇଥିଲେ। ସୋମବାର ରାତିରେ ବିଭିନ୍ନ ଚର୍ଚ୍ଚରେ ୱାଚ୍ ନାଇଟ୍ ପାଳନ କରାଯାଇଥିଲା । ସମସ୍ତ ଖ୍ରୀଷ୍ଟିଆନ୍ ଭଉଣୀଭାଇମାନେ ଉଜାଗର ରହିଥିଲେ ।

ଆଇଡିଏମ୍ ପବ୍ଲିକ୍ ସ୍କୁଲର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

ଆଇଡିଏମ୍ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ଶିକ୍ଷା ବଞ୍ଚିବାର ରାହା ଦେଖାଏ

ବଲାଙ୍ଗୀର ଅଫିସ, ୨୫।୧୨

ବଲାଙ୍ଗୀର ଆଇଡିଏମ୍ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ସ୍କୁଲ ସଭାପତି ଅବସରପ୍ରାପ୍ତ ଇଞ୍ଜିନିୟର ଚନ୍ଦ୍ରଶେଖର ଦୀକ୍ଷିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷା ହିଁ ଜୀବନରେ ବଞ୍ଚିବାର ରାହା ଦେଖାଏ ବୋଲି ଛାତ୍ରୀଛାତ୍ରଙ୍କୁ କହି ଉତ୍ସାହିତ କରିଥିଲେ । ସ୍କୁଲ ନିର୍ଦ୍ଦେଶକ ଶରତ ଚନ୍ଦ୍ର ଦୀକ୍ଷିତ, କୋଷାଧ୍ୟକ୍ଷ ସନ୍ଧ୍ୟାରାଣୀ ପଣ୍ଡା ମଞ୍ଚାସୀନ ଥିଲେ । ସ୍କୁଲ ଡେପୁଟି ଡାଇରେକ୍ଟର ବବିତା ମିଶ୍ର ସ୍ୱାଗତ ଭାଷଣ ଦେଇ ସଭା ସଂଯୋଜନା କରିଥିଲେ । ମଞ୍ଚାସୀନ ଅତିଥିମାନେ କୃତୀ ଛାତ୍ରୀଛାତ୍ର ଶ୍ରୁତି ଅଗ୍ରୱାଲ, ସୌମ୍ୟ ପଟ୍ଟନାୟକ ଓ ଶ୍ରୁତି ଅଗ୍ରୱାଲଙ୍କୁ ପୁରସ୍କୃତ କରିଥିଲେ। ସଭା ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପ୍ରଧାନଶିକ୍ଷକ ଅଙ୍ଗିରା ସାହୁ, ଶଶୀଭୂଷଣ ଦୀକ୍ଷିତ ଓ ସଙ୍ଗୀତ ଶିକ୍ଷକ ଟଙ୍କଧର ମିଶ୍ର, ଅଭିଭାବିକା, ଅଭିଭାବକ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ସ୍କୁଲ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ ।

ବିଧାୟିକାଙ୍କ ଖବରଦାତା ସମ୍ମିଳନୀ

୨୮ରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା

ଟିଟିଲାଗଡ଼, ୨୫।୧୨ (ଡି.ଏନ.ଏ.)

ସନ୍ଧ୍ୟାରେ ଟିଟିଲାଗଡ ବିଧାୟିକା ଟୁକୁନୀ ସାହୁ ଏକ ଖବରଦାତା ସମ୍ମିଳନୀ ଡାକି ଜିଲା ଦାବି ଆନ୍ଦୋଳନ ନେଇ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଟିଟିଲାଗଡ ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ସହ ଜିଲା କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତାଙ୍କ ସହ ସେ ମୁଖ୍ୟମନ୍ତ୍ରୀଙ୍କୁ ଆସନ୍ତା ୨୮ତାରିଖରେ ସାକ୍ଷାତ କରିବେ ବୋଲି କହିଛନ୍ତି। ଟିଟିଲାଗଡ ଉପଖଣ୍ଡ ଅଞ୍ଚଳର ଅନେକ ବିକାଶ କାର୍ଯ୍ୟ ଜାରି ରଖିଥିବା ମୁଖ୍ୟମନ୍ତ୍ରୀ ଦୀର୍ଘ ୨୬ ବର୍ଷ ଧରି ଜାରି ରହିଥିବା ଜିଲା ଦାବିକୁ ମଧ୍ୟ ସକରାତ୍ମକ ଭାବରେ ଗ୍ରହଣ କରିବେ ବୋଲି ଆସ୍ଥା ପ୍ରକଟ କରିଛନ୍ତି। ଏହି ଅବସରରେ ଟିଟିଲାଗଡ ପୌରାଧ୍ୟକ୍ଷ ଗୋବର୍ଦ୍ଧନ ନାଗ, ଉପାଧ୍ୟକ୍ଷା ଅଞ୍ଜନା ବର୍ମା, ବରିଷ୍ଠ ବିଜେଡି ନେତା ପ୍ରେମ ଜୈନ, ବିଧାୟିକାଙ୍କ ପ୍ରତିନିଧି ଅରୁଣ ମିଶ୍ର, ଚନ୍ଦ୍ରବଦନ ପୁରୋହିତ, ଉମାଦେବୀ ଅଗ୍ରୱାଲ, ମୈତ୍ରୀ ସାହୁ, ଜଗଦିଶ ମହାଲିଙ୍ଗି, ରଣଜିତ ପୃଷ୍ଟି, ପ୍ରମୋଦ ପଟ୍ଟନାୟକ, ପୁଷ୍ପୁ ଜୈନ, ସଞ୍ଜୟ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ।

ଖବରଦାତା ସମ୍ମିଳନୀରେ ବିଧାୟିକା ଟୁକୁନୀ ସାହୁ।

ଟିଟିଲାଗଡ଼ ଜିଲା ଦାବି

ଗଣଧାରଣାରେ ସାମିଲ ହେଲା ବିଜେଡି

ଟିଟିଲାଗଡ଼, ୨୫।୧୨ (ଡି.ଏନ.ଏ.)

ଗଣଧାରଣାରେ ସାମିଲ ବିଜେଡି ନେତୃବର୍ଗ।

ଟିଟିଲାଗଡ ଜିଲା ଦାବି ନେଇ ଗତ ନଭେମ୍ବର ୧ତାରିଖରୁ ଟିଟିଲାଗଡ ଉପଖଣ୍ଡ ଅଞ୍ଚଳରେ ଆନ୍ଦୋଳନ ତୀବ୍ରତର ହୋଇଛି। ଏ ନେଇ ଦୀର୍ଘ ୫୫ଦିନ ହେଲା ରାଜ୍ୟ ସରକାରଙ୍କ ସମସ୍ତ କାର୍ଯ୍ୟାଳୟ ବନ୍ଦ ସହ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଜାରି ରହିଛି। ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲା କ୍ରିୟାନୁଷ୍ଠାନ କମିଟି ସଦସ୍ୟଙ୍କ ସହ ଆସନ୍ତା ୨୮ ତାରିଖରେ ରାଜଧାନୀରେ ସାକ୍ଷାତ କାର୍ଯ୍ୟକ୍ରମ ନେଇ ଉପଖଣ୍ଡ ଅଞ୍ଚଳରେ ସନ୍ତୋଷ ପ୍ରକାଶ ପାଇଛି। ଜିଲା ଦାବିକୁ ଶାସକ ଦଳ ପକ୍ଷରୁ ଟିଟିଲାଗଡ ବିଧାୟିକା ଟୁକୁନୀ ସାହୁ ଏବଂ କଣ୍ଟାବାଞ୍ଜି ବିଧାୟକ ଆୟୁବ ଖାଁ ପୂର୍ବରୁ ସମର୍ଥନ ଘୋଷଣା କରି ସାରିଛନ୍ତି। ମଙ୍ଗଳବାର ବଲାଙ୍ଗୀର ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଭବାନି ପ୍ରସାଦ ହୋତାଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା ପରେ ଗଣଧାରଣାରେ ସାମିଲ ହୋଇଛନ୍ତି। ଏଥିପୂର୍ବରୁ କିଛିଦିନ ତଳେ ବଲାଙ୍ଗୀର ଏମପି କଲିକେଶ ନାରାୟଣ ସିଂଦେଓଙ୍କ ଉଦ୍ୟମରେ ଭୁବନେଶ୍ୱର ନବୀନ ନିବାସଠାରେ ବିଜେଡିରେ ଯୋଗଦାନ କରିଥିବା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଚିନ୍ତାମଣୀ ତାଣ୍ଡି, ପୂର୍ବତନ ଟିଟିଲାଗଡ ପଞ୍ଚାୟତ ସମିତି ଅଧ୍ୟକ୍ଷ ଭରତ ତାଣ୍ଡି ଗଣଧାରଣାରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପର୍ଶୁରାମ ପାଣିଗ୍ରାହୀ, ଆଇନଜୀବୀ ପଙ୍କଜ ବାଗ, କୁଳମଣୀ ଲୁହା, କ୍ଷମାନିଧି ତାଣ୍ଡି, ରାମଗୋପାଳ ମନହିରା, ରମେଶ ବେହେରା, ଶାନ୍ତ ପାତ୍ର, ବିରଞ୍ଚି ରଣା ପ୍ରମୁଖ ମଙ୍ଗଳବାର ଜିଲା ଦାବି ମଞ୍ଚ ଆବୋରିଥିବା ଦେଖାଯାଇଥିଲା। ଅନୁରୂପ ବିନେକେଲା ଗ୍ରାମବାସୀଙ୍କ ପକ୍ଷରୁ ଟିଟିଲାଗଡ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଭୋଦର ମାଝୀ, ସରପଞ୍ଚ ହରି ମାଝୀ ପ୍ରମୁଖ ଶତାଧିକ ସଦସ୍ୟ ଏକ ଶୋଭାଯାତ୍ରାରେ ଟିଟିଲାଗଡ ଜିଲା ଦାବିକୁ ନେଇ ସହର ପରିକ୍ରମା କରିଛନ୍ତି।

ବଣିକ ସଂଘର ନୂତନ କର୍ମକର୍ତ୍ତା

ଦେଓଗାଁ, ୨୫।୧୨(ଡି.ଏନ.ଏ.)

ଦେଓଗାଁ ବଣିକ ସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ଗୁପ୍ତେଶ୍ୱରଠାରେ ସଂଘର କର୍ମକର୍ତ୍ତାଙ୍କୁ ନେଇ ରବିବାର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ସଂଘ ସଭାପତି ସୁବଳ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ବସନ୍ତ କୁମାର ଅଗ୍ରୱାଲ ଗତବର୍ଷର ଆୟବ୍ୟୟ ପାଠ କରିଥିଲେ । ପରେ ସର୍ବସମ୍ମତିକ୍ରମେ ନୂତନ ସଭାପତିଭାବେ ଖେତୁ ବେହେରା, ସମ୍ପାଦକ କଲ୍ୟାଣ କୁମାର ସାହୁ, କୋଷାଧ୍ୟକ୍ଷ ଆଶିଷ କୁମାର ସାହୁଙ୍କୁ ଚୟନ କରାଯାଇଥିଲା । ଦେଓଗାଁ ବଣିକ ସଂଘର ରାଜ କୁମାର ବାରିକ, ମୋହନ ଅଗ୍ରୱାଲ, ଧିରେନ୍ଦ୍ର ପାଣିଗ୍ରାହୀ, ରାଜେଶ ଅଗ୍ରୱାଲ, ପୁକେଶ ଅଗ୍ରୱାଲ, ସନ୍ତୋଷ କୁମାର ସାହୁ, ଶରତ କୁମାର ପୁଟେଲ, ନାଡୁ ବେହେରା, ସ୍ୱାଧିନ ବାଗ ପ୍ରମୁଖ ୪୦କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ଦେଓଗାଁ ବଣିକ ସଂଘର କର୍ମକର୍ତ୍ତା ବୃନ୍ଦ ।

ହିନ୍ଦୁ ସଂଗଠନ ପକ୍ଷରୁ ଶୋଭାଯାତ୍ରା, ସମ୍ମିଳନୀ

ସୋନପୁର,୨୫।୧୨(ନି.ପ୍ର.)

ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ପାଇଁ ହିନ୍ଦୁ ସଂଗଠନ ଗୁଡିକ ପକ୍ଷରୁ ଦାବି ଜୋର ଧରିଛି। ଏହିକ୍ରମରେ ଜନସଚେତନତା ସୃଷ୍ଟି ପାଇଁ ମଙ୍ଗଳବାର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓ ବିଶ୍ୱ ହିନ୍ଦୁ ପରିଷଦ ନଗର ମଣ୍ଡଳ ପକ୍ଷରୁ ସୁବର୍ଣ୍ଣପୁର ସହରରେ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଆସନ୍ତା ୩୦ ତାରିଖରେ ବଲାଙ୍ଗୀର କୋସଲ କଳା ମଣ୍ଡପଠାରେ ହେବାକୁ ଥିବା ହିନ୍ଦୁ ସମ୍ମିଳନୀରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଓ ରାମଭକ୍ତମାନେ ଯୋଗଦେବା ପାଇଁ ନିବେଦନ କରାଯାଇଥିଲା।

ପାନୀୟ ଜଳ ସମସ୍ୟା ନେଇ ବିଧାୟକଙ୍କ ସହ ଆଲୋଚନା

ବଲାଙ୍ଗୀର ଅଫିସ, ୨୫।୧୨

ମହିଳାମାନେ ବିଧାୟକ ନରସିଂହ ମିଶ୍ରଙ୍କ ସହ ଆଲୋଚନା କରୁଛନ୍ତି ।

ବଲାଙ୍ଗୀର ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର ଟୁଲସୀନଗର ଅନ୍ତର୍ଗତ ମହାରାଣୀସାଗର ବନ୍ଧଆଡିପଡା ଅଞ୍ଚଳ ପରିଦର୍ଶନ କରିଥିଲେ । ଏହି ଅବସରରେ ପଡାବାସୀ ବିଧାୟକ ମିଶ୍ରଙ୍କୁ ପାନୀୟ ଜଳସମସ୍ୟା ସମ୍ପର୍କରେ ବଗତ କରିଥିଲେ। ପଡାକୁ ପାଇପ୍ ପାଣି ଯୋଗାଣ ହେଉ ନ ଥିବା କହିଥିଲେ । କିଭଳି ଭାବେ ଏହି ପଡାକୁ ପାଇପ ପାଣି ଲଗାଯାଇ ପାରିବ ସେନେଇ ପଦକ୍ଷେପ ନେବାକୁ ଦାବି କରିଥିଲେ । ପାନୀୟ ଜଳ ପାଉ ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା କହିଥିଲେ । ଏ ଦିଗରେ ତୁରନ୍ତ ପଦକ୍ଷେପ ନେବେ ପଡା ଭିତରକୁ କିଭଳି ପିଏଚ୍ଡି ପାଇପ ଯୋଗେ ପାନୀୟ ଜଳଯୋଗାଣ ହୋଇପାରିବ ସେ ଦିଗରେ ପଦକ୍ଷେପ ନେବେ ବୋଲି ବିଧାୟକ ମିଶ୍ର ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ କଂଗ୍ରେସ ସାଂଗଠନିକ ସମ୍ପାଦକ ସଞ୍ଜୟ ମିଶ୍ର, ପଡାର ସୁଦାମ ସାହୁ, ସୁରୁ ବାଗ, ଭୁବନ ମାଜି ଓ ଅନ୍ୟମାନେ ଉପସ୍ଥିତ ଥିଲେ । ମହିଳାମାନେ ପଡାର ଅନ୍ୟାନ୍ୟ ଅସୁବିଧା ଓ ଦାବି ସମ୍ପର୍କରେ ବିଧାୟକ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ଗୋଟିଏ ଦିନରେ ୧୦ଗୋରୁ ମୃତ

ଅଳିଆ ଆବର୍ଜନା ଖାଇ ମୃତ୍ୟୁ ସନ୍ଦେହ

କଣ୍ଟାବାଞ୍ଜି,୨୫।୧୨(ଡି.ଏନ.ଏ.)

କଣ୍ଟାବାଞ୍ଜି ସହରରେ ସୋମବାର ରାତିରେ ୧୦ଗୋରୁଙ୍କ ଜୀବନ ଯାଇଛି । ସ୍ଥାନୀୟ ରେଳ ଅଣ୍ଡର ବ୍ରିଜ, ସରକାରୀ ଡାକ୍ତରଖାନା, ସିପ୍‌କା ପଡା, ନୂଆପଡା ଅଞ୍ଚଳରେ ଗୋରୁ ମୃତ୍ୟୁ ହୋଇଥିବା ଜଣାପଡିଛି। ରାସ୍ତାକଡରେ ପଡି ରହିବାରୁ ସାମାଜିକ କର୍ମୀ ଭକ୍ତ ବେହେରା ଆନିଆ ଜିମ୍ ଓ ବଜରଙ୍ଗ ଦଳର ସେବକମାନଙ୍କ ସହାୟତାରେ ଗୋରୁଙ୍କ ମୃତଦେହ ଉଦ୍ଧାର କରି ଏନଏସିର ଡମ୍ପିୟାର୍ଡରେ ନେଇ ପୋତି ଦେଇଥିଲେ । ମୃତ୍ୟୁର କାରଣ ଜଣା ପଡି ନ ଥିଲେ ମଧ୍ୟ ଏହି ସହରର ଏଣେତେଣେ ବୁଲୁଥିବା ଏହି ଗୋରୁ ଅଳିଆ ଆବର୍ଜନା ଖାଇ ମରିଥିବା କୁହାଯାଉଛି। ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟର ଡାକ୍ତର ମଧ୍ୟ ପ୍ଲଷ୍ଟିକ ପଏଜନିଙ୍ଗରୁ ଗୋରୁଙ୍କ ମୃତ୍ୟୁ ହୋଇଥିବା କହିଛନ୍ତି।

ମୃତ ଗୋରୁଙ୍କୁ ଦାବ୍ରସ୍ଥିତ ଡମ୍ପିୟାର୍ଡରେ ପୋତାଯାଉଛି।

ପୋଷାକ, ଜୋତାକିଣାରେ ଜାଲିଆତି ଅଭିଯୋଗ

ବ୍ଲକ ଅଧ୍ୟକ୍ଷଙ୍କ ତଦନ୍ତ ନିର୍ଦ୍ଦେଶକୁ ବେଖାତିର

ଗୁଡଭେଲା,୨୫।୧୨ (ଡି.ଏନ୍.ଏ.)



ବଲାଙ୍ଗୀର ଜିଲା ଟୁଷୁରା ଏନ୍‌ଏସି ଅଧୀନ ନଅଗାଁ କଲୋନୀ ପଡ଼ାସ୍ଥିତ ପ୍ରାଥମିକ ବିଦ୍ୟାଳୟରେ ନିମ୍ନମାନର ପୋଷାକ, ଜୋତା ବଣ୍ଟନ ହୋଇଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଏନେଇ ଗୁଡ଼ଭେଲା ବ୍ଲକ ଅଧ୍ୟକ୍ଷ ଅଶୋକ ଚନ୍ଦ୍ର ଦୋରା ସ୍କୁଲରେ ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତ ବେଳେ କିଣା ଯାଇଥିବା ପୋଷାକ ଓ ଜୋତାର ରସିଦ କିମ୍ବା ଚୁକ୍ତିପତ୍ର ମିଳି ନ ଥିଲା। ନିର୍ଦ୍ଦିଷ୍ଟ ଏକ ସ୍ଥାୟୀ ଦୋକାନରୁ ପୋଷାକ କିମ୍ବା ଜୋତା ଅଣାଯାଇ ନ ଥିବାବେଳେ ବାହାର ଜିଲାର ୩ଟି କୋଟେଶନ ମିଳିଥିଲା। ସେଥିରେ ଚିଠି ନମ୍ବର କିମ୍ବା ତାରିଖ ନ ଥିଲା। ଏପରି କି ଉକ୍ତ କୋଟେଶନରେ କେଉଁ କମ୍ପାନୀ ଏବଂ କେଉଁ ସାମଗ୍ରୀ ଦିଆଯିବ ତାହା ମଧ୍ୟ ଶିକ୍ଷକ ଦେଖାଇଥିବା କୋଟେଶନରେ ତାରିଖ୍ ଓ ପତ୍ର ସଂଖ୍ୟା ନାହିଁ। ଦର୍ଶାଯାଇ ନ ଥିଲା। ଏପରି କି ବୌଦ୍ଧ ଜିଲା ଅନ୍ତର୍ଗତ ବାଉଁଶୁଣି ଗ୍ରାମର ଅଶୋକ କଲେକ୍ସନ, ବଲାଙ୍ଗୀର ଜିଲା ନୂଆଁପଡ଼ା ଗ୍ରାମର ପ୍ରତାପ ଷ୍ଟିଚିଙ୍ଗ ସେଣ୍ଟର ଓ ନୂଆଁପଡ଼ାର ଅଶୋକ କ୍ରିଏସନ ଆଦି ଦୋକନରୁ କୋଟେଶନ ଅଣାଯାଇଥିବା ବେଳେ ସେପରି କୌଣସି ଦୋକାନ ନ ଥିବା ସ୍ଥାନୀୟ ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ଏପରି କି ଜିଏସ୍‌ଟି ମଧ୍ୟ ଫାଙ୍କିଥିବା ଅଭିଯୋଗ ହୋଇଛି। ସମସ୍ତ ନିୟମକୁ ଉଲ୍ଲଂଘନ କରି ମୋଟା ଅଙ୍କର ପିସି ଲୋଭରେ ଅତି ନିମ୍ନମାନର ପୋଷ



ବୃଦ୍ଧ ପକ୍ଷରେ ଲୋଭ ନିର୍ବୋଧତା ବ୍ୟତୀତ ଆଉ କିଛି ନୁହେଁ- କାରଣ ଯାତ୍ରା
ଶେଷ ହୋଇଗଲା ବେଳକୁ ଆଉ ପାର୍ଥିବ ପାଥେୟର ଆବଶ୍ୟକ କ'ଣ ?
- ଶିଶେରୋ

ସଂକ୍ଷେପରେ

୧୯୯୩ ମାଟ୍ରିକ ବ୍ୟାଚ୍‌ର ରୌପ୍ୟ ଜୟନ୍ତୀ

ରିଷିଡା,୨୫।୧୨(ଡି.ଏନ.ଏ.)
କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ବାପୁଜୀ ବାଳକ ଉଚ୍ଚ ବିଦ୍ୟାଳୟର ୧୯୯୩ ମାଟ୍ରିକ ବ୍ୟାଚର ରୌପ୍ୟ ଜୟନ୍ତୀ ଉତ୍ସବ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ରବିବାର ରାତ୍ରିରେ ଶେଷ ହୋଇଯାଇଛି ।
୧୯୯୩ ମାଟ୍ରିକ ବ୍ୟାଚର ପୁରାତନ ଛାତ୍ର ସୁରେଶ ରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅତିଥିଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ଉପେନ୍ଦ୍ର ସାହୁ, ପ୍ରାକ୍ତନ ଶିକ୍ଷକ ଅଶ୍ୱିନୀ କୁମାର ପଟ୍ଟନାୟକ, ବାଳକୃଷ୍ଣ ସାହୁ, ନନ୍ଦକିଶୋର ରଣା, ଶିକ୍ଷକ କୈଳାଶ ଚନ୍ଦ୍ର କର, ପ୍ରଧାନଶିକ୍ଷକ ପ୍ରଦୀପ କୁମାର ପଧାନ, ପୁରାତନ ଛାତ୍ର ତଥା ବରିଷ୍ଠ ବ୍ୟାଙ୍କ ଅଧିକାରୀ ଚନ୍ଦ୍ରଶେଖର ଦାସ, ପୁରାତନ ଛାତ୍ର ତଥା ସହକାରୀ ବାଣିଜ୍ୟକର କମିସନର ଲକ୍ଷ୍ମୀକାନ୍ତ ସାହୁ, ପୁରାତନ ଛାତ୍ର ତଥା ରେମେଡା ଚିକିତ୍ସାଳୟର ଡା. ଅମିତ କୁମାର ପଧାନ ଯୋଗଦେଇ ବିଦ୍ୟାଳୟ ତଥା ପୁରାତନ ଛାତ୍ରଙ୍କ ସ୍ମୃତି ସମ୍ପର୍କରେ ଆଲୋଚନା କରିଥିଲେ । ପୁରାତନ ଛାତ୍ର ତଥା ବାପୁଜୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ସୁଶାନ୍ତ କୁମାର ଦୀପ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପୁରାତନ ଛାତ୍ର ସଂସଦ ସଭାପତି ନରୋତ୍ତମ ସେଲମା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ର ସଂସଦ ସମ୍ପାଦକ ପୀତବାସ ସାହୁ, ସହସମ୍ପାଦକ ସୁଶାନ୍ତ ରଣା, ଉପସଭାପତି ମଧୁସୂଦନ ଧରୁଆ, କୋଷାଧ୍ୟକ୍ଷ ଭଜଶ୍ୟାମ ରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ହିମାଂଶୁ ଶେଖର ରଣା, ସନ୍ତୋଷ ପୁଟେଲ, ରବିନ୍ଦ୍ର ରଣା, ଧର୍ମେନ୍ଦ୍ର ରଣା, ଶରତ ସାହୁ ପ୍ରମୁଖ ସହାୟତା କରିଥିଲେ । ଏହି ଅବସରରେ ପୁରାତନ ଛାତ୍ର ତଥା ଆର୍ମି ବିଭାଗରେ କାର୍ଯ୍ୟରତ ବିଶ୍ୱୁ ପୁଟାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ରାତିରେ ମନୋରଞ୍ଜନ କାର୍ଯ୍ୟକ୍ରମରେ ଦର୍ଶକ ବିମୋହିତ ହୋଇଥିଲେ ।

କଳାହାଣ୍ଡି ଉତ୍ସବର ଲୋଗୋ ଉନ୍ମୋଚିତ

ଭବାନୀପାଟଣା,୨୫।୧୨(ଡି.ଏନ.ଏ.)
ଆସନ୍ତା ଜାନୁଆରୀ ୧୪ରୁ ୨୩ତମ କଳାହାଣ୍ଡି ଉତ୍ସବ ଆରମ୍ଭ ହେବ । ଏ ନେଇ ସୋମବାର କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗଠାରେ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବର ଲୋଗୋକୁ ଜିଲାପାଳ ଗାଭାଲି ପରାଗ ହର୍ଷଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉନ୍ମୋଚନ କରିଥିଲେ । ପୂର୍ବରୁ ମହାଲିଙ୍ଗ ଗ୍ରାମର ଦୁଆରସନୀ ମନ୍ଦିରରୁ ଏକ ଶୋଭାଯାତ୍ରାରେ ମଶାଲ ଓ କଳସ ଯାତ୍ରା ଗାଁ ପରିକ୍ରମା କରି ଉତ୍ସବ ସ୍ଥଳକୁ ଆସିଥିଲା । ଉଦଘାଟନୀ ଉତ୍ସବରେ ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରସନ୍ନ ଷଡଙ୍ଗୀ, ଜିଲା ସଂସ୍କୃତି ଅଧିକାରୀ ଅର୍ପିତା ବେହେରା, ଗୋଲାମୁଣ୍ଡା ବିଡିଓ ସ୍ନିଗ୍ଧାରାଣୀ ପଧାନ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଅଞ୍ଚଳର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ କଳା ସଂସ୍କୃତି ସଂଘ ମୁଖ୍ୟ ସଂଯୋଜକ ଅଜୟ ମିଶ୍ର, କଳାହାଣ୍ଡି ଉତ୍ସବ ପ୍ରଚାର କମିଟି ଅଧକ୍ଷ ହରଜିନ୍ଦର ସିଂହ, ଉପାଧକ୍ଷ ସଞ୍ଜୀବ ଯୋଷୀ, ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ କଲମପୁର ଚନ୍ଦ୍ରଶେଖର ବାବୁ, କଳାହାଣ୍ଡି ଉତ୍ସବ କମିଟି ସଦସ୍ୟ ଡୋଲାମଣି ସାହୁ, ଡିସିପିଓ ଶୈଳେନ୍ଦୁ ଶେଖର ମହାପାତ୍ର, ଜିଲା ପରିଷଦ ସଦସ୍ୟା ଜୟନ୍ତୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ମହାଲିଙ୍ଗ ସରପଞ୍ଚ ସୁଶାନ୍ତ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଅଧାପକ ଅରବିନ୍ଦ ମୁଣ୍ଡ ମଞ୍ଚ ପରିଚାଳନା କରିଥିଲେ ।

ବିଜ୍ଞାନୀଙ୍କୁ ପଦାକୁ ଆଣୁଛି ବିଜ୍ଞାନ ପ୍ରଦର୍ଶନୀ

ନୂଆପଡ଼ା ଅଫିସ,୨୫।୧୨

- ରାଜ୍ୟସ୍ତରୀୟ ବିଜ୍ଞାନମେଳାରେ ଛାତ୍ରୀଙ୍କ କୃତିତ୍ୱ
- ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା

ଏହା ହେଉଛି ବିଜ୍ଞାନର ଯୁଗ । ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ର ସକାଶେ ଆମେ ବିଜ୍ଞାନ ଉପରେ ନିର୍ଭର କରିଥାଉ । ଆଜିର ଶିକ୍ଷା ବ୍ୟବସ୍ଥାରେ ବିଜ୍ଞାନ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଥିବାବେଳେ ବିଜ୍ଞାନ ପ୍ରଦର୍ଶନୀ ଏହାର ଏକ ଅଭିନ୍ନ ଅଙ୍ଗ ହୋଇଛି । ଏହା ପିଲାଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ସହାୟକ ହେଉଛି । ନୂଆପଡ଼ା ଭଳି ଉପାନ୍ତ ଜିଲାରେ କୁନି ବିଜ୍ଞାନୀମାନଙ୍କ ଆବିର୍ଭାବ ଜିଲା ତଥା ରାଜ୍ୟ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି ବୋଲି ମତ ପ୍ରକାଶ ପାଇଛି । ସମ୍ବଲପୁରରେ ଆୟୋଜିତ ରାଜ୍ୟସ୍ତରୀୟ ବିଜ୍ଞାନ, ଗଣିତ ପ୍ରଦର୍ଶନୀରେ କୃତିତ୍ୱ ଅର୍ଜନ କରି ଜିଲାକୁ ଫେରିଥିବା ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବରେ ଛାତ୍ରୀଙ୍କ ସହ ଅତିଥିବୃନ୍ଦ ।

ଦେବା ଅବସରରେ ଅତିଥିମାନେ ଏହା କହିଛନ୍ତି। ଗତ ୨୧ରୁ ୨୩ ତାରିଖ ଯାଏ ସମ୍ବଲପୁରଠାରେ ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ୧୮୦ ପ୍ରକଳ୍ପ ନେଇ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଛାତ୍ରୀଛାତ୍ର ସାମିଲ ହୋଇଥିଲେ । ସେଗୁଡ଼ିକ ମଧ୍ୟରୁ ୩୪ ପ୍ରକଳ୍ପ ଜୋନସ୍ତରୀୟ ପ୍ରଦର୍ଶନୀ ପାଇଁ ବଛାଯାଇଛି । ନୂଆପଡ଼ା ଜିଲା ଖରିଆରରୋଡ୍ ନୋଡାଲ ହାଇସ୍କୁଲର ରାନୀ ମୁଙ୍ଗରୀଙ୍କ ପ୍ରକଳ୍ପ ଏଥିରେ ଅନ୍ତର୍ଭୁକ୍ତ ହୋଇଛି । ରାଜ୍ୟସ୍ତରୀୟ ପ୍ରତିଯୋଗିତାରୁ ଫେରିବା ପରେ ସ୍ଥାନୀୟ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଜିଲା ବିଜ୍ଞାନ ନିରୀକ୍ଷକ ଅଶ୍ୱିନୀ କୁମାର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଭୋଇ ମୁଖ୍ୟଅତିଥି, ବ୍ଲକ ଶିକ୍ଷାଧିକାରୀ ରେଶମ ଲାଲ ନାଏକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଏହି ଅବସରରେ ଅତିଥିମାନେ ରାନୀଙ୍କ ସମେତ ମାର୍ଗଦର୍ଶକ ଶିକ୍ଷକ ସୁଶାନ୍ତ କୁମାର ଜୋଷୀ, ପ୍ରଧାନ ଶିକ୍ଷକ ଅଜିତ କୁମାର ସିଂଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଜିଲା ପାଇଁ ଆଣିଥିବା କୃତିତ୍ୱ ପାଇଁ ସେମାନେ ଗର୍ବିତ ବୋଲି ମୁଖ୍ୟଅତିଥି ଭୋଇ କହିଥିଲେ । ରାନୀଙ୍କ ଏହି ପ୍ରକଳ୍ପ କୋଲକାତାଠାରେ ଆୟୋଜିତ ହେବାକୁ ଥିବା ପୂର୍ବାଞ୍ଚଳ ଜୋନସ୍ତରୀୟ ବିଜ୍ଞାନମେଳାରେ ସ୍ଥାନ ପାଇବ ବୋଲି ସୂଚନା ଦିଆଯାଇଛି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସର୍ବଶିକ୍ଷା ଅଭିଯାନର ହେମନ୍ତ କୁମାର ଭୋଇ, ଅବିନାଶ ମିଶ୍ର, ତୋର୍ରା ହାଇସ୍କୁଲ ପ୍ରଧାନ ଶିକ୍ଷକ କିଶୋର କୁମାର ପ୍ରମୁଖ ଯୋଗଦେଇଥିଲେ ।

କଳସ ଶୋଭାଯାତ୍ରାରେ ବାହାରିଥିବା ମହିଳାମାନେ ।

ସିନାପାଲିରେ ଗାୟତ୍ରୀ ମହାଯଜ୍ଞ

ସିନାପାଲି,୨୫।୧୨(ଡି.ଏନ.ଏ.)
ନୂଆପଡା ଜିଲା ସିନାପାଲିଠାରେ ୨୪କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ ମଙ୍ଗଳବାର କଳସ ଯାତ୍ରା ସହ ଗାୟତ୍ରୀ ମହାଯଜ୍ଞର ଶୁଭାରମ୍ଭ ହୋଇଯାଇଛି । ମଙ୍ଗଳବାର ଅପୁଷ୍ଟିତ ପବିତ୍ର କଳସ ଯାତ୍ରାରେ ନୂଆପଡା ଜିଲା ତଥା କଳାହାଣ୍ଡି, ବଲାଙ୍ଗୀର ଓ ସୀମାନ୍ତ ଛତିଶଗଡ ଅଞ୍ଚଳରୁ ସହସ୍ରାଧିକ ମହିଳା ଶୋଭାଯାତ୍ରାରେ ସିନାପାଲି ସହର ପରିକ୍ରମା କରିବା ପରେ ଯଜ୍ଞ ମଣ୍ଡପରେ କଳସ ସ୍ଥାପନା କରିଥିଲେ । ଚାରି ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ମହାଯଜ୍ଞରେ ଦୈନିକ ଆହୁତି, ସଙ୍ଗୀତ, ପ୍ରବଚନ, ସାମୂହିକ ଜପ, ଧ୍ୟାନ, ଦୀପ ମହାଯଜ୍ଞ ଆଦି କାର୍ଯ୍ୟକ୍ରମର ଆୟୋଜିତ ହେବାକୁ ସ୍ଥିର ହୋଇଛି । ଚାରିଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ମହାଯଜ୍ଞରେ ଜନସମାଗମକୁ ଆଖି ଆଗରେ ରଖି କମିଟି ସୂତ୍ରରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିବା ପ୍ରକାଶ । ଏହି ଚବିଶ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ସଭାପତି ଭାବେ ତରୁଣ ମେହେର, ସମ୍ପାଦକ ଭାବେ ତ୍ରିନାଥ ମେହେର ଓ କୋଷାଧ୍ୟକ୍ଷ ଭାବେ ପୁନେଶ ଅଗ୍ରୱାଲ ଦାୟିତ୍ୱ ନିର୍ବାହ କରୁଛନ୍ତି । ଏହି ମହାଯଜ୍ଞର ପରିଚାଳନାରେ କଳାହାଣ୍ଡି, ବଲାଙ୍ଗୀର ଓ ସୀମାନ୍ତ ଛତିଶଗଡରୁ ବହୁ ଗାୟତ୍ରୀ ପରିଜନ ବୃନ୍ଦ ସାମିଲ ଅଛନ୍ତି । ଆସନ୍ତା ୨୮ତାରିଖ ଦିନ ଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହେବାକୁ ଥିବା ପରିଚାଳନା କମିଟି ସୂତ୍ରରୁ ପ୍ରକାଶ ।

ଜାତୀୟ ଉପଭୋକ୍ତା ସୁରକ୍ଷା ଦିବସ

ନୂଆପଡ଼ା ଅଫିସ,୨୫।୧୨

ସ୍ଥାନୀୟ ରାଜୀବ ସେବାକେନ୍ଦ୍ରରେ ସ୍ୱେଚ୍ଛାସେବୀ ସଂଗଠନ ପରଦା ଆନୁକୂଲ୍ୟରେ ଜାତୀୟ ଉପଭୋକ୍ତା ସୁରକ୍ଷା ଦିବସ ପାଳିତ ହୋଇଛି । ପରଦାର ଅଧକ୍ଷ ରୁଦ୍ରଚରଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢ଼ୀ ମୁଖ୍ୟଅତିଥି, ଆଇନଜୀବୀ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟବକ୍ତା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯୋଗେଶ୍ୱର ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ମୁଖ୍ୟଅତିଥି ପାଢ଼ୀ ଉପଭୋକ୍ତାମାନେ ଦ୍ରବ୍ୟ କିଣାବିକାରେ କିପରି ଠକାମିର ଶିକାର ହେଉଛନ୍ତି, ସେ ସମ୍ପର୍କରେ ଆଲୋଚନା କରିଥିଲେ । ସଚେତନ ହେଲେ ଠକାମିରୁ ମୁକ୍ତି ମିଳିବ ବୋଲି ସେ କହିଥିଲେ । ମୁଖ୍ୟବକ୍ତା ପାତ୍ର ଉପଭୋକ୍ତା ସୁରକ୍ଷା ଏବଂ ତାହାର ଉପଯୋଗିତା ଉପରେ ଆଲୋଚନା କରିଥିଲେ । ଅକ୍ଷୟ କୁମାର ନାଗ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପରଦାର ହୃଷୀକେଶ ମେହେର, ମନୋଜ ଯାଦବ, ପ୍ରତାପ ସାହୁ, ଗୁଟାନସୁ ସାହୁ, ଅଜୟ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ ।

କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

ନୂଆପଡ଼ା କୋଶଳୀ ଧନୁଯାତ୍ରା ମହୋତ୍ସବ

ଗୋପପୁରେ ଭୂମିପୂଜନ ଉତ୍ସବ

ନୂଆପଡ଼ା ଅଫିସ,୨୫।୧୨

ଜାନୁୟାରୀ ୨ତାରିଖରେ ଆରମ୍ଭ ହେବ ନୂଆପଡ଼ା କୋଶଳି ଧନୁଯାତ୍ରା ମହୋତ୍ସବ। ମଙ୍ଗଳବାର ସ୍ଥାନୀୟ ସିର୍ତୋଳ ବସ୍ତିକୁ ଗୋପପୁର ଭାବେ ଅଭିହିତ କରାଯାଇ ସେଠାରେ ଭୂମିପୂଜନ କରାଯାଇଛି। ସନ୍ଧ୍ୟାରେ ପୂଜା କମିଟି ସଭାପତି ପ୍ରସନ୍ନ କୁମାର ପାଢ଼ୀଙ୍କ ପୌରୋହିତ୍ୟରେ ସ୍ଥାନୀୟ ଦୁର୍ଗାମଣ୍ଡପ ନିକଟରେ ସ୍ୱଂୟ ସହାୟକ ଗୋଷ୍ଠୀ ମହିଳାଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ହୋମଯଜ୍ଞ ସହ ପୂଜାପାଠ କରାଯାଇ ଭୂମିପୂଜନ କରାଯାଇଥିଲା। ଏହି ଦିନଠାରୁ ସିର୍ତୋଳ ବସ୍ତିକୁ ଗୋପପୁର ଭାବେ ଗ୍ରହଣ କରାଗଲା। ଆଗାମୀ ଧନୁଯାତ୍ରାରେ ଏଠାରେ ଶ୍ରୀକୃଷ୍ଣ, ବଳରାମଙ୍କ ଲୀଳାଖେଳା ହେବାସହ ଗୋପୀ ଗୋପାଙ୍ଗନାଙ୍କ ନୃତ୍ୟଗୀତରେ ସ୍ଥାନ ପ୍ରକମ୍ପିତ ହେବ। ଏଥି ସକାଶେ ଏଠାରେ ପ୍ରତି ପରିବାରରୁ ମହିଳାମାନେ ଆସି ଭୂମିପୂଜନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଟିଟୁ ପଣ୍ଡା, ଶରତ କୁମାର ପଣ୍ଡା, ସଞ୍ଜୟ କୁମାର ପାଢ଼ୀ, ଯାଜ୍ଞସେନୀ ମହାପାତ୍ର, ପ୍ରତିଭା ହୋତା, ମୁରଲୀଧର ସୁନା ପ୍ରମୁଖ ଯୋଗଦେଇଥିଲେ।

ଭୂମିପୂଜନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିଗଣ।

ଆଜାଦ ହିନ୍ଦ କ୍ରିକେଟ: ବେଲଗାଁ, ବଲାଙ୍ଗୀର ବିଜୟୀ

ନୂଆପଡ଼ା ଅଫିସ,୨୫।୧୨

ନୂଆପଡ଼ା ଜିଲା କୋମନା ବ୍ଲକ ଚିକ୍ରାପଡ଼ାରେ ଚାଲିଥିବା ଆଜାଦ ହିନ୍ଦ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଚତୁର୍ଥ ଦିନରେ ଦୁଇଟି ଲିଗ୍ ମ୍ୟାଚ୍ ଖେଳାଯାଇଛି। ଏଥିରେ ବେଲଗାଁ ଏବଂ ବଲାଙ୍ଗୀର ଦଳ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି। ମଧ୍ୟାହ୍ନରେ ବେଲଗାଁ ଏବଂ ରୟାଲ ଟାଇଗର ମଧ୍ୟରେ ପ୍ରଥମ ଲିଗ୍ ମ୍ୟାଚ୍ ଖେଳାଯାଇଥିଲା। ବେଲଗାଁ ପ୍ରଥମେ ବ୍ୟାଟିଂ କରି ୬ ୱିକେଟରେ ୧୫୭ରନ ସଂଗ୍ରହ କରିଥିଲା। ଜବାବରେ ରୟାଲ ଟାଇଗର ଦଳ ମାତ୍ର ୧୧୨ରନ ସଂଗ୍ରହ କରିଥିଲା। ଦ୍ୱିତୀୟ ମ୍ୟାଚ୍ ଜେବିସିସି ଖଡ଼ିଆଳ ଏବଂ ବଲାଙ୍ଗୀର ମଧ୍ୟରେ ହୋଇଥିଲା। ଜେବିସିସି ଖଡ଼ିଆଳ ପ୍ରଥମେ ବ୍ୟାଟିଂ କରି ୪ୱିକେଟ ହରାଇ ୧୧୬ରନ କରିଥିଲା। ଜବାବରେ ବଲାଙ୍ଗୀର ୪ୱିକେଟ ହରାଇ ୧୧୮ରନ୍ କରିଥିଲା। ଅତିଥି ଭାବେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଢୋଲକିଆ, ରୁକସାନା ବାନୋ, ଗୌର ଚନ୍ଦ୍ର ରଣା ପ୍ରମୁଖ ଯୋଗଦେଇଥିଲେ। ସୋମବାର ତୃତୀୟ ଦିନରେ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢ଼ୀ, ବିଧାୟକଙ୍କ ପ୍ରତିନିଧି ଅଭିନନ୍ଦନ ପଣ୍ଡା, କିଶୋର କୁମାର କଠାର, ଅର୍ଜୁନ ଜଗତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

ଆଜାଦ ହିନ୍ଦ କ୍ରିକେଟ ଟୁର୍ନାମେଣ୍ଟରେ ଯୋଗଦେଇଥିବା ଅତିଥିବୃନ୍ଦ।

MCL | **ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍**
(କୋଲ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ - (EPABX) : ୦୬୬୩-୨୫୪୨୪୬୧ ବୁ ୪୬୯, ୱେବସାଇଟ୍ : www.mahanadicoal.in

ଇ-ଟେଣ୍ଡର ବିଜ୍ଞପ୍ତି

ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ ର ନିମ୍ନଲିଖିତ ଇ-ଟେଣ୍ଡରଗୁଡ଼ିକ, କୋଲ୍ ଇଣ୍ଡିଆ ଲିମିଟେଡ୍ ଅଧୀନସ୍ଥ ଇ-ଟେଣ୍ଡର ପୋର୍ଟାଲ (https://coalindiatenders.nic.in) ରେ ପ୍ରକାଶିତ ଅଛି ଏବଂ ଏହା କେନ୍ଦ୍ରୀୟ ସାର୍ବଜନୀକ ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ (https://eprocure.gov.in) ରେ ମଧ୍ୟ ଦୃଶ୍ୟମାନ ହେଉଛି । ପରବର୍ତ୍ତୀ ସଂପୂର୍ଣ୍ଣ ବିବରଣୀ ନିମନ୍ତେ ଦୟାକରି ଉପରୋକ୍ତ ୱେବ୍‌ସାଇଟ୍‌ଗୁଡ଼ିକୁ ଦେଖନ୍ତୁ ।

କ୍ର. ସଂ.	ଟେଣ୍ଡର ଆଇଡି	କାର୍ଯ୍ୟ/ସେବାର ନାମ	ଟେଣ୍ଡର ମୂଲ୍ୟ In (₹)
1	2018_MCL_123804_1	Supply of Neutral grounding Resistor.	700920.00
2	2018_MCL_123963_1	Strengthening of Bituminous road at Budhijam Colony under Orient Sub-Area	7453626.00
3	2018_MCL_123996_1	Supply of water to village Bahala Sahi under Hingula Area (Package-19).	567798.00
4	2018_MCL_124010_1	Supply of water to village Tilepasi and Khajuria under Hingula Area (Package-10).	681358.00
5	2018_MCL_124021_1	Supply of water to Kushachara Sahi, Jamunali village near R and R site under Hingula Area (Package-26).	652178.00
6	2018_MCL_124032_1	Supply of water to village Ambapal, Badamahitaila and Sanamahitaila under Hingula Area (Package-23).	908477.00
7	2018_MCL_124039_1	Supply of water to village Bhalugadia under Hingula Area (Package-11).	465846.00
8	2018_MCL_124046_1	Supply of water to village Joragadia, Tangarasahi, Hadisahi under Hingula Area (Package-08).	794918.00
9	2018_MCL_124017_1	SPARES FOR BE1000 BEML HYDRAULIC EXCAVATOR.	321380.00
10	2018_MCL_124058_1	Supply of water to village Banabaspur and Baghabaspur under Hingula Area (Package-15).	931300.00
11	2018_MCL_124068_1	Supply of water to village Kandhaberini, Baleswarsahi under Hingula Area (Package-07).	794918.00
12	2018_MCL_124160_1	PROCUREMENT OF OTR TYRE AND TUBE FOR ACE RHINO CRANE	44366.00
13	2018_MCL_124238_1	PROCUREMENT OF ELECTRICAL ITEMS FOR LT POWER SUPPLY	463690.00
14	2018_MCL_124102_1	Providing RCC Gate with ACP Board and cleaning of surrounding area of Colliery High School, Dera under Jagannath Area.	612417.00
15	2018_MCL_124106_1	Laying old cement concrete interlocking paver blocks at G.M. Colony under Jagannath Area.	881107.00
16	2018_MCL_124198_1	Annual maintenance contract for day to day Electrical Repairing and maintenance works of Colony power supply including residential and non-residential buildings, maintenance of Street Lights Sub-stations of Ananta Vihar Colony for two years	2870251.00
17	2018_MCL_124258_1	PROCUREMENT OF 110V 120AH MAINTENANCE FREE BATTERY	352000.00
18	2018_MCL_124203_1	Construction of pole mounted substation by providing and fixing of 02 (two) nos 100KVA, 11/440V transformers and drawing of LT line and power supply for resettlement of the village of Balugan (Nahak Sahi n Gopal Sahi) under CSR scheme of Lingaraj Area	2029252.00
19	2018_MCL_124319_1	PROCUREMENT OF DIFFERENT SIZE MS FLANGES FOR PIPE LINE	537077.00
20	2018_MCL_124330_1	PROCUREMENT OF SUPPLY AND INSTALLATION OF VIBRATING SCREEN	625400.00
21	2018_MCL_124212_1	Firefighting work at Mine Pit Entrance, Quarry, Coal Stock and Railway Siding in 1st and 2nd Shifting through fire fighting hose for a period of 01(one) year (315 working day) at Kaniha OCP.	633150.00
22	2018_MCL_124292_1	Hiring of Pay Loaders for Mechanical transfer of Coal into NTPC and Railway wagons at Lingaraj Spur Siding No. 1 and 2 at Lingaraj OC Project, Lingaraj Area	116172711.00
23	2018_MCL_124338_1	Making of maintenance Transit store near Jarada Substation at KOCP of Kaniha Area MCL	413677.00
24	2018_MCL_124365_1	PROCUREMENT OF COPPER LUG SOCKET FOR MOTORS AND GENERATORS AT CWS_X TALCHER. DRAWING ENCLOSED WITH NIT.	87372.00
25	2018_MCL_124371_1	Hiring of One (01) No. Diesel Pickup Van / Camper or equivalent of TATA / EICHER / ASHOK LEYLAND or equivalent) Daily 24 hours operation for a period of Two Years for PO Office Pool, LOCP, Lingaraj Area with monthly limit within 4262.50 km

ବେଇମାନୀ ହେଉଛି ସମସ୍ତ ପାପର ଜନନୀ।
- ଶିରିଡ଼ି ସାଇବାବା

ସଂକ୍ଷେପରେ

ବାର୍ଷିକ କ୍ରୀଡା ଉଦ୍‌ଯାପିତ

ଧର୍ମଗଡ,୨୫।୧୨(ଡି.ଏନ.ଏ.)
ଧର୍ମଗଡ ପଞ୍ଚାୟତ ମହାବିଦ୍ୟାଳୟର ୩୮ତମ ବାର୍ଷିକ କ୍ରୀଡା ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସତ୍ୟ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ଏହି କାର୍ଯ୍ୟକ୍ରମ। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡା. ସୁନୀଲ ଚନ୍ଦ୍ର ପଣ୍ଡା ଯୋଗଦେଇ କ୍ରୀଡା ଉଭୟ୍ ଶାରିରୀକ ଓ ମାନସିକ ବିକାଶ ଦିଗରେ ସହାୟକ ହୋଇଥାଏ ବୋଲି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ସୁଦର୍ଶନ ପଣ୍ଡା ଯୋଗଦେଇଥିବାବେଳେ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବିଜ୍ଞାନ ବିଭାଗର ବରିଷ୍ଠ ଅଧ୍ୟାପକ ସରୋଜ ପଣ୍ଡା ସମସ୍ତ ଅତିଥିମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ ଉଭୟ ଯୁକ୍ତ ଦୁଇ ଏବଂ ଯୁକ୍ତ ତିନି ବିଭାଗରେ ୧୦୦, ୨୦୦, ୪୦୦ ଏବଂ ୧୫୦୦ମିଟର ରେସ୍, ଜେଭଲିନ ଥ୍ରୋ, ପୁଟିଂ ଦ ସଟ୍ ଭଳି ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା । ଏହି ସବୁ ପ୍ରତିଯୋଗୀମାନଙ୍କୁ ପିଇଟି ଅଭୟ୍ ବାଗ, ମହିଳା ମହାବିଦ୍ୟାଳୟର ପିଇଟି ସୋଦନ ନାଏକ, ଡିଚ୍ଚେଗୁଡା ମହାବିଦ୍ୟାଳୟର ପିଇଟି ସୁଶାନ୍ତ ମୁଞ୍ଜ, ଯୋଗେନ ଲହଜଲ, ମାନସ ରଞ୍ଜନ ନାଏକ ଏବଂ ଧର୍ମଗଡ ସରକାରୀ ଉଚ୍ଚ ବିଦ୍ୟାଳୟର ପିଇଟି ସନ୍ତୋଷ ପାଣିଗ୍ରାହୀ କ୍ରୀଡା ପରିଚାଳନା କରିଥିଲେ ।

ଆବାସ ଯୋଜନାରୁ ବଞ୍ଚିତ ବୁଢ଼ୀପଦରବାସୀ

ଜଗମୋହନଙ୍କର ଘର ।

ସତ୍ୟବତୀଙ୍କର ଘର ।

କର୍ଲାମୁଣ୍ଡା, ୨୫।୧୨ (ଡି.ଏନ.ଏ):

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ସଦରରୁ ୧୬ କି.ମି. ଦୂରେ ଅଛେ ପୌରକେଲା ପଂଚେତ୍‌ର ବୁଢ଼ୀପଦର ଗାଁ । ୨ଟା ୱାର୍ଡ ଥିବାର ଇ ଗାଁର ଲୋକ୍ ସଂଖ୍ୟା ହେଉଛନ୍ତ ୮୩୨ ଆର ପରିବାର ସଂଖ୍ୟା ୨୦୯। ଇଥିରୁ ୧୫୫ଟା ପରିବାର ଆଦିବାସୀ, ୨୧ଟା ପରିବାର ହରିଜନ ଆର ୭୩ଟା ପରିବାର ପଛୁଆ ବର୍‌ଗର ରହିଛନ୍। ଗାଁର କେତେ ଲୁକ୍‌କର ଜୀବ୍‌କା ଚାଷ୍‌ବାସ ହେଇଥିଲା ବେଳେ ବଡ଼ଭାଗି କୁଲି ମଜୁରି କରି ନିଜର କୁଟୁମ୍ ପୁଷୁଛନ୍। ଉତେଇ ଜଳ ସେଚନ ବିଭାଗ ତରଫୁ କେନାଲର ବେବସ୍‌ତା ଥିଲେ ବି ଗାଁର ଲୋକ୍ ଚାଷ୍‌ବାସ ଲାଗି ବର୍ଷା ଉପ୍‌ରେ ନିରଭର କରସନ୍। ବର୍ଷା ପାଏନ୍ ଅଭାବ୍ ଆର ମରୁଡ଼ିର ମାଡ୍ ଲାଗି ଫିବଛର ଚାଷ୍‌ବାସ ମାଡ଼ ଖାଉଛେ। ଯେଥିରୁଲାଗି ଗାଁର ଭେଁଡ଼ିଆ ପିଲାମାନେ ଚାଷ୍‌ବାସରେ ମନ୍‌ବଲାବାର ଯାଗାରେ ବାହାର ଯାଏଜ୍‌କେ ଦାଦନ ଖଟିଯାଉଛନ୍। ଏନତା ସବୁ ସମସିଆର ସଂଗେ ଯୁଝୁଥିବାର ଗାଁର ଗରିବ ନିଆଁସି ପରିବାର ଉପ୍‌ରେ ଦାଉ ସାଧୁଛେ ସରକାରକଁର ଏସଇସିସି ତାଲିକା। ଯେଥିରୁଲାଗି ଗାଁର ଅନେକ ନିହାତି ଗରିବ୍ ପରିବାର ପଲିଥିନ ତଲେ ବାସକରୁଛନ୍। ସୂଚ୍‌ନା ହିସାବେ ବ୍ଲକ୍ ପରଶାସନ ୨୦୧୧ ସାଲେ (ଏସଇସିସି) ସାମାଜିକ, ଅର୍ଥନୈତିକ, ଜାତିଗଣନାରେ ଇ ଗାଁଟା ତାଲିକାରୁ ବାଦ୍ ପଡ଼ିଥିଲା । ୨୦୧୬-୧୭ ଆରଥିକ୍ ବଛରରୁ ଆଏଜ୍‌ତକ ଗାଁର ଝନେ ବି ଲୋକ୍ ସରକାରକଁର ଗ୍ରାମୀଣ ଆବାସ ଯୋଜ୍‌ନାରେ ଘର ଖଁଡ଼େ ନୁହେପାଆନ୍। ଯେନ୍‌ଥିରଲାଗି ଗାଁର ଜଗମୋହନ ପାତ୍ରକଁର ୯ ଝନିଆଁ କୁଟୁମ ଆର କୁଞ୍ଜବନ ପାତ୍ର, ସତ୍ୟବତୀ ପାତ୍ରକଁର ଲେଖେଁ ଅନେକ ଗରିବ ପରିବାର ବିପଦ୍ ମୁଢ଼େଇ ଭଂଗା ଦଦ୍‌ରା ଘରମାନକୁ ରହୁଥିବାର ଦେଖିବାକେ ମିଳିଛେ। ଇଥିରଲାଗି ବୁଢ଼ୀପଦର ଗ୍ରାମ ବିକାଶ କମିଟି ସଭାନେତ୍‌ରି ତଥା ୱାର୍ଡସଭ୍ୟା ରେବତୀ ପାତ୍ର, ସଂପାଦକ ରାଜକିଶୋର ପାତ୍ର ଆର ଗାଁବାସୀ ସମସିଆ ବାବ୍‌ଦେ ଅନେକଥର ବ୍ଲକ୍ ପରଶାସନକେ ଜନେଇଥିଲେ ବି କିଛି ଲାଭ ନାଇଁ ହେବାର ବଲି ରାଜକିଶୋର ପାତ୍ର କହିଛନ୍। ଇ ଦିଗେ ଜିଲା ପରଶାସନ ଦୁରୁଖ୍‌ଟି ଦେଇ ସମସିଆର ସମାଧାନ କରବାକେ ଗାଁବାସୀ ଦାବି କରିଛନ୍। ଇ ବାବ୍‌ଦେ କର୍ଲାମୁଣ୍ଡା ବିଡିଓ କିଶୋର କୁମାର ପଣ୍ଡାକୁଁ ପଚରାଲାରୁ ଆବାସ ଘର ଯୁଗେଇଦେବାର ଆମର ହାତର କଥା ନୁହେ। ଇଟା ସରକାରକଁର ନୟମ ହସାବେ ହେଉଛେ। ହେଲେ ଗାଁବାସୀକୁ ବିଜୁ ପକ୍କାଘର ଯୋଜ୍‌ନାରେ ସାମିଲ କରାଯିବା ବଲି ସେ କହିଥିଲେ।

କଂଗ୍ରେସ ନେତାଙ୍କ ଆତ୍ମହତ୍ୟା

ଭେଡ଼େନ, ୨୫।୧୨ (ଡ଼ି.ଏନ.ଏ): ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ଅଏଁଲାପାଲି ଗ୍ରାମପଞ୍ଚାୟତର ତାଳଗାଁ ନିବାସୀ ବରିଷ୍ଠ କଂଗ୍ରେସ ନେତା ତଥା ଝୁମାଳ ଜାତିର ସଙ୍ଗଠକ ହୁଆଲଦାର ମହାକୁର ମଙ୍ଗଳବାର ବିଷ ପିଇ ଆତ୍ମହତ୍ୟା କରିଛନ୍ତି । ଗୁରୁତର ଅବସ୍ଥାରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା । ସେଠାରେ ସେ ମୃତ୍ୟୁବରଣ କରିଥିଲେ। ତେବେ ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ। ତାଙ୍କ ବିଯୋଗରେ ଭେଡ଼େନ ବ୍ଲକ କଂଗ୍ରେସ ତଥା ରାଜ୍ୟ ଝୁମାଳ ପରିଷଦ ପକ୍ଷରୁ ଶୋକ ପ୍ରକାଶ ପାଇବା ସହ ତେନ୍ତୁଳିଟିକ୍ରା ଛକର ସମସ୍ତ ଦୋକାନ ବଜାର ବନ୍ଦ ରଖାଯାଇଥିଲା ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ରୋଜଗାରୀ ଯେବେ ଘରେ ରହଇ
ରଣ ବଢ଼େ, ରୋଗ ବଢ଼େ
କେହି ପଚାରନ୍ତି ନାହିଁ।

ପରିବାରର ଭରଣପୋଷଣ ବ୍ୟକ୍ତିର ରୋଜଗାର ଉପରେ ନିର୍ଭରଶୀଳ। ଯେବେ ଉପାର୍ଜନକ୍ଷମ ବ୍ୟକ୍ତି ନିକିମା ହୋଇ ଘରେ ବସି ରୁହେ, ସେତେବେଳେ ଘରର ଆର୍ଥିକ ସ୍ଥିତି ଦୋହଲି ଯାଏ। ଏପରିସ୍ଥଳେ ଘର ଚଳାଇବା ପାଇଁ ଅନିଚ୍ଛାକୃତ ରଣ କରିବାକୁ ପଡ଼ିଥାଏ। ଅର୍ଥାଭାବରୁ ମଧ୍ୟ ଭଲରେ ଖିଆପିଆ କରି ନ ପାରିବା କାରଣରୁ ସ୍ୱାସ୍ଥ୍ୟହାନିର ଭୟ ରହିଥାଏ। ସେହିପରି ସମ୍ବଳ ଅଭାବରୁ ଲୋକସମ୍ପର୍କ କଟିଯାଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ରଜପୁତ
ଆପଣା କାମକୁ ମଜଭୁତ ।

ଯାହାର ଯାହା ବୃତ୍ତି ହୋଇଥାଏ ସେହି ବିଷୟରେ ତା'ର ଅଭିଜ୍ଞତା ଅଧିକ ରହିଥାଏ। ଫଳସ୍ୱରୂପ ଉକ୍ତ କାର୍ଯ୍ୟକୁ ସେ ଅତିସହଜରେ ନେଇଆଣି ଥୋଇଦେଇ ପାରିଥାଏ। ପରନ୍ତୁ ଅନଭ୍ୟସ୍ତ ଲୋକ ନୂତନ କାର୍ଯ୍ୟରେ ହାତଦେଲେ ସେଥିରେ କ୍ଷତି ସହିଥାଏ। ତେଣୁ ଯିଏ ଯେଉଁ କାମ କରୁଥାଏ ସେହି କାମରେ ସେ ସେତେ ପାରଙ୍ଗମ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

ବାର୍ଷିକ କ୍ରୀଡ଼ାଉତ୍ସବ 'ସ୍ଥାପନା' : କ୍ରୀଡ଼ା ଦ୍ୱାରା ଶରୀର ସୁସ୍ଥ ରହେ

ଭବାନୀପାଟଣା,
୨୫।୧୨ (ଡି.ଏନ.ଏ.)

ସ୍ଥାନୀୟ ଶାସ୍ତ୍ରୀଜୀ ମହାବିଦ୍ୟାଳୟ ଓ ଶାସ୍ତ୍ରୀଜୀ ମହିଳା ବିଦ୍ୟା ନିକେତନର ବାର୍ଷିକ କ୍ରୀଡା ଉତ୍ସବ ସ୍ଥାପନା ୨୦୧୮ ଅନୁଷ୍ଠିତ ହୋଇଯାଇଛି । ୨ଦିନ ଧରି ଅନୁଷ୍ଠିତ ଏହି କ୍ରୀଡା ଉତ୍ସବରେ ଶହ ଶହ ଛାତ୍ରୀ ଭାଗନେଇଥିଲେ । ବର୍ଷୀୟାନ୍ ଚିକିତ୍ସାବିତ୍ ଡା. ଲମ୍ବୋଦର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା ଏହି କ୍ରୀଡା ପ୍ରତିଯୋଗିତା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ଡା. ପ୍ରୟାଙ୍କ ସିଦ୍ଧେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଆସିଷ୍ଟାଣ୍ଟ କଲେକ୍ଟର ବାସନ୍ତି ସେଠୀ, ସମ୍ମାନିତ ଅତିଥି ଭାବେ ଜୟରାମ ସାହୁଙ୍କ ସହ ମହାବିଦ୍ୟାଳୟର ଚେୟାରପର୍ସନ୍ ନମିତା ସାହୁ ଉପସ୍ଥିତ ରହି କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ସେହିପରି ଛାତ୍ର ଜୀବନରେ

କ୍ରୀଡା ଉତ୍ସବରେ ଯୋଗଦେଇଥିବା ଅତିଥି।

ଶିକ୍ଷାଲାଭ ବେଳେ କ୍ରୀଡା ଦ୍ୱାରା ଶରୀରର ସୁସ୍ଥତା, ଶିକ୍ଷା ଗ୍ରହଣରେ ଏକାଗ୍ରତା ଓ ମନ ମଧ୍ୟରେ ଐକ୍ୟଭାବ ପ୍ରତିଷ୍ଠା ହୁଏ ବୋଲି ପ୍ରକାଶ କରିଥିଲେ । ଅତିଥିମାନେ ୧୦୫ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ ଓ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ । ଯୁକ୍ତ ୩ଶ୍ରେଣୀର ପ୍ରଥମ ବାର୍ଷିକ ଛାତ୍ରୀ ଅନିଶା ପଣ୍ଡା ଓ ଯୁକ୍ତ ୨ଶ୍ରେଣୀର ଦ୍ୱିତୀୟ ବାର୍ଷିକ ଛାତ୍ରୀ ନିଳାଦ୍ରୀ ବଡକିଆ କ୍ରୀଡା ପ୍ରତିଯୋଗିତାରେ ଚାମ୍ପିୟନ୍ ହୋଇଥିଲେ । ପରେ ପରେ ଆୟୋଜିତ ହୋଇଥିଲା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ । ଗୋଟିଏ ପରେ ଗୋଟିଏ ନୃତ୍ୟ ଗୀତର ସମ୍ଭାର ପରିବେଷଣ କରି ଅଭିଭାବକ, ଛାତ୍ରୀଛାତ୍ର ଓ ନିମନ୍ତ୍ରିତ ଅତିଥିମାନଙ୍କ ହୃଦୟ ଜିଣିପାରିଥିଲେ ଛାତ୍ରୀମାନେ ।

ବାଜପେୟୀଙ୍କ ଜନ୍ମଦିବସ ପାଳିତ

କୁନାଗଡ,୨୫।୧୨(ଡି.ଏନ୍.ଏ.)

କୁନାଗଡ ସହର ଭାଜପା କାର୍ଯ୍ୟାଳୟରେ ମଙ୍ଗଳବାର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମଦିବସ ତଥା ସୁଶାସନ ଦିବସ ପାଳିତ ହୋଇଯାଇଛି। କୁନାଗଡର ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନୋଜ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତି ସଭାରେ ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ, ଜିଲାପରିଷଦ ସଭ୍ୟା କାଞ୍ଚନ ବାଗ, ଶର୍ମିଷ୍ଠା ମେହେର, ପୂର୍ବତନ ଜିଲା ସଭାପତି ଗୌରଚନ୍ଦ୍ର ପଣ୍ଡା, ନାନ୍ଦୋଲ ଜୋନ ସଭାପତି ଲକ୍ଷ୍ମୀ ନାରାୟଣ ବାଣୁଆ, ନଗର ସଭାପତି କାଳିନ୍ଦ୍ରୀ ପାଣିଗ୍ରାହୀ, ନକଟିଗୁଡା ସମିତିସଭ୍ୟ ବିକାଶ ରଞ୍ଜନ ସରାଫ, ବରିଷ୍ଠ ନେତା ବେଦ ପ୍ରକାଶ ଗୋଏଲ, ସତ୍ୟ ନାରାୟଣ ପଣ୍ଡା, ଅଜାମ୍ବିଲ ପୁଝାରୀ, ଯୁବ ନେତା ଦିବ୍ୟ ଦୀପ, ନେତ୍ରାନନ୍ଦ ମହାନ୍ତି, ରାଜେନ୍ଦ୍ର ନାଏକ, ଘନଶ୍ୟାମ ମେହେର, ବିଷ୍ଣୁରାମ ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ।

ବାଜପେୟଙ୍କ ଜନ୍ମ ଦିନରେ ଉପସ୍ଥିତ ଥିବା ଭାଜପା କର୍ମକର୍ତ୍ତା।

+PILES CLINIC+
Near Budheswari Temple, ମହ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

ଟି.ସି.ଏଫ୍. ଫାଇନାନ୍ସ
(ସରକାରୀ ପଞ୍ଜୀକୃତ)
ଋଣ ମାତ୍ର ୬ ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, ୦% ସୁଧ, ୫୦% ରିହାତି।
୦୮୮୫୯୬୬୮୫୫୮
୩୯, ପଟେଲ ନଗର, ଆଣ୍ଟିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

FINANCE
National Corporation
ପର୍ସନାଲ, ଏଜୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
(B.B.28, Sec. 4, Salt Lake City Kolkatta- 700064)
7606086442
7606062768
nationalcoop98@gmail.com

TCF FINANCE
TCF ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୧ ଦିନରେ । 0% ସୁଧ 45% ଛାଡ । ଘରେ ବସି ପାଆନ୍ତୁ
ଋଣ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8938866345
7088891905

LOAN
ସୁବର୍ଣ୍ଣ ସୁଯୋଗ ।
ଓଡ଼ିଶାର ସମସ୍ତ ବର୍ଗର ଲୋକମାନଙ୍କ ପାଇଁ କମ୍ ସୁଧରେ ଏବଂ ସହଜ କିସ୍ତିରେ ଋଣ ଯୋଗାଇ ଦିଆଯାଉଛି।
(ମହିଳାମାନଙ୍କ ପାଇଁ ବିଶେଷ ରିହାତି)
B-19, New Moti Bagh, New Delhi- 110021
8658167603
7064382081

ନବବର୍ଷ ଧମାକା
ଲକ୍ଷ୍ମୀ ଫାଇନାନ୍ସ
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଋଣ ମାତ୍ର 18 ଘଣ୍ଟାରେ 2% ସୁଧ, 50% ରିହାତି (ମହିଳାଙ୍କ ପାଇଁ ବିଶେଷ ରିହାତି)
09511074735
09528096099
Dakhin Galy, Town/Vill- Baijnathpur, Gaya-205131

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

ସତ୍ୟମ ବିଜନେସ୍ ସଲ୍ୟୁସନ୍ସ ଦ୍ୱାରା ଲୋନ ନିଅନ୍ତୁ, ଏଜେଣ୍ଟମାନଙ୍କ ଦ୍ୱାରା ସମ୍ପର୍କ କରନ୍ତୁ
7900515385, 9690381088
ଭୁବନେଶ୍ୱର-9690243041
ସମ୍ବଲପୁର- 9690367183
ବ୍ରହ୍ମପୁର- 7900240146
ଢେଙ୍କାନାଳ- 7900982000
ନୟାଗଡ଼- 7900365000

NATIONAL FINANCE
ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର, ୨୪ ଘଣ୍ଟାରେ ସରକାରୀ ଯୋଜନା ଅଧୀନରେ ଘରେ ବସି ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ବିପିଏଲ୍ କାର୍ଡ, ବାମାଣା କାର୍ଯ୍ୟ ବେରୋଜଗାର ଋଣ, ମହିଳା ଗ୍ରୁପ୍ ଋଣ ସବୁ ଋଣ ବ୍ୟାଙ୍କରୁ ପାଆନ୍ତୁ। ୨% ସୁଧ ୪୦% ସରକାରୀ ସବ୍‌ସିଡି।
Helpline Numbers
7626989818
7626900218
T-51, Gali No.8, Gautampuri, Delhi-110053

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:-
fileodisha@gmail.com
ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

କେମିତି ମଦ ଛାଡ଼ିବେ
ଆପଣ୍ଡ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାହ ୧ ଓ ୧୫, ହୋଟେଲ୍ କଳିଙ୍ଗ, ଷ୍ଟେସନ ରୋଲେଲ। ଭଦ୍ରକ: ୨ ଓ ୧୨, ହୋଟେଲ୍ ବ୍ଲୁଘାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ୍ ଜାମସେନ ପ୍ୟାଲେସ୍, ରୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ୍ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ୍ ଡ୍ରାଉଡେଣ୍ଟ (ଲକ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ଦ୍ୱିତିୟ-ା। ପୁରୀ: ୬ ଓ ୨୦, ହୋଟେଲ୍ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ୍ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାହ ୮ ଓ ୨୨, ହୋଟେଲ୍ ସୁଜାତା, ଭି.ଏଚ୍.ଓ.ଟି. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାହ ୯ ଓ ୨୩, ହୋଟେଲ୍ ଶ୍ୟାମ, ବିଦ୍ୟା ରୋଡ୍, ରେଳ ଷ୍ଟେସନ ନିକଟ। ପାରାଦୀପ: ପ୍ରତିମାହ ୮ ଓ ୨୨, ହୋଟେଲ୍ ଆରିଷ୍ଟୋକ୍ରାଟ୍। ଜେନ୍ଦାପଡ଼ା: ପ୍ରତିମାହ ୯ ଓ ୨୩, ହୋଟେଲ୍ ଗୋଲ୍ଡେନ୍ ପ୍ୟାଲେସ୍, ବସ୍ ଷ୍ଟାଣ୍ଡ ନିକଟ। ଜେନ୍ଦୁଝର: ପ୍ରତିମାହ ୧୦ ଓ ୨୪, ହୋଟେଲ୍ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ୍ ଉପହାର, ଓମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ୍ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୭, ହୋଟେଲ୍ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଡ୍ରକ୍ସ ରୋଡ୍। ଉଦୟାପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ୍ ଓରିଏଣ୍ଟାଲ୍, କୋଲ୍ ଆଉଟ୍ପୋ ନିକଟ। ଫୁଲବାଣୀ: ପ୍ରତିମାହ ୧୨ ତାରିଖ, ହୋଟେଲ୍ ରାଜ କମଲ। ନୟାଗଡ଼: ପ୍ରତିମାହ ୧୧ ତାରିଖ, ହୋଟେଲ୍ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, ଜୋର୍ଟ ଜେସ୍, ଗୁପ୍ତରୋଗ ଔଷଧ ଜାମ ନ ଜରିବା, ପୁରୁଣା ପାଚ୍ଚାରେ ଔଷଧ ଜାମ ନ ଜରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶ

ଭଗବାନଙ୍କର ଦୁଇଟି ଘର ଅଛି, ଗୋଟିଏ ହେଉଛି ସ୍ୱର୍ଗରେ ଓ ଅନ୍ୟଟି କୃତଜ୍ଞତାପୂର୍ଣ୍ଣ ହୃଦୟରେ।
-ଆଇଜାକ୍ ୱାଲଟନ୍

ସଂକ୍ଷେପରେ

ଟୋକିମରାର ଆଦ୍ୟପର୍ବ ଗୁଡିଚଗା ଉତ୍ସବ

ଭବାନୀପାଟଣା,୨୫।୧୨(ଡି.ଏନ.ଏ.)
କଳାହାଣ୍ଡି ଜିଲାର ଥୁଆମୂଳ ରାମପୁର ବ୍ଲକ ବଡଛତ୍ରଙ୍ଗ ଗାଁରେ ଟୋକିମରା ପର୍ବର ଆଦ୍ୟ ପର୍ବ ଗୁଡିଚଗା ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ୭ଟିଗାଁର ଜାନିମାନଙ୍କୁ ବରଣ କରାଯାଇଥିଲା। ଗୌଡିଆ ସୀତାରାମ ମାଝୀ ଓ ପୂଜା କମିଟି ସଭାପତି ଉମ୍ବରୁଧର ମାଝୀଙ୍କ ତତ୍ତାବଧାନରେ ଆୟୋଜିତ ଉତ୍ସବରେ ଧ୍ରୁବଚରଣ ମାଝୀ, ପ୍ରଦୀପ ନାଏକ, ରାମସିଂ କବାଡି ପ୍ରମୁଖ ସହଯୋଗ କରିଥିଲେ। ଗୁରୁମେ ରତନା ମାଝୀ, ଦିଶାରା ଧନସିଂ ମାଝୀ, କାର୍ଯ୍ୟ ସମ୍ପାଦନ କରିଥିବାବେଳେ ପୂଜାରୀ ରାଙ୍ଗଡୁ ମାଝୀ, ମୁଦ୍ରା ଧରିଆ ବିରନା ମାଝୀ, ରପିଆ ଭାବେ ହାଡିଙ୍ଗ ମାଝୀ ପ୍ରମୁଖ ନିୟୋଜିତ ଥିଲେ। ଆଖପାଖ ଗାଁରୁ ବହୁ ଲୋକଙ୍କ ସମାଗମ ହୋଇଥିଲା। ପ୍ରକାଶ ଯେ, ଆସନ୍ତା ୧୩ତାରିଖ ଦିନ ଟୋକିମରା ପର୍ବ ପାଳନ ପାଇଁ ଲଗ୍ନ ଧାର୍ଯ୍ୟ ହୋଇଛି।

୨୮ରେ ଜିଲାପାଳ ଅଫିସ ଘେରାଉ

ଭବାନୀପାଟଣା,୨୫।୧୨(ଡି.ଏନ.ଏ.)
ବିଭିନ୍ନ ଦାବିରେ ଆସନ୍ତା ୨୮ତାରିଖରେ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ କଳାହାଣ୍ଡି ଜିଲାପାଳଙ୍କ ଅଫିସ ଘେରାଉ କରାଯିବ। ଏ ନେଇ ଭବାନୀପାଟଣା ସହରସ୍ଥିତ ଭାଜପା ଜିଲା କାର୍ଯ୍ୟାଳୟଠାରେ କୃଷକ ମୋର୍ଚ୍ଚା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସୁଧୀର ପଟ୍ଟଯୋଷୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା ଏହି ବୈଠକ। ଏଥିରେ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶିବାଜୀ ମହାନ୍ତି, ରାଜ୍ୟ ସଂଯୋଜକ ଅନିରୁଦ୍ଧ ପ୍ରଧାନ, କେଶରୀ ଦୁର୍ଗା, କାର୍ଯ୍ୟକାରିଣୀ ସଭ୍ୟ ମନୋଜ ସାହୁ, କୃଷକ ମୋର୍ଚ୍ଚା ଜିଲା ଉପସଭାପତି ବୈକୁଣ୍ଠ ମିଶ୍ର, ସମ୍ପାଦକ ଅଜୟ ସେନାପତି, ଜିଲା ସାଧାରଣ ସମ୍ପାଦକ ଯୁଗଳ ପୋଦ୍ଦ, ଘନଶ୍ୟାମ ଦାଶ, ମୋହନ ପ୍ରଧାନ, ମନୋଜ ସାହୁ, ଯୁଗଳ କିଶୋର ଅଧିକାରୀ, ଗରୁଡଧ୍ୱଜ ମାଝୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ମଣ୍ଡିର ଅବ୍ୟବସ୍ଥା, କଟନି ଛଟନି, ଭିତ୍ତିଭୂମିର ବିକାଶ, କୃଷକ ସମସ୍ୟା ନେଇ ଏହି ଆନ୍ଦୋଳନ କରାଯିବ ବୋଲି ସାଧାରଣ ସମ୍ପାଦକ ଅପରେଶ ସ୍ୱାଇଁ ପ୍ରକାଶ କରିଥିଲେ।

ରାସ୍ତା ମରାମତି ଦାବି

ରିଷିଡା,୨୫।୧୨(ଡି.ଏନ.ଏ.)
କଳାହାଣ୍ଡି ଜିଲା ରିଷିଡା କଲେଜ ଛକ ଅବୁଜବାହାଲ-କଅଁସିଲ ଛକ ରାସ୍ତା ମରାମତି ଅଭାବରୁ ମରଣଯନ୍ତା ପାଲଟିଛି। ଏହି ରାସ୍ତା କଳାହାଣ୍ଡି-ବଲାଙ୍ଗୀର ଜିଲାକୁ ସଂଯୋଗ କରୁଛି। ପ୍ରତ୍ୟହ ଏହି ରାସ୍ତାରେ ଅନେକ ୨ ଚକିଆ, ୪ ଚକିଆ ଯାନ ଯାତାୟାତ କରୁଛି। ଏହି ତୁରନ୍ତ ମରାମତି କରିବାକୁ ସାଧାରଣରେ ଦାବି ହେଉଛି।

ଶୀତରେ ଥରୁଛି କଳାହାଣ୍ଡି

ଭବାନୀପାଟଣା,୨୫।୧୨(ଡି.ଏନ୍.ଏ.)

କଳାହାଣ୍ଡି ଜିଲାରେ ଏବେ ପାରଦ ଖସିବାରେ ଲାଗିଥିବାବେଳେ ଜାଡରେ ଜିଲାବାସୀ ଥରୁଛନ୍ତି। ଭବାନୀପାଟଣା ସହରରେ ତାପମାତ୍ରା ୭.୨ଡିଗ୍ରୀ ଥିବାବେଳେ କଳାହାଣ୍ଡି ଜିଲାର କାଶ୍ମୀର କୁହାଯାଉଥିବା ଥୁଆମୁଳ ରାମପୁରରେ ପାରଦ ସର୍ବନିମ୍ନ ୩.୯ ଡିଗ୍ରୀରେ ପହଞ୍ଚିଛି। ଫଳରେ ଥୁଆମୁଳ ରାମପୁର ଅଞ୍ଚଳରେ ବରଫ ପଡୁଥିବା ଯୋଗୁ ଜାଡରେ ଜନଜୀବନ ବେହାଲ ହୋଇ ପଡିଛି। ଫଳରେ ଏହି ଅଞ୍ଚଳରେ ବରଫ ପଡୁଥିବା ଦେଖା ଦେଇଛି। ସକାଳୁ ଘନ କୁହୁଡି ଓ ବରଫର ଆସ୍ତରଣ ଯୋଗୁ ଜାଡରେ ଏବେ ସାଧାରଣ ଲୋକେ ଘରୁ ଗୋଡ କାଢ ପାରୁ ନାହାନ୍ତି। ଆଦିବାସୀ ଅଞ୍ଚଳରେ ନିଆଁ ଉତ୍ତେହି ସାହାରା ପାଲଟିଛି। ଥୁଆମୁଳ ରାମପୁର ବ୍ଲକରେ ଥିବା ତାପମାତ୍ରା ମାପକ ଯନ୍ତ୍ର ଖରାପ ଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ କରାଯାଇ ନ ଥିବା ଯୋଗୁ ଜିଲା ପ୍ରଶାସନର ଜରୁରୀ ବିଭାଗରେ ତାପମାତ୍ରାର ରିପୋର୍ଟ ମଧ୍ୟ ମିଳିପାରି ନାହିଁ। ପ୍ରବଳ ଶୀତ, କାକର ଓ ଘନକୁହୁଡି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଥୁଆମୂଳରାମପୁର ତଥା ଜିଲାର ଦୁର୍ଗମ ଅଞ୍ଚଳରେ ଶୀତର ପ୍ରକୋପରୁ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ କୌଣସି ଆନୁଷଙ୍ଗିକ ବ୍ୟବସ୍ଥା ଯୋଗାଇ ଦିଆଯାଇ ନାହିଁ। ଫଳରେ ନିରୀହ ଗରିବ ଆଦିବାସୀ ବୃଦ୍ଧାବୃଦ୍ଧଙ୍କ ପାଇଁ ଶୀତବସ୍ତ୍ର ସାତସପନ ପାଲଟିଛି। କଳାହାଣ୍ଡି ଜିଲାର ଶୈଳ ନିବାସ ତଥା ପ୍ରାକୃତିକ ବୈଭବର ଅନନ୍ୟ ଶୋଭା ସ୍ଥଳୀ ଥୁଆମୂଳ ରାମପୁର ପ୍ରବଳ ଶୀତରେ ଥରି ଉଠିଛି। ରବିବାର ସକାଳେ ତାପମାତ୍ରା ୩ଡିଗ୍ରୀକୁ ଖସିଥିବା ରେକର୍ଡରୁ ଜଣା ପଡିଛି। ଥୁଆମୂଳ ରାମପୁର ସହ ତା'ର ଅଭ୍ୟନ୍ତରୀଣ ଅଞ୍ଚଳ ଗୁଡିକ ମଧ୍ୟ ପ୍ରବଳ ଶୀତ ଯୋଗୁ ଏକ ପ୍ରକାର ଅଘୋଷିତ କର୍ଫ୍ୟୁ ଭଳି ହୋଇ ପଡିଛି। ଶୀତ ଦାଉରୁ ରକ୍ଷା ପାଇଁ ଆଦିବାସୀ ବୃଦ୍ଧାବୃଦ୍ଧମାନେ ଉହ୍ମେଇ ଓ ବଡ ବଡ କାଠଗଣ୍ଡି ଜାଳି ଜାଡରୁ ରକ୍ଷା ପାଇବା ପାଇଁ ଚେଷ୍ଟା କରୁଛନ୍ତି। ବିଶେଷ କରି ରାମପୁର ଏବଂ ସନ୍ଧି ପଦର ଅଞ୍ଚଳ ପ୍ରବଳ ଶୀତ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଲୋକେ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ହିଁ ବଜାରକୁ ବାହାରୁଥିବା ଜଣାପଡିଛି। ପ୍ରବଳ ଶୀତରେ ବିଦ୍ୟାଳୟମାନଙ୍କର ଉପସ୍ଥାପନା କମି ଯାଉଥିବା ଲକ୍ଷ୍ୟ କରାଯାଉଛି। ଏପରିକି ସାଧାରଣ ଜୀବନଯାତ୍ରା ସକାଳ ଓ ସଂଧ୍ୟାରେ ଅଚଳ ହୋଇଯାଉଥିବା ଲକ୍ଷ୍ୟ କରାଯାଉଛି। ସେହିପରି ସକାଳୁ ଉଠିଲାବେଳେ ଗଛରୁ ଓ ଘର ଛାତରୁ ବୁନ୍ଦା ବୁନ୍ଦା ପାଣିପଡୁଥିବାବେଳେ ଘନ କୁହୁଡି ପରିଲକ୍ଷିତ ହେଉଛି।

କୁହୁଡି ଆବରଣରେ ରହିଛି ଥୁଆମୁଳ ରାମପୁର।

କଳାହାଣ୍ଡି ଜିଲା
- ସର୍ବନିମ୍ନ ତାପମାତ୍ରା ୩.୯ଡିଗ୍ରୀ
- ରାମପୁର ଅଞ୍ଚଳରେ ପଡୁଛି ବରଫ
- ଜୀବନଯାତ୍ରା ବ୍ୟାହତ ହୋଇପଡିଛି

ଅବଧି ଶେଷ ତଥାପି ସରୁନି ପୋଲ କାମ

ଭବାନୀପାଟଣା,୨୫।୧୨(ଡି.ଏନ୍.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଆଇଁଲି, ଡୁନଗାଁ, ସୁକୁମା ଏପରିକି ଜୟପାଟଣା ବ୍ଲକକୁ ସିଧାସଳଖ ଯୋଗାଯୋଗ ପାଇଁ ଦୀର୍ଘ ଦିନ ପ୍ରତୀକ୍ଷା ପରେ ସରକାର କମଳ ନଦୀ ଉପରେ ଏକ ପୋଲ ନିର୍ମାଣ ଶୁଭଖମ୍ଭ ସ୍ଥାପନ କରିବା ସହ ଏଥିପାଇଁ ଅର୍ଥ ମଞ୍ଜୁର ମଧ୍ୟ କଲେ । ଟେଣ୍ଡର ହୋଇ କାର୍ଯ୍ୟାରମ୍ଭବି ହେଲା । କାର୍ଯ୍ୟ ସମ୍ପାଦନା ଅବଧି ଶେଷ ହୋଇଥିଲେ ବି କିନ୍ତୁ ପୋଲ କାମ ସରୁନଥିବା ଯୋଗୁ ଲୋକେ ଅସୁବିଧା ଭୋଗୁଥିବା ଅଭିଯୋଗ ହୋଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗର ଠିକାଦାର ପ୍ରିତି ଯୋଗୁ କାର୍ଯ୍ୟ ଅବଧି ଶେଷ ହୋଇଥିଲେ ବି ସରୁନି ପୋଲ କାମ । ଗମନାଗମନ ପାଇଁ ଅସୁବିଧା ଭୋଗୁଛନ୍ତି ଲୋକେ । ଲଡୁଗାଁ, ଡୁନଗାଁ ପର ୮ଟି ପଞ୍ଚାୟତ ସହ ଯୋଗାଯୋଗ ପାଇଁ ୩କୋଟି ୩ଲକ୍ଷ ୯୭ହଜାର ଟଙ୍କା ବ୍ୟୟ ଅଟକଳରେ କମଳ ନଦୀ ଉପରେ ପୋଲ କାମ ପାଇଁ ଜୟପାଟଣାର ଜଣେ କ୍ଲାସ ୱାନ ଠିକାଦାରଙ୍କୁ ଦାୟିତ୍ୱ ଦିଆଯାଇଛି । ଏହି କାମ ଚଳିତ ଡିସେମ୍ବର ୩୦ରେ ଶେଷ ହେବା କଥା ହେଲେ ଏ ଯାଏଁ ପୋଲ ନିର୍ମାଣ ଶେଷ ହୋଇନି କି ଲୋକେ ଯାତାୟତ କରୁନାହାନ୍ତି। ବରଂ ଏହି ପୋଲ ନିର୍ମାଣ କାମ ନିମ୍ନ ମାନର ହେଉଥିବା ଅଭିଯୋଗ ହୋଇଛି । ପୋଲର ଖମ୍ଭ ଗୁଡିକ ଅତି ନିମ୍ନ ମାନର ହେଉଥିବା ଓ ଦୀର୍ଘ ସ୍ଥାୟୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି । ଏପରିକି କୌଣସି ସ୍ଥାନରେ ପୋଲ ନିର୍ମାଣ ହେବା ପୂର୍ବରୁ ଲୋକଙ୍କ ଯାତାୟତ ପାଇଁ ଡାଇଭରସନ ରାସ୍ତା ତିଆରି ହେବା କଥା କିନ୍ତୁ ଠିକାଦାର ନିଜ ମନ ମର୍ଜିରେ କାମ କରି ସରକାରଙ୍କ ସହ ରାଜିନାମା ହୋଇଥିବା ନିୟମକୁ ନମାନି ଡାଇଭରସନ ରାସ୍ତା ତିଆରି ନ କରିବାରୁ ଲୋକ ପାଣି ଭିତରେ ଯାତାୟତ କରୁଛନ୍ତି । ପୂର୍ବରୁ ଏହି ଠିକାଦାର ଜଣଙ୍କ ମଣ୍ଡଳ ଭାୟା କଲମପୁର ରାସ୍ତାରେ ଏକ ପୋଲ କାମ କରିଥିଲେ । ନିମ୍ନ ମାନର ଯୋଗୁ ସେହି ପୋଲଟି ଭାଙ୍ଗି ଯାଇଥିଲା । ଏଭଳି ଠିକାଦାରଙ୍କୁ ବିଭାଗ ସହାନୁଭୂତି ଦେଖାଇ ଠିକା କାମ ଦେବା ଏବଂ ଠିକାଦାର ବ୍ୟୟ ଅଟକଳଠାରୁ ୨ଲକ୍ଷ ୯୭ହଜାର ଟଙ୍କା ଲେସ୍ ପକାଇ କମଳ ନଦୀ ଉପରେ ପୋଲ ନିର୍ମାଣ ପାଇଁ ଆଗଭର ହେବା ତାଙ୍କ ନିର୍ମାଣ ଶୈଳୀ ଉପରେ ସନ୍ଦେହ ସୃଷ୍ଟି କରଛ । ବଗତ ଦିନମାନଙ୍କରେ ଏହି ବିଭାଗ ଠିକାଦାର ପ୍ରିତି ଯୋଗୁ ନକଲି ଟିଡିଆର କାରବାର ହୋଇ କୋଟିକୋଟି ଟଙ୍କା ଦୁର୍ନିତୀ ହୋଇଥିବା ବେଳେ ଏବେ ଠିକାଦାର ପ୍ରିତୀ ଯୋଗୁ ନିମ୍ନମାନର କାମ ହେଉଥିଲେ ବି ବିଭାଗ ଦୃଷ୍ଟି ଦେଉନଥିବା ହେତୁ ଅନେକ କାମରେ ଦୁର୍ନିତୀ ହେଉଥିବା ଅଭିଯୋଗ ହୋଇଛି । ଅନ୍ୟପଟେ କାର୍ଯ୍ୟ ବିଳମ୍ବ ଯୋଗୁ ଠିକାଦାରଙ୍କ ଉପରେ ପେନାଲଟି କରାଯିବା ସହ ଆଗାମୀ ମାର୍ଚ୍ଚ ସୁଦ୍ଧା କାମ ଶେଷ ହେବ ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ ଗଙ୍ଗାଧର ମହାରଣା କହିଛନ୍ତି ।

ମେଦିନୀପୁରରେ ଜିଲାସ୍ତରୀୟ ଶିଶୁ ମେଳା

ଜିଲାସ୍ତରୀୟ ଶିଶୁମେଳାରେ ଯୋଗଦେଇଥିବା ମଞ୍ଚାସୀନ ଅତିଥି ବୃନ୍ଦ।

ଭବାନୀପାଟଣା,୨୫।୧୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ମେଦିନୀପୁରଠାରେ ଜିଲାସ୍ତରୀୟ ଶିଶୁ ମେଳା ଅନୁଷ୍ଠିତ ହୋଇଯାଇଛି । ଓଷ୍ଟାର ଜିଲା ସଭାପତି ଜଗବନ୍ଧୁ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା ଏହି ମେଳା। ଏଥିରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ଶ୍ରୀନ୍ଦନ, ମୁଖ୍ୟବକ୍ତା ପଦ୍ମଲୋଚନ ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଅଧିକାରୀ ବିଜୟ ସିଂହ, ରାଜ୍ୟ ଓଷ୍ଟା ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ, ଉପସଭାପତି ଭବାନୀଶଙ୍କର ମିଶ୍ର, ସହ ସମ୍ପାଦକ ସାରଙ୍ଗ ଧର ଠାକୁର, ଓଷ୍ଟା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରବୀନ୍ଦ୍ର ମୁଣ୍ଡ, ସାଙ୍ଗଠନିକ ସମ୍ପାଦକ ସୁଶିଳ ବିଶ୍ୱାଳ, କଳାହାଣ୍ଡି ଓଷ୍ଟା ସମ୍ପାଦକ ପ୍ରଭାତ ରଥ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଏହି ଅବସରରେ ମାଣିକେଶ୍ୱରୀ ହାଇସ୍କୁଲର ଅବସର ପ୍ରଧାନ ଶିକ୍ଷକ ରାମେଶ୍ୱର ଦାସଙ୍କୁ ସମ୍ମାନିତ କରାଯାଇଥିଲା । ତର୍କରେ ପ୍ରବୀଣ ସିଂହ, କଣ୍ଠ ସଂଗୀତରେ ରଙ୍ଗୀତା ତାଣ୍ଡି, କବିତା ଲିଖନରେ ମନୋରଞ୍ଜନ ବାଗ, କବିତା ଆବୃତ୍ତିରେ ଝରଣା ପ୍ରଧାନୀ, ଗଳ୍ପ ଲିଖନରେ ପଞ୍ଚାନନ ଜାଲ, ଚିତ୍ରାଙ୍କନରେ ସନୋଷ ସ୍ୱାଇଁ, ସାଧାରଣ ଜ୍ଞାନରେ ନିଖିଳ ରଞ୍ଜନ ବିଶ୍ୱାଳ, କୁଇଜରେ ଉମାକାନ୍ତ ନିଆଲ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ । ସନ୍ତୋଷ ରଥ, ବିଷ୍ଣୁପ୍ରିୟା ମିଶ୍ର, ଜଗଦୀଶ ଭାଟି, ରାମଚନ୍ଦ୍ର ପ୍ରଧାନ, ହୀରାଲାଲ ପଟ୍ଟନାୟକ, ଭୂବନ ରାଉତ, ଭକ୍ତରାମ ନାଏକ, କେଶବ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟର ସ୍ମୃତି ସମାରୋହ

ମୋହନଗିରି,୨୫।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ମ. ରାମପୁର ବ୍ଲକର ମୋହନଗିରି କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ପ୍ରତି ବର୍ଷ ପାଳିତ ହେଉଥିବା ସ୍ମୃତି ସମାରୋହ ଏ ବର୍ଷ ମଧ୍ୟ ୨୫ତାରିଖ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବଳଭଦ୍ର ପାତ୍ର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଫକୀର ମୋହନବିଶ୍ୱାଳ ଓ ସମ୍ମାନିତ ଅତିଥି ଭାବେ ଲିଙ୍ଗରାଜ ବିଶ୍ୱାଳ, ପୂର୍ଣ୍ଣାନନ୍ଦ ବଗର୍ତ୍ତି ପ୍ରମୁଖ ଯୋଗଦେଇଥିଲେ । ମଞ୍ଚ ପରିଚାଳନା ଶୁକଦେବ ସାହୁ କରିଥିବାବେଳେ ସମସ୍ତ କାର୍ଯ୍ୟକ୍ରମରେ ସ୍କୁଲ କମିଟିର କର୍ମକର୍ତ୍ତା ଓ ଶିକ୍ଷକମାନେ ସହଯୋଗ କରିଥିଲେ । ଏହି ସମାରୋହରେ ବିଦ୍ୟାଳୟର କୁନିକୁନି ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତାମାନ କରାଯାଇ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରକାଶ ଯେ, ଗତ ୨୦୧୧ରେ ବିଦ୍ୟାଳୟର ଶହେ ବର୍ଷ ପୂର୍ତ୍ତି ଅବସରରେ ଶତବାର୍ଷିକ ଉତ୍ସବ ପାଳନ କରାଯାଇଥିଲା ।

ଜୋର ଧରିଲା ସଦରମହକୁମା ଦାବି

ପଥପ୍ରାନ୍ତ ସଭା, ବନ୍ଦ ପାଳନକୁ ନେଇ ବୈଠକ

କୁନାଗଡ,୨୫।୧୨(ଡି.ଏନ୍.ଏ.)

କୁନାଗଡକୁ ଜିଲା ଓ ସଦରମହକୁମା ଦାବି ନେଇ ଗତ କିଛି ଦିନ ହେବ ଚର୍ଚ୍ଚା ଜୋର ଧରିଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସନ୍ଧ୍ୟାରେ କୁନାଗଡ ମା' ଲଙ୍କେଶ୍ୱରୀଙ୍କ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଅନୁଷ୍ଠିତ ଏହି ବୈଠକରେ ମଞ୍ଚର ଆବାହକ ହିମାଂଶୁ ଶେଖର ବରାଡ ଅଧକ୍ଷତା କରିଥିଲେ। ଏଥିରେ କୁନାଗଡ ସହରର ପ୍ରତ୍ୟେକ ବର୍ଗର ଲୋକେ ସାମିଲ ହୋଇଥିଲେ। କୁନାଗଡ, ଧର୍ମଗଡ, ଗୋଲାମୁଣ୍ଡା, କୋକସରା, ଜୟପାଟଣା ଓ କଲମପୁର ଆଦି ବ୍ଲକକୁ ନେଇ କୁନାଗଡ ଜିଲା ମାନ୍ୟତା ଓ ସଦରମହକୁମା ଦାବିରେ ବୁଧବାର ୨୬ତାରିଖ ଅପରାହ୍ନରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ମା' ଲଙ୍କେଶ୍ୱରୀଙ୍କ ମନ୍ଦିରରୁ ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରାଯିବ। ପରେ ସେଠାରେ ଓ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ପଥପ୍ରାନ୍ତ ସଭା ଆୟୋଜନ କରାଯାଇ ସ୍ଥାନୀୟ ଲୋକଙ୍କୁ ଏହି ଦାବିକୁ ସମର୍ଥନ କରିବା ପାଇଁ ସଚେତନ କରାଯିବ। ସେହିପରି ଉପରୋକ୍ତ ଦାବି ନେଇ ୨୭ତାରିଖ ଗୁରୁବାର କୁନାଗଡ ବନ୍ଦ ପାଳନ କରାଯିବା ନେଇ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଥିଲା। ଅନୁଷ୍ଠିତ ବୈଠକରେ ସଚେତନ ନାଗରିକ ମଞ୍ଚର ସଭାପତି ଦୁର୍ଗା ପ୍ରସାଦ ନାଏକ, ଯୁବ ଆଇନଜୀବୀ ଚିତ୍ତ ରଞ୍ଜନ ନିଆଲ, ପ୍ରଭାତ ଦାଶ, ଜତିନ୍ଦ୍ର କର, ଦାମୋଦର ବେହେରା, କୈଳାସ ଚନ୍ଦ୍ର ଅଗ୍ରୱାଲ, ପ୍ରଶାନ୍ତ ପଣ୍ଡା, ରଜନୀକାନ୍ତ ବୈଠାରୁ, ସୁଜିତ ଖେମକା, ଗଗନେଶ୍ୱର ଠାକୁର, କୁବଲେଶ୍ୱର ପାଣିଗ୍ରାହୀ, ନନ୍ଦି କିଶୋର ସୁନା, ଅଖିଲ ଚନ୍ଦ୍ର ମେହେର, ଉପେନ୍ଦ୍ର ମୁଣ୍ଡ, ଫିରୋଜ ବାରିକ, ଆଦିତ୍ୟ ମହାନ୍ତି, ରବି ଶଙ୍କର ସୁନାନୀ, କାଳିଆ କନ୍ଦପାନ ପ୍ରମୁଖ ଉପସ୍ଥିତ ଥିଲେ।

କୁନାଗଡ ମା' ଲଙ୍କେଶ୍ୱରୀ ମନ୍ଦିର ନିକଟରେ ଅନୁଷ୍ଠିତ ବୈଠକ।

୨୭ରେ ରାଜ୍ୟପାଳଙ୍କ କଳାହାଣ୍ଡି ଗସ୍ତ

ମ. ରାମପୁର,୨୫।୧୨(ଡି.ଏନ.ଏ.)

ଓଡିଶା ରାଜ୍ୟପାଳ ଡ. ଗଣେଶି ଲାଲ ଗୁରୁବାର କଳାହାଣ୍ଡି ଜିଲା ଗସ୍ତ କରିବା କାର୍ଯ୍ୟକ୍ରମ ଚୁଡାନ୍ତ ହୋଇଛି । ବଲାଙ୍ଗୀର ଜିଲା ସଇଁତଳାଠାରୁ ୨୭ତାରିଖ ସକାଳୁ ବାହାରି ଟୁଷ୍ଣଲାଠାରେ ସାଢ଼େ ୯ଟାରେ ପହଞ୍ଚିବେ । ଏହାପରେ ମୋଟରଗଣ୍ଡା (ମ.ରାମପୁର ଉପକଣ୍ଠ)ସ୍ଥିତ ଶ୍ରୀରାମ କୃଷ୍ଣ ଆଶ୍ରମ ଶାଖାଠାରେ ଅନ୍ତେବାସୀମାନଙ୍କ ସହ ଆଲୋଚନା କରିବେ। ପରେ ମ. ରାମପୁରସ୍ଥିତ ଶ୍ରୀରାମକୃଷ୍ଣ ଆଶ୍ରମଠାରେ ବୃଦ୍ଧାଶ୍ରମ ଅନ୍ତେବାସୀଙ୍କ ସହ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି । ଏ ନେଇ ମଙ୍ଗଳବାର କଳାହାଣ୍ଡି ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ୍ଧ, ପିଡି ଡିଆରଡିଏ ପ୍ରସନ୍ନ ଷଡଙ୍ଗୀ ଶ୍ରୀରାମକୃଷ୍ଣ ଆଶ୍ରମରେ ପହଞ୍ଚି ବ୍ୟବସ୍ଥା ଅନୁଧାନ କରି ବୈଷୟିକ ପରାମର୍ଶ ଦେଇ ଫେରିଛନ୍ତି । ପୂର୍ବାହ୍ନ ସାଢ଼େ ୧୧ଟା ସମୟରେ ରାଜ୍ୟପାଳ ମ. ରାମପୁର ଠାରୁ ବାହାରି ଭବାନୀପାଟଣାରେ ପହଞ୍ଚି ଜିଲାପାଳ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା, ସର୍କିଟ ହାଉସଠାରେ ମଧ୍ୟାହ୍ନ ଭୋଜନର କାର୍ଯ୍ୟକ୍ରମ ରହିଛି। ଏହାପରେ କୁନାଗଡ ଗସ୍ତ ପରେ ଫେରି ଭବାନୀପାଟଣାସ୍ଥିତ ମାଣିକେଶ୍ୱର ଉଚ୍ଚ ବିଦ୍ୟାପୀଠ ସୁବର୍ଣ୍ଣ ଜୟନ୍ତୀ ସମାରୋହଠାରେ ଯୋଗଦେବେ ବୋଲି ତଥ୍ୟ ହସ୍ତଗତ ହୋଇଛି । ରାଜ୍ୟପାଳ ସଡକ ପଥରେ ଗସ୍ତ କରି ସଇଁତଳା ଫେରିବେ ବୋଲି ତଥ୍ୟ ହସ୍ତଗତ ହୋଇଛି ।

ଫୁଟବଲ ଟୁର୍ନାମେଣ୍ଟ: ସେମିରେ ବରଛି, ଦାସିଗାଁ

ମଣ୍ଡଳ,୨୫।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କଲମପୁର ବ୍ଲକ ମିନଜୁର ପଞ୍ଚାୟତ କର୍ମେଲ ଡଙ୍ଗରିଗୁଡା ଚକାଡୋଳା ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ସପ୍ତମ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ନାମେଣ୍ଟର

ସଂକ୍ଷେପରେ

ହୃଦ୍‌ରୋଗ ହସ୍ପିଟାଲର ଶିଳାନ୍ୟାସ

ଝାରସୁଗୁଡ଼ା ଅଫିସ,୨୫।୧୨- ଝାରସୁଗୁଡ଼ା ବାଲିଯୋରୀ ସ୍ଥିତ ମୁଖ୍ୟ ହସ୍ପିଟାଲ ପାର୍ଶ୍ୱରେ ପିପିପି ମୋଡ୍‌ରେ ହୃଦରୋଗ କେୟାର ହସ୍ପିଟାଲ ଲାଗି ମଙ୍ଗଳବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ରାଜ୍ୟ ସରକାର, ମହାନଦୀ କୋଲ ଫିଲ୍ଡସ୍ ଲିଃର ସହାୟତାରେ ଏହି ହସ୍ପିଟାଲ ନିର୍ମାଣ କରାଯିବ। ସେଥିପାଇଁ ଗତ ବର୍ଷ ୨୪ ଡିସେମ୍ବର ୨୦୧୬ରେ ତିନି ପକ୍ଷଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା।। ରାଜ୍ୟ ସରକାର ଏବଂ ଏମ୍‌ସିଏଲ୍ ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ପାଣ୍ଠି ଯୋଗାଉ ଥିବାବେଳେ କ୍ୱାଲିଟି କେୟାର ଇଣ୍ଡିଆ ଲିଃ ଆବଶ୍ୟକ ଯନ୍ତ୍ରପାତି ଏବଂ ଉନ୍ନତ ଜ୍ଞାନକୌଶଳ ଉପଲବ୍ଧ କରିବ। ପିପିପି ମୋଡ୍‌ରେ ନିର୍ମାଣ ହେବାକୁ ଥିବା ଏହି ହସ୍ପିଟାଲର ନିର୍ମାଣ ପାଇଁ ମଙ୍ଗଳବାର ଝାରସୁଗୁଡ଼ା ବିଧାୟକ ନବ ଦାସ ଶୁଭ ଦେଇଥିଲେ। ଏହି ଉତ୍ସବରେ ବିଭିନ୍ନ ବର୍ଗର ଲୋକ ଉପସ୍ଥିତ ଥିଲେ।

ବଡଦିନ ଉତ୍ସବ ଅବସରରେ ଉପସ୍ଥିତ ଖ୍ରୀଷ୍ଟିୟ ଭାଇ ଭଉଣୀ।

ବଡ଼ଦିନରେ ଉତ୍ସବମୁଖର ଚର୍ଚ୍ଚ

ଝାରସୁଗୁଡ଼ା ଅଫିସ,୨୫।୧୨

ଝାରସୁଗୁଡ଼ା କବ୍ର କଲୋନୀର ବିଭିନ୍ନ ଚର୍ଚ୍ଚରେ ବଡଦିନ ମହାସମାରୋହରେ ପାଳନ ହୋଇଯାଇଛି। ସୋମବାର ରାତିରୁ ସେଣ୍ଟ୍ ଆର୍ନଲ୍ଡ କ୍ୟାଥୁଲିକ୍ ଚର୍ଚ୍ଚ ଏବଂ ସେଣ୍ଟ୍ ଡେଭିଡ୍ ଚର୍ଚ୍ଚରେ ବଡଦିନ ଉତ୍ସବ ପାଳନ ଆରମ୍ଭ ହୋଇଥିଲା। ଚର୍ଚ୍ଚର ଫାଦରମାନେ ବଡଦିନ ପାଳନର ଉଦ୍ଦେଶ୍ୟ, ଯିଶୁଙ୍କ ଜନ୍ମ ଏବଂ ମାନବଜାତି ପ୍ରତି ପ୍ରେମ ସମ୍ପର୍କରେ ଉପସ୍ଥିତ ଖ୍ରୀଷ୍ଟିୟ ଅଧିବାସୀଙ୍କୁ ବୁଝାଇଥିଲେ। ପ୍ରଭୁ ଯୀଶୁଙ୍କ ଜନ୍ମ ଉତ୍ସବରେ ଯୋଗଦେଇ ସମୂହ ପ୍ରାର୍ଥନା ଏବଂ ପ୍ରସାଦ ସେବନ କରି ଖ୍ରୀଷ୍ଟିୟ ଭାଇ ଭଉଣୀ ବେଶ ଉତ୍ସାହିତ ହୋଇପଡିଥିଲେ। ଫାଦର ଖ୍ରୀଷ୍ଟୋଫର, ରେଭ୍, ଜ୍ୟୋତିରଞ୍ଜନ ପାଇକ ପ୍ରମୁଖ ଉପସ୍ଥିତ ଲୋକଙ୍କୁ ଜ୍ଞାନ ପ୍ରଦାନ କରିଥିଲେ। ଖ୍ରୀଷ୍ଟିୟ ଧର୍ମାବଲମ୍ବୀମାନେ ଚର୍ଚ୍ଚରେ ବୁଲି ସାଜସଜ୍ଜା ଦେଖି ଆନନ୍ଦିତ ହୋଇଥିଲେ। ଡେଭିଡ୍ ଚର୍ଚ୍ଚର ଜ୍ୟୋତିର୍ମୟୀ ବେହେରା, ପ୍ରଦ୍ୟୁମ୍ନ ନାଗ, ରୁବି କଚ୍ଛପ, ଗୋବର୍ଦ୍ଧନ ମହାନନ୍ଦ, ନିମୁଏଲ ସୋନା, ଆନ୍ଦିୟ ପରିଚ୍ଛା, ସ୍ୱପ୍ନା ନାଗ, ସୋନାଲି କିସ୍କଟା ପ୍ରମୁଖ ଉତ୍ସବ ପାଳନ ଏବଂ ଆୟୋଜନରେ ସହଯୋଗ କରିଥିଲେ।

■ କାର କାଚ ଭାଙ୍ଗି ୩ ଲକ୍ଷ ଲୁଟ୍ ଘଟଣା

ବ୍ୟାଙ୍କରୁ ଶିକ୍ଷକଙ୍କ ପିଛା କରୁଥିଲେ ଦୁର୍ବୃତ୍ତ

ଝାରସୁଗୁଡ଼ା ଅଫିସ,୨୫।୧୨

ଝାରସୁଗୁଡ଼ା ଜିଲାପାଳଙ୍କ ଅଫିସ ପରିସରରେ ଥିବା ଏକ କାର ଭିତରୁ ସୋମବାର ୩ ଲକ୍ଷ ଟଙ୍କା ଚୋରି ହୋଇଥିଲା। ଏହି ଘଟଣାରେ ଆନ୍ଧ୍ର ଲୁଟେରା ସାମିଲ ଥିବା ଜଣାପଡିଛି। ସେଥିମଧ୍ୟରୁ ଜଣେ ଲୁଟେରା ଝାରସୁଗୁଡା ପୋଲିସ ହାତରେ ଗିରଫ ହୋଇ ଜେଲ ଯାଇଥିଲେ। ଜେଲରୁ ଜାମିନ୍‌ରେ ଆସି ପୁଣି ଲୁଟପାଟ ଆରମ୍ଭ କରିଛନ୍ତି। ଏହି ଗ୍ୟାଙ୍ଗରେ ୫ରୁ ୬ ଜଣ ସଦସ୍ୟ ରହିଥିବା ବେଳେ ସୋମବାର ଚୋରି ଘଟଣାରେ ୨ ଜଣ ସମ୍ପୃକ୍ତ ଅଛନ୍ତି। ଶିକ୍ଷକ ସୁରେଶ ଚନ୍ଦ୍ର ସାଗର ଷ୍ଟେଟବ୍ୟାଙ୍କରୁ ଟଙ୍କା ଉଠାଣ ସମୟରୁ ଉଭୟ ଅଭିଯୁକ୍ତ ତାଙ୍କୁ ପିଛା କରୁଥିଲେ। ଟଙ୍କା ଉଠାଣ ସମୟରେ ଅଭିଯୁକ୍ତମାନେ ଶିକ୍ଷକଙ୍କ ପାର୍ଶ୍ୱରେ ଠିଆହୋଇ ରହିଥିବା ଏକ ଫୁଟେଜରେ ଜଣାପଡିଛି। ଟଙ୍କା ଉଠାଇ ଶିକ୍ଷକ କାରରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରକୁ ଆସିବା ପର୍ଯ୍ୟନ୍ତ ପିଛା କରୁଥିଲେ। ତେବେ ଶିକ୍ଷକଙ୍କ ସାମାନ୍ୟ ତ୍ରୁଟି ଯୋଗୁ ଦୁର୍ବୃତ୍ତମାନେ ଟଙ୍କା ନେଇ ଚମ୍ପଟ ମାରିଥିଲେ। କାର ଭିତରେ ଟଙ୍କା ସୁରକ୍ଷିତ ଭାବି ଶିକ୍ଷକ କାରରୁ ଓହ୍ଲାଇବା ପରେ ଦୁର୍ବୃତ୍ତମାନେ ସାମ୍ନା ଡୋରର କାଚ ଭାଙ୍ଗି ଟଙ୍କା ନେଇ ଫେରାର ହୋଇଯାଇଥିଲେ।

ସୂଚନାଯୋଗ୍ୟ, ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ ରାମଛିପିଡିହିର ଶିକ୍ଷକ ସୁରେଶ ଚନ୍ଦ୍ର ସାଗର ସୋମବାର ଜିଲାପାଳଙ୍କ ଅଫିସ ପାଖ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖାରୁ ଘର କାମ ପାଇଁ ୩ ଲକ୍ଷ ଟଙ୍କା ଉଠାଇ ଥିଲେ। ପରେ ଏକ କାର(ନଂ. ଓଆର୨୩ଏଫ୍‌୪୦୭୩)ର ସାମ୍ନାରେ ଟଙ୍କା ରଖିଥିଲେ। ଶିକ୍ଷକ ନିଜେ କାର ଚଳାଇ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ତହସିଲ ଅଫିସ ସମ୍ମୁଖରେ କାର ରଖିଥିଲେ। କାରରୁ ଓହ୍ଲାଇ ଶିକ୍ଷକ ସାଗର ପାଖ ଚା ଦୋକାନ ଆଡକୁ ଯାଉଥିବା ବେଳେ ୨ଜଣ ଦୁର୍ବୃତ ଏକ ବାଇକ୍‌ରେ ଆସିଥିଲେ। ପିଥ୍ରଲରେ କାରର ଡୋର କାଚ ଭାଙ୍ଗି ସାମ୍ନାରେ ଥିବା ୩ ଲକ୍ଷ ଟଙ୍କା ନେଇ ଫେରାର ହୋଇଯାଇଥିଲେ।

■ ଲଖନପୁର ଜୋନସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ

ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିବାକୁ ଆହ୍ୱାନ

ଲଖନପୁର,୨୫।୧୨(ଡି.ଏନ୍.ଏ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଭିକମପାଲି ପଞ୍ଚାୟତ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଘଣ୍ଟେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ସୋମବାର ୧ନୟର ଜୋନସ୍ତରୀୟ ବିଜେଡି ୱାର୍ଡ କମିଟି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨ଟି ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ କର୍ମୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଜେଡି ବ୍ଲକ ସଭାପତି ରାଜେନ୍ଦ୍ର ପ୍ରସାଦ ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଜେଡି ନେତା ତଥା ପୂର୍ବତନ ବିଧାୟକ ଅନୁପ ସାଏ, ବିଜେଡି ରାଜ୍ୟ ପରିଷଦ ସଦସ୍ୟ ଟିକେଶ୍ୱର ସେନାପତି, ଜିଲା ସମ୍ପାଦକ ପିତାମ୍ବର ମିଶ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷା ନଳିନି ସିଂହ, ଭିକମପାଲି ସରପଞ୍ଚ କୃଷ୍ଣ କାଲୋ, ସମିତିସଭ୍ୟ ସୁନ୍ଦରଲାଲ୍ ସେଠ୍, ମଚିଦା ସରପଞ୍ଚ ଜିତେନ ସେଠ୍, ସମାଜିକ କର୍ମୀ ଗୋପୀନାଥ ମାଝି, କୁଶ୍ରାଲୋଇ ପୂର୍ବତନ ସରପଞ୍ଚ ରଘୁମଣି ପ୍ରଧାନ, ଦିଲୀପ ପଟେଲ, ଅଶ୍ୱିନୀ ପୂଜାରୀ, ଉମେଶ ପ୍ରଧାନ, ଲାଲ୍‌ସାହେବ ନାଥ ପ୍ରମୁଖ ଯୋଗଦେଇଥିଲେ। ସ୍ୱର୍ଗତ ବିଜୁବାବୁଙ୍କ ଫଟୋଚିତ୍ରରେ ମଞ୍ଚାସୀନ ଅତିଥି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ୱାର୍ଡ କମିଟିକୁ ନେଇ ଆଲୋଚନା ହୋଇଥିଲା। ଏପରି କି ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ବିଜେଡି ନେତା ସାଏ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ କର୍ମୀମାନେ ନେତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାର ସମାଧାନ ଦିଗରେ ନେତା ଓ କର୍ମୀମାନଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଏସବୁ କାର୍ଯ୍ୟ କରିବା ପାଇଁ ନେତା ପ୍ରତିଶ୍ରୁତି ଦେଇଛନ୍ତି।

ୱାର୍ଡ କମିଟି କର୍ମୀ ସମ୍ମିଳନୀରେ ବିଜେଡି ନେତା ଅନୁପ ସାଏ ଉଦ୍‌ବୋଧନ ଦେଉଛନ୍ତି।

କୋଲାବିରା ଜୋନରେ ବିଜେଡିର କର୍ମଶାଳା

କୋଲାବିରା,୨୫।୧୨(ଡି.ଏନ୍.ଏ.)

ଝାରସୁଗୁଡା ଜିଲା କୋଲାବିରାଠାରେ ଝାରସୁଗୁଡା ନିର୍ବାଚନ ମଣ୍ଡଳୀରେ ବିଜେଡି ପକ୍ଷରୁ ଜୋନସ୍ତରୀୟ ୱାର୍ଡ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବିଜେଡି କୋଲାବିରା ବ୍ଲକ ସଭାପତି ତୁଳାରାମ ସେନାପତିଙ୍କ ନେତୃତ୍ୱରେ କୋଲାବିରା ବ୍ଲକର ସମସ୍ତ ପଞ୍ଚାୟତର କର୍ମୀମାନଙ୍କୁ ନେଇ କର୍ମଶାଳା ଆୟୋଜିତ ହୋଇଥିଲା। ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ଅତିଥିମାନେ କର୍ମୀମାନଙ୍କୁ ଅବଗତ କରାଇଥିଲେ। ଏଥିରେ ଝାରସୁଗୁଡା ନିର୍ବାଚନମଣ୍ଡଳୀ ବିଜେଡି ପର୍ଯ୍ୟବେକ୍ଷକ ରବି ପାଣି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରବି ସିଂ, ଜିଲା ସାଧାରଣ ସମ୍ପାଦକ ତ୍ରିନାଥ ଗୁଆଲ, କିର୍ମିରା ବ୍ଲକ ସଭାପତି ନକୁଲ ସାହୁ, ଲଇକେରା ବ୍ଲକ ସଭାପତି ସୁକାନ୍ତୀ ଜୟପୁରିଆ, ଲୋଚନ କୁଆ, ମହାବିର ସରାଫ, ପ୍ରକାଶ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ।

ଜୋନସ୍ତରୀୟ ୱାର୍ଡ କର୍ମଶାଳାରେ ଉପସ୍ଥିତ ବିଜେଡି କର୍ମକର୍ତ୍ତା ଓ କର୍ମୀ।

■ ରାଜସ୍ୱ ବିଭାଗ ସ୍ୱତନ୍ତ୍ର ସଚିବଙ୍କ ଅଢାପଡା ଗସ୍ତ

ବନ୍ଦୋବସ୍ତ କାର୍ଯ୍ୟ ଆରମ୍ଭ ନିର୍ଦ୍ଦେଶ

ଲଖନପୁର,୨୫।୧୨(ଡି.ଏନ୍.ଏ.)

ହୀରାକୁଦ ନଦୀବନ୍ଧ ଯୋଜନାରେ ବିସ୍ଥାପିତ ହୋଇ ପୁନର୍ବସତି ସ୍ଥାପନ କରି ବସବାସ କରୁଥିବା ବହୁଗ୍ରାମ ଦୀର୍ଘ ୭୦ବର୍ଷ ପରେ ରାଜସ୍ୱ ଗ୍ରାମର ମାନ୍ୟତା ପାଇନାହିଁ । ଏଥିମଧ୍ୟରୁ ଅଢାପଡା ଭଳି ଅନେକ ଗ୍ରାମକୁ ସରକାର ରାଜସ୍ୱ ଗ୍ରାମଭାବେ ଘୋଷଣା କରିଛନ୍ତି। ହେଲେ ବର୍ତ୍ତମାନ ସୁଦ୍ଧା ଗ୍ରାମକୁ ବନ୍ଦୋବସ୍ତ କରାଯାଇ ନାହିଁ । ଲୋକଙ୍କୁ ପଟ୍ଟା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଦିଆଯାଇ ନାହିଁ । ଫଳରେ ଲୋକେ ବିଭିନ୍ନ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଏପରି କି ବିସ୍ଥାପିତ ଓ କ୍ଷତିଗ୍ରସ୍ତ ଲୋକେ ସେମାନଙ୍କ କ୍ଷତିପୂରଣ ପାଇନାହାନ୍ତି। ଏନେଇ ଗତ ୧୬ତାରିଖରେ ମାନବାଧିକାର କମିଶନର(ଏନ୍‌ଏଚ୍‌ଆର୍‌ସି) ସଦସ୍ୟ ବିଭୂତି ଭୂଷଣ ମିଶ୍ର ଅଢାପଡା, ବିନିକା ଓ ଛଡାରମା ଆଦି କେତେକ ଗ୍ରାମ ପରିଦର୍ଶନ କରି ଲୋକଙ୍କ ନିକଟରୁ ତଥ୍ୟ ସଂଗ୍ରହ କରିଥିଲେ । ସେ ଜାଣିବାକୁ ପାଇଥିଲେ, ଦୀର୍ଘ ବର୍ଷ ପରେ ମଧ୍ୟ ଲୋକେ ଅସୁବିଧାରେ ବସବାସ କରୁଛନ୍ତି। ଏନେଇ ଏନ୍‌ଏଚ୍‌ଆର୍‌ସି ସଦସ୍ୟ ମିଶ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ସରକାରଙ୍କ ନିର୍ଦ୍ଦେଶ କ୍ରମେ ଗତ ସୋମବାର ରାଜସ୍ୱ ବିଭାଗ ସ୍ୱତନ୍ତ୍ର ସଚିବ ଅଶୋକ ନାୟକ ଝାରସୁଗୁଡା ଜିଲା ଗସ୍ତରେ ଆସି ଲଖନପୁର ତହସିଲ୍‌ର ଅଢାପଡା ଗ୍ରାମରେ ପହଞ୍ଚି ଥିଲେ। ଏହି ଅବସରରେ କୁଶ୍ରାଲୋଇ ପଞ୍ଚାୟତ ରାଜୀବ ଭବନରେ ଏକ ବୈଠକ ହୋଇଥିଲା। ଏଥିରେ ରାଜସ୍ୱ ବିଭାଗ ସ୍ୱତନ୍ତ୍ର ସଚିବ ନାୟକ, ଅତିରିକ୍ତ ଜିଲାପାଳ ତ୍ରିଲୋଚନ ମାଝି, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ତହସିଲଦାର ପ୍ରସନ୍ନ ପଟେଲ, ଆର୍‌ଆଇ ସସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ସରପଞ୍ଚ ରୂପଶୀ ସେଠ୍, ବାସୁଦେବ ଭୋଇ, ସେନାପତି ପ୍ରଧାନ, ଉପେନ୍ଦ୍ର ଭୋଇ, ସୁରେନ୍ଦ୍ର ବଗାର, ରଞ୍ଜନ ଭୋଇ, ବିଜୟ ସେଠ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମବାସୀଙ୍କ କହିବା ମୁତାବକ, ନଦୀବନ୍ଧ ଯୋଜନାରେ ବିସ୍ଥାପିତ ପରେ ୧୯୫୬ରେ ଗାଁଲୋକେ ଗ୍ରାମପୁନର୍ବସତି ପାଇଁ ରାଜସ୍ୱ ବିଭାଗ ନିକଟରେ ଟଙ୍କା ଜମା କରିଥିଲେ। ଗ୍ରାମବାସୀଙ୍କ ଉଦ୍ଦେଶ୍ୟରେ ୧ହଜାର ୯୨ଏକର ଜମି ପ୍ରଦାନ ପାଇଁ ରାଜସ୍ୱ ବିଭାଗ ସୁପାରିସ କରିଛନ୍ତି। ଏଥିମଧ୍ୟରେ ରାଜସ୍ୱ ବିଭାଗ ପକ୍ଷରୁ ଗ୍ରାମକୁ ରାଜସ୍ୱ ଗ୍ରାମଭାବେ ଘୋଷଣା କରାଯାଇଛି। ଏପରି କି ୨୦୧୫ରେ ରାଜସ୍ୱ ବିଭାଗ ପକ୍ଷରୁ ଗ୍ରାମକୁ ସର୍ଭେ କରାଯାଇ ବନ୍ଦୋବସ୍ତ କାର୍ଯ୍ୟ ଆରମ୍ଭ ହୋଇଥିଲା । ହେଲେ ଏହା ସମ୍ପୂର୍ଣ୍ଣ ନ ହୋଇ ଅଧାରେ ଅଟକି ରହିଛି। ବନ୍ଦୋବସ୍ତ କାର୍ଯ୍ୟ ଆରମ୍ଭ ପାଇଁ ସ୍ୱତନ୍ତ୍ର ସଚିବ ନାୟକ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଖୁବ ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ଉପଜିଲାପାଳ ଭୋଇ କହିଛନ୍ତି।

ରାଜସ୍ୱ ବିଭାଗ ସ୍ୱତନ୍ତ୍ର ସଚିବ ଅଶୋକ ନାୟକ ଏବଂ ପ୍ରଶାସନିକ ଅଧିକାରୀମାନେ ଗ୍ରାମବାସୀଙ୍କ ସହିତ ଆଲୋଚନା କରୁଛନ୍ତି।

MCL | **ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍**
(କୋଲ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ - (EPABX) : ୦୬୬୩-୨୫୪୨୪୬୧ ରୁ ୪୬୯, ୱେବସାଇଟ୍ : www.mahanadicoal.in

ଇ-ଟେଣ୍ଡର ବିଜ୍ଞପ୍ତି

ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ ର ନିମ୍ନଲିଖିତ ଇ-ଟେଣ୍ଡରଗୁଡ଼ିକ, କୋଲ୍ ଇଣ୍ଡିଆ ଲିମିଟେଡ୍ ଅଧୀନସ୍ଥ ଇ-ଟେଣ୍ଡର ପୋର୍ଟାଲ (https://coalindiatenders.nic.in) ରେ ପ୍ରକାଶିତ ଅଛି ଏବଂ ଏହା କେନ୍ଦ୍ରୀୟ ସାର୍ବଜନୀକ ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ (https://eprocure.gov.in) ରେ ମଧ୍ୟ ଦୃଶ୍ୟମାନ ହେଉଛି । ପରବର୍ତ୍ତୀ ସଂପୂର୍ଣ୍ଣ ବିବରଣୀ ନିମନ୍ତେ ଦୟାକରି ଉପରୋକ୍ତ ୱେବ୍‌ସାଇଟ୍‌ଗୁଡ଼ିକୁ ଦେଖନ୍ତୁ ।

କ୍ର. ସଂ.	ଟେଣ୍ଡର ଆଇଡି	କାର୍ଯ୍ୟ/ସେବାର ନାମ	ଟେଣ୍ଡର ମୂଲ୍ୟ In (₹)
1	2018_MCL_123804_1	Supply of Neutral grounding Resistor.	700920.00
2	2018_MCL_123963_1	Strengthening of Bituminous road at Budhijam Colony under Orient Sub-Area	7453626.00
3	2018_MCL_123996_1	Supply of water to village Bahala Sahi under Hingula Area (Package-19).	567798.00
4	2018_MCL_124010_1	Supply of water to village Tilepasi and Khajuria under Hingula Area (Package-10).	681358.00
5	2018_MCL_124021_1	Supply of water to Kushachara Sahi, Jamunali village near R and R site under Hingula Area (Package-26).	652178.00
6	2018_MCL_124032_1	Supply of water to village Ambapal, Badamahitaila and Sanamahitaila under Hingula Area (Package-23).	908477.00
7	2018_MCL_124039_1	Supply of water to village Bhalugadia under Hingula Area (Package-11).	465846.00
8	2018_MCL_124046_1	Supply of water to village Joragadia, Tangarasahi, Hadisahi under Hingula Area (Package-08).	794918.00
9	2018_MCL_124017_1	SPARES FOR BE1000 BEML HYDRAULIC EXCAVATOR.	321380.00
10	2018_MCL_124058_1	Supply of water to village Banabaspur and Baghabaspur under Hingula Area (Package-15).	931300.00
11	2018_MCL_124068_1	Supply of water to village Kandhaberini, Baleswarsahi under Hingula Area (Package-07).	794918.00
12	2018_MCL_124160_1	PROCUREMENT OF OTR TYRE AND TUBE FOR ACE RHINO CRANE	44366.00
13	2018_MCL_124238_1	PROCUREMENT OF ELECTRICAL ITEMS FOR LT POWER SUPPLY	463690.00
14	2018_MCL_124102_1	Providing RCC Gate with ACP Board and cleaning of surrounding area of Colliery High School, Dera under Jagannath Area.	612417.00
15	2018_MCL_124106_1	Laying old cement concrete interlocking paver blocks at G.M. Colony under Jagannath Area.	881107.00
16	2018_MCL_124198_1	Annual maintenance contract for day to day Electrical Repairing and maintenance works of Colony power supply including residential and non-residential buildings, maintenance of Street Lights Sub-stations of Ananta Vihar Colony for two years	2870251.00
17	2018_MCL_124258_1	PROCUREMENT OF 110V 120AH MAINTENANCE FREE BATTERY	352000.00
18	2018_MCL_124203_1	Construction of pole mounted substation by providing and fixing of 02 (two) nos 100KVA, 11/440V transformers and drawing of LT line and power supply for resettlement of the village of Balugan (Nahak Sahi n Gopal Sahi) under CSR scheme of Lingaraj Area	2029252.00
19	2018_MCL_124319_1	PROCUREMENT OF DIFFERENT SIZE MS FLANGES FOR PIPE LINE	537077.00
20	2018_MCL_124330_1	PROCUREMENT OF SUPPLY AND INSTALLATION OF VIBRATING SCREEN	625400.00
21	2018_MCL_124212_1	Firefighting work at Mine Pit Entrance, Quarry, Coal Stock and Railway Siding in 1st and 2nd Shifting through fire fighting hose for a period of 01(one) year (315 working day) at Kaniha OCP.	633150.00
22	2018_MCL_124292_1	Hiring of Pay Loaders for Mechanical transfer of Coal into NTPC and Railway wagons at Lingaraj Spur Siding No. 1 and 2 at Lingaraj OC Project, Lingaraj Area	116172711.00
23	2018_MCL_124338_1	Making of maintenance Transit store near Jarada Substation at KOCP of Kaniha Area MCL	413677.00
24	2018_MCL_124365_1	PROCUREMENT OF COPPER LUG SOCKET FOR MOTORS AND GENERATORS AT CWS_X TALCHER. DRAWING ENCLOSED WITH NIT.	87372.00
25	2018_MCL_124371_1	Hiring of One (01) No. Diesel Pickup Van / Camper or equivalent of TATA / EICHER / ASHOK LEYLAND or equivalent) Daily 24 hours operation for a period of Two Years for PO Office Pool, LOCP, Lingaraj Area with monthly limit within 4262.50 km	1094619.00
26	2018_MCL_124096_1	Procurement of Resuscitating / Reviving apparatus with all accessories and tool kit (DGMS Approved) and Testing Kit (Tester) compatible with above mentioned Resuscitating / Reviving apparatus	3766027.00
27	2018_MCL_124306_1	Hiring of 03 Nos. Diesel Driven Covered Jeep (Bolero Front Suspension Type or equivalent), having 6 plus 1 seating capacity with A/C fitted (for 12 Hrs. Duty and Average run of 120 KM Per Day) for Orient Area, MCL, for Two years (706 days)	2285322.00
28	2018_MCL_124327_1	Repair and maintenance of 1B type quarters (51units) under Talcher Colliery.	4601101.00
29	2018_MCL_124373_1	Procurement of computerized automatic speed indicator cum recorder(CASICR) and automatic contrivance (Electronics version) for 02 Nos. of winder	1276760.00
30	2018_MCL_124376_1	Supply of Xerox paper A-4 Size.	417200.00
31	2018_MCL_124385_1	Repairing of road from GM Office Orient Area main Gate to MRS Colony Gate (1st re-tender).	580256.00
32	2018_MCL_124379_1	Hiring of One (01) No. Bolero / Sumo or equivalent covered vehicle minimum 7 seater with AC fitted (Diesel) Daily 12 hours operation for a period of Two Years for PO Office Pool, LOCP, Lingaraj Area with monthly limit within 2841.67 km	707916.00
33	2018_MCL_124129_1	Cutting of grass in and around Nehru Shatabdi Central Hospital, CH Area, Talcher (for a period of two years)	868395.00
34	2018_MCL_124138_1	Washing and painting of C type quarters (37 Units) at NSCH Colony CH Area Talcher	1499579.00
35	2018_MCL_124316_1	Repair and renovation of drains, septic tanks, inspection chambers soak pits in backside area of A and B Type blocks (A/1 to A/23 and B/1 to B/13) at Anand Vihar, MCL HQ.	21207359.00
36	2018_MCL_124567_1	Supplying and Installation of Materials, Commissioning and Stamping of 100 T Road In-motion Weigh bridges 1 and 2 at Kaniha OCP	1330000.00
37	2018_MCL_124555_1	Spraying of water on both siding no. VII and VIII of Bharatpur Project for a period of two years.	4755282.00
38	2018_MCL_123769_1	Engine Assembly Model BS6D170-1 Part No 51Z0000022, applicable for BEML BD355 Dozer	9011264.00
39	2018_MCL_124698_1	Procurement of White Dolomite Powder and White Washing Lime.	356360.00
40	2018_MCL_124620_1	Hiring of One (01) No. Explosive van (06 Te or Higher Metal Body Truck of TATA / EICHER / ASHOK LEYLAND or equivalent) Daily 12 hours operation for a period of Two Years for PO Office Pool, LOCP, Lingaraj Area with monthly limit within 2841.67 km	1423334.00
41	2018_MCL_124681_1	Operation and maintenance of Water supply system in Jarada Village at Kaniha OCP of Kaniha Area for a period of One Year	2261312.00
42	2018_MCL_124690_1	Erection of 6.6 kV overhead line for operation / marching of dragline coming from Bharatpur Area to

ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ।
ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ

ସଂକ୍ଷେପରେ



କଂଗ୍ରେସ ନେତାଙ୍କ ଆତ୍ମହତ୍ୟା

ଭେଡ଼େନ, ୨୫।୧୨ (ଡ଼ି.ଏନ.ଏ): ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ଅଏଁଲାପାଲି ଗ୍ରାମପଞ୍ଚାୟତର ତାଳଗାଁ ନିବାସୀ ବରିଷ୍ଠ କଂଗ୍ରେସ ନେତା ତଥା ଡୁମାଳ ଜାତିର ସଙ୍ଗଠକ ହୁଆଲଦାର ମହାକୁର ମଙ୍ଗଳବାର ବିଷ ପିଇ ଆତ୍ମହତ୍ୟା କରିଛନ୍ତି । ଗୁରୁତର ଅବସ୍ଥାରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା । ସେଠାରେ ସେ ମୃତ୍ୟୁବରଣ କରିଥିଲେ। ତେବେ ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ। ତାଙ୍କ ବିୟୋଗରେ ଭେଡ଼େନ ବ୍ଲକ କଂଗ୍ରେସ ତଥା ରାଜ୍ୟ ଡୁମାଳ ପରିଷଦ ପକ୍ଷରୁ ଶୋକ ପ୍ରକାଶ ପାଇବା ସହ ତେନ୍ତୁଲିଟିକ୍ରା ଛକର ସମସ୍ତ ଦୋକାନ ବଜାର ବନ୍ଦ ରଖାଯାଇଥିଲା ।

■ ଲଖନପୁର ମହୋତ୍ସବ 'ତିହାର'ର ପ୍ରସ୍ତୁତି

ସ୍ଥାନୀୟ କଳାସଂସ୍କୃତିକୁ ପ୍ରାଧାନ୍ୟ ଉପରେ ଗୁରୁତ୍ୱ

ଲଖନପୁର, ୨୫।୧୨(ଡି.ଏନ୍.ଏ)

ଝାରସୁଗୁଡ଼ା ଜିଲା ଲଖନପୁର ଅଶୋକଚକ୍ର କ୍ଲବରେ ମଙ୍ଗଳବାର ଦୋଳଗୋବିନ୍ଦ ପ୍ରଧାନଙ୍କ ଅଧକ୍ଷତାରେ ଲଖନପୁର ଲୋକ ମହୋତ୍ସବ 'ତିହାର'ର ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହୋତ୍ସବ କମିଟି ସଭାପତି ପିତାମ୍ବର ମିଶ୍ର, ବେଣୁଧର ଭୋଇ, ରୋହିତ ପ୍ରଧାନ, ମହେନ୍ଦ୍ର ପ୍ରଧାନ, ନରୋତ୍ତମ ପ୍ରଧାନ, ମୁରଲିଧର ପଣ୍ଡା, କ୍ଷୀରୋଦ ସେଠ୍, ଅଭିନଚନ୍ଦ୍ର ମାଝି, ଟିକେଶ୍ୱର ପ୍ରଧାନ, ବୃଷଭାନୁ ବଗାର, ନରେନ୍ଦ୍ର ଭୋଇ, ଦୁର୍ଯ୍ୟୋଧନ କିଷାନ, ପ୍ରମୋଦ ପଶାୟତ, ଯୋଗେଶ୍ୱର ଧୁରୁଆ, ଦୋଳଗୋବିନ୍ଦ ମେହେର ପ୍ରମୁଖ କର୍ମକର୍ତ୍ତା ଯୋଗଦେଇଥିଲେ। ମହୋତ୍ସବ ପାଇଁ ଆସନ୍ତା ଫେବୃୟାରୀ ୮ରୁ ୧୦ତାରିଖ ପର୍ଯ୍ୟନ୍ତ ଦିନଧାର୍ଯ୍ୟ କରାଯାଇଛି। ବିଗତ ବର୍ଷମାନଙ୍କ ଅପେକ୍ଷା ଚଳିତ ବର୍ଷ

ପ୍ରସ୍ତୁତି ବୈଠକରେ ଉପସ୍ଥିତ କମିଟି କର୍ମକର୍ତ୍ତା ଓ ସଦସ୍ୟ।

ଯେପରି ମହୋତ୍ସବ ଅଧିକ ଆକର୍ଷଣୀୟ ହୋଇପାରିବ ସେନେଇ ଆଲୋଚନା କରାଯାଇଥିଲା । ମହୋତ୍ସବରେ ରାଜ୍ୟର ବିଭିନ୍ନ କଳାସଂସ୍କୃତି ସାଙ୍ଗକୁ ସ୍ଥାନୀୟ କଳାସଂସ୍କୃତି ଏବଂ ଐତିହ୍ୟକୁ ସ୍ଥାନିତ କରାଯିବ। ବିଶେଷ ଭାବେ ସ୍ଥାନୀୟ କଳାସଂସ୍କୃତିକୁ ଅଧିକ ପ୍ରାଧାନ୍ୟ ଦିଆଯିବ ବୋଲି କମିଟି ସଭାପତି ମିଶ୍ର ବୈଠକରେ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ମଧ୍ୟ ତିହାର ସ୍ମରଣିକା ପ୍ରକାଶ ପାଇବ। ସ୍ମରଣିକା ପ୍ରକାଶନ ପାଇଁ ଅଞ୍ଚଳର କଳାସଂସ୍କୃତି, ଐତିହ୍ୟ, ପରମ୍ପରା ସମ୍ପର୍କୀତ ଗଳ୍ପ, କବିତା ପଠାଇବା ପାଇଁ କମିଟି ପକ୍ଷରୁ ଲେଖକମାନଙ୍କୁ ଅନୁରୋଧ କରାଯାଇଛି। ଏହା ଆସନ୍ତା ୧୫ତାରିଖ ମଧ୍ୟରେ ପଠାଇବା ପାଇଁ କୁହାଯାଇଛି। ମହୋତ୍ସବର ବିଭିନ୍ନ କାର୍ଯ୍ୟ ସମ୍ପାଦନ ପାଇଁ ସଦସ୍ୟମାନଙ୍କୁ ବିଭାଗ ବଣ୍ଟନ କରାଯାଇଛି। ଏହାକୁ ତଦାରଖ କରିବା ପାଇଁ ଏକ ଉପଦେଷ୍ଟା କମିଟି ମନନୀତ କରାଯାଇଛି । ଏହାକୁ ସଫଳ କରିବା ପାଇଁ କମିଟି ସଭାପତି ମିଶ୍ର ସମସ୍ତଙ୍କ ସାହାର୍ଯ୍ୟ କାମନା କରିଛନ୍ତି।

ଟ୍ରକ୍ ଧକ୍କାରେ ସାଇକେଲ ଆରୋହୀ ମୃତ

ଝାରସୁଗୁଡା ଅଫିସ, ୨୫।୧୨

ଝାରସୁଗୁଡ଼ା ଜିଲା ବଡମାଳ ଥାନା ଅଧୀନ ସାପଡ଼ା ନିକଟରେ ଏକ ଟ୍ରକ୍ ଧକ୍କାରେ ଗୁରୁତର ଆହତ ହୋଇ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣେ ଯୁବକଙ୍କ ସୋମବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ସେ ହେଲେ ବଡ଼ମାଳ ଥାନା ଅଧୀନ ଡୁମ୍ବେକେଲା ଗ୍ରାମର ସୁରେଶ ଧରୁଆ। ମିଳିଥିବା ସୂଚନା ମୁତାବକ, ସୁରେଶ ସୋମବାର ସନ୍ଧ୍ୟାରେ ସାଇକେଲରେ ଯାଉଥିବା ବେଳେ ସମ୍ବଲପୁରରୁ ଆସୁଥିବା ଏକ ଟ୍ରକ ସାପଡ଼ା ନିକଟରେ ସାଇକେଲକୁ ଧକ୍କା ଦେଇଥିଲା। ଫଳରେ ସୁରେଶ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ଡାକ୍ତରଖାନାରେ ଭର୍ତ୍ତି କରିଥିବାବେଳେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୁରେଶଙ୍କ ମୃତ୍ୟୁ ଘଟିଥିଲା। ଏନେଇ ବଡମାଳ ଥାନା ପୋଲିସ ଏକ ମାମଲା ରୁଜୁ କରି ଟ୍ରକ୍ ଡ୍ରାଇଭର ସତିଶ କୁମାର ସୁକ୍ଲାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ବନ୍ଧପାଲିରେ ମୁଁ ହିରୋ କାର୍ଯ୍ୟକ୍ରମ

କିର୍ମିରା, ୨୫।୧୨(ଡି.ଏନ.ଏ.)

କିର୍ମିରା ବ୍ଲକ ବନ୍ଧପାଲି ପଞ୍ଚାୟତ ଭାଲୁପତ୍ରା ଗ୍ରାମରେ ମୁଁ ହିରୋ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଅଞ୍ଚଳରୁ ଯୁବତୀ, ଯୁବକ ଯୋଗ ଦେଇଥିଲେ । ସଭାରେ ନାଚ ଓ ଗୀତ ପ୍ରତିଯୋଗିତା କରାଯାଇଥିଲା । ବନ୍ଧପାଲି ସରପଞ୍ଚ ମଞ୍ଜୁଲତା ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀତାଙ୍କୁ ପୁରସ୍କୃତ କରିଥିଲେ । ସଭାରେ ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ପଟେଲ, ସୁଦୀପ ବେଶନ, ଦୀପକ କଉଡି, ଗୋପେଶ ବେଶନ, ଡମ୍ବରୁଧର ବଖରା, ଅଜିତ ନାୟକ, ମୁକେଶ ବଖରା, ରୋହନ ନାୟକ, ଭାରତୀ ତାଜନ, ନରେଶ ପଟେଲ, ହରେଶ ପଟେଲ, ନରୋତ୍ତମ ବୁଡା ଉପସ୍ଥିତ ଥିଲେ। ବିଜୁ ଯୁବ ବାହିନୀ ସଭାପତି ଧର୍ମେନ୍ଦ୍ର ଗୁଖୁରା, ସମ୍ପାଦକ ରାଜୁ କଉଡି, କୋଅର୍ଡିନେଟର୍ ଟିକେଶ୍ୱର ବେହେରାଙ୍କ ସମେତ ଅନ୍ୟ ସଦସ୍ୟ ଏଥିରେ ସହଯୋଗ କରିଥିଲେ।

■ ହାଇଟେକ ମେଡିକାଲ କଲେଜରେ ନାମଲେଖା ଠକେଇ

ତିରୁପତି ଚୌଧୁରୀ ଗିରଫ

ଭୁବନେଶ୍ୱର, ୨୫।୧୨(ସ୍ୟୁରୋ)

ହାଇଟେକ ମେଡିକାଲ କଲେଜରେ ନାମଲେଖା ଠକେଇ ଅଭିଯୋଗରେ ଝାଡ଼ଖଣ୍ଡ ପୋଲିସ କଲେଜ ଉପାଧକ୍ଷ ତିରୁପତି ଚୌଧୁରୀଙ୍କୁ ଗିରଫ କରିଛି। ଝାଡ଼ଖଣ୍ଡର ଧାନବାଦ କୋର୍ଟ ପକ୍ଷରୁ ତିରୁପତିଙ୍କ ନାମରେ ଏନ୍‌ବିଡବ୍ଲ୍ୟୁ ଜାରି ହୋଇଥିଲା। ଉକ୍ତ ଏନ୍‌ବିଡବ୍ଲ୍ୟୁ ବଳରେ ଝାଡ଼ଖଣ୍ଡ ପୋଲିସ ମଙ୍ଗଳବାର ଶହୀଦନଗରରୁ ତିରୁପତିଙ୍କୁ ଗିରଫ କରିଥିଲା। ପୋଲିସ ତାଙ୍କୁ ଟ୍ରାନ୍‌ଜିଟ ରିମାଣ୍ଡରେ ନେବା ଲାଗି ବୁଧବାର କୋର୍ଟରେ ହାଜର କରିବ।

ସୂଚନା ମୁତାବକ, ୨୦୧୩ରେ ହାଇଟେକ୍ କଲେଜରେ ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ନେଇ ଝାଡ଼ଖଣ୍ଡର ରାମଧର ପ୍ରତୀକ ନାମକ ଛାତ୍ର ୫ ଲକ୍ଷ ଟଙ୍କା ଠକେଇର ଶିକାର ହୋଇଥିବା ନେଇ ଧାନବାଦ ଜିଲାର ଗୋବିନ୍ଦପୁର

ତିରୁପତି ଚୌଧୁରୀ

ଥାନାରେ ଅଭିଯୋଗ କରିଥିଲେ। ଏହା ସହ ଧାନବାଦ କୋର୍ଟରେ ଏକ ୧ସିସି ଦାୟର କରିଥିଲେ। ଏହାପରେ କୋର୍ଟ ତିରୁପତିଙ୍କୁ ହାଜର ହେବା ଲାଗି ନୋଟିସ ପଠାଇଥିଲେ। କିନ୍ତୁ ତିରୁପତି ହାଜର ନ ହେବାରୁ କୋର୍ଟ ତାଙ୍କ ନାମରେ ଏନ୍‌ବିଡବ୍ଲ୍ୟୁ ଜାରି କରିଥିଲେ। ଅନ୍ୟପଟେ ତିରୁପତି କହିଛନ୍ତି ଯେ, ଅଭିଯୋଗ ପରେ ୨୦୧୬ରେ ସମ୍ପୃକ୍ତ ଛାତ୍ରଙ୍କୁ ୫ ଲକ୍ଷ ଟଙ୍କା ଫେରସ୍ତ କରାଯାଇଛି।

ଟୋଲ୍‌ଗେଟ୍‌କୁ ପିଟିଲା ପିକ୍‌ନିକ୍ ବସ୍: ୫୪ ଆହତ, ୪ ଗୁରୁତର

ଯାଁଲା, ୨୫।୧୨(ଡି.ଏନ.ଏ.)

ବୈଷୟିକ ତାଲିମ କେନ୍ଦ୍ରର ବିଦ୍ୟାର୍ଥୀଙ୍କୁ ପିକ୍‌ନିକ୍ ନେଇ ଯାଉଥିବା ଏକ ବସ୍ ୧୬ ନଂ. ଜାତୀୟ ରାଜପଥର ଗଙ୍ଗପଡାସ୍ଥିତ ପୁରୁଣା ଟୋଲଗେଟ ପିଞ୍ଚିରେ ସୋମବାର ବିଳମ୍ବିତ ରାତିରେ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ବିଦ୍ୟାର୍ଥୀ, ଡ୍ରାଇଭର, ହେଲପର ଓ ଅନ୍ୟମାନଙ୍କୁ ମିଶାଇ ୬୫ ଜଣ ବସ୍‌ରେ ଯାତ୍ରା କରୁଥିଲେ। ସେମାନଙ୍କ ମଧ୍ୟରୁ ୫୪ ଜଣ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୪ ଜଣ ଛାତ୍ରୀ ଗୁରୁତର ହୋଇଥିବାରୁ ସେମାନଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଆହତମାନଙ୍କ ମଧ୍ୟରୁ୩୦ ଜଣ କ୍ୟାପିଟାଲ ହସ୍ପିଟାଲ ଓ ୨୦ ଜଣଙ୍କୁ ଏମ୍‌ସରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିଲା। ନୟାଗଡ଼ ଜିଲା ଓଡ଼ଗାଁରେ ଥିବା ପ୍ରଧାନମନ୍ତ୍ରୀ ଆବାସିକ କୌଶଳ କେନ୍ଦ୍ରର ବିଦ୍ୟାର୍ଥୀଙ୍କୁ ନେଇ ନାରାୟଣୀ (ନଂ. ଓଆର ୦୨ ବିସି ୩୫୨୩) ନାମକ ବସ୍ ପିକ୍‌ନିକ୍ ପାଇଁ ପାରାଦୀପ ଅଭିମୁଖେ ଯାଉଥିଲା। ଯାଁଲା ଫାଣ୍ଡି ଅନ୍ତର୍ଗତ ଜାତୀୟ ରାଜପଥର ଗଙ୍ଗପଡ଼ା ନିକଟରେ ବନ୍ଦ ହୋଇଥିବା ଟୋଲ୍‌ଗେଟରେ ବସ୍‌ଟି ଧକ୍କା ହୋଇଥିଲା। ଧକ୍କା ହେବା ପରେ ଭୀଷଣ ଶବ୍ଦ ହୋଇ ବସ୍‌ଟି ଓଲଟି ପଡ଼ିଥିଲା। ଏତେ ଜୋର୍‌ରେ ଧକ୍କା ହୋଇଥିଲା ଯେ, ବସ୍‌ର ଅଧିକାଂଶ ଅଂଶ ଭାଙ୍ଗିଚୁରି ଯାଇଛି। ଏହା ଭିତରେ ଆହତମାନଙ୍କ କ୍ରନ୍ଦନ ଓ ଚିତ୍କାର ଶୁଣି ନିକଟରେ ଥିବା ଦୋକାନର କେତେଜଣ ଲୋକ ପ୍ରଥମେ ପହଞ୍ଚି ଉଦ୍ଧାର ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ପରେ ଜଟଣୀ, ଖୋର୍ଦ୍ଧା, ତମାଣ୍ଡୋ, ଖଣ୍ଡଗିରି, ଯାଁଲା, ମେଣ୍ଢାଶାଳ ଥାନା ପୋଲିସ ସହ ଅଗ୍ନିଶମ କର୍ମଚାରୀ ଓ ଆମ୍ବୁଲାନ୍ସ ପହଞ୍ଚି ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଏହି ଦୁର୍ଘଟଣାରେ କାହାର ମୃତ୍ୟୁ ଘଟିନାହିଁ। ଯେଉଁଭଳି ଟୋଲ୍‌ଗେଟରେ ବସ୍‌ଟି ଧକ୍କା ହୋଇ ଭାଙ୍ଗିଚୁରି ଯାଇଛି, ସୌଭାଗ୍ୟକୁ ବଡ଼ଧରଣର ଅଘଟଣରୁ ସମସ୍ତେ ବର୍ତ୍ତି ଯାଇଥିଲେ। ଏ ନେଇ ଜଟଣୀ ଥାନା ଇନ୍ସପେକ୍ଟର ବିଶ୍ୱରଞ୍ଜନ ସାହୁ କୁହନ୍ତି, ତାଲିମକେନ୍ଦ୍ର ପକ୍ଷରୁ ଏହି ପିକ୍‌ନିକ୍ ବ୍ୟବସ୍ଥା ହୋଇ ନ ଥିଲା। ବେସରକାରୀ ଭାବେ ଛାତ୍ରୀଛାତ୍ରମାନେ ପିକ୍‌ନିକ୍ କରିବାକୁ ଯାଉଥିଲେ। ଏହାଛଡ଼ା କେଉଁ ପରିସ୍ଥିତିରେ ଏପରି ଦୁର୍ଘଟଣା ଘଟିଲା ତାହାର ତଦନ୍ତ କରାଯାଉଛି। ଜାତୀୟ ରାଜପଥ ଉପରେ ଦୀର୍ଘଦିନ ହେବ ବନ୍ଦ ହୋଇପଡ଼ିଥିବା ଏହି ଟୋଲଗେଟ୍ ଯୋଗୁ ବହୁ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି। ବନ୍ଦ ଥିବା ଟୋଲ୍‌ଗେଟକୁ ସମ୍ପୂର୍ଣ୍ଣ ଉଚ୍ଛେଦ ପାଇଁ ଦାବି ହେଉଥିଲେ ମଧ୍ୟ ପ୍ରଶାସନ ଏହା ଉପରେ କାହିଁକି ଧ୍ୟାନ ଦେଉନାହିଁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଦୁର୍ଘଟଣାଗ୍ରସ୍ତ ବସ୍।

ସମ୍ବଲପୁର ଜେସିସି ଏକାଦଶ ପୁଲ୍-ବି ସେମିରେ

ଭଟଲି, ୨୫।୧୨(ଡି.ଏନ୍.ଏ.)

ଭଟଲି ବ୍ଲକ ନୂଆଁଗଡ଼ ଲକ୍ଷ୍ମୀ ନାରାୟଣ ହାଇସ୍କୁଲ ଖେଳ ପଡିଆରେ ରାଜା ବଳରାମ ଦେଓ ତୃତୀୟ ଆନ୍ତଃ ରାଜ୍ୟ କ୍ରିକେଟ ପ୍ରତିଯୋଗିତା ମଙ୍ଗଳବାର ଚତୁର୍ଥ ଦିବସରେ ପଦାର୍ପଣ କରିଛି । ନୂଆଗଡ କ୍ରୀଡା ସଙ୍ଗଠନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ପୁଲ୍-ବି ର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ସମ୍ବଲପୁର ଜେସିସି ଏକାଦଶ ଏବଂ ରାୟପୁର ଫରେଷ୍ଟ ଏକାଦଶ ମୁହାଁମୁହିଁ ହୋଇଥିଲେ । ଏଥିରେ ରାୟପୁର ଫରେଷ୍ଟ ଏକାଦଶ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେବା ସହିତ ୧୫.୫ ଓଭରରେ ସମସ୍ତ ଉଇକେଟ ହରାଇ ୮୩ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ବିଶାଳ ଦୁବେ ୩୦ଟି ବଲ୍‌ରୁ ୪ଟି ଚୌକା ଏବଂ ଗୋଟିଏ ଛକ୍କା ସହାୟତାରେ ୩୧ ରନ୍ ସଂଗ୍ରହ କରିଥିବାବେଳେ ବିପକ୍ଷ ସମ୍ବଲପୁର ଜେସିସି ଏକାଦଶର ସାଗର ରାଉତ ୩

ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି ।

ଓଭରରେ ୧୭ ରନ୍ ବିନିମୟରେ ୩ଟି ଉଇକେଟ ଅକ୍ତିଆର କରି ରାୟପୁର ଏକାଦଶକୁ ଧରାଶାୟୀ କରିଦେଇଥିଲେ। ୮୪ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ସମ୍ବଲପୁର ଜେସିସି ଏକାଦଶ ୧୦.୨ ଓଭରରେ ୨ଟି ଉଇକେଟ ହରାଇ ସେମିଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା । ଦଳ ପକ୍ଷରୁ ସାଗର ରାଉତ ୨୭ଟି ବଲ୍‌ରୁ ୬ଟି ଚୌକା ଏବଂ ୩ଟି ଛକ୍କା ସହାୟତାରେ ୪୭ ରନ୍‌ର ବିଶାଳ ଇନିଂସ ଖେଳିଥିଲେ । ଉଭୟ ବୋଲିଂ ଏବଂ ବ୍ୟାଟିଂ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା । ମହମ୍ମଦ ଇସାକ ଏବଂ ବିଜୟ କୁମାର ଦାଶ ଖେଳ ପରିଚାଳନା କରିଥିଲେ । ସେହିପରି ଅଶୋକ କୁମାର ସାହୁ ଏବଂ ସନ୍ଦୀପ ସାହୁ ସ୍କୋରର ଦାୟିତ୍ୱ ତୁଳାଇଥିବାବେଳେ ମୁନସି ପାତ୍ର ଏବଂ ପବିତ୍ର ସା ଧାରା ବିବରଣୀ ପ୍ରଦାନ କରିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ଦୁର୍ବାସା ପଧାନ, ଉପେନ୍ଦ୍ର ଖମାରୀ ଏବଂ ଶକ୍ତି ଅଗ୍ରୱାଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

କ୍ରୀଡ଼ାବିତ୍‌ଙ୍କ ସ୍ମୃତିରେ ରକ୍ତଦାନ ଶିବିର

ବରଗଡ଼ ଅଫିସ୍, ୨୫।୧୨

ବରଗଡ଼ ଜିଲାର କ୍ରୀଡ଼ାବିତ୍‌ସ୍ୱର୍ଗତ ଧ୍ରୁବରାଜ ଡାଙ୍ଗଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ମଙ୍ଗଳବାର ଜୀବନ ବିନ୍ଦୁ ଓ ଜୟଦୁର୍ଗା କ୍ଲବର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଜୟଦୁର୍ଗା କ୍ଲବ ପରିସରରେ ଅନୁଷ୍ଠିତ ଏହି ଶିବିରକୁ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଉଦଘାଟନ କରିଥିଲେ। ଜୟଦୁର୍ଗା କ୍ଲବ ସଭାପତି ନରସିଂହ ବିଶି, ପୂର୍ବତନ ପୌରାଧ୍ୟକ୍ଷ ପ୍ରଶାନ୍ତ ବେହେରା, ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ର, ରାଜ କୁମାର ବିଶି, ଦିଲୀପ ସାଏଁଡ଼ିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜୀବନ ବିନ୍ଦୁର ଜିଲା ଯୁଗ୍ମ ସଂଯୋଜକ ଅଶ୍ୱିନୀ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରରେ ୫୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବିରେନ୍ଦ୍ର ପ୍ରଧାନ, ଉଦ୍ଧବ ଡାଙ୍ଗ, ଜ୍ଞାନରଞ୍ଜନ ପୂଜାରୀ, ଚନ୍ଦନ ଗୁପ୍ତା, ପ୍ରଦୀପ ଝାଓଁର, ଖଟୁଆ ବାରିକ ପ୍ରମୁଖ ସହଯୋଗ କରିଥିଲେ ।

ରଜତ ଜୟନ୍ତୀ ପାଳିବ ବରପାଲି ଶିଶୁ ମନ୍ଦିର

ବରପାଲି, ୨୫।୧୨ (ଡି.ଏନ.ଏ.)

ବରପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୫ ବର୍ଷ ପୂର୍ତ୍ତି ଅବସରରେ ରଜତ ଜୟନ୍ତୀ ପାଳନ କରାଯିବା ପାଇଁ ଆୟୋଜନ ଚାଲିଛି । ଏ ନେଇ ଅନୁଷ୍ଠାନ ସଭାପତି ଡା. କାଳୀଚରଣ ଦାଶଙ୍କ ଅଧକ୍ଷତାରେ ରବିବାର ଶିଶୁ ମନ୍ଦିର ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନୁଷ୍ଠାନର ସମ୍ପାଦକ ରସାନନ୍ଦ ଥପା, ପ୍ରଧାନଆଚାର୍ଯ୍ୟ ନିରଞ୍ଜନ ହୋତା ଓ ମିଡିଆ ଆବାହକ ବାଳକିଶୋର ଖାଡଙ୍ଗା ପ୍ରମୁଖ ଯୋଗଦେଇ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ। ତେବେ ଆସନ୍ତା ୨୬, ୨୭ ଓ ୨୮ ତାରିଖ ୩ଦିନ ବ୍ୟାପୀ ହେବାକୁ ଥିବା ରଜତ ଜୟନ୍ତୀ ମହୋତ୍ସବର ଉଦଘାଟନୀ ଦିବସରେ ବରଗଡ ଏମ୍‌ପି ପ୍ରଭାସ ସିଂ ମୁଖ୍ୟଅତିଥି, ବିଜେପୁର ବିଧାୟିକା ରୀତା ସାହୁ ସମ୍ମାନୀତ ଅତିଥି ଓ ବିଦ୍ୟାଭାରତୀ ଅଧକ୍ଷ ଡ. ବାଞ୍ଛାନିଧି ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେବେ। ଦ୍ୱିତୀୟ ଦିବସରେ ଉପମହାନିରୀକ୍ଷକ ସତ୍ୟବ୍ରତ ଭୋଇ ମୁଖ୍ୟଅତିଥି, ପଦ୍ମଶ୍ରୀ ଚତୁର୍ଭୁଜ ମେହେର ସମ୍ମାନୀତ ଅତିଥି ଓ ଶିକ୍ଷାବିକାଶ ଅଧକ୍ଷ ଡ. ଲକ୍ଷ୍ମୀକାନ୍ତ ମହାରଣା ମୁଖ୍ୟବକ୍ତା ଏବଂ ଉଦଯାପନୀ ଦିବସରେ ବରଗଡ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ବରଗଡ ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁ ଓ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ ଯୋଶୀ ଯଥାକ୍ରମେ ମୁଖ୍ୟଅତିଥି, ସମ୍ମାନୀତ ଅତିଥି ଓ ମୁଖ୍ୟବକ୍ତା ଭାବେ ଯୋଗଦେବା ପାଇଁ ସମ୍ମତି ପ୍ରଦାନ କରିଥିବା ସୂଚନା ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ମେଧାବୀ ଓ କୃତୀ ଛାତ୍ରୀଛାତ୍ର, ବଦାନ୍ୟ ବ୍ୟକ୍ତି ଓ ବିଶିଷ୍ଟ ବ୍ୟକ୍ତି ପ୍ରମୁଖ ୭୦ ଜଣଙ୍କୁ ସମ୍ମାନୀତ କରାଯିବାର କାର୍ଯ୍ୟକ୍ରମ ରହିଥିବା ଖବରଦାତା ସମ୍ମିଳନୀରେ ଆୟୋଜକମାନେ ସୂଚନା ଦେଇଥିଲେ ।

କ୍ରିକେଟ: ଗୌରେନମୁଣ୍ଡା ଦଳ ଚାମ୍ପିୟନ

ଗାଇସିଲେଟ, ୨୫।୧୨.(ଡି.ଏନ.ଏ)

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଭାଙ୍ଗମୁଣ୍ଡାରେ ମାଁ ତାରିଣୀ କ୍ରିକେଟ୍ ଟିମ ପକ୍ଷରୁ ତିନି ଦିବସୀୟ କ୍ରିକେଟ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୬ଟି ଦଳ ଭାଗ ନେଇଥିଲେ । ପ୍ରଥମ ସେମିଫାଇନାଲ ଗୌରେନମୁଣ୍ଡା ଓ କନ୍ଧୁମୁଣ୍ଡା ଦଳ ଓ ଦ୍ୱିତୀୟ ସେମିଫାଇନାଲ ଭାଙ୍ଗମୁଣ୍ଡା ଓ ରାଇସଲପଦର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଶେଷରେ ଭାଙ୍ଗମୁଣ୍ଡା ସହିତ ଗୌରେନମୁଣ୍ଡା ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ନିର୍ଦ୍ଧାରିତ ଓଭର

ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହେଲେ ବିଷୟବାସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ

ସଂକ୍ଷେପରେ

ପିପିଲି ଗଣବଳାତ୍କାର ହତ୍ୟା ମାମଲା ରାୟ ପ୍ରକାଶ: ବିଭିନ୍ନ ମହଲରେ ପ୍ରତିକ୍ରିୟା

ରାଉରକେଲା ଅଫିସ,୨୫।୧୨-ବହୁ ଚର୍ଚ୍ଚିତ ପିପିଲି ଗଣବଳାତ୍କାର ଓ ହତ୍ୟା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ତଥ୍ୟ ପ୍ରମାଣ ଅଭାବରୁ ୨ ଅଭିଯୁକ୍ତ ସୁକାନ୍ତ ପ୍ରଧାନ ଓ ଭାଇ ପ୍ରଶାନ୍ତ ପ୍ରଧାନଙ୍କୁ ଭୁବନେଶ୍ୱର ଅତିରିକ୍ତ ଜିଲା ଦୌରା ଜଜ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏହି ରାୟ ପ୍ରକାଶ ପରେ ରାଜ୍ୟର ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ସୁନ୍ଦରଗଡ଼ ଜିଲାର ଯୁବ ମାନବାଧିକାର କର୍ମୀ ଶାନ୍ତନୁ କୁସୁମ ଏନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ନାରୀ ସୁରକ୍ଷା ପ୍ରତି ଏହା ଏକ ବଡ ପ୍ରଶ୍ନ ବୋଲି ମାନବାଧିକାର କର୍ମୀ ଶାନ୍ତନୁ ଏକ ବିବୃତିରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ଶୀତରେ ଥରୁଛି ଷ୍ଟିଲ ସିଟି, ଖସୁଛି ପାରଦ

ରାଉରକେଲା ଅଫିସ,୨୫।୧୨-ଷ୍ଟିଲ୍‌ସିଟି ରାଉରକେଲାରେ ଗତ ରବିବାର ଦିନଠାରୁ ଅସମ୍ଭାଳ ଶୀତ ଅନୁଭୂତ ହେଉଛି। ଦିନରେ ଖରା ଯେତିକି ଟାଣ ହେଉଛି ରାତିରେ ଶୀତ ବଢ଼ିବାରେ ଲାଗିଛି। ସକାଳ ୮ଟା ପୂର୍ବରୁ ଘରୁ ବାହାରି ଲୋକଙ୍କ ପାଇଁ ମୁସ୍‌କିଲ ହୋଇପଡୁଛି। ଏପରି ଅବସ୍ଥାରେ ବସ୍ତିବାସିନ୍ଦାଙ୍କ ଜୀବନ ଦୁର୍ବିସହ ହୋଇପଡିଛି। ଶୀତ କାକରରେ ପଲିଥିନ ତଳେ ବହୁ କଷ୍ଟରେ ରାତି କାଟୁଛନ୍ତି। ଛାତିଥରା ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଲୋକେ ନିଆଁ ଜାଳି ରହୁଛନ୍ତି। ଏପରି କି ରାତି ୮ଟା ବାଜିଲେ ବଜାର ଖାଁ ଖାଁ ଲାଗୁଛି। ଶୀତ ଲହରି ଯୋଗୁ କେତେକ ସ୍ଥାନରେ ପଶୁ ମଡ଼କ ଦେଖାଯାଉଥିବା ବେଳେ ଗୃହ ପାଳିତ ପଶୁ ପକ୍ଷୀଙ୍କ ଅବସ୍ଥା ଅସମ୍ଭାଳ ହୋଇପଡିଛି। ଏପରି ଅବସ୍ଥାରେ ଛୋଟ ପିଲା ତଥା ସ୍କୁଲ ଓ କୋଚିଂ ଯାଉଥିବା ଛାତ୍ରୀଛାତ୍ର ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ମଜୁରି କରି ପେଟ ପୋସୁଥିବା ନିରାହ ଶ୍ରମିକଙ୍କ ଜୀବନ ଯାତ୍ରାକୁ ପ୍ରଭାବିତ କରିଛି ହାଡଭଙ୍ଗା ଶୀତ। ଅପରପେକ୍ଷ ପ୍ରବଳ ଶୀତ କାରଣରୁ ଶୀତ ପୋଷାକ କାରବାର ବଢ଼ିବାରେ ଲାଗିଛି। ବଜାରେ ଗତ କିଛି ଦିନ ହେବ ଏନେଇ ପ୍ରବଳ ଗହଳ ଲାଗି ରହୁଛି। ଦିନକୁ ଦିନ ପାରଦ ଖସିବା ସାଙ୍ଗକୁ ଶୀତ ବଢ଼ିବା ଘଟଣା ଷ୍ଟିଲ ସିଟି ବାସିନ୍ଦାଙ୍କୁ ବ୍ୟତିବ୍ୟସ୍ତ କରିଛି।

ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି

ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟରେ ସ୍ମୃତିଚାରଣ

ରାଉରକେଲା ଅଫିସ,୨୫।୧୨

ସଂସ୍କୃତ ମହାବିଦ୍ୟାଳୟରେ ପାଇକ ବିଦ୍ରୋହର ୨ଶହ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଛାତ୍ରୀମାନେ।

ଶହୀଦ ସ୍ମୃତି କମିଟି ପକ୍ଷରୁ ବେଦବ୍ୟାସଠାରେ ଥିବା ସଂସ୍କୃତ ମହାବିଦ୍ୟାଳୟ ପରିସରରେ ପାଇକ ବିଦ୍ରୋହର ୨ଶହ ବର୍ଷ ପୂର୍ତ୍ତି ଅବସରରେ ସାମାଜିକ କର୍ମୀ ରମେଶ ଜେନାଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ପାଇକ ବିଦ୍ରୋହର ୨ଶହ ବର୍ଷର ସ୍ମୃତିଚାରଣ କରାଯାଇ ବିଦ୍ରୋହୀଙ୍କ ଭାବନା, ସଂଗ୍ରାମ ଓ ଏହା ପଛରେ ରହିଥିବା ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନ କରାଯାଇଥିଲା। ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର, ଦ୍ୱିତୀୟ ମୁକୁନ୍ଦ ଦେବଙ୍କ ପରାମର୍ଶଦାତା ତଥା ମନ୍ତ୍ରୀ ଜୟୀ ରାଜଗୁରୁଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା ଏଥିରେ ମୁଖ୍ୟବକ୍ତା ଭାବେ ଇତିହାସ ଅଧ୍ୟାପକ ଡ. ଉମାକାନ୍ତ ପଣ୍ଡା ଯୋଗଦେଇ ନିଜ ବକ୍ତବ୍ୟରେ ଓଡ଼ିଶା ସ୍ୱାଧୀନତା ସଂଗ୍ରାମରେ ପାଇକମାନଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ଯେଉଁ ବିପ୍ଳବ ଆରମ୍ଭ ହୋଇଥିଲା ତାର ଅଗ୍ନି ଶିଖା ସମଗ୍ର ଭାରତରେ ବ୍ୟାପିଯାଇଥିଲା। ପରବର୍ତ୍ତୀ ସମୟରେ ମିଦାନାପୁରର ବାଗି ତୋଟାରେ ତାଙ୍କୁ ଫାଶୀ ଦିଆଯାଇ ଥିଲା ବୋଲି ପଣ୍ଡା ସୂଚନା ପ୍ରଦାନ କରିଥିଲେ। ସଭାରେ ସାମାଜିକ କର୍ମୀ ଜେନା ତାଙ୍କ ବକ୍ତବ୍ୟରେ ମହାନଦୀ କୂଳରେ ସଂଗଠିତ ପ୍ରଥମ ଯୁଦ୍ଧରେ ମରହଟ୍ଟା ଓ ଜୟୀ ରାଜଗୁରୁଙ୍କ ଗୁପ୍ତ ମନ୍ତ୍ରଣା ଧରାପଡିଥିଲା। ଏପରି ଅବସ୍ଥାରେ ମରହଟ୍ଟାମାନେ ପଳାୟନ କରିଥିବା ବେଳେ ଜୟୀ ରାଜଗୁରୁ ଧରାପଡି ଯାଇଥିଲେ। ଏପରି ଅବସ୍ଥାରେ ତାଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଯାଇଥିଲା ବୋଲି ଜେନା କହିଥିଲେ। ଅଧ୍ୟାପିକା ଜ୍ୟୋତ୍ସ୍ନାରାଣୀ ଦାସ, ଆଶୁତୋଷ ପଣ୍ଡା, ସୀମା ଭୈସାଲ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସନ୍ତୋଷ ଲେଙ୍କା ଧନ୍ୟବାଦ ଜ୍ଞାପନ କରିଥିଲେ।

ପ୍ରାକୃତିକ ଚିକିତ୍ସା ପରାମର୍ଶ ଶିବିର ଉଦ୍‌ଯାପିତ

ରାଉରକେଲା ଅଫିସ,୨୫।୧୨

ଗାୟତ୍ରୀ ଯୋଗ ସାଧନା ଟ୍ରଷ୍ଟ ଆନୁକୂଲ୍ୟରେ ପରିଚାଳିତ ଉତ୍କଳ ଯୋଗ ଓ ପ୍ରାକୃତିକ ଚିକିତ୍ସାଳୟ ପକ୍ଷରୁ ସେକ୍ଟର- ୨୦ାରେ ଥିବା କାର୍ଯ୍ୟାଳୟ ପରିସରରେ ନିଶୁଲ୍କ ରୋଗ ପରୀକ୍ଷା ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ପୂର୍ବତନ ପଞ୍ଚକର୍ମ ଚିକିତ୍ସା ବିଶାରଦ ଡା.ଦେବପ୍ରସାଦ ଦାସ ଉପସ୍ଥିତ ରହି ବିଭିନ୍ନ ମାର୍ଗ ଦର୍ଶନ କରିଥିଲେ। ଶିବିରରେ ୯ ଶିଶୁଙ୍କୁ ମିଶାଇ ୫୨ଜଣ ପୁରୁଷ ଓ ୨୩ଜଣ ମହିଳାଙ୍କୁ ବିଭିନ୍ନ ରୋଗ ସମ୍ବନ୍ଧୀୟ ଚିକିତ୍ସା ପରାମର୍ଶ ପ୍ରଦାନ କରାଯାଇଥିଲା। ନିଃଶୁଲ୍କ ରକ୍ତ ସର୍କରା ପରୀକ୍ଷଣ ସହ ଆବଶ୍ୟକସ୍ଥଳେ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଏଥିରେ ରୁଷିଆରୁ ଆସିଥିବା ୩ ବ୍ୟକ୍ତି ଶିବିରରେ ଉପସ୍ଥିତ ରହି ଆୟୁର୍ବେଦ ଚିକିତ୍ସା ଉପରେ ଅଭିଜ୍ଞତା ଅର୍ଜନ କରିଥିଲେ।

ଶିବିରରେ ଅତିଥିମାନେ ରୁଷିଆରୁ ଆସିଥିବା ୩ଜଣ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଲାଡଲୀ ପରୀ ପ୍ରତିଯୋଗୀଙ୍କୁ ନେଇ ବାହାରିଥିବା ଶୋଭାଯାତ୍ରା।

ଲାଡଲୀ ପରୀ ପ୍ରତିଯୋଗୀଙ୍କୁ ନେଇ ଶୋଭାଯାତ୍ରା

ରାଉରକେଲା ଅଫିସ,୨୫। ୧୨

ଅଗ୍ରଣୀ ଅନୁଷ୍ଠାନ ନିଷ୍ଠା ଆନୁକୂଲ୍ୟରେ ଆୟୋଜିତ ଲାଡଲୀ ପରୀ-୨୦୧୮ ପ୍ରତିଯୋଗିତା, ପ୍ରଶିକ୍ଷଣ ଏବଂ ଗ୍ରୁପିଂ ପର୍ଯ୍ୟାୟ କାର୍ଯ୍ୟକ୍ରମ ଗତ ୨୩ରୁ ଆରମ୍ଭ ହୋଇ ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାରେ ୨୫ଜଣ ପ୍ରତିଯୋଗୀ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଅବସରରେ ପାଇନାଲରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରତିଯୋଗୀଙ୍କୁ ନେଇ ପଥପ୍ରାନ୍ତ ଶୋଭାଯାତ୍ରା ସୋମବାର ଅପରାହ୍ନରେ ଆୟୋଜନ କରାଯାଇଥିଲା। ଏଥିରେ ବେଟି ବଚାଓ, ବେଟି ପଢାଅ ଆହ୍ୱାନ ଦିଆଯିବା ସହ ଏନେଇ ସଚେତନତା ସୃଷ୍ଟି କରାଯାଇଥିଲା। ଝିଅଙ୍କୁ ପ୍ରତି କ୍ଷେତ୍ରରେ ଆଦର, ସମ୍ମାନ ଓ ଅଗ୍ରଣୀ ଭାବେ ଗଢି ତୋଳିବାର ସଂକଳ୍ପ ନେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଅନୁଷ୍ଠାନ ସଭାପତି ଗୌରାଙ୍ଗ ପରିଜାଙ୍କ ନେତୃତ୍ୱରେ ଆୟୋଜିତ ଶୋଭାଯାତ୍ରାକୁ ରାଉରକେଲା ଜାଗରଣ ମଞ୍ଚ ସଭାପତି ରିଙ୍କୁ ସାମଲ, ସାଧାରଣ ସମ୍ପାଦକ ଆପ୍ରୋଜ ଅହମ୍ମଦ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଗୁଣ୍ଡିଚା ମନ୍ଦିର ଛକରୁ ବାହାରି ଶୋଭାଯାତ୍ରା ବାହାରି ସେକ୍ଟର-୧୬ ପର୍ଯ୍ୟନ୍ତ ଆସିଥିଲା। ଏଥିରେ ପ୍ରଶାନ୍ତ ଦାସ, ସୁଶାନ୍ତ ମହାନ୍ତି, ବିଜୟାନନ୍ଦ ସୁନ୍ଦରରାୟ, ଧନଞ୍ଜୟ ଦଣ୍ଡପାଟ, ବଂଟି ସିଂ, ସଞ୍ଜୟ ବେହୁରା, ପ୍ରିୟଙ୍କା ସିଂ ପ୍ରମୁଖ ଉପସ୍ଥିତ ଥିଲେ।

ବଡ଼ଦିନ ପାଳନ: ଚଳଚଞ୍ଚଳ ଚର୍ଚ୍ଚ

ରାଉରକେଲା ଅଫିସ,୨୫। ୧୨

ବଡ଼ଦିନ ପାଳନ ନେଇ ଷ୍ଟିଲ ସିଟିରେ ମଙ୍ଗଳବାର ଚଳଚଞ୍ଚଳ ଲାଗି ରହିଥିଲା। ସହରରେ ଥିବା ଚର୍ଚ୍ଚଗୁଡ଼ିକୁ ରଙ୍ଗିନ ଆଲୋକ ମାଳାରେ ସଜ୍ଜିତ କରାଯାଇଥିବା ବେଳେ ଏଠାରେ ପ୍ରବଳ ସମାଗମ ଲାଗି ରହିଥିଲା। ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ପକ୍ଷରୁ ଏନେଇ ସ୍ୱତନ୍ତ୍ର ଭାବେ ଘରଗୁଡିକୁ ସଜା ଯାଇଥିଲା। ଏପରି କି ଚର୍ଚ୍ଚରେ ଉପସ୍ଥିତ ଶ୍ରଦ୍ଧାଳୁ ପରସ୍ପରକୁ ଅଭିନନ୍ଦନ ଜଣାଇ ଖୁସି ଜାହିର କରିଥିଲେ। ଘରେ ଘରେ ପିଠାପଣା ସାଙ୍ଗକୁ ଅତିଥି ଚର୍ଚ୍ଚାରେ ମଜ୍ଜିଥିଲେ ପ୍ରଭୁ ଯିଶୁଙ୍କ ଅନୁଗାମୀ। ମଧ୍ୟ ରାତିରେ ପ୍ରାର୍ଥନା ସଭାରେ ଯୋଗ ଦେବାକୁ ଚର୍ଚ୍ଚ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଥିଲ।

ବଡ଼ଦିନ ପାଳନ ଅବସରରେ ହମିରପୁର ଚର୍ଚ୍ଚକୁ ସଜା ଜାଇଛି।

ବିଦ୍ୟାଳୟର ବାର୍ଷିକ ଉତ୍ସବ

ରାଉରକେଲା ଅଫିସ,୨୫।୧୨

ଛେଣ୍ଡ କଲୋନୀଠାରେ ଥିବା ଜିଙ୍ଗଲ ବେଲ ଇଂଲିଶ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସେଫାଳି ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଆରଏସ୍‌ପି ଅଧିକାରୀ ବିମଳ ବିଶି, ମୁଖ୍ୟ ବକ୍ତା ଡ.ଅଶ୍ୱିନୀ ରାୟ, ସମ୍ମାନିତ ଅତିଥି କବି ରାଜୀବ ପାଣି, ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ରଶ୍ମିବାଳା ରାଉତରାୟ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ରମାନେ ଶିକ୍ଷା ମନଯୋଗୀ ହେବା ସହ ଜୀବନଚର୍ଯ୍ୟାକୁ ଶୃଙ୍ଖଳିତ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏପରି କି ଭଲ ପାଠ ପଢି ସମାଜର ହିତ ପାଇଁ କାମ କରିବା, ଧର୍ଯ୍ୟବାନ ହୋଇ ପ୍ରତିକୂଳ ପରିସ୍ଥିତିକୁ ସାମନା କରିବା, ବଡମାନଙ୍କୁ ସମ୍ମାନ ଓ ଛୋଟଙ୍କୁ ସ୍ନେହ କରିବା ଭଳି ସୁଗୁଣର ଅଧିକାରୀ ହେବାକୁ ଅତିଥିମାନେ କହିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଦ୍ୟାଧର ତ୍ରିପାଠୀ କମଳଲୋଚନ ଗାୟୁ, ମୋନାଲିସା ମିତ୍ର, ଶାଳିନୀ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡିଆ ଡ୍ରାମା 'ସମୟର ସ୍ରୋତ', ଗୋ ଗ୍ରିନ ସେଭ ଟ୍ରି ସମ୍ପର୍କିତ ଲଘୁ ନାଟକ ବେଶ୍ ଆକର୍ଷଣୀୟ ହୋଇଥିଲା। ଏଥିରେ ବିଦ୍ୟାଳୟ ସମ୍ପାଦକ ଶରତ ପଣ୍ଡା, ଶିକ୍ଷକ ଦେବେନ୍ଦ୍ର ମହାରଣା, ଶିକ୍ଷୟିତ୍ରୀ ଶଶୀକଳା ବେହେରା, ସ୍ମୃତି ଦେ, ଅନିତା ମହାନ୍ତ, ଭାରତୀ ସାହୁଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

MCL | ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍
(କୋଲ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ - (EPABX) : ୦୬୬୩-୨୫୪୨୪୬୧ ରୁ ୪୬୯, ୱେବସାଇଟ୍ : www.mahanadicoal.in

ଇ-ଟେଣ୍ଡର ବିଜ୍ଞପ୍ତି

ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ ର ନିମ୍ନଲିଖିତ ଇ-ଟେଣ୍ଡରଗୁଡ଼ିକ, କୋଲ୍ ଇଣ୍ଡିଆ ଲିମିଟେଡ୍ ଅଧୀନସ୍ଥ ଇ-ଟେଣ୍ଡର ପୋର୍ଟାଲ (https://coalindiatenders.nic.in) ରେ ପ୍ରକାଶିତ ଅଛି ଏବଂ ଏହା କେନ୍ଦ୍ରୀୟ ସାର୍ବଜନୀକ ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ (https://eprocure.gov.in) ରେ ମଧ୍ୟ ଦୃଶ୍ୟମାନ ହେଉଛି । ପରବର୍ତ୍ତୀ ସଂପୂର୍ଣ୍ଣ ବିବରଣୀ ନିମନ୍ତେ ଦୟାକରି ଉପରୋକ୍ତ ୱେବ୍‌ସାଇଟ୍‌ଗୁଡ଼ିକୁ ଦେଖନ୍ତୁ ।

କ୍ର. ସଂ.	ଟେଣ୍ଡର ଆଇଡି	କାର୍ଯ୍ୟ/ସେବାର ନାମ	ଟେଣ୍ଡର ମୂଲ୍ୟ In (₹)
1	2018_MCL_123804_1	Supply of Neutral grounding Resistor.	700920.00
2	2018_MCL_123963_1	Strengthening of Bituminous road at Budhijam Colony under Orient Sub-Area	7453626.00
3	2018_MCL_123996_1	Supply of water to village Bahala Sahi under Hingula Area (Package-19).	567798.00
4	2018_MCL_124010_1	Supply of water to village Tilepasi and Khajuria under Hingula Area (Package-10).	681358.00
5	2018_MCL_124021_1	Supply of water to Kushachara Sahi, Jamunali village near R and R site under Hingula Area (Package-26).	652178.00
6	2018_MCL_124032_1	Supply of water to village Ambapal, Badamahitaila and Sanamahitaila under Hingula Area (Package-23).	908477.00
7	2018_MCL_124039_1	Supply of water to village Bhalugadia under Hingula Area (Package-11).	465846.00
8	2018_MCL_124046_1	Supply of water to village Joragadia, Tangarasahi, Hadisahi under Hingula Area (Package-08).	794918.00
9	2018_MCL_124017_1	SPARES FOR BE1000 BEML HYDRAULIC EXCAVATOR.	321380.00
10	2018_MCL_124058_1	Supply of water to village Banabaspur and Baghabaspur under Hingula Area (Package-15).	931300.00
11	2018_MCL_124068_1	Supply of water to village Kandhaberini, Baleswarsahi under Hingula Area (Package-07).	794918.00
12	2018_MCL_124160_1	PROCUREMENT OF OTR TYRE AND TUBE FOR ACE RHINO CRANE	44366.00
13	2018_MCL_124238_1	PROCUREMENT OF ELECTRICAL ITEMS FOR LT POWER SUPPLY	463690.00
14	2018_MCL_124102_1	Providing RCC Gate with ACP Board and cleaning of surrounding area of Colliery High School, Dera under Jagannath Area.	612417.00
15	2018_MCL_124106_1	Laying old cement concrete interlocking paver blocks at G.M. Colony under Jagannath Area.	881107.00
16	2018_MCL_124198_1	Annual maintenance contract for day to day Electrical Repairing and maintenance works of Colony power supply including residential and non-residential buildings, maintenance of Street Lights Sub-stations of Ananta Vihar Colony for two years	2870251.00
17	2018_MCL_124258_1	PROCUREMENT OF 110V 120AH MAINTENANCE FREE BATTERY	352000.00
18	2018_MCL_124203_1	Construction of pole mounted substation by providing and fixing of 02 (two) nos 100KVA, 11/440V transformers and drawing of LT line and power supply for resettlement of the village of Balugan (Nahak Sahi n Gopal Sahi) under CSR scheme of Lingaraj Area	2029252.00
19	2018_MCL_124319_1	PROCUREMENT OF DIFFERENT SIZE MS FLANGES FOR PIPE LINE	537077.00
20	2018_MCL_124330_1	PROCUREMENT OF SUPPLY AND INSTALLATION OF VIBRATING SCREEN	625400.00
21	2018_MCL_124212_1	Firefighting work at Mine Pit Entrance, Quarry, Coal Stock and Railway Siding in 1st and 2nd Shifting through fire fighting hose for a period of 01(one) year (315 working day) at Kaniha OCP.	633150.00
22	2018_MCL_124292_1	Hiring of Pay Loaders for Mechanical transfer of Coal into NTPC and Railway wagons at Lingaraj Spur Siding No. 1 and 2 at Lingaraj OC Project, Lingaraj Area	116172711.00
23	2018_MCL_124338_1	Making of maintenance Transit store near Jarada Substation at KOCP of Kaniha Area MCL	413677.00
24	2018_MCL_124365_1	PROCUREMENT OF COPPER LUG SOCKET FOR MOTORS AND GENERATORS AT CWS_X TALCHER. DRAWING ENCLOSED WITH NIT.	87372.00
25	2018_MCL_124371_1	Hiring of One (01) No. Diesel Pickup Van / Camper or equivalent of TATA / EICHER / ASHOK LEYLAND or equivalent) Daily 24 hours operation for a period of Two Years for PO Office Pool, LOCP, Lingaraj Area with monthly limit within 4262.50 km	1094619.00
26	2018_MCL_124096_1	Procurement of Resuscitating / Reviving apparatus with all accessories and tool kit (DGMS Approved) and Testing Kit (Tester) compatible with above mentioned Resuscitating / Reviving apparatus	3766027.00
27	2018_MCL_124306_1	Hiring of 03 Nos. Diesel Driven Covered Jeep (Bolero Front Suspension Type or equivalent), having 6 plus 1 seating capacity with A/C fitted (for 12 Hrs. Duty and Average run of 120 KM Per Day) for Orient Area, MCL, for Two years (706 days)	2285322.00
28	2018_MCL_124327_1	Repair and maintenance of 1B type quarters (51units) under Talcher Colliery.	4601101.00
29	2018_MCL_124373_1	Procurement of computerized automatic speed indicator cum recorder(CASICR) and automatic contrivance (Electronics version) for 02 Nos. of winder	1276760.00
30	2018_MCL_124376_1	Supply of Xerox paper A-4 Size.	417200.00
31	2018_MCL_124385_1	Repairing of road from GM Office Orient Area main Gate to MRS Colony Gate (1st re-tender).	580256.00
32	2018_MCL_124379_1	Hiring of One (01) No. Bolero / Sumo or equivalent covered vehicle minimum 7 seater with AC fitted (Diesel) Daily 12 hours operation for a period of Two Years for PO Office Pool, LOCP, Lingaraj Area with monthly limit within 2841.67 km	707916.00
33	2018_MCL_124129_1	Cutting of grass in and around Nehru Shatabdi Central Hospital, CH Area, Talcher (for a period of two years)	868395.00
34	2018_MCL_124138_1	Washing and painting of C type quarters (37 Units) at NSCH Colony CH Area Talcher	1499579.00
35	2018_MCL_124316_1	Repair and renovation of drains, septic tanks, inspection chambers soak pits in backside area of A and B Type blocks (A/1 to A/23 and B/1 to B/13) at Anand Vihar, MCL HQ.	21207359.00
36	2018_MCL_124567_1	Supplying and Installation of Materials, Commissioning and Stamping of 100 T Road In-motion Weigh bridges 1 and 2 at Kaniha OCP	1330000.00
37	2018_MCL_124555_1	Spraying of water on both siding no. VII and VIII of Bharatpur Project for a period of two years.	4755282.00
38	2018_MCL_123769_1	Engine Assembly Model BS6D170-1 Part No 51Z0000022, applicable for BEML BD355 Dozer	9011264.00
39	2018_MCL_124698_1	Procurement of White Dolomite Powder and White Washing Lime.	356360.00
40	2018_MCL_124620_1	Hiring of One (01) No. Explosive van (06 Te or Higher Metal Body Truck of TATA / EICHER / ASHOK LEYLAND or equivalent) Daily 12 hours operation for a period of Two Years for PO Office Pool, LOCP, Lingaraj Area with monthly limit within 2841.67 km	1423334.00
41	2018_MCL_124681_1	Operation and maintenance of Water supply system in Jarada Village at Kaniha OCP of Kaniha Area for a period of One Year	2261312.00
42	2018_MCL_124690_1	Erection of 6.6 kV overhead line for operation / marching of dragline coming from Bharatpur Area to Ananta OCP of Jagannath Area	966967.00
43	2018_MCL_124723_1	Construction of 22 Nos. of Isolation stopping at WP-VF(B) panel at Nandira Colliery Re Tender	2063821.00
44	2018_MCL_124601_1	Procurement Oxygen Booster Pump	6631110.00
45	2018_MCL_124754_1	Fixing of tiles and associated civil works including general maintenance at C type and D type quarters of Nandira Colony, Nandira Colliery.	5503763.00

ଏମ୍‌ସିଏଲ୍ ଇ-ପ୍ରୋକ୍ୟୁରମେଣ୍ଟ ସହାୟତା କେନ୍ଦ୍ର (ଫୋନ୍ ନଂ - 0663-2542695/2542264), ଇ-ମେଲ : hlp-eproc.mcl@coalindia.in R-4872

ଆମର ଆପ୍ସ ପ୍ରାପ୍ତ କରିବା ପାଇଁ ଟୋଲ୍ ଫ୍ରି ନମ୍ବର ୧୮୦୦ ୨୦୦ ୩୦୦୪ ରେ ଏକ ମିସ୍‌ଡ କଲ୍ କରନ୍ତୁ ।

ଏ ସୁନ୍ଦର ପୃଥିବୀରେ ମୁଁ ମରିବାକୁ ଚାହେଁ ନାହିଁ,
ମଣିଷମାନଙ୍କ ମଧ୍ୟରେ ବଞ୍ଚି ରହିବାକୁ ଚାହେଁ।
- ରବୀନ୍ଦ୍ରନାଥ ଟାଗୋର

ସଂକ୍ଷେପରେ

କଳାକାର ଭେଟଘାଟ୍ ପାଇଁ ପ୍ରସ୍ତୁତି

ଦେଓଗାଁ,୨୫।୧୨(ଡି.ଏନ.ଏ): ଦେଓଗାଁ ବ୍ଲକର ସମସ୍ତ କଳାକାରଙ୍କୁ ନେଇ ଆସନ୍ତା ୩୦ତାରିଖରେ ଜରାସିଂହା ମିନିଷ୍ଟାଡିୟମଠାରେ ବ୍ଲକସ୍ତରୀୟ ଭେଟଘାଟ୍ ପାଇଁ ସୋମବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜରାସିଂହାସ୍ଥିତ ମା' ବୁଢ଼ିଆଇ କଳା ସଂସଦ ଆବାହକତ୍ୱରେ ଅନୁଷ୍ଠିତ ହେବାକୁ ଥିବା ଭେଟଘାଟ୍ କାର୍ଯ୍ୟକ୍ରମରେ ଅଞ୍ଚଳର କଳାକାରଙ୍କ ସମାଗମ ହେବ। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ, କେମିତି ଲୁକାୟିତ ପାରମ୍ପରିକ କଳାର ବିକାଶ ହୋଇପାରିବ ଓ ତାହାକୁ ଆଗାମୀ ପିଢ଼ି ବଞ୍ଚାଇ ରଖିପାରିବେ ତାହା ଉପରେ ଆଲୋଚନା ହୋଇଥିଲା। ନୂତନ ଭାବେ କଳାକାର ଭତ୍ତା ପାଇଥିବା କଳାକାରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ, ବ୍ଲକ କଳା ସାଂସ୍କୃତିକ ସଂଘ ଗଠନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବୁଢ଼ିଆଇ କଳାସଂସଦର ସମ୍ପାଦକ ଧନେଶ୍ୱର ଥନାପତି ସୂଚନା ଦେଇଛନ୍ତି।

ଡାଲମିଆ ପ୍ରିମିୟର ଲିଗ୍ ଉଦ୍‌ଯାପିତ

ରାଜଗାଙ୍গପୁର, ୨୫।୧୨ (ଡି.ଏନ.ଏ)

ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ ରାଜଗାଙ୍গପୁର ବ୍ଲକ ତରଫରୁ ଗତ ୧୧ ଡିସେମ୍ବରରୁ ଆରମ୍ଭ ହୋଇଥିବା ଡାଲମିଆ ପ୍ରିମିୟର ଲିଗ୍- ୨୦୧୮ ସୋମବାର ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଡାଲମିଆ ନାଇଟ୍ ରାଇଡାର୍‌କୁ ହରାଇ ଡ୍ରିମ କ୍ରଶର ଡିପିଏଲ ୨୦୧୮ର ଚାମ୍ପିୟନ ହୋଇଛି। ଡାଲମିଆ ସିମେଣ୍ଟର ବୀର ବିର୍ସା ଷ୍ଟାଡିୟମରେ କେବଳ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ ରାଜଗାଙ୍গପୁରର କର୍ମଚାରୀମାନଙ୍କ ପାଇଁ ଆୟୋଜିତ ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ବେଶ ସଂଘର୍ଷପୂର୍ଣ୍ଣ ହୋଇଥିଲା । ୧୫ ଓଭର ବିଶିଷ୍ଟ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଡ୍ରିମ କ୍ରଶର ଦଳ ୨ ଉଇକେଟରେ ୧୫୨ ରନ ସଂଗ୍ରହ କରି ଥିବା ବେଳେ ଡାଲମିଆ ନାଇଟ ରାଇଡର୍ ଦଳ ୪ ଉଇକେଟ ହରାଇ ୧୪୧ ରନ ସଂଗ୍ରହ କରିଥିଲା । ଡ୍ରିମ୍ କ୍ରଶର ୧୧ ରନରେ ଚାମ୍ପିୟନଶିପ୍ ହାସଲ କରିଥିଲା । ଏହି ଶୃଙ୍ଖଳାରେ ମ୍ୟାନ ଅଫ୍ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ଦେବେନ୍ଦର ସିଂ, ବେଷ୍ଟ ବ୍ୟାଟ୍ସମ୍ୟାନ ଅଭିଷେକ ସିଂ ଏବଂ ବେଷ୍ଟ ବୋଲର ରାଜନ ସିଂ ପାଇଥିଲେ।। ବିଜୟୀ ଦଳକୁ ଡାଲମିଆ ସିମେଣ୍ଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁନୀଲ କୁମାର ଗୁପ୍ତା ଟ୍ରଫି ପ୍ରଦାନ କରିଥିଲେ। ଭବିଷ୍ୟତରେ ଏଭଳି ଟୁର୍ନାମେଣ୍ଟ କରିବା ପ୍ରତି ଜୋର ଦେଇଥିଲେ । ମାନବସମ୍ବଳ ବିଭାଗର ରିଟୁରାଜ ବରୁଆ ଏବଂ ସୁଧୀର ମହାନ୍ତିଙ୍କର ନେତୃତ୍ୱରେ ଏହି କାର୍ଯ୍ୟକ୍ରମକୁ ସଂଯୋଜନା ଏବଂ ପରିଚାଳନା କରାଯାଇଥିଲା। ଡାଲମିଆ ସିମେଣ୍ଟର ଅନେକ ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ତାଙ୍କର ପରିବାର ବର୍ଗ ଏହି ମ୍ୟାଚରେ ଉପସ୍ଥିତ ଥିଲେ ।

ଡାଲମିଆ ପ୍ରିମିୟର ଲିଗ୍‌ରେ ଅତିଥିଙ୍କ ସହ ଖେଳାଳି।

ଛଗଡ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଡମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ରୋଜଗାରୀ ଯେବେ ଘରେ ରହଇ
ଋଣ ବଢ଼େ, ରୋଗ ବଢ଼େ
କେହି ପଚାରନ୍ତି ନାହିଁ।

ପରିବାରର ଭରଣପୋଷଣ ବ୍ୟକ୍ତିର ରୋଜଗାର ଉପରେ ନିର୍ଭରଶୀଳ। ଯେବେ ଉପାର୍ଜନକ୍ଷମ ବ୍ୟକ୍ତି ନିକମା ହୋଇ ଘରେ ବସି ରୁହେ, ସେତେବେଳେ ଘରର ଆର୍ଥିକ ସ୍ଥିତି ଦୋହଲି ଯାଏ। ଏପରିସ୍ଥଳେ ଘର ଚଳାଇବା ପାଇଁ ଅନିଚ୍ଛାକୃତ ଋଣ କରିବାକୁ ପଡ଼ିଥାଏ। ଅର୍ଥାଭାବରୁ ମଧ୍ୟ ଭଲରେ ଖିଆପିଆ କରି ନ ପାରିବା କାରଣରୁ ସ୍ୱାସ୍ଥ୍ୟହାନିର ଭୟ ରହିଥାଏ। ସେହିପରି ସମ୍ବଳ ଅଭାବରୁ ଲୋକସମ୍ପର୍କ କଟିଯାଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ରଜପୁତ
ଆପଣା କାମକୁ ମଜଭୁତ ।

ଯାହାର ଯାହା ବୃତ୍ତି ହୋଇଥାଏ ସେହି ବିଷୟରେ ତା'ର ଅଭିଜ୍ଞତା ଅଧିକ ରହିଥାଏ। ଫଳସ୍ୱରୂପ ଉକ୍ତ କାର୍ଯ୍ୟକୁ ସେ ଅତିସହଜରେ ନେଇଆଣି ଥୋଇଦେଇ ପାରିଥାଏ। ପରନ୍ତୁ ଅନଭ୍ୟସ୍ତ ଲୋକ ନୂତନ କାର୍ଯ୍ୟରେ ହାତଦେଲେ ସେଥିରେ କ୍ଷତି ସହିଥାଏ। ତେଣୁ ଯିଏ ଯେଉଁ କାମ କରୁଥାଏ ସେହି କାମରେ ସେ ସେତେ ପାରଙ୍ଗମ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ପ୍ରେଣ୍ଟସ୍ ପବ୍ଲିଶର୍ସ

ଲକ୍ଷେଘର ସମାଜର ବାର୍ଷିକ ସମ୍ମିଳନୀ

ସୁନ୍ଦରଗଡ଼, ୨୫।୧୨ (ଡି.ଏନ୍.ଏ)

-ଲକ୍ଷେ ଘର ସମାଜର ବାର୍ଷିକ ସମ୍ମିଳନୀ ସଦର ବ୍ଲକ ଅନ୍ତର୍ଗତ କର୍ଲାଠାରେ ଅନୁଷ୍ଠିତ ହୋଇଯାଇଛି। ଜେଜେ ସୋସିଆଲ ଓେଲଫେୟାର ସୋସାଇଟି ଆନୁକୂଲ୍ୟରେ ଆୟୋଜିତ ଏହି ସମ୍ମିଳନୀରେ ଭାଜପା ରାଷ୍ଟ୍ରୀୟ ଅନୁସୂଚିତ ଜାତି ମୋର୍ଚ୍ଚାର କାର୍ଯ୍ୟକାରିଣୀ କମିଟି ସଦସ୍ୟ ବିଶ୍ୱଜିତ୍ ତନ୍ତୀ ମୁଖ୍ୟ ଅତିଥି ଏବଂ ଲକ୍ଷେ ଘର ଆମ୍ବେଦକର ସେବାସଂଘର ସଭାପତି ଭାସ୍କର ଜୟପୁରିଆ, ଧୂବରାଜ ଲରିଆ ଓ ଆୟୋଜକ ସୋସାଇଟିର ସଭାପତି ସଚିନ୍ କୁଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନୁସୂଚିତ ବର୍ଗର ଶିକ୍ଷା, ସ୍ୱାସ୍ଥ୍ୟ ତଥା ସାମାଜିକ, ଅର୍ଥନୈତିକ ବିକାଶ ଦିଗରେ ଗୁରୁତ୍ୱାରୋପ କରିଥିଲେ। ସଙ୍ଗଠିତ ଭାବେ ନିଜର ନ୍ୟାଯ୍ୟ ମୌଳିକ ଅଧିକାର ମାଧ୍ୟମରେ ବିଭିନ୍ନ ସୁବିଧାସୁଯୋଗ ହାସଲ କରି ରାଷ୍ଟ୍ରର ବିକାଶ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ। ଏହି ସଭାରେ ଝାରସୁଗୁଡା ଜିଲା ଲକ୍ଷେଘର ସମାଜର ସଭାପତି ଲଳିତ ମଗର, ଦୀପକ ଉର୍ମା, ବିରଞ୍ଚ ମହାଭରା,ସିମେଶ୍ୱର ଲରିଆ ଙ୍କ ସମେତ ବିଭିନ୍ନ ଅଂଚଳରୁ ଆସିଥିବା ଲକ୍ଷେ ଘର ସମାଜର କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ।

ଲକ୍ଷେ ଘର ସମାଜର ବାର୍ଷିକ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

ଚୁଙ୍ଗଟା ପକ୍ଷରୁ ଖେଳ ସାମଗ୍ରୀ ବଣ୍ଟନ

ଟେନସା, ୨୫।୧୨ (ଡି.ଏନ.ଏ)

ଓଡିଶାରେ ପୁରୁଷ ବିଶ୍ୱ ହକି କପ୍ ବେଲଜିୟମ ଚାମ୍ପିୟନ ହୋଇଥିବା ବେଳେ ସାନଇନ୍ଦୁପୁର ଲୌହ ଏବଂ ବକ୍ସାଇଟ୍ ଖଣି ମେସର୍ସ ଚୁଙ୍ଗଟା ସନ୍ସ ପ୍ରା. ଲିମିଟେଡର ସିଏସଆର ତରଫରୁ ସ୍ଥାନୀୟ ଖ୍ରୀଷ୍ଟିଆନ୍ ସାହି (ତେହେରାଇ) ଯୁବକ ସଂଘକୁ ହକି କିଟ୍ ପ୍ରଦାନ କରାଯାଇଅଛି । ଏହି ପରିପ୍ରେକ୍ଷୀରେ ସାନଇନ୍ଦୁପର ମାଇନ୍ସ ମ୍ୟାନେଜର ସଂଗ୍ରାମ କିଶୋରୀ ଗଡନାୟକଙ୍କ ପ୍ରତ୍ୟେକ୍ଷ ତତ୍ତାବଧାନରେ ଓ ସାନଇନ୍ଦୁପର ଗାଁର ୱାର୍ଡ ମେୟର ମଧୁସୂଦନ ମହାକୁଡଙ୍କ କରକମଳରେ ମାଇନ୍ସ ଅଫିସରେ ଉକ୍ତ ଗାଁର ଯୁବକମାନଙ୍କୁ ଖେଳର ପ୍ରୋତ୍ସାହନ ନିମନ୍ତେ ସେହି ଖେଳ ଉପକରଣ ବଣ୍ଟନ କରାଯାଇ ଯୁବକମାନଙ୍କୁ ହକି ଖେଳ ପାଇଁ ନିଜର ନାମକୁ ସାରା ଦେଶରେ ଗୌରବ ଆଣିବା ପାଇଁ ମତବ୍ୟକ୍ତ କରିଥିଲେ। ହକି ଭାରତର ଜାତୀୟ ଖେଳ ହୋଇଥିବାରୁ ଓଡିଶାର ଦକ୍ଷ ଖେଳାଳୀ କମ୍ପାନୀର ସିଏସଆର ବିଭାଗର ସହକାରୀ ମ୍ୟାନେଜର ଏହି ଅବସରରେ ଯୋଗଦେଇ ଖେଳାଳୀମାନଙ୍କୁ ନିଜର ଭାରତର ଗୌରବ ଆଣନ୍ତୁ ବୋଲି କମ୍ପାନୀର ଏଜିଏମ (କାର୍ମିକ) ବିଷ୍ଣୁପଦ ଷଡଙ୍ଗୀ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ପିଟର ମୁଣ୍ଡା, ମାର୍ଟିନ ମୁଣ୍ଡା, ୟାକୁବ ମୁଣ୍ଡା, ଅଶୋକ ମୁଣ୍ଡା କ୍ରୀଡା ପ୍ରେମୀ ମହଳରେ ପ୍ରଶଂସା କରାଯାଇଅଛି ।

ଯୁବକମାନଙ୍କୁ ପ୍ରୋତ୍ସାହନ ନିମନ୍ତେ ଖେଳ ଉପକରଣ ବଣ୍ଟନ କରାଯାଉଛି।

ଚୋରି ଅଭିଯୋଗରେ ୨ ନାବାଳକ ସମେତ ଜଣେ ଅଭିଯୁକ୍ତ ଗିରଫ

ବେଦବ୍ୟାସ, ୨୫।୧୨ (ଡି.ଏନ.ଏ)

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଦବ୍ୟାସ ଛକ ସ୍ଥିତ ଏକ ବଡି ଗ୍ୟାରେଜର ଏଙ୍ଗେଲ ଓ ଚାନେଲ ଚୋରି ଅଭିଯୋଗରେ ମଙ୍ଗଳବାର ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ୨ ନାବାଳକ ସମେତ ଲୁଙ୍ଗେଇ ନିବାସୀ ଛୋଟୁ ଟପ୍ପୋ (୨୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପ୍ରକାଶ । ପୋଲିସ ସୂଚନାନୁଯାୟୀ, ସୋମବାର ବିଳମ୍ବିତ ରାତ୍ରରେ ବେଦବ୍ୟାସ ଛକ ସ୍ଥିତ ଏକ ନୂଆ କଲିଙ୍ଗ ବଡି ଗ୍ୟାରେଜ ନାମ ଗ୍ୟାରେଜର ଛାତ୍ର ଜଗୁଆଳ ସନ୍ଦିପ କୁଜୁରଙ୍କୁ ଭୟଭିତ କରି ଅଭିଯୁକ୍ତମାନେ ପ୍ରାୟ ୨୫ହଜାର ଟଙ୍କାର ଲୁହା ଏଙ୍ଗଲ ଓ ଚାନେଲ ଚୋରି କରି ନେଇଯାଇଥିଲେ । ରାତ୍ର ଜଗୁଆଳଙ୍କ ଖବର ଅନୁଯାୟୀ ମଙ୍ଗଳବାର ଗ୍ୟାରେଜ ମାଲିକ ବାସନ୍ତି କଲୋନୀ ନିବାସୀ ଚନ୍ଦ୍ରକାନ୍ତ ମହାରଣା ବ୍ରାହ୍ମଣୀତରଙ୍ଗ ଥାନାରେଏକ ଲିଖିତ ଅଭିଯୋଗ କରିଥିଲେ । ଲିଖିତ ଅଭିଯୋଗକୁ ଭିତ୍ତିକରି ବ୍ରାହ୍ମଣୀତରଙ୍ଗ ଥାନା ମାମଲା ନଂ. ୨୮୬/୧୮ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ଅଧିକାରୀ ବିଷ୍ଣୁରାଜ ପ୍ରଧାନଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତ ଛୋଟୁ ଟପ୍ପୋଙ୍କ ସମେତ ୨ଜଣ ଲୁଙ୍ଗେଇ ଅଞ୍ଚଳର ନାବାଳକଙ୍କୁ ଗିରଫ କରିବା ସହ ତାଙ୍କଠାରୁ ଚୋରି ସାମଗ୍ରୀ ଉଦ୍ଧାର କରାଯାଇଥିବା ପ୍ରକାଶ । ୨ ନାବାଳକଙ୍କୁ ପିଏମଜେଜେବି ଅଦାଲତ ସୁନ୍ଦରଗଡ ପଠାଇଥିବା ବେଳେ ଅଭିଯୁକ୍ତ ଛୋଟୁ ଟପ୍ପୋଙ୍କୁ ରାଉରକେଲା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଲିକଙ୍କ ଅଦାଲତକୁ ଚାଲାଣ କରାଯାଇଛି ।

ଗୋଟିଏ ଦିନରେ ୧୦ଗୋରୁ ମୃତ
ଅଳିଆ ଆବର୍ଜନା ଖାଇ ମୃତ୍ୟୁ ସନ୍ଦେହ

କଣ୍ଟାବାଞ୍ଜି,୨୫।୧୨(ଡି.ଏନ.ଏ.)

କଣ୍ଟାବାଞ୍ଜି ସହରରେ ସୋମବାର ରାତିରେ ୧୦ଗୋରୁଙ୍କ ଜୀବନ ଯାଇଛି । ସ୍ଥାନୀୟ ରେଳ ଅଣ୍ଡର ବ୍ରିଜ, ସରକାରୀ ଡାକ୍ତରଖାନା, ସିପ୍‌କା ପଡା, ନୂଆପଡା ଅଞ୍ଚଳରେ ଗୋରୁ ମୃତ୍ୟୁ ହୋଇଥିବା ଜଣାପଡିଛି। ରାସ୍ତାକଡରେ ପଡି ରହିବାରୁ ସାମାଜିକ କର୍ମୀ ଭକ୍ତ ବେହେରା ଆନିଆ ଜିମ୍ ଓ ବଜରଙ୍ଗ ଦଳର ସେବକମାନଙ୍କ ସହାୟତାରେ ଗୋରୁଙ୍କ ମୃତଦେହ ଉଦ୍ଧାର କରି ଏନଏସିର ଡମ୍ପିୟାର୍ଡରେ ନେଇ ପୋତି ଦେଇଥିଲେ । ମୃତ୍ୟୁର କାରଣ ଜଣା ପଡି ନ ଥିଲେ ମଧ୍ୟ ଏହି ସହରର ଏଣେତେଣେ ବୁଲୁଥିବା ଏହି ଗୋରୁ ଅଳିଆ ଆବର୍ଜନା ଖାଇ ମରିଥିବା କୁହାଯାଉଛି। ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟର ଡାକ୍ତର ମଧ୍ୟ ଫୁଡ ପଏଜନିଙ୍ଗରୁ ଗୋରୁଙ୍କ ମୃତ୍ୟୁ ହୋଇଥିବା କହିଛନ୍ତି।

+PILES CLINIC+
Near Budheswari Temple, ମହ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳଜଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

ଟି.ସି.ଏଫ୍. ଫାଇନାନ୍ସ
(ସରକାରୀ ପଞ୍ଜୀକୃତ)
ଋଣ ମାତ୍ର ୬ ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, ୦% ସୁଧ, ୫୦% ରିହାତି।
୦୮୮୫୯୬୬୮୫୫୮
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

FINANCE
National Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
(B.B.28, Sec. 4, Salt Lake City Kolkatta- 700064)
7606086442
7606062768
nationalcoop98@gmail.com

TCF FINANCE
TCF ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୧ ଦିନରେ । 0% ସୁଧ 45% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8938866345
7088891905

LOAN
ସୁବର୍ଣ୍ଣ ସୁଯୋଗ ।
ଓଡ଼ିଶାର ସମସ୍ତ ବର୍ଗର ଲୋକମାନଙ୍କ ପାଇଁ କମ୍ ସୁଧରେ ଏବଂ ସହଜ କିସ୍ତିରେ ଋଣ ଯୋଗାଇ ଦିଆଯାଉଛି।
(ମହିଳାମାନଙ୍କ ପାଇଁ ବିଶେଷ ରିହାତି)
B-19, New Moti Bagh, New Delhi- 110021
8658167603
7064382081

ନବବର୍ଷ ଧମାକା
ଲକ୍ଷ୍ମୀ ଫାଇନାନ୍ସ
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଋଣ ମାତ୍ର 18 ଘଣ୍ଟାରେ 2% ସୁଧ, 50% ରିହାତି (ମହିଳାଙ୍କ ପାଇଁ ବିଶେଷ ରିହାତି)
09511074735
09528096099
Dakhin Galy, Town/Vill- Baijnathpur, Gaya-205131

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

ସତ୍ୟମ ବିଜନେସ୍ ସଲ୍ୟୁସନ୍ସ ଦ୍ୱାରା ଲୋନ ନିଅନ୍ତୁ, ଏଜେଣ୍ଟମାନଙ୍କ ଦ୍ୱାରା ସମ୍ପର୍କ କରନ୍ତୁ
7900515385, 9690381088
ଭୁବନେଶ୍ୱର-9690243041
ସମ୍ବଲପୁର- 9690367183
ବ୍ରହ୍ମପୁର- 7900240146
ଢେଙ୍କାନାଳ- 7900982000
ନୟାଗଡ଼- 7900365000

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:-
fileodisha@gmail.com
ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

କେମିତି ମଦ ଛାଡ଼ିବେ
ଆପଣ୍ଡ ବ୍ୟକ୍ତିକୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାହ ୧ ଓ ୧୫, ହୋଟେଲ୍ କଳିଙ୍ଗ, ଷ୍ଟେସନ ରୋଲେଲ। ଭଦ୍ରକ: ୨ ଓ ୧୨, ହୋଟେଲ୍ ବ୍ଲୁଘାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ୍ ଜମସେନ ପ୍ୟାଲେସ୍, ରୋଡବ୍ରିଜ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ୍ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ୍ ଡ୍ରାଉଡେଣ୍ଟ (ଲକ୍ସ) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ଦ୍ୱିତିୟ-ା। ପୁରୀ: ୬ ଓ ୨୦, ହୋଟେଲ୍ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ୍ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାହ ୮ ଓ ୨୨, ହୋଟେଲ୍ ସୁଜାତା, ଭି.ଏଚ୍.ଓ.ଟି. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାହ ୯ ଓ ୨୩, ହୋଟେଲ୍ ଶ୍ୟାମ, ବିପ୍ର ରୋଡ୍, ରେଳ ଷ୍ଟେସନ ନିକଟ। ପାରାଦୀପ: ପ୍ରତିମାହ ୮ ଓ ୨୨, ହୋଟେଲ୍ ଆରିଷ୍ଟୋକ୍ରାଟ୍। ଜେନ୍ଦାପଡ଼ା: ପ୍ରତିମାହ ୯ ଓ ୨୩, ହୋଟେଲ୍ ଗୋଲ୍ଡେନ୍ ପ୍ୟାଲେସ୍, ବସ୍ ଷ୍ଟାଣ୍ଡ ନିକଟ। ଜେନ୍ଦୁଝର: ପ୍ରତିମାହ ୧୦ ଓ ୨୪, ହୋଟେଲ୍ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୫, ହୋଟେଲ୍ ଉପହାର, ଓମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ୍ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୭, ହୋଟେଲ୍ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଡ୍ରକ୍ସ ରୋଡ୍। ଉଦୟାପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ୍ ଓରିଏଣ୍ଟାଲ୍, କୋଲ୍ ଆଉଟ୍ପୁ ନିକଟ। ଫୁଲବାଣୀ: ପ୍ରତିମାହ ୧୨ ତାରିଖ, ହୋଟେଲ୍ ରାଉ କମଳା। ନୟାଗଡ଼: ପ୍ରତିମାହ ୧୧ ତାରିଖ, ହୋଟେଲ୍ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, ଜୋର୍ଟ କେସ୍, ଗୁପ୍ତରୋଗ ଔଷଧ ଜାମ ନ ଜରିବା, ପୁରୁଣା ପାଚ୍ଚାରେ ଔଷଧ ଜାମ ନ ଜରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହର

ପ୍ରତ୍ୟେକ ମନୁଷ୍ୟ ଭିତରେ ପୂର୍ଣ୍ଣ ଶକ୍ତି ପୂର୍ଣ୍ଣ ଜ୍ଞାନ ବିଦ୍ୟମାନ । ତାହାକୁ ବିକାଶ କରିବା ହିଁ କର୍ମଯୋଗର ଉଦ୍ଦେଶ୍ୟ । ଏହି କର୍ମ ଯେପରି ସୁପ୍ତ ଦୈତ୍ୟକୁ ଜାଗ୍ରତ କରିବା ପାଇଁ ଆଘାତ ସ୍ୱରୂପ ।
– ସ୍ୱାମୀ ବିବେକାନନ୍ଦ

ସଂକ୍ଷେପରେ

ରାଜ୍ୟସ୍ତରୀୟ ବିଜ୍ଞାନମେଳା

ସୁନ୍ଦରଗଡ ପବ୍ଲିକ ସ୍କୁଲର ୨ଛାତ୍ରୀଙ୍କ ସଫଳତା

ସୁନ୍ଦରଗଡ଼, ୨୫।୧୨ (ଡି.ଏନ୍.ଏ)
–ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ସମ୍ବଲପୁର ଜିଲ୍ଲା ସ୍କୁଲରେ ଅନୁଷ୍ଠିତ ୪୫ତମ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ସୁନ୍ଦରଗଡ ପବ୍ଲିକ ସ୍କୁଲର ୨ଛାତ୍ରୀ ସଫଳତା ପାଇଛନ୍ତି। ସେମାନଙ୍କ ୨ଟି ପ୍ରକଳ୍ପ କଲିକତାଠାରେ ହେବାକୁ ଥିବା ପୂର୍ବାଞ୍ଚଳସ୍ତରୀୟ ବିଜ୍ଞାନ ମେଳା ପାଇଁ ମନୋନୀତ ହୋଇଛି। ସୁନ୍ଦରଗଡ ପବ୍ଲିକ ସ୍କୁଲର ଷଷ୍ଠ ଶ୍ରେଣୀର ଛାତ୍ରୀ ଶ୍ରୀବହିଦାର ଓ ଅଷ୍ଟମ ଶ୍ରେଣୀ ଛାତ୍ରୀ ରୁଦ୍ରାକ୍ଷୀ ନନ୍ଦଙ୍କ ୨ଟି ପ୍ରକଳ୍ପ ବିଦ୍ୟାଳୟର ଶିକ୍ଷକ ଅଶୋକ କୁମାର ପରିଡାଙ୍କ ତତ୍ତ୍ୱାବଧାନରେ ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ଭାଗ ନେଇଥିଲେ। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପ୍ରତ୍ୟେକ ଜିଲ୍ଲାରୁ ୭ଟି ଲେଖାଏଁ ପ୍ରକଳ୍ପକୁ ମିଶାଇ ମୋଟ ୧୮୦ ପ୍ରକଳ୍ପ ସ୍ଥାନ ପାଇଥିଲା। ଏଥିରେ ସୁନ୍ଦରଗଡ ଜିଲ୍ଲାର ଏହି ୨ଜଣ ଛାତ୍ରୀଙ୍କ ପ୍ରକଳ୍ପ ଶ୍ରେଷ୍ଠ ହୋଇ ପୁରସ୍କୃତ ହେବା ପରେ ଆସନ୍ତା ଜାନୁୟାରୀ ୮ରେ କଲିକତାଠାରେ ହେବାକୁ ଥିବା ପୂର୍ବାଞ୍ଚଳ ଜୋନାଲସ୍ତରୀୟ ବିଜ୍ଞାନ ମେଳାରେ ଭାଗ ନେବା ପାଇଁ ମନୋନୀତ ହେବା ପରେ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ତଥା ପରିଚାଳନା କମିଟି ସଦସ୍ୟଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି। ଏହି ୨ଛାତ୍ରୀଙ୍କ ସଫଳତା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷା ହରପ୍ରିୟା ପଟେଲ, ପରିଚାଳନା ଟ୍ରଷ୍ଟି ସମ୍ପାଦକ ରାଜକିଶୋର ଷଡଙ୍ଗୀଙ୍କ ସମେତ ସମସ୍ତ ସଦସ୍ୟ ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି।

ଚର୍ଚ୍ଚରେ ପ୍ରାର୍ଥନା ସଭା, ସ୍ୱତନ୍ତ୍ର ଉତ୍ସବ

ହର୍ଷ, ଉଲ୍ଲାସରେ ଖ୍ରୀଷ୍ଟମାସ ପାଳିତ

ବଡଦିନ ଅବସରରେ ସୋମବାର ରାତିରେ ସୁନ୍ଦରଗଡ ମିଶନ ରୋଡସ୍ଥିତ କ୍ୟାଥଲିକ ଚର୍ଚ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ। ଚର୍ଚ୍ଚ ଆଲୋକମାଳାରେ ସଜ୍ଜିତ।



ସୁନ୍ଦରଗଡ଼, ୨୫।୧୨(ଡି.ଏନ୍.ଏ) ହର୍ଷ ଉଲ୍ଲାସ ମଧ୍ୟରେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଧରାବତରଣ ତଥା ଖ୍ରୀଷ୍ଟମାସ ତଥା ପବିତ୍ର ବଡଦିନ ସୁନ୍ଦରଗଡ ଜିଲ୍ଲାରେ ପାଳିତ ହୋଇଛି। ଏହି ଉପଲକ୍ଷେ ସୋମବାର ସନ୍ଧ୍ୟାରେ ଜିଲ୍ଲାର ବିଭିନ୍ନ ଚର୍ଚ୍ଚଗୁଡିକରେ ସ୍ୱତନ୍ତ୍ର ଉତ୍ସବ ଆୟୋଜିତ ହୋଇଥିଲା। ଖ୍ରୀଷ୍ଟ ଧର୍ମାବଲମ୍ବୀ ଭାଇ ଓ ଭଉଣୀମାନେ ସମବେତ ହୋଇ ପ୍ରାର୍ଥନା ସଭାରେ ଯୋଗଦେଇଥିଲେ। ସୁନ୍ଦରଗଡ଼ ସହରରେ ଥିବା ଜିଏଲ୍ ଚର୍ଚ୍ଚ, କ୍ୟାଥଲିକ ଚର୍ଚ୍ଚ, ବାପିଷ୍ଟ ଚର୍ଚ୍ଚଗୁଡିକ ସ୍ୱତନ୍ତ୍ର ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ସୋମବାର ସନ୍ଧ୍ୟାରୁ ମଧ୍ୟରାତ୍ରୀ ପର୍ଯ୍ୟନ୍ତ ମିଶନ ରୋଡସ୍ଥିତ କ୍ୟାଥଲିକ ଚର୍ଚ୍ଚରେ ସ୍ୱତନ୍ତ୍ର ପ୍ରାର୍ଥନା ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବାଳିକାମାନେ ବଡଦିନ ପର୍ବକୁ ସ୍ୱାଗତ ଜଣାଇ ନୃତ୍ୟ ପରିବେଷଣ କରିଥିଲେ। ଏହି ଉପଲକ୍ଷେ କୁନି ବାଳିକା, ବାଳକ ଓ ବିଭିନ୍ନ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରଭୁଯୀଶୁଙ୍କ ଧରାବତରଣ ସମ୍ପର୍କୀତ ସ୍ୱତନ୍ତ୍ର ନାଟିକା ପରିବେଷିତ ହୋଇଥିଲା।

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ

ବାଲିଶଙ୍କରା, ୨୫।୧୨ (ଡି.ଏନ.ଏ)
ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ୯୪ତମ ଜୟନ୍ତୀ ବାଲିଶଙ୍କରା ମଣ୍ଡଳ ଭାରତୀୟ ଜନତା ପାର୍ଟି ପକ୍ଷରୁ ମହାସମାରୋହରେ ପାଳିତ ହୋଇଯାଇଛି । ବାଲିଶଙ୍କରା ମଣ୍ଡଳ ଉପସଭାପତି ଅନନ୍ତ ଦାନୀ ସ୍ୱର୍ଗତ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ମାଲ୍ୟାର୍ପଣ କରି ଦୀପ ପ୍ରଜ୍ଜଳନ ପୂର୍ବକ ପ୍ରଦାନ କରିଥିଲେ । ବାଲିଶଙ୍କରା ମଣ୍ଡଳ ସମ୍ପାଦକ ଉଜ୍ଜବ ତନ୍ତି, ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ବୁଧରାମ ଓରାମ, ପୂର୍ବତନ ଜିଲ୍ଲା ଅନୁସୂଚୀତ ଜାତି ମୋର୍ଚ୍ଚା ସଭାପତି ବୌରାଗୀ ତନ୍ତି, ବନମାଳୀ ବାରସତିଆ ପ୍ରମୁଖ ଯୋଗଦେଇ ପୂର୍ବତନ ତଥା ସ୍ୱର୍ଗତ ବାଜପେୟୀଙ୍କ କାର୍ଯ୍ୟକଳାପ ଉପରେ ଗୁରୁତ୍ୱରୋପ କରିଥିଲେ। ଏହି ସମାରୋହରେ ବହୁ ସଂଖ୍ୟାରେ ଭାଜପା ଦଳର କର୍ମୀ ଯୋଗଦେଇଥିଲେ । ଶେଷରେ ବୁଧରାମ ଓରାମ ଧନ୍ୟବାଦ ଅର୍ପଣ କରିଥିଲେ ।

ପ୍ରତିଷ୍ଠା ଦିବସ ପାଇଁ ଜିଲ୍ଲା ବିଜେଡିର ପ୍ରସ୍ତୁତି ବୈଠକ

ଖବରଦାତା ସମ୍ମିଳନୀରେ ବିଜେଡ଼ି କର୍ମକର୍ତ୍ତା ।

ସୁନ୍ଦରଗଡ଼, ୨୫।୧୨ (ଡି.ଏନ୍.ଏ) ସୁନ୍ଦରଗଡ ସଦର ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡ଼ି ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବିଜେଡି ନେତ୍ରୀ ତଥା ସୁନ୍ଦରଗଡ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷା କୁସୁମ ଟେଟେ ବୈଠକରେ ଅଧ୍ୟକ୍ଷତା କରିଥିଲେ। ପରେ ଏକ ଖବରଦାତା ସମ୍ମିଳନୀରେ ସଦର ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ତଥା ପୂର୍ବତନ ବିଧାୟକ ଜ୍ୟୋତିଷ ଦାଶ ଏ ସମ୍ପର୍କରେ ସୂଚନା ଦେଇ ୨୬ ତାରିଖ ସ୍ଥାନୀୟ ଭବାନୀ ଭବନ ପଡିଆଠାରେ ହେବାକୁ ଥିବା ଏହି ପ୍ରତିଷ୍ଠା ଦିବସ ପାଳନ ସମାରୋହରେ ସଦର ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳରୁ ୧୦ହଜାରରୁ ଊର୍ଦ୍ଧ୍ୱ କର୍ମୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ସମାବେଶରେ ରାଜ୍ୟର ନବୀନ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାଗୁଡିକ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହାର ସଫଳତା ଲୋକଙ୍କ ନିକଟରେ ପହଞ୍ଚାଇ ଆଗାମୀ ଦିନରେ ବିଜେଡିକୁ କ୍ଷମତାସୀନ କରାଇ ନବୀନଙ୍କ ହାତଗୁଠାକୁ ଟାଣ କରିବାକୁ ଦଳୀୟ କର୍ମୀଙ୍କୁ ନେତୃବୃନ୍ଦ ସଂକଳ୍ପର ବାର୍ତ୍ତା ଦେବେ ବୋଲି କହିଥିଲେ। ତଳସରା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷିକା ମିନତୀ ଦେବତା ଯୋଗଦେଇ ତଳସରାରେ ମଧ୍ୟ ଅନୁରୂପ ଭାବେ ଦଳର ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ କାର୍ଯ୍ୟକ୍ରମର ସୂଚନା ଦେଇଥିଲେ। ଏହି ଖବରଦାତା ସମ୍ମିଳନୀରେ ବିଜେଡି ନେତ୍ରୀ ଟେଟେଙ୍କ ସମେତ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ପୂର୍ବତନ ଉପନଗରପାଳ ରଞ୍ଜନା ପଣ୍ଡା, ବରିଷ୍ଠ ନେତା ତଥା ହେମଗିର ବ୍ଲକ ପର୍ଯ୍ୟବେକ୍ଷକ ଗୋପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ମସ୍ନିକାନୀ କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ସମ୍ବଲପୁର ଲପଙ୍ଗା କ୍ଲବ ଚାମ୍ପିୟନ୍

ସୁନ୍ଦରଗଡ଼, ୨୫।୧୨ (ଡି.ଏନ୍.ଏ) ସଦର ବ୍ଲକ ଅନ୍ତର୍ଗତ ମସ୍ନିକାନୀ ଯୁବ ଜ୍ୟୋତି କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ମିନି ଷ୍ଟାଡିୟମରେ ଚାଲିଥିବା ୫ମ ମସ୍ନିକାନୀ କପ୍ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦଯାପିତ ହୋଇଯାଇଛି। ଏଥିରେ ସମ୍ବଲପୁର ଲପଙ୍ଗା କ୍ଲବ ଚାମ୍ପିୟନ ହୋଇଥିବାବେଳେ ଗୋପବନ୍ଧୁ କ୍ଲବ ଗାଇଯୋର ରନର୍ସ ଅପ୍ ହୋଇଛି। ଫାଇନାଲ ମ୍ୟାଚ ସମ୍ବଲପୁର ଲପଙ୍ଗା କ୍ଲବ ଓ ଗାଇଯୋର ଗୋପବନ୍ଧୁ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସଂଘର୍ଷପୂର୍ଣ୍ଣ ଖେଳ ଗୋଲଶୂନ୍ୟ ଡ୍ର ହେବାରୁ ପେନାଲ୍ଟିଟି ସୁଟ ରେ ଲପଙ୍ଗା ଦଳ ୪–୩ ଗୋଲରେ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ସଦର ବିଧାୟକ ଯୋଗେଶ କୁମାର ସିଂ ମୁଖ୍ୟ ଅତିଥି ଏବଂ ସଦର ବ୍ଲକ ଉପାଧ୍ୟକ୍ଷ ଅଶ୍ୱିନୀ କୁମାର ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କାର ରାଶି ଓ ରନର୍ସ ଅପ୍ ଦଳକୁ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଏଥିସହ ତୃତୀୟ ସ୍ଥାନ ଅଧିକାର କରିଥିବା ଦୁଲଗା ଦଳକୁ ୩ହଜାର ଟଙ୍କା ଓ ୪ର୍ଥ ସ୍ଥାନ ଅଧିକାର କରିଥିବା କିଓିରିକେଲା ଫୁଟବଲ କ୍ଲବକୁ ୨ହଜାର ଟଙ୍କା ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଥିଲା। ମସ୍ନିକାନୀ ଜୁନିୟର ଦଳର ବିମଳ କମାର ଓ ଅଭିଷେକ ମୁଣ୍ଡାଙ୍କୁ ଶ୍ରେଷ୍ଠ ଉଦୀୟମାନ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଖେଳକୁ ରେଫରୀ ରୋମାଞ୍ଚ ଭୈଷାଁଳ, ଚିତ୍ତରଞ୍ଜନ ସେଠ୍, ପ୍ରଦୀପ ପ୍ରଧାନ ଓ ସନ୍ୟାସୀ ମୁଣ୍ଡା ପରିଚାଳନା କରିଥିଲେ। ଆୟୋଜକ ଯୁବଜ୍ୟୋତି କ୍ଲବର ସୁରେଶ ରାଉତ, ଯଦୁମଣୀ ପୂଝାରୀ, ସୁମନ୍ତ ପାଣ୍ଡେ, କୁନୁ ପୃଷେଠ, ଅରୁଣ ନାଏକ, ଜଗନ୍ନାଥ ଜୟ ପୁରିଆ, ବୀରେନ୍ଦ୍ର ଚୌଧୂରୀ, ସୁବ୍ରତ ନାଏକ, ଜାତୀୟ ରେଫରୀ ଦୁର୍ଗାମାଧବ ନାଏକ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ମ୍ୟାଚ ପରିଚାଳିତ ହୋଇଥିଲା।

ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ପ୍ରଧାନମନ୍ତ୍ରୀ, ଭାଜପା ଅଧ୍ୟକ୍ଷଙ୍କ କୁଶପୁତ୍ତଳିକା ଦାହ

ସୁନ୍ଦରଗଡ ଡିଆରଡିଏ ଛକରେ ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ କୁଶପୁତ୍ତଳିକା ଦାହ କରାଯାଇଛି।

ସୁନ୍ଦରଗଡ, ୨୫।୧୨ (ଡି.ଏନ୍.ଏ.) ଖୋର୍ଦ୍ଧାଠାରେ ଯୁବ କଂଗ୍ରେସ କର୍ମୀଙ୍କ ଶାନ୍ତିଶୋଭାଯାତ୍ରା ଉପରକୁ ଭାଜପା କର୍ମୀଙ୍କ ଟେକାପଥର ଫୋପଡା ଘଟଣାର ପ୍ରତିବାଦସ୍ୱରୂପ ମଙ୍ଗଳବାର ସନ୍ଧ୍ୟାରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ଡିଆରଡିଏ ଛକ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ରାଷ୍ଟ୍ରୀୟ ସଭାପତି ଅମିତ୍ ଶାହ ଓ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ପ୍ରଦେଶ ଯୁବ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ ଜିଲ୍ଲା ଯୁବ କଂଗ୍ରେସ ସଭାପତି ମଣ୍ଟି ରଜ୍ୱା ଓ ଅଞ୍ଜନ ପଟେଲଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପିସିସି ସମ୍ପାଦକ ରାଜକିଶୋର ଷଡଙ୍ଗୀ, ପ୍ରଫୁଲ୍ଲ ସୁନାନୀ, ଜିଲ୍ଲା କଂଗ୍ରେସ କମିଟି ସଭାପତି ବେଣୁମାଧବ ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ଅଜୟ ବହିଦାର, ନଗର କମିଟି ସଭାପତି ନରେନ୍ଦ୍ର ସିଂ, ସେବାଦଳ ସମ୍ପାଦକ ମୁନୁ ସରାଫ, ମନୋଜ ମହାରଣା, ଜିଲ୍ଲା କଂଗ୍ରେସ କମିଟିର କାର୍ଯ୍ୟକର୍ତ୍ତା ପ୍ରଭାତ ଭୋଳ, ମଣ୍ଟୁ ଯୋଶୀଙ୍କ ସମେତ ଯୁବ କଂଗ୍ରେସର କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ବିରୋଧରେ ବିଭନ୍ନ ସ୍ଲୋଗାନ ଦେଇଥିଲେ।

ଆଞ୍ଚଳିକ କିଷାନ କୁନହାଁ ସମାଜ ତରଫରୁ ସଚେତନତା ଶିବିର

ବେଦବ୍ୟାସ, ୨୫।୧୨ (ଡି.ଏନ.ଏ)
ଲାଠିକଟା ବ୍ଲକ ଅନ୍ତର୍ଗତ ଲୁଙ୍ଗେଇ ପଞ୍ଚାୟତର କାଲୋକୁଦର ଗ୍ରାମ ସ୍ଥିତ ମଙ୍ଗଳବାର ଆଞ୍ଚଳିକ କିଶାନ କୁନହାଁ ସମାଜ ପକ୍ଷରୁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା ଶିବିରକୁ ଆଞ୍ଚଳିକ କିଶାନ କୁନହାଁ ସମାଜର ସଭାପତି ଶିବ କିଷାନ ପ୍ରଦୀପ ପ୍ରଜ୍ଜଳନ କରିବା ସହ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ ଓ ସେ ବକ୍ତବ୍ୟ ମାଧ୍ୟମରେ ଯୁବ ସମାଜ ନିଶାଗ୍ରସ୍ତ ହୋଇ ଯାଉଛନ୍ତି ଯାହା ଫଳରେ ସମାଜର ବିକାଶରେ ପ୍ରତିବନ୍ଧକ ସୃଷ୍ଟି ହେଉଛି । ଏଣୁ ଯୁବ ସମାଜ ନିଶାଗ୍ରସ୍ତ ନହୋଇ ସମାଜର ବିକାଶରେ ସହାୟକ ହେବା ଉଚିତ ବୋଲି ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଯୁବନେତା ଚନ୍ଦ୍ରମଣି କିଷାନ, ଗୋପାଳ କିଣ୍ଡୋ, ଚାମୁରୁ କିଣ୍ଡୋ, ଥୁପି କିଷାନ, ସମାଜର ସମ୍ପାଦକ ବାବୁଲାଲ କିଷାନ ପ୍ରମୁଖ ବିଭିନ୍ନ ସଚେତନତା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଶରଥ କିଷାନ, ଚଇତୁ କିଷାନ, ସାଧୁ ବାଡା, ରାମ କିଷାନା, ଆଇଁସର ବାଡା ପ୍ରମୁଖଙ୍କ ସମେତ ଅଞ୍ଚଳର ଶତାଧିକ ସଭ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ସହଯୋଗ କରିଥିଲେ। ଶେଷରେ ସଭ୍ୟ ଟିକନ୍ କିଷାନ ଧନ୍ୟବାଦ ଅର୍ପଣ କରିଥିଲେ ।

କ୍ରୀଡ଼ା ସଂହତି ସମନ୍ୱୟର ବାର୍ତ୍ତାବହ

ସୁନ୍ଦରଗଡ଼, ୨୫।୧୨ (ଡି.ଏନ୍.ଏ)

ଜୟଦୁର୍ଗା କ୍ଲବର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ

ଉଦ୍‌ଘାଟନୀ ସମାରୋହରେ ସଦର ବିଧାୟକ ଯୋଗେଶ କୁମାର ସିଂ ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି।

ସ୍ଥାନୀୟ ରଙ୍ଗାଢିପା ଜୟଦୁର୍ଗା କ୍ଲବର ୧୭ତମ ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ମହୋତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରରୁ ପବିତ୍ର କ୍ରୀଡା ମଶାଲ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଅଣାଯାଇ ରଙ୍ଗାଢିପା ଖେଳପଡିଆରେ ପହଞ୍ଚିବା ପରେ ମୁଖ୍ୟ ଅତିଥି ଭାବେ ସଦର ବିଧାୟକ ଯୋଗେଶ କୁମାର ସିଂ କ୍ଲବର ପତାକା ଉତ୍ତୋଳନ କରି ଏହି ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଜୟଦୁର୍ଗା କ୍ଲବର ଏଭଳି କ୍ରୀଡା ଓ ସାଂସ୍କୃତିକ ମହୋତ୍ସବ ଆୟୋଜନକୁ ପ୍ରଶଂସନୀୟ ଉଦ୍ୟମ ବୋଲି ପ୍ରକାଶ କରି କ୍ରୀଡା ହିଁ ସଂହତି ଓ ସମନ୍ୱୟର ବାର୍ତ୍ତାବହ ବୋଲି କହିଥିଲେ। କ୍ଲବର ସମ୍ପାଦକ ବଟକିଶୋର ମିଶ୍ର ବାର୍ଷିକ ବିବରଣୀ ପାଠ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କ୍ଲବର ସଭାପତି ଅଭୟ କୁମାର ପଟ୍ଟନାୟକ ସମାରୋହରେ ସଭାପତିତ୍ୱ କରିଥିଲେ। ଆଗାମୀ ଦିନରେ ମଧ୍ୟ ଏହି କ୍ରୀଡା ସାଂସ୍କୃତିକ ମହୋତ୍ସବକୁ ବଜାୟ ରଖିବା ସକାଶେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ମହୋତ୍ସବ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ୬ଦିନ ଚାଲିବ। ଏଥିରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଓ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜିତ ହେବ। ଉଦ୍‌ଘାଟନୀ ସନ୍ଧ୍ୟାରେ ୬ ଏ ଫୁଟବଲର ଲିଗ ପର୍ଯ୍ୟାୟ ମ୍ୟାଚ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା।

ରମ୍ଭାବତୀ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ଉଦଯାପିତ

ସୁନ୍ଦରଗଡ, ୨୫।୧୨ (ଡି.ଏନ୍.ଏ) ସଦର ବ୍ଲକ ଅନ୍ତର୍ଗତ କୁଣ୍ଡୁକେଲାସ୍ଥିତ ଭେଷଜ ରମ୍ଭାବତୀ କନିଷ୍ଠ ମହାବିଦ୍ୟାଳୟରେ ଗତ ୧୧ ତାରିଖରୁ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ସୋମବାର ଉଦଯାପିତ ହୋଇଯାଇଛି। ଉଦଯାପନୀ ଦିବସରେ ଛାତ୍ରୀ ଆତ୍ମରକ୍ଷା କାର୍ଯ୍ୟକ୍ରମର ଅଧିକାରୀ ବସନ୍ତ କୁମାର ନାଏକଙ୍କର ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କୁଣ୍ଡୁକେଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ପୂର୍ବତନ ଅଧ୍ୟକ୍ଷ ପ୍ରଦୀପ କୁମାର ପଟେଲ ମୁଖ୍ୟ ଅତିଥି ଓ ସ୍ଥାନୀୟ ନାଏବ ସରପଞ୍ଚ ସତ୍ତଜିନୀ ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରୀମାନେ ନିଜର ସଂଯମତା ଓ ନିଜର ବ୍ୟବହାରିକ କୌଶଳ ତଥା ଦୃଢ ଆତ୍ମବିଶ୍ୱାସ ଦ୍ୱାରା ସବୁ ପରିସ୍ଥିତିର ମୁକାବିଲା ପାଇଁ ନିଜକୁ ଗଢି ତୋଳିବାକୁ ପରାମର୍ଶ ଦେଇଥିଲେ। ଏହି ସଭାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ତଥା କର୍ମଚାରୀ ଉପସ୍ଥିତ ଥିଲେ । ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ରଶ୍ମିରେଖା ସାହୁ ସଭା ପରିଚାଳନା ଓ ଧନ୍ୟବାଦ ଦେଇଥିଲେ। ଅତିଥିଙ୍କ ଦ୍ୱାରା ପ୍ରଶିକ୍ଷାର୍ଥୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଦୀର୍ଘ ୧୨ ଦିନ ଧରି ହୀରାମଣି ମୁଣ୍ଡା ଓ କରିସ୍ମା ସା ମାଷ୍ଟର ଟ୍ରେନର ଭାବେ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

ବିକାଶ ଅସ୍ତ୍ର ଧରି ବିଜେଡିର ନିର୍ବାଚନୀ ରଣହୁଙ୍କାର

ହେମଗିର, ୨୫।୧୨ (ଡି.ଏନ.ଏ)
ଓଡ଼ିଶାରେ କରିଥିବା ବିକାଶ ଅସ୍ତ୍ରକୁ ଧରି ବିଜେଡ଼ି ବର୍ତ୍ତମାନ ନିର୍ବାଚନୀ ମଇଦାନକୁ ଓହ୍ଲାଇବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଦଳ ଓଡିଶାର ପୁରପଲ୍ଲିରେ ପ୍ରତ୍ୟେକ ଲୋକଙ୍କ ପାଖରେ ନିଜର ବିକାଶ ଗାଥା ଶୁଣାଇଥିବା